ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୭/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, September 17/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 294 | ମୂଲ୍ୟ ₹୭/-

DSPL-110

କଥା ଦେଇ କଥା ରଖିଲେ
ଆମ ସରକାର

ସୁଭଦ୍ରା
ଶୁଭାରମ୍ଭ

ପ୍ରଧାନମନ୍ତ୍ରୀ
ନରେନ୍ଦ୍ର ମୋଦୀ ଙ୍କ ଦ୍ୱାରା

- ଉପକୃତ ହେବେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା
- ଦୁଇଟି କିସ୍ତିରେ ବାର୍ଷିକ ୧୦ ହଜାର, ପାଞ୍ଚ ବର୍ଷରେ ପାଇବେ ୫୦ ହଜାର ଟଙ୍କା
- ହିତାଧିକାରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ ଖାତାକୁ ସିଧା ସଳଖ ଯିବ ସହାୟତା ରାଶି
- ସୂଚନାଯୋଗ୍ୟ ଯେ, ସୁଭଦ୍ରା ପାଇଁ ଆବେଦନ ଜାରି ରହିଛି ଏବଂ ଏହାର କୌଣସି ଶେଷ ତାରିଖ ନାହିଁ

ଗରିମାମୟ ଉପସ୍ଥିତି

ରଘୁବର ଦାସ
ରାଜ୍ୟପାଳ, ଓଡ଼ିଶା

ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଧର୍ମେନ୍ଦ୍ର ପ୍ରଧାନ
ଶିକ୍ଷା ମନ୍ତ୍ରୀ, ଭାରତ ସରକାର

ଜୁଏଲ ଓରାମ
ଜନଜାତି ବ୍ୟାପାର ମନ୍ତ୍ରୀ, ଭାରତ ସରକାର

ଅନ୍ନପୂର୍ଣ୍ଣା ଦେବୀ
ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ଭାରତ ସରକାର

କନକବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିବୃନ୍ଦ

ତାରିଖ: ୧୭ ସେପ୍ଟେମ୍ବର ୨୦୨୪ | ସମୟ: ମଧ୍ୟାହ୍ନ ୧୨ ଘଟିକା
ଜନତା ମଇଦାନ, ଭୁବନେଶ୍ୱର

ପୂର୍ବାହ୍ନ ୯:୩୦ ସୁଦ୍ଧା ନିଜର ଆସନ ଗ୍ରହଣ କରିବାକୁ ବିନମ୍ର ଅନୁରୋଧ ।

OIPR-33001/13/0011/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮

DD NEWS ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ | ଆମକୁ ଅନୁସରଣ କରନ୍ତୁ iprodisha odisha_subhadra CMO_Odisha Subhadra Odisha CMO Odisha

ସଂକ୍ଷେପରେ

ମୋଦି ୩.୦ର ପ୍ରଥମ ୧୦୦ ଦିନ: ୩ ଲକ୍ଷ କୋଟିର ପ୍ରକଳ୍ପକୁ ମଞ୍ଜୁରି

ନୂଆଦିଲ୍ଲୀ, ୧୬।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ତୃତୀୟ ପାଳିର ପ୍ରଥମ ୧୦୦ ଦିନ ମଧ୍ୟରେ ୩ ଲକ୍ଷ କୋଟି ଟଙ୍କା ମୂଲ୍ୟର ଅନେକ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଖାସ୍‌କରି ସଡ଼କ, ରେଳପଥ, ବାୟୁ ପଥ, ବନ୍ଦର ଆଦି କ୍ଷେତ୍ରରେ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବା ନେଇ କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଆଗାମୀ ଦିନରେ କନେକ୍ଟିଭିଟିକୁ ପ୍ରୋତ୍ସାହିତ କରିବା ସହ ଅର୍ଥନୈତିକ ଅଭିବୃଦ୍ଧି ତଥା ନିଯୁକ୍ତି ସୃଷ୍ଟି ପାଇଁ ଭିତ୍ତିଭୂମି କ୍ଷେତ୍ରରେ ୧୫ ଲକ୍ଷ କୋଟି ଟଙ୍କାର ନିବେଶ କରିବାକୁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର ଭାବେ ପରିଣତ କରିବା ଲକ୍ଷ୍ୟରେ ଏହିସବୁ ଯୋଜନା ପ୍ରସ୍ତୁତ ହୋଇଥିବା ସେ କହିଛନ୍ତି।

'ରାହୁଲଙ୍କ ଜିଭ କାଟିଲେ ୧୧ ଲକ୍ଷ ପୁରସ୍କାର ଦେବି'

ଶିବସେନା ବିଧାୟକଙ୍କ ବିବାଦୀୟ ମନ୍ତବ୍ୟ

ମୁମ୍ବାଇ, ୧୬।୯

ମହାରାଷ୍ଟ୍ରର ଶିବଶେନା ବିଧାୟକ ସଞ୍ଜୟ ଗାଏକ୍ୱାଡ୍ ସୋମବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଆମେରିକାରେ ଭାରତର ସଂରକ୍ଷଣ ବ୍ୟବସ୍ଥା ଉପରେ ରାହୁଲ ଦେଇଥିବା ବିବୃତିକୁ ନେଇ ଗାଏକ୍ୱାଡ୍ ଅସନ୍ତୋଷ ପ୍ରକାଶ କରିବା ସହ କହିଛନ୍ତି, ଯିଏ ରାହୁଲଙ୍କ ଜିଭ କାଟିବ ତାଙ୍କୁ ସେ ୧୧ ଲକ୍ଷ ଟଙ୍କାର ପୁରସ୍କାର ଦେବେ। ସେ କହିଛନ୍ତି, ରାହୁଲ ନିଜ ଆମେରିକା ଗସ୍ତରେ ଭାରତର ସଂରକ୍ଷଣ ବ୍ୟବସ୍ଥାକୁ ସମାପ୍ତ କରିବାକୁ ବୟାନ ଦେଇଛନ୍ତି, ଯାହା ଜନସାଧାରଣଙ୍କ ସମ୍ମୁଖରେ କଂଗ୍ରେସର ପ୍ରକୃତ ମୁଖା ଖୋଲିଦେଇଛି। ତେବେ ଘଟଣାକୁ ନେଇ ବୁଲଢାଣା ସିଟି ଥାନାରେ ଗାଏକ୍ୱାଡ୍‌ଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

ସଞ୍ଜୟ ଗାଏକ୍ୱାଡ୍

ଦ୍ୱିତୀୟ ହତ୍ୟା ଉଦ୍ୟମରୁ ବଞ୍ଚିଲେ ଟ୍ରମ୍ପ୍

ସନ୍ଦିଗ୍ଧ ଗିରଫ

ୱାଶିଂଟନ, ୧୬।୯ (ପି.ଟି.)

ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ଆଗାମୀ ନିର୍ବାଚନ ପାଇଁ ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ରବିବାର ଦ୍ୱିତୀୟ ହତ୍ୟା ଉଦ୍ୟମରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଫ୍ଲୋରିଡାର ୱେଷ୍ଟ ପାଲ୍ମ ବିଚ୍‌ରେ ଥିବା ଇଣ୍ଟରନ୍ୟାଶନାଲ ଗଲ୍ଫ କୋର୍ସରେ ଟ୍ରମ୍ପ୍ ଖେଳୁଥିବାବେଳେ ବାହାରେ ଗୁଳିମାଡ଼ ହୋଇଥିଲା। ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) କହିଛି। ତେବେ ଟ୍ରମ୍ପ୍ ସୁରକ୍ଷିତ ଥିବା ତାଙ୍କ ପ୍ରଚାର ଯୋଗାଯୋଗ ନିର୍ଦ୍ଦେଶକ ଷ୍ଟିଭେନ୍ ଚେଉଙ୍ଗ୍ କହିଛନ୍ତି। ଗୁଳି ଚଳାଇଥିବା ୫୮ ବର୍ଷୀୟ ସନ୍ଦିଗ୍ଧ ର୍ୟାନ୍ ୱେସ୍‌ଲି ରାଉଥ୍‌ଙ୍କୁ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟମାନେ ଗିରଫ କରିଛନ୍ତି। ଗୁଳିକାଣ୍ଡ ସ୍ଥଳରୁ ଏକ ଉଚ୍ଚ କ୍ଷମତାଯୁକ୍ତ ଏକେ-୪୭ ଷ୍ଟାଇଲ୍ ରାଇଫଲ ଏବଂ ଗୋପ୍ରୋ କ୍ୟାମେରା ଜବତ ହୋଇଛି।

ଡୋନାଲ୍ଡ ଟ୍ରମ୍ପ୍

ହତ୍ୟା ଉଦ୍ୟମ ପରେ ଟ୍ରମ୍ପ୍ ତାଙ୍କ ସମର୍ଥକମାନଙ୍କୁ ଏକ ବାର୍ତ୍ତାରେ ସୁରକ୍ଷିତ ଥିବା କହିଛନ୍ତି। ଖୁବ୍ ନିକଟରେ ଗୁଳିମାଡ଼ ହୋଇଥିଲା। ସେ ଭଲ ଅଛନ୍ତି ଏବଂ କୌଣସି ଶକ୍ତି ତାଙ୍କୁ ଦୁର୍ବଳ କରିପାରିବ ନାହିଁ କିମ୍ବା ସେ କଦାପି ଆତ୍ମସମର୍ପଣ କରିବେ ନାହିଁ ବୋଲି କହିଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଉପରାଷ୍ଟ୍ରପତି କମଲା ହାରିସ୍ ମଧ୍ୟ ଟ୍ରମ୍ପ୍ ଇଣ୍ଟରନ୍ୟାଶନାଲ ଗଲ୍ଫ କୋର୍ସର ସୁରକ୍ଷା ତ୍ରୁଟି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଟ୍ରମ୍ପ୍‌ଙ୍କ ଟିମ୍ ସହ ବାଇଡେନ୍ ଏବଂ ହାରିସ୍ ନିୟମିତ ଯୋଗାଯୋଗରେ ରହିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

ଜୁଲାଇରେ ହୋଇଥିବା ଗୁଳିମାଡ଼ରେ ଆହତ ହୋଇଥିଲେ

ସିକ୍ରେଟ୍ ସର୍ଭିସ୍‌ର ଜଣେ ଏଜେଣ୍ଟ ଗୁଳି ଚଳାଇବାରୁ ଆକ୍ରମଣକାରୀ ରାଇଫଲ, କ୍ୟାମେରା ଏବଂ ଦୁଇଟି ବ୍ୟାଗ୍ ଛାଡ଼ି ଏସ୍‌ୟୁଭିରେ ଖସି ପଳାଇ ଯାଇଥିଲେ। ନିକଟବର୍ତ୍ତୀ କାଉଣ୍ଟିରେ ଉପସ୍ଥିତ ଥିବା ପୋଲିସ ତାଙ୍କୁ ଅଟକାଇଥିଲା। ତାଙ୍କୁ ସୁରକ୍ଷା କର୍ମୀ ଗାଡ଼ିରୁ ବାହାରକୁ ଟାଣି ଆଣିଲା ବେଳେ ସେ କୌଣସି ପ୍ରଶ୍ନ କରି ନ ଥିଲେ। ସୂଚନାଯୋଗ୍ୟ, ଜୁଲାଇ ୧୩ରେ ଟ୍ରମ୍ପ୍ ପେନ୍‌ସିଲଭାନିଆର ବଟ୍‌ଲରଠାରେ ଏକ ରାଲିରେ ଯୋଗଦେଇଥିବାବେଳେ ତାଙ୍କୁ ଗୁଳିମାଡ଼ ହୋଇଥିଲା। ତାଙ୍କ ଡାହାଣ କାନରେ ଗୁଳି ବାଜିଥିବାବେଳେ ସନ୍ଦିଗ୍ଧ ବନ୍ଧୁକଧାରୀଙ୍କ ସମେତ ୨ ଜଣ ନିହତ ହୋଇଥିଲେ ଓ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଥିଲେ। ଏହାର ୮ ଦିନ ପରେ ରାଷ୍ଟ୍ରପତି ଜୋ ବାଇଡେନ୍ ଡେମୋକ୍ରାଟିକ୍ ରାଷ୍ଟ୍ରପତି ଦୌଡ଼ରୁ ଓହରିଯାଇ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କୁ ପ୍ରାର୍ଥୀ ହେବା ପାଇଁ ସୁଯୋଗ ଦେଇଥିଲେ। କ୍ରମାଗତ ୨ ଥର ଟ୍ରମ୍ପ୍‌ଙ୍କ ସୁରକ୍ଷାରେ ତ୍ରୁଟିକୁ ନେଇ ସିକ୍ରେଟ୍ ସର୍ଭିସ୍‌ର ସୁରକ୍ଷା ଅପରେଶନକୁ ନେଇ ପ୍ରଶ୍ନ ଉଠିଛି। ଜୁଲାଇ ଗୁଳିକାଣ୍ଡ ଘଟଣାରେ ସିକ୍ରେଟ୍ ସର୍ଭିସ୍ ନିଜର ବିଫଳତା ସ୍ୱୀକାର କରିଥିଲା।

କିଏ ହେବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୧୬।୯ (ପି.ଟି.)

ପିଏସି ସଦସ୍ୟଙ୍କ ମତାମତ ନେଲେ କେଜ୍‌ରିୱାଲ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଅରବିନ୍ଦ କେଜ୍‌ରିୱାଲ ମଙ୍ଗଳବାର ଇସ୍ତଫା ଦେବେ। ସେ ମଙ୍ଗଳବାର ଅପରାହ୍ନ ୪ଟା ୩୦ରେ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ଭେଟି ଇସ୍ତଫାପତ୍ର ପ୍ରଦାନ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। କିଏ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ଦଳ ଭିତରେ ବିଚାରବିମର୍ଶ ଜାରି ରହିଛି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଆବାହକ କେଜ୍‌ରିୱାଲ ସୋମବାର ଦଳର ରାଜନୈତିକ ବ୍ୟାପାର କମିଟି (ପିଏସି)ର ସଦସ୍ୟମାନଙ୍କ ସହ ଜଣ ଜଣ କରି ଆଲୋଚନା କରି ସେମାନଙ୍କ ମତାମତ ନେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ଆପ୍ ବିଧାୟକ ଦଳ ବୈଠକ ବସି ନେତା ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହେବ ବୋଲି ଦଳୀୟ ନେତା ସୌରଭ ଭରଦ୍ୱାଜ କହିଛନ୍ତି। ମୁଖ୍ୟମନ୍ତ୍ରୀ ପଦ ପାଇଁ ମନ୍ତ୍ରୀ ଆତିଶୀ, ଗୋପାଳ ରାୟ, ସୌରଭ ଭରଦ୍ୱାଜ, କୈଳାସ ଗେହଲଟ, ଦିଲ୍ଲୀ ବିଧାନସଭା ଉପବାଚସ୍ପତି ରାଖୀ ବିର୍ଲା, କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି।

ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ଦୁର୍ନୀତି ମାମଲାରେ ଗିରଫ ହୋଇ ୬ ମାସ ଜେଲରେ ରହିବା ପରେ ଶୁକ୍ରବାର ସୁପ୍ରିମକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ତିହାର ଜେଲରୁ ମୁକୁଳିବାର ୨ ଦିନ ପରେ ରବିବାର କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ନେଇ ଅପ୍ରତ୍ୟାଶିତ ଭାବେ ଘୋଷଣା କରିଥିଲେ, ଯାହାକୁ ନେଇ ରାଜନୈତିକ ମହଲରେ ହଇଚଇ ସୃଷ୍ଟି ହୋଇଥିଲା। ଅଦାଲତ ତାଙ୍କୁ ନ୍ୟାୟ ଦେଇଛନ୍ତି। ଏବେ ଲୋକଙ୍କ ଅଦାଲତରୁ ନ୍ୟାୟ ପାଇବା ପରେ ସେ ମୁଖ୍ୟମନ୍ତ୍ରୀ ଆସନକୁ ଫେରିବେ ବୋଲି କେଜ୍‌ରିୱାଲ କହିଥିଲେ।

ଧର୍ମୀୟ ସ୍ୱାଧୀନତାକୁ ସମର୍ଥନ: ବ୍ରାଜିଲରେ ବିଶାଳ ଶୋଭାଯାତ୍ରା

ବିଭିନ୍ନ ଧର୍ମର ସୁରକ୍ଷା ଦାବିରେ ରିଓ ଡି ଜେନିରୋ ସହରରେ ଶୋଭାଯାତ୍ରା।

ରିଓ ଡି ଜେନେରୋ, ୧୬।୯

ବ୍ରାଜିଲରେ ଗତ ୬ ବର୍ଷ ମଧ୍ୟରେ ଅସହିଷ୍ଣୁତା ମାମଲା ସଂଖ୍ୟା ଦ୍ୱିଗୁଣିତ ହୋଇଛି। ଦେଶରେ ଧର୍ମୀୟ ସ୍ୱାଧୀନତାକୁ ସମର୍ଥନ ଜଣାଇ ରବିବାର ହଜାର ହଜାର ଲୋକ ରିଓ ଡି ଜେନିରୋ ସହରରେ ବିଶାଳ ଶୋଭାଯାତ୍ରା ବାହାର କରିଥିଲେ। ବିଭିନ୍ନ ଧର୍ମୀୟ ପରମ୍ପରାର ଲୋକମାନେ ଏଥିରେ ସାମିଲ ହୋଇଥିଲେ। ପୁରୁଷ, ମହିଳାଙ୍କ ସମେତ ପିଲାମାନେ ଧର୍ମୀୟ ସ୍ୱାଧୀନତାର ସୁରକ୍ଷା ପାଇଁ ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା।

ବ୍ରାଜିଲରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସଦସ୍ୟମାନଙ୍କ ଦ୍ୱାରା ଆକ୍ରମଣର ସମ୍ମୁଖୀନ ହେଉଥିବା ଆଫ୍ରୋ-ବ୍ରାଜିଲିଆନ୍ ଧର୍ମର ଲୋକମାନେ ଶୋଭାଯାତ୍ରାରେ ଅଧିକ ସଂଖ୍ୟାରେ ସାମିଲ ହୋଇଥିଲେ। ଏପରିକି ବ୍ରାଜିଲର ନବନିଯୁକ୍ତ ମାନବାଧିକାର ମନ୍ତ୍ରୀ ମାକାଏ ଏଭାରିଷ୍ଟୋ ମଧ୍ୟ ଶୋଭାଯାତ୍ରାରେ ଯୋଗ ଦେଇଥିବା ଦେଖାଯାଇଥିଲା। ଧର୍ମୀୟ ସ୍ୱାଧୀନତାର ସୁରକ୍ଷା ଦାବିରେ କ୍ରମାଗତ ୧୭ ବର୍ଷ ହେଲା ଏଭଳି ଶୋଭାଯାତ୍ରା ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି। ଦେଶରୁ ଅସମାନତା ଦୂର କରିବା ବର୍ତ୍ତମାନର ସବୁରୁ ବଡ଼ ଚ୍ୟାଲେଞ୍ଜ ବୋଲି ଏଭାରିଷ୍ଟୋ ଗଣମାଧ୍ୟମକୁ କହିଛନ୍ତି।

ଡାକ୍ତରଙ୍କ ଗୋଟିଏ ଦାବିରେ ମମତା ସହମତ

କୋଲକାତା, ୧୬।୯

ଆର୍.ଜି. କର ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାକୁ ନେଇ ରୋଗୀସେବାରେ ଲାଗିରହିଥିବା ଅଚଳାବସ୍ଥା ଦୂର ପାଇଁ ସୋମବାର ରାତିରେ ଆନ୍ଦୋଳନରତ ଜୁନିୟର ଡାକ୍ତରମାନଙ୍କ ପ୍ରତିନିଧି ପଶ୍ଚିମବଙ୍ଗ ସରକାରଙ୍କର ୨ ଘଣ୍ଟା ଆଲୋଚନା ହୋଇଛି। ଡାକ୍ତରମାନଙ୍କ ଅନ୍ୟତମ ମୁଖ୍ୟ ଦାବି ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲର ଭିତ୍ତିଭୂମି ବିକାଶକୁ ସରକାର ଗ୍ରହଣ କରିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୂର୍ବରୁ ୪ ଥର ଡାକ୍ତରମାନଙ୍କୁ ବୈଠକ ପାଇଁ ଡାକିଥିଲେ ମଧ୍ୟ ଆଲୋଚନା ହୋଇପାରି ନ ଥିଲା। ସୋମବାର ପଞ୍ଚମ ଥର ପାଇଁ ଡାକ୍ତରଙ୍କୁ ଆଲୋଚନା ପାଇଁ ଡକାଯାଇଥିଲା। ଡାକ୍ତରମାନଙ୍କୁ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହାର କରିନେବା ପାଇଁ ମମତା ନିବେଦନ କରିଥିଲେ। ପୂର୍ବରୁ ଡାକ୍ତରମାନେ ଆଲୋଚନାର ସିଧା ପ୍ରସାରଣ ଦାବିରେ ଅଟଳ ରହିଥିବାବେଳେ ସୋମବାର ଉକ୍ତ ଦାବିରୁ ଓହରିଯାଇଥିଲେ। ତେବେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଏବଂ କୋଲକାତା ପୋଲିସ କମିଶନରଙ୍କ ବହିଷ୍କାର ଦାବିକୁ ସେମାନେ ଦୋହରାଇଛନ୍ତି।

୩ ଆଇପିଏସ୍ ଅଫିସର ନିଲମ୍ବିତ

ହାଇଦ୍ରାବାଦ, ୧୬।୯

ମିଥ୍ୟା ଅଭିଯୋଗରେ ଅଭିନେତ୍ରୀ କାଦମ୍ବରୀଙ୍କୁ ଗିରଫ ଘଟଣା

କାଦମ୍ବରୀ ଜେଠୱାନୀ

ମୁମ୍ବାଇ ଅଭିନେତ୍ରୀ କାଦମ୍ବରୀ ଜେଠୱାନୀଙ୍କୁ ଭୁଲ୍‌ବଶତଃ ଗିରଫ କରି ହାଜତରେ ରଖିବା ଅଭିଯୋଗରେ ଆନ୍ଧ୍ରପ୍ରଦେଶ ସରକାର ୩ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ନିଲମ୍ବନ କରିଛନ୍ତି। ସର୍ବଭାରତୀୟ ସେବା(ଶୃଙ୍ଖଳା ଓ ଅପିଲ୍) ନିୟମାବଳୀ, ୧୯୬୯ର ରୁଲ୍ ୩(୧) ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ୩ ଅଫିସରଙ୍କୁ ନିଲମ୍ବନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବିତ ଅଫିସରମାନେ ହେଲେ ପୂର୍ବତନ ଗୋଇନ୍ଦା ମୁଖ୍ୟ ପି.ଏସ୍.ଆର୍. ଅଞ୍ଜନେୟୁଲୁ, ବିଜୟୱାଡ଼ାର ପୂର୍ବତନ ପୋଲିସ କମିଶନର କ୍ରାନ୍ତିରାଣା ଟାଟା ଏବଂ ପୂର୍ବତନ ଡିସିପି ବିଶାଲ ଗୁନ୍ନି। ୱାଇଏସ୍‌ଆର୍‌ସିପି ନେତା ତଥା ଚଳଚ୍ଚିତ୍ର ନିର୍ମାତା କେ.ଭି. ବିଦ୍ୟାସାଗରଙ୍କ ପ୍ରରୋଚନାରେ ୩ ଆଇପିଏସ୍ ଅଫିସର କାର୍ଯ୍ୟ କରିବା ସହ ଅଭିନେତ୍ରୀଙ୍କ ବିରୋଧରେ ମିଥ୍ୟା ଜାଲିଆତି ଏବଂ ବଟି ଆଦାୟ ଅଭିଯୋଗ ଆଣିଥିଲେ। ପୋଲିସ କାଦମ୍ବରୀ ଓ ତାଙ୍କ ବାପାଙ୍କୁ ଗିରଫ କରି ବିଜୟୱାଡ଼ା ଆଣିବା ପରେ ୩ ଦିନ ହାଜତରେ ରଖିଥିଲା। କୋର୍ଟରେ ହାଜର ପରେ ସେମାନଙ୍କୁ ଜାମିନ ମିଳିଥିଲା। ଅଗଷ୍ଟ ପ୍ରଥମ ସପ୍ତାହରେ କାଦମ୍ବରୀ ଏନ୍‌ଟିଆର୍ ଜିଲା ପୋଲିସ କମିଶନରଙ୍କ ନିକଟରେ ଦାଏର କରିଥିଲେ। ଆନ୍ଧ୍ରପ୍ରଦେଶ ପୋଲିସ ଡିଜି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ଆଧାରରେ ସରକାର ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ବହିର୍ବ୍ୟାପାର, କୃଷି ସଂସଦୀୟ କମିଟିରେ କଂଗ୍ରେସକୁ ମିଳିବ ଅଧ୍ୟକ୍ଷତା

ନୂଆଦିଲ୍ଲୀ, ୧୬।୯

ଲୋକ ସଭାରେ ବହିର୍ବ୍ୟାପାର, କୃଷି ଓ ଗ୍ରାମାଞ୍ଚଳ ବିକାଶ ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟିରେ କଂଗ୍ରେସ ଅଧ୍ୟକ୍ଷତା କରିବ। ସେହିପରି ରାଜ୍ୟ ସଭାର ଶିକ୍ଷା ସମ୍ପର୍କିତ ଷ୍ଟାଣ୍ଡିଂ କମିଟିରେ ମଧ୍ୟ କଂଗ୍ରେସକୁ ଅଧ୍ୟକ୍ଷତା ମିଳିବ ବୋଲି ସୋମବାର ଦଳୀୟ ସୂତ୍ରରୁ କୁହାଯାଇଛି। ସଂସଦୀୟ କମିଟିର ଅଧ୍ୟକ୍ଷତାକୁ ନେଇ ସରକାର ଏବଂ ବିରୋଧୀ ଦଳ ମଧ୍ୟରେ ଆଲୋଚନା ଶେଷ ହୋଇଛି। ତଦନୁଯାୟୀ କଂଗ୍ରେସ ମୋଟ ୪ଟି ଷ୍ଟାଣ୍ଡିଂ କମିଟିରେ ଅଧ୍ୟକ୍ଷତା କରିବ। କୃଷି ଷ୍ଟାଣ୍ଡିଂ କମିଟିରେ କୃଷି ସମେତ ପ୍ରାଣୀସମ୍ପଦ, ଖାଦ୍ୟ ପ୍ରକ୍ରିୟାକରଣ ରହିଥିବାବେଳେ ଗ୍ରାମାଞ୍ଚଳ ବିକାଶ ସହ ପଞ୍ଚାୟତିରାଜ ମଧ୍ୟ ରହିଛି। ସେହିପରି ରାଜ୍ୟ ସଭାର ଶିକ୍ଷା ସ୍ଥାୟୀ କମିଟିରେ ଶିକ୍ଷା ସହ ମହିଳା ଓ ଶିଶୁ, ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ ରହିଛି। ୫ ବର୍ଷର ବ୍ୟବଧାନ ପରେ କଂଗ୍ରେସ ଗୁରୁତ୍ୱପୂର୍ଣ୍ଣ ବହିର୍ବ୍ୟାପର ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷତା ଦାୟିତ୍ୱ ନେବାକୁ ଯାଉଛି। ୨୦୧୪ ସେପ୍ଟେମ୍ବରରୁ ୨୦୧୯ ମେ' ପର୍ଯ୍ୟନ୍ତ ଉକ୍ତ କମିଟିରେ ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ଅଧ୍ୟକ୍ଷ ରହିଥିଲେ। ଗତ ୫ ବର୍ଷରେ କଂଗ୍ରେସ ରାଜ୍ୟ ସଭାରେ ୨ଟି ଏବଂ ଲୋକ ସଭାରେ ଗୋଟିଏ ସ୍ଥାୟୀ କମିଟିର ଅଧ୍ୟକ୍ଷ ରହିଥିଲା। ଜୟରାମ ରମେଶ ବିଜ୍ଞାନ ଓ ପ୍ରଯୁକ୍ତି, ପରିବେଶ, କୃଷି ଓ ଜଳବାୟୁ ପରିବର୍ତ୍ତନ କମିଟିର ଅଧ୍ୟକ୍ଷ ଥିବାବେଳ ଅଭିଷେକ ସିଂଘଭି ବାଣିଜ୍ୟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷତା କରିଥିଲେ। ସେହିପରି ଲୋକ ସଭାରେ ସାର ଓ ରସାୟନ କମିଟିରେ ଥରୁର ଅଧ୍ୟକ୍ଷ ରହିଥିଲେ।

ଆଫଗାନିସ୍ତାନରେ ପୋଲିଓ ଟିକାକରଣ ବନ୍ଦ କଲା ତାଲିବାନ୍

ଦୁବାଇ, ୧୬।୯

ଆଫଗାନିସ୍ତାନରେ ଚାଲିଥିବା ପୋଲିଓ ଟିକାକରଣ ଅଭିଯାନକୁ ଶାସକ ତାଲିବାନ ବନ୍ଦ କରିଦେଇଥିବା ଜାତିସଂଘ ସୋମବାର କହିଛି। ସାରା ବିଶ୍ୱରେ ପୋଲିଓ ସଂକ୍ରମଣ ବନ୍ଦ ହୋଇଥିବାବେଳେ କେବଳ ଆଫଗାନିସ୍ତାନ ଏବଂ ପାକିସ୍ତାନରେ ଏବେ ବି ଅଙ୍ଗ ଅଚଳ କରିଦେଉଥିବା ଏହି ମାରାତ୍ମକ ରୋଗ ବ୍ୟାପୁଛି। ସେପ୍ଟେମ୍ବରରେ ଆଫଗାନିସ୍ତାନରେ ପୋଲିଓ ଟିକାକରଣ ଅଭିଯାନ ହେବାକୁ ଥିବାବେଳେ ତାଲିବାନ ଏହାକୁ ବନ୍ଦ କରିଦେଇଛି। ଅଭିଯାନ ବନ୍ଦ କରିବାର କୌଣସି କାରଣ ଦର୍ଶାଯାଇ ନାହିଁ କିମ୍ବା ତାଲିବାନ ନିୟନ୍ତ୍ରିତ ସରକାରରୁ କେହି ମଧ୍ୟ ଏହା ଉପରେ ପ୍ରତିକ୍ରିୟା ଦେଇନାହାନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଜଣେ ଶୀର୍ଷ ଅଧିକାରୀ କହିଛନ୍ତି, ଆଫଗାନିସ୍ତାନରେ ଘରକୁ ଘର ଯାଇ ଟିକା ଦେବା ପରିବର୍ତ୍ତେ ମସ୍‌ଜିଦଗୁଡ଼ିକରେ ଟିକାକରଣ କାର୍ଯ୍ୟକ୍ରମ କରାଯିବା ନେଇ ଆଲୋଚନା ହୋଇଥିଲା। ତେବେ ଏହାକୁ କ'ଣ ପାଇଁ ବନ୍ଦ କରାଗଲା ଜଣାପଡ଼ି ନାହିଁ। ୨୦୨୩ରେ ଆଫଗାନିସ୍ତାନରେ ୬ ପୋଲିଓ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଚଳିତ ବର୍ଷ ୧୮ ମାମଲା ଚିହ୍ନଟ ହୋଇଥିବା ଡବ୍ଲ୍ୟୁଏଚ୍‌ଓ ସ୍ୱଷ୍ଟ କରିଥିଲା।

ପାକିସ୍ତାନରେ ମଧ୍ୟ ପୋଲିଓ ଟିକାକରଣ ବେଳେ ଅନେକ ସମୟରେ ହିଂସାକାଣ୍

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୭/୨୦୨୪ | Bhubaneswar, Tuesday, September 17/2024

ସୁଭଦ୍ରା: ଆଜି ଶୁଭାରମ୍ଭ

ଆସୁଛନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୬।୯(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ 'ସୁଭଦ୍ରା' ଯୋଜନା ସହ ବିଭିନ୍ନ ସରକାରୀ ଯୋଜନା ଓ ପ୍ରକଳ୍ପର ଶୁଭାରମ୍ଭ କରିବେ। ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ।

ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ବିମାନ ଯୋଗେ ପୂର୍ବାହ୍ନ ୧୦ଟା ୫୦ ମିନିଟ୍‌ରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ୧୧ଟା ୧୦ରେ ସିଧାସଳଖ ଗାଡ଼କଣ ବସ୍ତିକୁ ଯିବେ। ସେଠାରେ ୩୦ ମିନିଟ୍ ରହି ପ୍ରଧାନମନ୍ତ୍ରୀ ଆବାସର ହିତାଧିକାରୀଙ୍କ ସହ

ନରେନ୍ଦ୍ର ମୋଦି

ଆଲୋଚନା କରିବେ। ଏହାପରେ ୧୧ଟା ୫୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ପ୍ରାୟ ୧ ଘଣ୍ଟା ରହି ଅପରାହ୍ନ ୧ଟା ୨୦ ମିନିଟ୍‌ରେ ନୂଆଦିଲ୍ଲୀ ☞ପୃଷ୍ଠା–୨

୧ଟଙ୍କା ନ ଯାଇଥିଲେ ବି ମିଳିବ କିସ୍ତି

ଭୁବନେଶ୍ୱର,୧୬।୯(ଅନିଲ ଦାସ)

ଆକାଉଣ୍ଟ ଚେକ୍ ପାଇଁ ୧ ଟଙ୍କା ପଠା ଯାଇଛି। ଯେଉଁମାନେ ୧ ଟଙ୍କା ପାଇ ନାହାନ୍ତି, ସେମାନେ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ମିଳିବ। ସମସ୍ତ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନାରେ ସାମିଲ ନ ହେବା ଯାଏ ପଞ୍ଜୀକରଣ ଚାଲିବ। ୧୭ ତାରିଖରେ ହିତାଧିକାରୀ ମହିଳା ପ୍ରଥମ କିସ୍ତି ପାଇବେ। ସୁଭଦ୍ରା ପଞ୍ଜୀକରଣ ୬୫ ଲକ୍ଷରେ ପହଞ୍ଚି ସାରିଲାଣି। ୧୭ ପରେ ଯେଉଁମାନେ ପଞ୍ଜୀକରଣ କରିବେ ସେମାନେ ତା' ପରବର୍ତ୍ତୀ ସମୟରେ ପ୍ରଥମ କିସ୍ତିର ପଇସା ହିଁ ପାଇବେ। ୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ପ୍ରଥମ କିସ୍ତି ପାଇବେ। କେହି ବଞ୍ଚିତ ହେବେ ନାହିଁ। ନଭେମ୍ବର ମାସରେ

- **ପାତିଲେଣି ସାଇବର ଠକ**
- **ସତର୍କ ରହିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

ପଞ୍ଜୀକରଣ କଲେ ମଧ୍ୟ ସୁଭଦ୍ରାର ପ୍ରଥମ କିସ୍ତି ମିଳିବ। ସୁଭଦ୍ରା ଯୋଜନାର ସହାୟତା ରାଶି ସମସ୍ତଙ୍କୁ ସହଜ ଓ ସରଳ ଭାବେ ପହଞ୍ଚିବ। କେହି ବ୍ୟସ୍ତ, ବିବ୍ରତ କିମ୍ବା ଭ୍ରମିତ ହୁଅନ୍ତୁ ନାହିଁ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ଏହାପରେ ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଯିବ ଟଙ୍କା। ସୁଭଦ୍ରା ଯୋଜନା ପାଇଁ ମହିଳାଙ୍କ ମଧ୍ୟରେ ପ୍ରବଳ ☞ପୃଷ୍ଠା–୨

ଶୋଭାଯାତ୍ରାରେ ପାଲେଷ୍ଟାଇନ ପତାକା

ମହମ୍ମଦଙ୍କ ଜୟନ୍ତୀ ଅବସରରେ ସୋମବାର କଟକ ବକ୍ସିବଜାର ଅଞ୍ଚଳ ଦେଇ ଯାଉଥିବା ଶୋଭାଯାତ୍ରାରେ ପାଲେଷ୍ଟାଇନ ପତାକା(ବୃତ୍ତ ଚିହ୍ନିତ) ଉଡ଼ାଯାଉଥିବା ଦେଖିବାକୁ ମିଳିଛି। **(ଫଟୋ: ରାଜକିଶୋର ମହାନ୍ତି) (ରିପୋର୍ଟ : ପୃଷ୍ଠା–୩)**

ଡାକ୍ତରୀମାଇନା କରୁନାହାନ୍ତି, ସିସିଟିଭି ଲଗେଇ ନାହାନ୍ତି

ଭରତପୁର ଥାନା: ଏଠାରେ ନ୍ୟାୟ ନାହିଁ, କେବଳ ମାଡ଼ ଓ ଅନ୍ୟାୟ

ଭୁବନେଶ୍ୱର, ୧୬।୯(ସୁନିତ୍ ମିଶ୍ର)

ଭୁବନେଶ୍ୱରସ୍ଥିତ ଭରତପୁର ଥାନା ଏପରି ସୁନ୍ଦର ଭାବେ ନିର୍ମାଣ କରାଯାଇଛି ବାହାରୁ ଦେଖିଲେ ତାହା ଏକ ହୋଟେଲ୍ ଭଳି ଲାଗୁଛି। ଏହି ଥାନା ନିର୍ମାଣରେ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଇଥିବା ସତ୍ତ୍ୱେ ଏଠାରେ ପୀଡ଼ିତଙ୍କୁ ନ୍ୟାୟ ମିଳୁ ନାହିଁ ବରଂ ଅନ୍ୟାୟ ଓ ଅତ୍ୟାଚାର କରାଯାଉଛି। ଏହାର ଜ୍ୱଳନ୍ତ ଉଦାହରଣ ଶନିବାର ବିଳମ୍ବିତ ରାତିରେ ମେଜର ଗୁରୁଭକ୍ତ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ସହ ଯାହାସବୁ ଘଟିଯାଇଛି, ତାକୁ ଦେଖିଲେ ସ୍ପଷ୍ଟ ବୁଝାପଡୁଛି। ଏହି ଘଟଣାରେ ପୋଲିସ୍ ନିଜ ଭୁଲ୍‌କୁ ଲୁଚାଇବା ଲାଗି ସବୁ ପ୍ରକାର ନିୟମ କାନୁନକୁ ଭଙ୍ଗ କରିଦେଇଥିବା ଅଭିଯୋଗ ହୋଇଛି। ଏପରିକି ଶନିବାର ବିଳମ୍ବିତ ରାତିରୁ ରବିବାର ସକାଳ ପର୍ଯ୍ୟନ୍ତ

ଏହି ଘଟଣାକୁ ଭିନ୍ନରୂପ ଦେବା ଲାଗି ପୋଲିସ୍ ପକ୍ଷରୁ ଭରପୂର ଉଦ୍ୟମ କରାଯାଇଛି। ଯେପରିକି ରବିବାର ସକାଳୁ ଉଭୟ ଗୁରୁଭକ୍ତ ଏବଂ ଅଙ୍କିତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ନେଇ ତାଙ୍କ ଡାକ୍ତରୀମାଇନା କରି ରିପୋର୍ଟ ସଂଗ୍ରହ କରାଯାଇଥିଲା। ସେହି ରିପୋର୍ଟରେ ମଧ୍ୟ ଅଙ୍କିତାଙ୍କୁ ଆକ୍ରମଣ କରାଯାଇଥିବା ଉଲ୍ଲେଖ ଥିଲା। ହେଲେ ଅଙ୍କିତାଙ୍କୁ କୋର୍ଟଚାଲାଣ କରିବା ପୂର୍ବରୁ ପୋଲିସ୍ କ୍ୟାପିଟାଲ ହସ୍ପିଟାଲରୁ ଏକ ଭୁଲ୍ ରିପୋର୍ଟ ସଂଗ୍ରହ କରି ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଦାଖଲ କରିଛି, ଯାହା ପୋଲିସ୍‌ର ଦୋଷ ଦୁର୍ବଳତା ଲୁଚିଯାଇ ଅଙ୍କିତାକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ସେଭଳି ଉଦ୍ୟମ ଥାନା ପକ୍ଷରୁ କରାଯାଇଥିବା ଅଙ୍କିତାଙ୍କ ବାପା ବ୍ରିଗେଡିୟର ଅନ୍ତର୍ଯ୍ୟାମୀ ପ୍ରଧାନ ଅଭିଯୋଗ କରିଛନ୍ତି। ଏହାସହ ଦୁରନ୍ତ ଅଙ୍କିତାଙ୍କୁ ପୋଲିସ୍ ଯେଭଳି ନିର୍ମମ ଭାବେ ଆକ୍ରମଣ କରିଛି ତା'ର ଠିକ୍ ଡାକ୍ତରୀମାଇନା ☞ପୃଷ୍ଠା–୨

ଆଜିର ସମ୍ପାଦକୀୟ

ଗୁଣିର ଶିକାର

ଫୁଟ୍‌ପାଥ ଉପରେ ଯୁବକ ଗାଡ଼ି ଚଲାଉଛନ୍ତି।

ରାସ୍ତାରେ ଉତ୍ପାତ

ଭୁବନେଶ୍ୱର,୧୬।୯(ସତ୍ୟଜିତ୍ ରାଉତ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି। ଏୟାରପୋର୍ଟ ଓ ଭୁବନେଶ୍ୱରକୁ ନୋ ଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଛି। ଏଭଳିସ୍ଥିତିରେ ସୋମବାର ସ୍ୱଚ୍ଛ ଦିବାଲୋକରେ ରାଜଧାନୀରେ କେତେଜଣ ଅସାମାଜିକ ଯୁବକ ଟ୍ରାଫିକ୍ ନିୟମର ଖୋଲା ଉଲ୍ଲଂଘନ କରି ଆତଙ୍କ ଖେଳାଇଛନ୍ତି। ରାଜପଥରେ ସମ୍ପୃକ୍ତ ଯୁବକମାନେ ବିପଦପୂର୍ଣ୍ଣ ଭାବେ ୪ଟି କାର୍ ଚଳାଇ ଲୋକମାନଙ୍କ ପ୍ରତି ବିପଦ ସୃଷ୍ଟି କରିବା ସହ କମିଶନରେଟ୍ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଫଳରେ ପୋଲିସର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ସୃଷ୍ଟି ହେବା ସହ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା। ଏହାପରେ କମିଶନରେଟ୍ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ୫ଜଣଙ୍କୁ ଧରିଛି। ଏଥିସହ ବ୍ୟବହୃତ ୩ଟି କାର୍ କ୍ରେଟା (ଓଡି୦୨–ସିଆର୍–୦୦୯୨), ଟାଟା ସଫାରୀ (ଓଆର୍୧୪–ଏକ୍ସ–୪୭୨୮), ମହିନ୍ଦ୍ରା ଏକ୍ସୟୁଭି (ଓଡି୦୨–ସିଏମ୍–୪୬୧୬)କୁ ମଧ୍ୟ ☞ପୃଷ୍ଠା–୨

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ପ୍ରତିଷ୍ଠାତା ଆନାଗାରିକ ଧର୍ମପାଳଙ୍କ ୧୬୦ତମ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: କଳିଙ୍ଗ ବୁଦ୍ଧ ବିହାର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ଶୁଭାରମ୍ଭ, ସ୍ଥାନ: ଜନତା ମଇଦାନ, ସମୟ: ପୂର୍ବାହ୍ନ ୧୧ଟା ।

କଟକ

- ଆଭାସୀ ମାଧ୍ୟମରେ ସୁଭଦ୍ରା ଯୋଜନାର ସିଧା ପ୍ରସାରଣ, ସ୍ଥାନ: ତିଗିରିଆ ପଞ୍ଚାୟତ ସମିତି ପରିସର,ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀଶ୍ରୀ ଅନନ୍ତ ବାସୁଦେବ ମନ୍ଦିରରେ ଅନନ୍ତ ବ୍ରତ ମହୋତ୍ସବ, ସ୍ଥାନ: କ୍ୟାଣ୍ଟନମେଣ୍ଟ ରୋଡ୍, ସମୟ: ମଧ୍ୟାହ୍ନ ୧୨ଟା ।

ପୁରୀ

- ସ୍ୱଚ୍ଛତା ହିଁ ସେବା ଅଭିଯାନ, ସ୍ଥାନ: ବ୍ଲୁ ଫ୍ଲାଗ୍ ବିଚ୍, ପୁରୀ, ସମୟ: ସକାଳ ୭ଟା ।
- ସୁଭଦ୍ରା ଯୋଜନା ନିମନ୍ତେ ବ୍ଲକସ୍ତରୀୟ କନଭେନଶନ, ସ୍ଥାନ: ପଞ୍ଚସଖା ଖେଳପଡ଼ିଆ, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା ।
- ନିଖିଳ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ଅପରାହ୍ନ ୫ଟା ।
- ବ୍ଲକସ୍ତରୀୟ ସୁଭଦ୍ରା ଯୋଜନା ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ନିଗମାନନ୍ଦ ଖେଳ ପଡ଼ିଆ, ଗୋପ, ସମୟ: ୧୦ଟା ୩୦ ।
- ପୁରୀ ଜିଲା କାଠ ଶିଳ୍ପୀ ଓ କାଠ କାରିଗର ସଂଗଠନର ବାର୍ଷିକୋତ୍ସବ, ସ୍ଥାନ: ସଂଗ୍ରାମ କ୍ଲବ ଲେନ୍, ବଡ଼ଶଙ୍ଖ, ପୁରୀ, ସମୟ: ସନ୍ଧ୍ୟା ୬ଟା ।

ଖୋର୍ଦ୍ଧା

- ମଣ୍ଡଳସ୍ତରୀୟ ଖୋଖୋ ଓ ଯୋଗାସନ ପ୍ରତିଯୋଗିତା, ସ୍ଥାନ: ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ, ଟାଙ୍ଗୀସାହି, ବୋଲଗଡ଼, ସମୟ: ସକାଳ ୯ଟା ।
- ପ୍ରତିଶ୍ରୁତି ପରିବାର ପକ୍ଷରୁ ସମୂହ ଦୀପଦାନ ଓ ସଭା, ସ୍ଥାନ: ଗୀତାଭବନ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା ।

ବାଲେଶ୍ୱର

- ପୌର ପରିଷଦ ଆନୁକୂଲ୍ୟରେ ସୁଭଦ୍ରା ଯୋଜନାର ଲାଇଭ୍ ଷ୍ଟ୍ରିମିଂ କାର୍ଯ୍ୟକ୍ରମ,ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସ୍ଥାନ: ପୂର୍ବାହ୍ନ ୧୦ଟା ।
- ସଦର ବ୍ଲକ ପକ୍ଷରୁ ସୁଭଦ୍ରା ଯୋଜନାର ଲାଇଭ୍ ଷ୍ଟ୍ରିମିଂ କାର୍ଯ୍ୟକ୍ରମ, ସ୍ଥାନ: ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସ୍ଥାନ: ପୂର୍ବାହ୍ନ ୧୦ଟା ।

ଗଞ୍ଜାମ

- ଶ୍ରୀଅରବିନ୍ଦ ଶକ୍ତିପୀଠ ପ୍ରତିଷ୍ଠା ଦିବସ, ସ୍ଥାନ: ଭଞ୍ଜନଗର, ସମୟ: ସକାଳ ୯ଟା ।
- ସୁଭଦ୍ରା ଯୋଜନା ଶୁଭାରମ୍ଭ, ସ୍ଥାନ: ଭଞ୍ଜନଗର ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ସକାଳ ୯ଟା ।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ସୁଭଦ୍ରା ଏବଂ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଛତ୍ରପୁର ଅନଗ୍ଲୋ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ:ବୁଗୁଡ଼ା ପିଠୁଲ୍ଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।

କନ୍ଧମାଳ

- ସୁଭଦ୍ରା ଯୋଜନାର ଇ -ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ:ମିଶନଶକ୍ତି ଗୃହ, ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ
- ମା'ଙ୍କ ନାମରେ ଏକ ବୃକ୍ଷ, ସ୍ଥାନ: ଦାରିଙ୍ଗବାଡି, ସମୟ: ସକାଳ ୮ଟା ।
- ସଫେଇ କାର୍ଯ୍ୟକ୍ରମ, ଦାରିଙ୍ଗବାଡିର ବଜାର,ସମୟ: ସକାଳ ୮ଟା ।

ଗଜପତି

- ଜିଲାସ୍ତରୀୟ ସୁଭଦ୍ରା, ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଗଜପତି ଷ୍ଟାଡିୟମ, ସମୟ: ସକାଳ ୯ଟା ।
- ସୁଭଦ୍ରା ଯୋଜନା ଶୁଭାରମ୍ଭ ଅବସରରେ ସମାବେଶ,ସ୍ଥାନ:ହାଇସ୍କୁଲ ପଡ଼ିଆ, ମୋହନା, ସମୟ: ସକାଳ ୧୦ଟା ।

ଢେଙ୍କାନାଳ

- କୌଶଳ ରଥ ପରିକ୍ରମା ଉଦ୍‌ଘାଟନ, ସ୍ଥାନ: ସରକାରୀ ଆଇଟିଆଇ ପରିସର, ସମୟ: ସକାଳ ୯ଟା ୧୫ ।
- ସୁଭଦ୍ରା ଯୋଜନାର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କାନାଳ ବିବି ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କାମାକ୍ଷାନଗର ଗଡ଼ଜାତ ଭବନ ସାରଙ୍ଗଧର ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦ ।
- କାମାକ୍ଷାନଗର ବସ୍ ମାଲିକ ସଂଘ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାମାକ୍ଷାନଗର ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା ୩୦ ।
- କାମାକ୍ଷାନଗର ଏନଏସି ପକ୍ଷରୁ ସ୍ୱଚ୍ଛତା ପକ୍ଷ ଶୁଭାରମ୍ଭ, ସ୍ଥାନ: କାମାକ୍ଷାନଗର ଏନ୍‌ଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

ଅନୁଗୋଳ

- ବ୍ଲକ ପ୍ରଶାସନ ତରଫରୁ ସୁଭଦ୍ରା ଯୋଜନା ଲୋକାର୍ପଣର ସିଧା ପ୍ରସାରଣ କର୍ଯ୍ୟକ୍ରମ । ସ୍ଥାନ: କଣିହାଁ ବ୍ଲକ ଟୋଲକବେଡା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟାଠାରୁ ।
- ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନା ଲୋକାର୍ପଣର ସିଧା ପ୍ରସାରଣ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଠାରୁ ।
- ପଲ୍ଲିଶ୍ରୀ ମେଳା, ସ୍ଥାନ: ନାଲକୋନଗର ଗୋପୋବନ୍ଧୁ ପାର୍କ, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ।
- ଫୁଟ୍‌ବଲ ଟୁର୍ନାମେଣ୍ଟ ସେମିଫାଇନାଲ, ସ୍ଥାନ– ଆଠମଲ୍ଲିକ ମିନିଷ୍ଟାଡିୟମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା ।

ଜଗତ୍‌ସିଂହପୁର

- ପଣ୍ଡିତ ଜବାହରଲାଲ ନେହେରୁ ଟ୍ରଷ୍ଟ ଓ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ସମୂହ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ,ସମୟ: ସକାଳ ୭ଟା ।
- ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ପାଖରେ ଚାରା ବଣ୍ଟନ, ସ୍ଥାନ: ବ୍ୟାଙ୍କ ଲେନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୧୦ଟା ।
- ପାରାଦୀପ ପୌରପରିଷଦ ପକ୍ଷରୁ ସୁଭଦ୍ରା ଯୋଜନା ବଣ୍ଟନର ସିଧା ପ୍ରସାରଣ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା ।
- ଭାରତୀୟ ମଜ୍‌ଦୁର ସଂଘ ପୂଜା ମଣ୍ଡପ ପାଖରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।
- ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘ ବିଶ୍ୱକର୍ମା ପୂଜା ମଣ୍ଡପ ପାଖରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ବ୍ୟାଙ୍କ ଛକ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା ।

କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ମା' ପାଇଁ ଗଛଟିଏ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ସୁଭଦ୍ରା ଯୋଜନା ଉଦ୍‌ଘାଟନ ଉତ୍ସବ ପ୍ରଦର୍ଶନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଆଳି, ଡେରାବିଶ, ଗରଦପୁର, ମାର୍ଶାଘାଇ, ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା, ଏମ୍‌ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ଆମ ବସ୍‌ଷ୍ଟାଣ୍ଡ, ମହାକାଳପଡ଼ା, ଆଥେଲେଟିକ ଆସୋସିଏଶନ ପଡିଆ, ରାଜକନିକା, ଚାନ୍ଦିବାଉଁଶମୂଳ ହାଟ, ରାଜନଗର, ସମୟ: ପୂର୍ବାହ୍ନ ୧୧ଟା ।

ଯାଜପୁର

- ବିଶ୍ୱକର୍ମା ପୂଜା ଅବସରରେ ବାର୍ଷିକ ଦୋକାନ ପୂଜା, ସ୍ଥାନ: ପାଣିକୋଇଲି ଦୁର୍ଗା ମାର୍କେଟ, ସମୟ: ସକାଳ ୭ଟା ।
- ଯାଜପୁର ରୋଡ୍ ଟ୍ରକ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ଯାଜପୁର ରୋଡ୍ ଚୋର୍ଦ୍ଦା ବାଇପାସ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ଯାଜପୁର ଅଟୋ ଆସୋସିଏଶନ ପକ୍ଷରୁ ବିଶ୍ୱକର୍ମା ପୂଜା ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଅଟୋ ଷ୍ଟାଣ୍ଡ ପରିସର, ସମୟ: ସକାଳ ୯ଟା ।
- ସୁଭଦ୍ରା ଯୋଜନାର ମେଗା ଲଞ୍ଚ କାର୍ଯ୍ୟକ୍ରମର ଲାଇଭ ଟେଲିକାଷ୍ଟ, ସ୍ଥାନ: ଯାଜପୁର ଏନ୍‌ସି କଲେଜ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ।
- ବସ୍ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ଯାଜପୁର ରୋଡ୍ ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା ।
- ଟାଟା ପାୱାର ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ଯାଜପୁର ରୋଡ୍ ଧବଳଗିରି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ସୁଭଦ୍ରା ଯୋଜନା ପାଇଁ ବ୍ଲକସ୍ତରୀୟ ମହିଳା ସମାବେଶ, ସ୍ଥାନ: ରସୁଲପୁର ବ୍ଲକ ମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଧର୍ମଶାଳା ବ୍ଲକ୍ ପକ୍ଷରୁ ସୁଭଦ୍ରା ଯୋଜନା ସମ୍ମିଳନୀ, ସ୍ଥାନ: ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ।

ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ଷଷ୍ଠ ଦିବସ, ସ୍ଥାନ:ଗୋଡିପଡ଼ା ବଡ଼ଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ: ଭୋର ୫ଟା ।
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ଷଷ୍ଠ ଦିବସ, ସ୍ଥାନ: ଦଶପଲ୍ଲା ସହରର ଦୁର୍ଗାବଜାର କଲୋନୀ, ସମୟ: ସକାଳ ୭ଟା ।
- ଅଖଣ୍ଡ ହନୁମାନ ଚାଳିଶା, ସ୍ଥାନ: ମୁଣ୍ଡିଆ ହନୁମାନ ପୀଠ ମର୍ଦ୍ଦରାଜପୁର, ସମୟ: ସକାଳ ୭ଟା ।
- ଅନନ୍ତ ବ୍ରତ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ଜିଲାସ୍ତରୀୟ ସୁଭଦ୍ରା ଯୋଜନାର ଶୁଭାରମ୍ଭ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ।

ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ସୁଭଦ୍ରା ଜୋଜନା ସିଧା ପ୍ରସାରଣ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ଜିସିଡ଼ି ହାଇସ୍କୁଲ ଖେଳ ପଡିଆ, ଗୁଡାରି ନୂଆ ବସ୍‌ଷ୍ଟାଣ୍ଡ, କୋଲନରା ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ ଟା ।
- ରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।

ନବରଙ୍ଗପୁର

- ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ ସିଧାପ୍ରସାରଣ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ଡାବୁଗାଁ ଶ୍ରୀନିବାସ କଲ୍ୟାଣ ମଣ୍ଡପ, ପାପଡାହାଣ୍ଡି ରାବଣ ପୋଡ଼ି ପଡ଼ିଆ, ଝରିଗାଁ ମିନି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ: ୧୦ଟା ।

କୋରାପୁଟ

- ସୁଭଦ୍ରା ଯୋଜନା ସିଧା ପ୍ରସାରଣ, ସ୍ଥାନ: କୋରାପୁଟ ପୋଲିସ ପଡ଼ିଆ, ସେମିଲିଗୁଡା ଜୀବନ ଜ୍ୟୋତି ପଡ଼ିଆ, ପଟାଙ୍ଗି ମିନି ଷ୍ଟାଡିୟମ, କୁନ୍ଦୁରା ଶାସ୍ତ୍ରୀ ମୈଦାନ, ସମୟ: ପୂର୍ବାହ୍ନ ୧୦ଟା ।

ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା ।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା ।
- ମହାନଗର ନିଗମ ପକ୍ଷରୁ ମେଗା ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ମହାନଦୀ ମାରୱାଡି ପତ ଘାଟ, ସମୟ : ସକାଳ ୭ଟାରୁ ୯ଟା ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସମୋଦିଙ୍କ ଜନ୍ମ ଦିନ ଉପଲକ୍ଷେ ମେଗା ରକ୍ତଦାନ ଶିବିର, ସ୍ଥାନ : ସଦର ଡାକ୍ତରଖାନା ସ୍ଥିତ ରକ୍ତ ଭଣ୍ଡାର ପରିସର, ସମୟ : ପୂର୍ବାହ୍ନ ୧୦ଟା ।

ବଲାଙ୍ଗୀର

- କୋଶଲ ଅସ୍ମିତା ରଥର ଶୁଭାରମ୍ଭ, ସ୍ଥାନ: କୋଶଲେଶ୍ୱରୀ ଗୁଡି, ପାଟଣାଗଡ଼, ସମୟ: ସକାଳ ୮ଟା ।
- ବଲାଙ୍ଗୀର ବ୍ଲକସ୍ତରୀୟ ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଆଇଟିଆଇ ପଡ଼ିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକସ୍ତରୀୟ ସୁଭଦ୍ରା ଯୋଜନା ଶୁଭାରମ୍ଭ ଉତ୍ସବ, ସ୍ଥାନ: ଲୋଇସିଂହା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ ଟା ।
- କୋଶଲ ଅସ୍ମିତା ରଥ ବୁଦ୍ଧିଜୀବୀ ସମାବେଶ, ସ୍ଥାନ: କଚେରୀ ଛକ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।

ସୁବର୍ଣ୍ଣପୁର

- ସୋନପୁର ବ୍ଲକ ହରଡଖୋଲ ଠାରେ ସୁଭଦ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ସମାବେଶ, ସ୍ଥାନ: ବୈଦ୍ୟନାଥ ପାଙ୍କ୍ସ ସମ୍ମୁଖ ବଜାର ପ୍ରାଙ୍ଗଣ, ସମୟ: ସକାଳ ୯ଟା ।
- ବିଶ୍ୱକର୍ମା ପୂଜା ଅବସରରେ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ,ବୀରମହାରାଜପୁର ଗାଡି ଚାଳକ ସଂଘ, ସମୟ: ସକାଳ ୯ ଟା ।
- ବିଶ୍ୱକର୍ମା ଭସାଣି, ସ୍ଥାନ: ଗୌଡଗାଡ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ଘର ଘର ସୁଭଦ୍ରା, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା ।
- ତରଭା ହାଇସ୍କୁଲ ଖେଳ ପଡିଆରେ ସୁଭଦ୍ରା ସମାବେଶ, ସ୍ଥାନ: ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଡୁଙ୍ଗୁରିପାଲିରେ ସୁଭଦ୍ରା ଯୋଜନା ଶୁଭାରମ୍ଭର ସିଧା ପ୍ରସାରଣ, ସ୍ଥାନ: ଡୁଙ୍ଗୁରିପାଲି ଆରଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦ ।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫ ।
- ଡୁଙ୍ଗୁରିପାଲି ବ୍ଲକ ବୈଦୁପାଲି ଗ୍ରାମରେ ବିଶ୍ୱକର୍ମା ପୂଜା ଅବସରରେ ଭଜନ ସମାରୋହ, ସ୍ଥାନ: ସ୍ଥାନ: ବୈଦୁପାଲି ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

ବରଗଡ଼

- ସୁଭଦ୍ରା ଯୋଜନାର ଭର୍ଚୁଆଲ ଶୁଭାରମ୍ଭ ଉତ୍ସବ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସରକାରୀ ବାଳକ ହାଇସ୍କୁଲ ପଡ଼ିଆ, ଅତାବିରା, ବ୍ଲକ କାର୍ଯ୍ୟାଳୟ ପରିସର, ଅମ୍ବାଭୋନା, ବାଳକ ହାଇସ୍କୁଲ ପଡ଼ିଆ, ବରପାଲି, ରଣଜିତା ମିନି ଷ୍ଟାଡ଼ିୟମ, ଭେଡ଼େନ, ପଞ୍ଚାୟତ ଅଫିସ ନିକଟ ଟାଉନ ହଲ, ଭଟଲି, ଏମ. ଗଣ୍ଡପାଲି ଷ୍ଟେଡ଼ିୟମ, ବିଜେପୁର, ସମୟ: ପୂର୍ବାହ୍ନ ୧୧ଟା ।
- ସୁଭଦ୍ରା ଯୋଜନାର ଶୁଭାରମ୍ଭ ଉତ୍ସବ, ସ୍ଥାନ: ଗାଇସିଲେଟ୍ ମିନି ଷ୍ଟାଡ଼ିୟମ, ଗାଇସିଲେଟ୍, ବ୍ଲକ ଖେଳ ପଡ଼ିଆ, ଝାରବନ୍ଧ, ଆରଏମସି ପରିସର, ପଦ୍ମପୁର, କଲେଜ ଖେଳ ପଡ଼ିଆ, ସୋହେଲା, ହାଇସ୍କୁଲ ପଡ଼ିଆ, ପାଇକମାଳ, ସମୟ: ପୂର୍ବାହ୍ନ ୧୧ଟା ।

ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରିଆମାଳ ବ୍ଲକ, ନାଉଳିପଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା ।

କଳାହାଣ୍ଡି

- ସୁଭଦ୍ରା ଯୋଜନା ଶୁଭାରମ୍ଭ ସମାରୋହ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ପରେଡ଼ ପଡିଆ, ସମୟ: ସକାଳ ୯ଟା ।
- ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଟିପିଡବ୍ଲ୍ୟୁଓଡ଼ିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: କେସିଙ୍ଗା ସବ୍‌ଡିଭିଜନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା ।
- ସୁଭଦ୍ରା ଯୋଜନା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

ନୂଆପଡ଼ା

- ରୋଗୀ ନିରାପତ୍ତା ପର୍ଯ୍ୟବେକ୍ଷଣ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ରାଜମିସ୍ତ୍ରୀ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା,

ଶୋଭାଯାତ୍ରାରେ ପାଲେଷ୍ଟାଇନ ପତାକା

କଟକ, ୧୬।୯ (କାର୍ତ୍ତିକ ସାହୁ)

ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ସୋମବାର ଆୟୋଜିତ ଶୋଭାଯାତ୍ରାରେ ପାଲେଷ୍ଟାଇନ ପତାକା ଉଡ଼ାଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି। ଦରଘାବଜାର ଥାନା ଅଞ୍ଚଳରେ ଶୋଭାଯାତ୍ରା ସହର ପରିକ୍ରମା କରୁଥିବାବେଳେ ଏକ ପାଲେଷ୍ଟିନୀୟ ପତାକା ସମସ୍ତଙ୍କ ନଜରକୁ ଆସିଥିଲା। ଶାନ୍ତିଭଙ୍ଗ ଆଶଙ୍କା କରି କମିଶନରେଟ୍ ପୋଲିସ ତୁରନ୍ତ ଉକ୍ତ ପତାକାକୁ ଜବତ କରିଛି।

ସୂଚନା ଅନୁସାରେ, ମହମ୍ମଦଙ୍କ ଜୟନ୍ତୀ ପାଳନ ପାଇଁ ଚାଲିଥିବା ଏକ ବିରାଟ ଶୋଭାଯାତ୍ରା ଦରଘାବଜାର ପାର୍ଶ୍ୱରୁ ବକ୍ସିବଜାର ଆଡ଼କୁଯାଉଥିଲା। ସମୟ ପ୍ରାୟ ଦିନ ୧୨ଟାରେ ସ୍ଥାନୀୟ ଲୋକମାନେ ପାଲେଷ୍ଟାଇନ ପତାକା ଭଳି ଦୃଶ୍ୟମାନ ହେଉଥିବା ଏକ ପତାକା ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିବା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଜଣେ ନାବାଳକ ଉକ୍ତ ପତାକା ଉଡ଼ାଉଥିବା ଦେଖି ତୁରନ୍ତ ଏହାକୁ ଜବତ କରିନେଇଥିଲା। ଅନ୍ୟପକ୍ଷରେ ଶାନ୍ତି ଶୃଙ୍ଖଳାର ସହ ଜୁଲୁସ ଶୋଭାଯାତ୍ରା ସମ୍ପନ୍ନ ହୋଇଛି। ଏଭଳି ପତାକା ଉଡ଼ାଇବାକୁ ନେଇ ଦରଘାବଜାର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ଚିନ୍ତେଶ୍ୱର ମୁଣ୍ଡ କହିଛନ୍ତି। ଫଟୋରେ ଦେଖିବାକୁ ମିଳିଥିବା ଫଟୋଟି ପାଲେଷ୍ଟାଇନ୍ ପତାକା ଭଳି ଦେଖା ଯାଉଥିବାବେଳେ ଅତିରିକ୍ତ ଡିସିପି ଅନିଲ ମିଶ୍ର ଏହାକୁ ଅସ୍ୱୀକାର କରିଛନ୍ତି। ଜୁଲୁସ ଶୋଭାଯାତ୍ରା ବେଳେ ଜବତ ହୋଇଥିବା ପତାକାଟି ପାଲେଷ୍ଟାଇନ୍ ପତାକା ନୁହେଁ। ତେଣୁ ଏହାକୁ ନେଇ କୌଣସି ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ନ ହେବା ଆବଶ୍ୟକ ବୋଲି ମିଶ୍ର କହିଛନ୍ତି।

କେନ୍ଦ୍ରାପଡ଼ାରେ ବି ଉଡ଼ିଲା

କେନ୍ଦ୍ରାପଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ପାଲେଷ୍ଟାଇନ୍ ପତାକା ଉଡୁଛି।

କେନ୍ଦ୍ରାପଡ଼ା, ୧୬।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରରେ ପାଲେଷ୍ଟାଇନ ପତାକା ସୋମବାର ଉଡ଼ିଛି। ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ଆସିବା ପରେ ଏପରି ଆଲୋଚନା ଆରମ୍ଭ ହୋଇଛି। ଏହି ପତାକା ଉଡ଼ିବାକୁ ଏଠାରେ ନାପସନ୍ଦ କରାଯାଇଛି। ପୂର୍ବାହ୍ନରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ ପାଳନ ହୋଇଥିଲା। ସହରର ହାଇସ୍କୁଲ ଛକଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ପୁରୁଣା ବସ୍‌ଷ୍ଟାଣ୍ଡଠାରେ କେତେଜଣ ବ୍ୟକ୍ତି ଶୋଭାଯାତ୍ରାରେ ପାଲେଷ୍ଟାଇନ ପତାକା ସାମଞ୍ଜସ୍ୟ ଥିବା ପତାକା ଉଡ଼ାଇ ଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଶୋଭାଯାତ୍ରାର ଦାୟିତ୍ୱରେ ଥିବା ଟାଉନ ଥାନା ଅଧିକାରୀ ଦିଲୀପ ସାହୁଙ୍କୁ ପଚାରିବାରେ ଏପରି କୌଣସି ଅଭିଯୋଗ ଆସିନାହିଁ ବୋଲି ସେ କହିଛନ୍ତି।

ସମ୍ବଲପୁରରେ ଲାଗିଲା ପୋଷ୍ଟର

ସମ୍ବଲପୁର, ୧୬।୯ (ଭବାନୀ ଶଙ୍କର ଭୋଇ)

ଦେଶ ବିଦେଶରେ ସୋମବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଇଦ୍-ଏ ମିଲାଦୁନ୍- ନବୀ ଉତ୍ସାହ ଉଦ୍ଦିପନାର ସହ ପାଳନ କରାଯାଇଛି। ଏଥିପାଇଁ ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳକୁ ସୁନ୍ଦର ଭାବେ ସଜ୍ଜିତ କରାଯାଇଥିଲା। ସମ୍ବଲପୁର ସହରର କବରିସ୍ଥାନ ରାସ୍ତାର ପେନ୍‌ସନପଡ଼ା ନିକଟ ଏକ ଗଛରେ ପାଲେଷ୍ଟାଇନ ସମର୍ଥନରେ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଥିଲା। ଏଥିରେ ସେଭ୍ ଗାଜା, ଫ୍ରି ପାଲେଷ୍ଟାଇନ, ନଦୀରୁ ସମୁଦ୍ର ପର୍ଯ୍ୟନ୍ତ ପାଲେଷ୍ଟାଇନ ମୁକ୍ତ ହେବ ଇନ୍‌ସା ଆଲ୍ଲା ବୋଲି ଲେଖାଯାଇଥିଲା। ତେବେ ଇଦ୍ ଅବସରରେ ଏଭଳି ପୋଷ୍ଟରକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସମ୍ବଲପୁରରେ କିଛିଦିନ ପୂର୍ବରୁ ସାମ୍ପ୍ରଦାୟିକ ହିଂସା ଯୋଗୁ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ତେଣୁ ପୁଣି ଥରେ ସମ୍ବଲପୁର ଭଳି ଭାଇଚାରା ସହରରେ କେତେଜଣ ଅସାଧୁ ବ୍ୟକ୍ତି ଉତ୍ତେଜନା ସୃଷ୍ଟି କରିବାକୁ ହୀନ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସମ୍ବଲପୁର ପୋଲିସ ଆକ୍ସନ ମୋଡ୍‌କୁ ଆସିଥିଲା। ଟାଉନ ଥାନା ପୋଲିସ ଅଧିକାରୀ ରଞ୍ଜନ ବିଶ୍ୱାଳ ନିଜ ଟିମ୍ ସହ ପୋଷ୍ଟର ଲଗାଯାଇଥିବା ସ୍ଥାନରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ହେଲେ କିଏ ଏଠାରେ ଏଭଳି ପୋଷ୍ଟର ଲଗାଇଲେ ସେ ନେଇ କେହି କୌଣସି ସୂଚନା ଦେଇପାରି ନ ଥିଲେ। ପରେ ପୋଲିସ ଏହି ପୋଷ୍ଟରକୁ ସେଠାରୁ ହଟାଇଦେଇଥିଲା। ଟାଉନ ଥାନା ଅଧିକାରୀ ବିଶ୍ୱାଳ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ବିଭିନ୍ନ ଦିଗକୁ ଲକ୍ଷ୍ୟକରି ତଦନ୍ତ କରାଯାଉଛି। ଲଗାଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲିପୋଲିସପକ୍ଷରୁକୁହାଯାଇଛି।

କବରିସ୍ଥାନ ରାସ୍ତାରେ ପାଲେଷ୍ଟାଇନ ସମର୍ଥନରେ ଲାଗିଥିବା ପୋଷ୍ଟର।

ବ୍ରୋଞ୍ଜ ବିଜେତା ଅମରେଶ, ଗେଡେଲାଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ବିଶ୍ୱ ଦକ୍ଷତା ପ୍ରତିଯୋଗିତା

ଭୁବନେଶ୍ୱର, ୧୬।୯ (ଅନିଲ ଦାସ)

ସେପ୍ଟେମ୍ବର ୧୦ ଓ ୧୫ ତାରିଖରେ ଫ୍ରାନ୍ସର ଲିଓନ ଠାରେ ଅନୁଷ୍ଠିତ ୪୭ ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଓଡିଶାର ଅମରେଶ କୁମାର ସାହୁ ଏବଂ ଗେଡେଲା ଅଖିଳ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ଅମରେଶ ଅକ୍ଷୟ ଶକ୍ତି ଏବଂ ଅଖିଳ ୱାଟର ଟେକ୍ନୋଲୋଜି ପାଇଁ ବ୍ରୋଞ୍ଜ ପଦକ ପାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉଭୟଙ୍କୁ ଅଭିନନ୍ଦନ ଜଣାବା ସହ ବିଶ୍ୱ ଦରବାରରେ ଓଡିଶା ପାଇଁ ଏହା ଗର୍ବର ବିଷୟ ବୋଲି କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଟ୍ରାଫିକ୍ କଟକଣା

ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ଯାଏ ଜୟଦେବବିହାର ଛକରୁ ନାଲ୍‌କୋ ଛକ ରାସ୍ତା ବନ୍ଦ

ଭୁବନେଶ୍ୱର, ୧୬।୯ (ସତ୍ୟଜିତ୍ ରାଉତ)

ସୁଭଦ୍ରା ଯୋଜନାର ଶୁଭାରମ୍ଭ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱର ଆସୁଛନ୍ତି। ଏଥିପାଇଁ ରାଜଧାନୀରେ ବିପୁଳ ଜନସମାଗମ ହେବାର ଆଶଙ୍କା ଥିବାରୁ ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଯାତାୟାତ କଟକଣା ଜାରି ହୋଇଛି। ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ଯାଏ ଏହା ବଳବତ୍ତର ରହିବ ବୋଲି କୁହାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଜୟଦେବବିହାର ଛକରୁ ନାଲ୍‌କୋ ଛକ ଏବଂ ନାଲ୍‌କୋ ଛକରୁ ଜୟଦେବବିହାର ଛକ ମଧ୍ୟରେ ଏବଂ ଏହାକୁ ସଂଯୋଗ କରୁଥିବା ସମସ୍ତ ଗଳି ରାସ୍ତାଗୁଡିକରେ କୌଣସି ଗାଡି ଯାତାୟାତ କରିପାରିବ ନାହିଁ। ଉକ୍ତ ସମୟରେ ନନ୍ଦନକାନନ ପଟୁ ଜୟଦେବ ବିହାର ଆଡକୁ ଯିବାକୁଥିବା ଗାଡିଗୁଡିକ ଡମଣା ଛକରୁ ବାମମୋଡ ନେଇ ଗୁରୁ କେଳୁଚରଣ ପାର୍କ-ସୈନିକ ସ୍କୁଲ ରାସ୍ତା ପରେ ଆଚାର୍ଯ୍ୟବିହାର ଦେଇ ଯାଇପାରିବେ କିମ୍ବା ଶିଖରଚଣ୍ଡୀ-ପଥରଗାଡିଆ-ଡିଏନ୍ ସ୍କୁଲ-କଳିଙ୍ଗ ଷ୍ଟୁଡିଓ ଛକ- ଫାୟାର ଷ୍ଟେଶନ ଛକ ହୋଇ ଗାଡିଗୁଡିକ ଯାଇପାରିବ। ସେହିପରି ଜୟଦେବ ବିହାର ପାର୍ଶ୍ୱରୁ ନନ୍ଦନକାନନ ଆଡକୁ ଯିବାକୁ ଥିବା ଗାଡିଗୁଡିକ ଆଚାର୍ଯ୍ୟବିହାର-ସୈନିକ ସ୍କୁଲ-ଗୁରୁ କେଳୁଚରଣ ପାର୍କ ଦେଇ ଡମଣା ଛକ ହୋଇ ଯାଇପାରିବ କିମ୍ବା ଫାୟାର ଷ୍ଟେଶନ ଛକ- କଳିଙ୍ଗ ଷ୍ଟୁଡିଓ ଛକ- ଡିଏନ୍ ସ୍କୁଲ ପଥରଗାଡିଆ-ଶିଖରଚଣ୍ଡୀ ହୋଇ ଯାଇପାରିବ। କଟକ ପାର୍ଶ୍ୱରୁ ଆସୁଥିବା ଗାଡିଗୁଡିକ ଏନ୍‌ଏଚ୍-୩୧୬ ଦେଇ ଭୁବନେଶ୍ୱର ପାର୍ଶ୍ୱକୁ ଆସିପାରିବ କିମ୍ବା ନନ୍ଦନକାନନ ରାସ୍ତା ଦେଇ ଆସିପାରିବ। ବେହେରା ସାହି ପାର୍ଶ୍ୱରୁ ଜୟଦେବବିହାର ଆଡକୁ ଆସୁଥିବା ଗାଡିଗୁଡିକ ଜୟଦେବବିହାର ଆଡକୁ ନ ଯାଇ ବେହେରା ସାହିଠାରୁ ଆଚାର୍ଯ୍ୟବିହାର କିମ୍ବା ସିଆରୁପି ଛକ ହୋଇ ଯାଇପାରିବ। ତେବେ ଏହି ସମୟରେ କଟକ ପଟୁ ଆସୁଥିବା ଗାଡିଗୁଡିକ ଆଚାର୍ଯ୍ୟ ବିହାର ଓଭରବ୍ରିଜ୍ ଶେଷରେ ଥିବା କଟ୍ ଦେଇ ସର୍ଭିସ୍ ରୋଡ୍ ବାଟେ ଜୟଦେବ ବିହାର ଆଡକୁ ଯାଇପାରିବ ନାହିଁ। ସେହିପରି ବରମୁଣ୍ଡା ପଟୁ ଆସୁଥିବା ଗାଡିଗୁଡିକ କ୍ରାଉନ୍ ହୋଟେଲଠାରୁ ସର୍ଭିସ୍ ରୋଡ ଦେଇ ଜୟଦେବ ବିହାର ଆଡକୁ ଯାଇପାରିବ ନାହିଁ। ତେବେ ଜରୁରିକାଳୀନ ସେବାରେ ନିୟୋଜିତ ଥିବା ଫାୟାର ଓ ଆମ୍ବୁଲାନ୍ସ ଗାଡିଗୁଡିକ ପାଇଁ ଏହି କଟକଣା ଲାଗୁ ହେବ ନାହିଁ। ଏହି ରାସ୍ତାରେ ନ ଯାଇ ଅନ୍ୟ ରାସ୍ତାରେ ଯାତାୟାତ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

ପ୍ରଧାନମନ୍ତ୍ରୀ ଡଙ୍ଗରିଆ କନ୍ଧ ହୁଣ୍ଡାଡିଙ୍କୁ ଦେବେ ସୁଭଦ୍ରାର ପ୍ରଥମ କିସ୍ତି

ରାୟଗଡ଼ା, ୧୬।୯ (ଆଶିଷ ରଞ୍ଜନ ପଣ୍ଡା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା ସହ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିବେ। ଏହି ଅବସରରେ ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଖଜୁରି ଗ୍ରାମର ଆଦିମ ଜନଜାତି ଡଙ୍ଗରିଆ କନ୍ଧ ହୁଣ୍ଡାଡି ୱାଡାକା(୫୮)ଙ୍କୁ ମୋଦି ସୁଭଦ୍ରାର ପ୍ରଥମ କିସ୍ତି ପ୍ରଦାନ କରିବେ ବୋଲି ସୂଚନା ମିଳିଛି। ଖଜୁରି ଗ୍ରାମର ଡମ୍ବରୁ ୱାଡାକାଙ୍କ ସ୍ତ୍ରୀ ହୁଣ୍ଡାଡି ଗତ ୬ ତାରିଖରେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଥିଲେ। ରାଜ୍ୟସ୍ତରରୁ ନିର୍ଦ୍ଦେଶକ୍ରମେ ଜିଲା ମମତା ସଂଯୋଜକ ଜିତେନ୍ଦ୍ର କୁମାର ମହାପାତ୍ର ଓ ବାଲ୍ୟବିବାହ ନିରୋଧ ଜିଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ ୧୪ରେ ୱାଡାକାଙ୍କ ଗ୍ରାମକୁ ଯାଇ ତାଙ୍କ ପାରିବାରିକ ବିବରଣୀ ସଂଗ୍ରହ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ନିମନ୍ତେ ଭୁବନେଶ୍ୱର ଯିବା ପାଇଁ ନିମନ୍ତ୍ରଣ କରି ଆସିଥିଲେ। ଜିଲାପାଳ ପାରୁଲ ପଟାୱରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରତିମା ପ୍ରଧାନଙ୍କ ସହ ରବିବାର ୱାଡାକା ଭୁବନେଶ୍ୱର ଯାଇଛନ୍ତି।

କାର୍‌ରୁ ୭ ଫୁଟ୍‌ର ଅଜଗର ଉଦ୍ଧାର

କାର୍‌ରୁ ଉଦ୍ଧାର କରାଯାଉଥିବା ଅଜଗର।

ଯାଜପୁର/କୋରେଇ(ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି), ୧୬।୯

ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥର ତେନ୍ତୁଳିଖୁଣ୍ଟା ଗାଁ ନିକଟ ହ୍ୟୁଣ୍ଡାଇ କାର୍ ଶୋ'ରୁମ୍ ନିକଟସ୍ଥ ଏକ କାର୍‌ରୁ ୭ ଫୁଟ ଲମ୍ବର ଏକ ଅଜଗର ସୋମବାର ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ କାର୍‌ଚାଳକ ଯାଜପୁର ରୋଡ୍‌ର ମାନସ ରଞ୍ଜନ ମହାନ୍ତି ଗାଡ଼ିକୁ ସର୍ଭିସିଂ ପାଇଁ ତେନ୍ତୁଳିଖୁଣ୍ଟା ଗାଁସ୍ଥିତ ହୁଣ୍ଡାଇ କାର୍ ଶୋ'ରୁମ୍‌କୁ ନେଇଥିଲେ। ସେଠାରେ ଗାଡ଼ି ଷ୍ଟାର୍ଟ କରିବା ପୂର୍ବରୁ ଷ୍ଟିୟରିଂ ପାଖରୁ ସୁ ସୁ ଶବ୍ଦ ହେଉଥିବା ଶୁଣିବାକୁ ପାଇଥିଲେ। ଏହାପରେ ସେ ବନେଟ ଖୋଲିବାରୁ ଭିତରେ ସାପ ଥିବା ଦେଖିବାକୁ ପାଇଥିଲେ। ଏହାପରେ ସାପକୁ ଧରିବା ପାଇଁ ସେ ସ୍ନେକ ହେଲ୍ପଲାଇନ ସଦସ୍ୟ ମଣିଭଦ୍ର ମଲ୍ଲିକଙ୍କୁ ଫୋନ କରି ଡାକିଥିଲେ। ମଣିଭଦ୍ର ତାଙ୍କ ସହଯୋଗୀଙ୍କ ସହ ପହଞ୍ଚି ସାପକୁ ଧରିବାକୁ ଉଦ୍ୟମ କରିଥିଲେ। ହେଲେ ସାପ ଗାଡ଼ିର ଏସି ଚାମ୍ବର ଭିତରେ ପଶିଯାଇଥିଲା। ଶୋ'ରୁମ୍ କର୍ମଚାରୀ କାର୍‌ର ଏସି ଚାମ୍ବରକୁ ଖୋଲି ବାହାରକୁ ଆଣିଥିଲେ। ଏହାପରେ ସ୍ନେକ ହେଲ୍ପ ଲାଇନ ସଦସ୍ୟମାନେ ୫ ଘଣ୍ଟା ଉଦ୍ୟମ କରିବା ପରେ ସାପକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ବନ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରି ଉଦ୍ଧାର ଅଜଗର ସାପକୁ ସ୍ଥାନୀୟ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି। ସେପଟେ ସାପକୁ ଦେଖିବା ପାଇଁ ସ୍ଥାନୀୟ ଲୋକେ ଭିଡ଼ ଜମେଇଥିଲେ।

ଜଳକାରେ ବନ୍ୟା, ଧସିଲା ନଦୀବନ୍ଧ

- ୫୦୦୦ ହେକ୍ଟର ଚାଷଜମି ଜଳମଗ୍ନ
- ଗାଁ ରାସ୍ତାରେ ୫ ଫୁଟ ଘାଇ

ବାଲେଶ୍ୱର, ୧୬।୯ (ବାଞ୍ଛାନିଧି ଦେ)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ବାଲେଶ୍ୱର ଜିଲାର ବିଭିନ୍ନ ନଦୀରେ ବନ୍ୟା ଆସିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ୮୨୩ ମି.ମି. ବର୍ଷା ହୋଇଥିବା ବେଳେ ବସ୍ତା ବ୍ଲକରେ ସର୍ବାଧିକ ଓ ସୋରରେ ସର୍ବନିମ୍ନ ରେକର୍ଡ କରାଯାଇଛି। ବସ୍ତା ବ୍ଲକ ଦେଇ ଯାଇଥିବା ଜଳକା ନଦୀରେ ବନ୍ୟା ଜଳ ପ୍ରବାହିତ ହୋଇ ୫୦୦୦ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ମଥାନୀ ପଞ୍ଚାୟତ ଦଳେଇସାହିଠାରେ ୫ଫୁଟ ଲମ୍ବର ନଦୀବନ୍ଧ ଧସି ଯାଇଥିବା ବେଳେ ସଦାନନ୍ଦପୁର ପଞ୍ଚାୟତର ବାଉଁଶଡିହା ଗାଁ ରାସ୍ତାରେ ୫ ଫୁଟ ଘାଇ ହୋଇ ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇଛି। ସେହପରି ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି।

ଜଳକା ନଦୀର ମଥାନୀଠାରେ ବିପଦସଙ୍କେତ ୬.୫୦ ମିଟର ରହିଥିବା ବେଳେ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୭୮ ମିଟରରେ ପ୍ରବାହିତ ହୋଇଥିଲା। ବସ୍ତା ବ୍ଲକ ଅନ୍ତର୍ଗତ ୩୦ଟି ଗ୍ରାମରେ ବନ୍ୟା ପାଣି ପଶିଥିବା ବେଳେ ଗଡ଼ପଦା, ରାଉତପଡ଼ା, ବାହାର୍ଦ୍ଧା, ମଥାନୀ, ଦୁଧହଂସା, ସଦାନନ୍ଦପୁର, କୁଡ଼ିଆ, ବାସିଚକୁରାଇ, ମୁକୁଲୁସି, ଦରଡ଼ା, ବରୁଣଗଡ଼ିଆ, ପୁଟୁରା ଆଦି ପଞ୍ଚାୟତର ୫୦୦୦ରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ଏଥିସହ ରାଉତପଡ଼ା-କଟିପୋଲ ରାସ୍ତା, ମଥାନୀ-ବାହାର୍ଦ୍ଧା ରାସ୍ତାରେ ଆଣ୍ଠୁଏ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ଦଳେଇସାହିଠାରେ ୫ ଫୁଟ୍‌ର ନଦୀବନ୍ଧ ଧସିଯିବାରୁ ଗ୍ରାମବାସୀଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ, ଏଇଇ ତାପସ କୁମାର ନାୟକ, ଜେଇ ମହେଶ୍ୱର ସିଂ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ବାଲିବସ୍ତା ପକାଇ ମରାମତି କରିଛନ୍ତି। ସେହିପରି ବାଉଁଶଡ଼ିହା ଗାଁ ରାସ୍ତାରେ ୫ ଫୁଟର ଘାଇ ସୃଷ୍ଟି ହୋଇଥିବାରୁ ଗାଁ ଭିତରକୁ ବନ୍ୟାଜଳ ପଶିଯିବାର ଆଶଙ୍କା ଦେଖାଦେଇଛି। ପୁରୁଷୋତ୍ତମପୁର ଗ୍ରାମର ହରିଶ୍ଚନ୍ଦ୍ର ଜେନାଙ୍କ ଘରର ମାଟିକାନ୍ଥ ଭୁଶୁଡ଼ି ପଡ଼ିଥିବା ବେଳେ ରୂପସା ଡାକବଙ୍ଗଳା ନିକଟରେ ନିମ୍ବଗଛ ଉପୁଡ଼ି ୨ଟି ଦୋକାନ ଘର କ୍ଷତିଗ୍ରସ୍ତ ହୋଇଛି। ବସ୍ତା ବିଧାୟିକା ସୁବାସିନୀ ଜେନା ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜନସାଧାରଣଙ୍କ ସୁବିଧା ପାଇଁ ପ୍ରଶାସନକୁ ସଜାଗ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାର ରାଧାରଞ୍ଜନ ଦାସ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଥିବା କହିଛନ୍ତି।

ସେହିପରି ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବିପଦସଙ୍କେତ ୧୦.୩୬ ମିଟର ଓ ସତର୍କ ସଙ୍କେତ ୯.୪୫ ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୯.୫୦ମିଟରରେ ପ୍ରବାହିତ ହୋଇଥିଲା। ଫଳରେ ଜଳେଶ୍ୱର ଓ ବାଲିଆବାଳ ବ୍ଲକର ତଳିଆ ଅଞ୍ଚଳ ବାସୀନ୍ଦା ବନ୍ୟା ଆଶଙ୍କାରେ ଭୟଭୀତ ଅବସ୍ଥାରେ ରହିଛନ୍ତି। ରାଜଘାଟ, ବାଲିଆପାଳ ନଦୀ କୂଳ ଅଞ୍ଚଳର ପନିପରିବା ଚାଷ ବ୍ୟାପକ କ୍ଷତି ଘଟିଛି।

ବୁଢ଼ାବଳଙ୍ଗ ନଦୀର ବିପଦସଙ୍କେତ ୮.୧୩ ମିଟର ଓ ସତର୍କ ସଙ୍କେତ ୭.୨୧ ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୭.୫୬ ମିଟରରେ ପ୍ରବାହିତ ହୋଇଥିଲା। ନଦୀ କୂଳବର୍ତ୍ତୀ ଫୁଲାଡ଼ି, ଦହପଡ଼ା, କଣ୍ଟାବଣିଆ, ବେଢ଼ପଛଅରାଡ଼ ଆଦି ଗ୍ରାମର ଶତାଧିକ ହେକ୍ଟର ଚାଷଜମି ଜଳାର୍ଣ୍ଣବ ହୋଇଛି।

ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗତ ୨୪ ଘଣ୍ଟା ମଧ୍ୟରେ ବସ୍ତା ବ୍ଲକରେ ୯୯ ମି.ମି., ବାଲେଶ୍ୱର ସଦରରେ ୯୭ ମି.ମି., ବାଲିଆପାଳରେ ୮୭ ମି.ମି., ନୀଳଗିରିରେ ୮୪ ମି.ମି., ଜଳେଶ୍ୱରରେ ୮୩ ମି.ମି., ରେମୁଣାରେ ୮୨ ମି.ମି., ଭୋଗରାଇରେ ୭୮ ମି.ମି., ଔପଦାରେ ୫୪ ମି.ମି., ଖଇରାରେ ୪୩

ଏହି ଘନୀଭୂତ ଓ ଜଡୀଭୂତ ଜଡ–ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ– ଏକମାତ୍ର ଉଦ୍ଦେଶ୍ୟ । – ଶ୍ରୀଅରବିନ୍ଦ

ଗୁଣିର ଶିକାର

ଏକବିଂଶ ଶତାବ୍ଦୀରେ ମଣିଷ ବିଜ୍ଞାନ ପ୍ରଯୁକ୍ତିରେ ଅନେକ ଆଗେଇଯିବା ସତ୍ତ୍ୱେ ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି ଓ ଡାହାଣୀ ଭଳି ଧାରଣାକୁ ଛାଡ଼ିପାରୁନାହିଁ । ଏଭଳି ମାନସିକତାର ଗମ୍ଭୀରତା ବିଷୟରେ ଜାତିସଂଘ ମାନବ ଅଧିକାର ପରିଷଦର ୨୦୨୩ ରିପୋର୍ଟ ସୂଚିତ କରିଥିଲା । ଏହା ଦର୍ଶାଇଥିଲା ଯେ, ବିଶ୍ୱର ୬୦ଟି ଦେଶରେ ଗୁଣିଗାରେଡ଼ି ଓ ଡାହାଣୀ ବିଶ୍ୱାସ ରହିଥିବା ବେଳେ ଦକ୍ଷିଣ ଆଫ୍ରିକୀୟ ଦେଶ, ଭାରତ ଓ ପପୁଆ ନ୍ୟୁ ଗିନିରେ ଏହାର ପ୍ରଭାବ ଅଧିକ । ଭାରତ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ସମୟାନ୍ତରରେ ଗୁଣିଗାରେଡ଼ି କିମ୍ବା ଡାହାଣୀ ସନ୍ଦେହରେ ମାରିଦେବା ଖବର ସାମ୍ନାକୁ ଆସେ । ଚଳିତ ମାସର ଗୋଟିଏ ସପ୍ତାହ ମଧ୍ୟରେ ଛତିଶଗଡ଼ର ଦୁଇଟି ଘଟଣା ଅତ୍ୟନ୍ତ ଉଦ୍‌ବେଗଜନକ । ସେପ୍ଟେମ୍ବର ୧୫ରେ ସୁକ୍‌ମା ଜିଲାର କୋଣ୍ଟା ଥାନା ଅନ୍ତର୍ଗତ ଏକଟାଲ ଗାଁର ୧୫ ଜଣ ଲୋକ ଗୁଣିଗାରେଡ଼ି ସନ୍ଦେହରେ ଗୋଟିଏ ପରିବାରର ୩ ଜଣ ମହିଳାଙ୍କ ସମେତ ୫ ଜଣଙ୍କୁ ପିଟିପିଟି ମାରି ଦେଇଛନ୍ତି । ଏହାର ୩ ଦିନ ପୂର୍ବରୁ ବଲୁଦବଜାର–ଭାଟପଡ଼ା ଜିଲା କସ୍‌ଡୋଲ ଥାନା ଅଧୀନ ଛର୍‌ଛେଡ ଗାଁର ଗୋଟିଏ ପରିବାରର ଜଣେ ଶିଶୁ ସମେତ ୪ ଜଣଙ୍କୁ ମଧ୍ୟ ସମାନ କାରଣ ପାଇଁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଥିଲା । ଏଠାରେ କୁହାଯାଇପାରେ ଯେ, ଗୁଣିଗାରେଡ଼ି ଓ ଡାହାଣୀର କୌଣସି ଆଧାର ନ ଥିବାବେଳେ ଏଥିରେ ବହୁ ନିର୍ଦ୍ଦୋଷଙ୍କ ଜୀବନ ବଳିପଡୁଛି । ଛତିଶଗଡ଼ ସମେତ ଦେଶରେ ଝାଡ଼ଖଣ୍ଡ, ଆସାମ, ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଓଡ଼ିଶାରେ ମଧ୍ୟ ଗୁଣିଗାରେଡ଼ିଜନିତ ହତ୍ୟା ଅଧିକ ଘଟୁଛି ବୋଲି ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟରୁ ଜଣାପଡ଼ିଛି । ଉଲ୍ଲେଖନୀୟ ଯେ, ଦେଶରେ ୨୦୦୦ରୁ ୨୦୨୧ ମଧ୍ୟରେ ଗୁଣିଗାରେଡ଼ି ଯୋଗୁ ୩୦୭୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ କେବଳ ଡାହାଣୀ ସନ୍ଦେହରେ ୨,୫୦୦ ମହିଳାଙ୍କୁ ମାରିଦିଆଯାଇଛି । ଏହି ତଥ୍ୟ ଦର୍ଶାଉଛି ଯେ, ଗୁଣିଗାରେଡ଼ି ଘଟଣାରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳାଙ୍କୁ ଆକ୍ରମଣ କରି ମାରିଦିଆଯାଉଛି । ଏହା ମଧ୍ୟ ଲକ୍ଷ୍ୟ କରାଯାଏ, ଏକୁଟିଆ ରହୁଥିବା ମହିଳା କିମ୍ବା ବୃଦ୍ଧା ବେଶି ଆକ୍ରମଣର ଶିକାର ହୋଇଥାଆନ୍ତି । ଏହା ପଛରେ ବିଶେଷକରି ସମ୍ପତ୍ତି ଲୋଭ କିମ୍ବା ବ୍ୟକ୍ତିଗତ ପ୍ରତିଶୋଧ ଏକ ବଡ଼ କାରଣ ବୋଲି କୁହାଯାଇପାରେ । ବିଶେଷକରି ଅନୁନ୍ନତ ଆଦିବାସୀ ଅଞ୍ଚଳରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହର ମାନସିକତା ଜୋର ବାନ୍ଧି ରହିଥାଏ । ଫସଲ ହାନି, ଅର୍ଥାଭାବ, ପରିବାରରେ କୌଣସି ସଦସ୍ୟ କିମ୍ବା ଗୃହପାଳିତ ପଶୁଙ୍କ ମୃତ୍ୟୁକୁ ଅଧିକାଂଶ ସମୟରେ ଗୁଣିଗାରେଡ଼ି ଯୋଗୁ ହେଉଥିବା ବିଶ୍ୱାସ କରାଯାଏ । ଏହା ସହ ଘରେ କାହାର ଦେହ ଖରାପ ବିଶେଷକରି ପିଲାଙ୍କର ସ୍ୱାସ୍ଥ୍ୟ ହାନି ହେଲେ ତାହା ଦୃଷ୍ଟିପଡ଼ିବା ବା ଗୁଣି ଯୋଗୁ ହୋଇଛି ବୋଲି ବିଶ୍ୱାସ କରିଥାନ୍ତି । ପରେ ସନ୍ଦେହ ଘେରରେ ଥିବା ନିର୍ଦ୍ଦିଷ୍ଟ ପରିବାର କିମ୍ବା ବ୍ୟକ୍ତିଙ୍କ ଉପରେ ଆକ୍ରମଣ ହୋଇଥାଏ ।

ସଚେତନତା ଓ ଶିକ୍ଷା ଅଭାବରୁ ଗୁଣିଗାରେଡ଼ି ଧାରଣା ବଳବତ୍ତର ରହିଆସିଛି । ଉଲ୍ଲେଖନୀୟ ଯେ, ରାଜସ୍ଥାନ, ଝାଡ଼ଖଣ୍ଡ, ଛତିଶଗଡ଼, ବିହାର, ଓଡ଼ିଶା, ଆସାମ, ମହାରାଷ୍ଟ୍ରଭଳି ରାଜ୍ୟ ଗୁଣିଗାରେଡ଼ିଜନିତ ହତ୍ୟା ରୋକିବା ଲାଗି ଆଇନ ପ୍ରଣୟନ କରିଛନ୍ତି । ହେଲେ ତାହାକୁ ରୋକିବା କଷ୍ଟକର ହୋଇପଡୁଛି । ଏହା ନିଶ୍ଚିତ ଯେ, କେବଳ ଆଇନ ଏଭଳି ମାନସିକତାକୁ ସମାଧାନ କରିପାରିବ ନାହିଁ । ତଥାପି ତୁରନ୍ତ ଓ କଠୋର ପଦକ୍ଷେପ ଗ୍ରହଣ କରାଗଲେ ଆଇନ ଭୟ ଯୋଗୁ ଏଭଳି ଅପରାଧ କିଛି ମାତ୍ରାରେ କମିପାରନ୍ତା । ଏହାବ୍ୟତୀତ ଅନୁନ୍ନତ ତଥା ଆଦିବାସୀ ଅଧୁଷିତ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ସହ ସଚେତନତା ସୃଷ୍ଟି କରାଗଲେ ଦୀର୍ଘମିଆଦୀ ପ୍ରଭାବ ପଡ଼ିପାରିବ ।

ଏହା ନିଶ୍ଚିତ ଯେ, କେବଳ ଆଇନ ଏଭଳି ମାନସିକତାକୁ ସମାଧାନ କରିପାରିବ ନାହିଁ। ତଥାପି ତୁରନ୍ତ ଓ କଠୋର ପଦକ୍ଷେପ ଗ୍ରହଣ କରାଗଲେ ଆଇନ ଭୟ ଯୋଗୁ ଏଭଳି ଅପରାଧ କିଛି ମାତ୍ରାରେ କମିପାରନ୍ତା। ଏହାବ୍ୟତୀତ ଅନୁନ୍ନତ ତଥା ଆଦିବାସୀ ଅଧୁଷିତ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ସହ ସଚେତନତା ସୃଷ୍ଟି କରାଗଲେ ଦୀର୍ଘମିଆଦୀ ପ୍ରଭାବ ପଡ଼ିପାରିବ।

ଚିରନ୍ତନୀ

ନ ପାରିଲି କହି କଥା କଥାଇଲା ଅନ୍ତର,
ନ ପାରିଲି ମୁଖେ ଚାହିଁ କଲ କିବା ମନ୍ତର ।
ନୀଳ ତୁମ କୁନ୍ତଳେ ଗୋ ଚୁମ୍ବିଥିଲା ଜୋଛନା,
ଧବଳ କପୋଳେ ତବ କାନ୍ଦିଲା ମୋ ବାସନା ।

–(ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

su|do|ku Puzzles by Srikant Ghosh — ସୁ–ଡୋ–କୁ

1	9					8		
8				3	5			
2			1					6
		1				6		
	6						7	9
3					4		5	8
	4							5
				7		9		1
					2			3

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

7	6	4	2	8	3	9	5	1
5	2	3	4	9	1	6	8	7
1	8	9	7	5	6	2	4	3
8	3	1	6	7	9	4	2	5
6	9	5	3	4	2	7	1	8
4	7	2	8	1	5	3	9	6
3	1	6	5	2	4	8	7	9
2	5	8	9	3	7	1	6	4
9	4	7	1	6	8	5	3	2

ଗତକାଲିର ଉତ୍ତର

ଲୋକଙ୍କ ସରକାରରେ ରାଜ୍ୟର 'ସୁଭଦ୍ରା' ହେବେ ସଶକ୍ତ ଓ ଆତ୍ମନିର୍ଭର

ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଓଡ଼ିଶାର ସାମାଜିକ ନ୍ୟାୟ ଇତିହାସରେ ଆଜି ଏକ ଗୌରବମୟ ଦିନ । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଆଜି ରାଜ୍ୟର ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରୁଛନ୍ତି । ଏହି ଯୋଜନା ରାଜ୍ୟର ଏକ କୋଟିରୁ ଅଧିକ ମହିଳାଙ୍କ ସଶକ୍ତୀକରଣ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇବ ।

ସୁଭଦ୍ରା ଯୋଜନା ନାମକରଣ ପଛରେ ରହିଛି ଓଡ଼ିଆ ଓ ଜଗନ୍ନାଥ ସଂସ୍କୃତିର ଗଭୀର ଚିନ୍ତାଧାରା । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଜଗନ୍ନାଥ ସଂସ୍କୃତିର ସ୍ଥାନ ଅନନ୍ୟ । ମାନବତାବାଦର ବାର୍ତ୍ତା ବହନ କରୁଥିବା ଜଗନ୍ନାଥ ସଂସ୍କୃତିର କୋଣ ଅନୁକୋଣ 'ମହିଳା ସଶକ୍ତୀକରଣ'ର ସ୍ୱାକ୍ଷର ବହନ କରିଥାଏ । ମା' ବିମଳାଙ୍କ ପାଖରେ ଲାଗି ହେଲା ପରେ ଭୋଗ 'ମହାପ୍ରସାଦ'ର ମାନ୍ୟତା ଲାଭ କରିଥାଏ । ଏତଦ୍ ବ୍ୟତୀତ ସନାତନ ପରମ୍ପରାରେ ଦେବଦେବୀଙ୍କ ମୂର୍ତ୍ତିପୂଜନ ଏକ ଅବିଚ୍ଛେଦ୍ୟ ଅଙ୍ଗ । ସାରା ପୃଥିବୀରେ ପ୍ରାୟ ସବୁ ମଠ ମନ୍ଦିରରେ ଭଗବାନ ବିଷ୍ଣୁ କିମ୍ବା ତାଙ୍କ ଅବତାର ନିଜ ଅର୍ଦ୍ଧାଙ୍ଗିନୀଙ୍କ ସହିତ ପୂଜା ପାଇଥା'ନ୍ତି । କିନ୍ତୁ ଶ୍ରୀମନ୍ଦିର ବୋଧହୁଏ ଏକମାତ୍ର ଧର୍ମସ୍ଥଳ, ଯେଉଁଠି ଭଗବାନ ନିଜ ଭଗିନୀ ଦେବୀ ସୁଭଦ୍ରାଙ୍କ ସହିତ ଗୋଟିଏ ସିଂହାସନରେ ପୂଜା ପାଇଥା'ନ୍ତି । ଏପରିକି, ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ପ୍ରଭୁ ନିଜ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ନେଇ ଜନ୍ମବେଦୀକୁ ଯାତ୍ରା କରିଥାଆନ୍ତି । ଜଗନ୍ନାଥ ସଂସ୍କୃତିର ଆଉ ଏକ ମହାନ୍ ଦାର୍ଶନିକ ତତ୍ତ୍ୱ ହେଉଛି ଦର୍ଶନବେଳେ ଭକ୍ତମାନେ ପ୍ରଭୁ ଶ୍ରୀଜଗନ୍ନାଥ ଓ ବଡ଼ଠାକୁରଙ୍କ ଶ୍ରୀମୁଖର ଅଧା ଅଧା ଦର୍ଶନ କରିଥାଆନ୍ତି, କିନ୍ତୁ ଦେବୀ ସୁଭଦ୍ରାଙ୍କ ପୂର୍ଣ୍ଣାଙ୍ଗ ଦର୍ଶନ ମିଳିଥାଏ । ଏ ହେଉଛି ଆମ ସଂସ୍କୃତି ଓ ପରମ୍ପରାର ନିଦର୍ଶନ । ପରିବାରରେ ଭଉଣୀଙ୍କ ସ୍ଥାନ ସ୍ୱତନ୍ତ୍ର, ଅସାଧାରଣ । ଜଗନ୍ନାଥ ସଂସ୍କୃତିର ଏହି ନାରୀ ସଶକ୍ତୀକରଣର ବାର୍ତ୍ତା ଓ ସ୍ୱାକ୍ଷର ବହନ କରୁଛି 'ସୁଭଦ୍ରା' ଯୋଜନା ।

ଜଗନ୍ନାଥ ସଂସ୍କୃତିରେ ଦେବୀ ସୁଭଦ୍ରାଙ୍କ ଦାର୍ଶନିକ ତତ୍ତ୍ୱର ଗଭୀର ବ୍ୟାଖ୍ୟା ନ କରି ଜନମାନସରେ ରେଖାଙ୍କିତ ହୋଇ ରହିଥିବା ଭାବକୁ ପରିପ୍ରକାଶ କଲେ ଦେବୀ ସୁଭଦ୍ରା ହେଉଛନ୍ତି ସାହସ, କରୁଣା ଏବଂ ସଶକ୍ତୀକରଣର ପ୍ରତୀକ ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ତାଙ୍କୁ ସବୁ ସମୟରେ ସୁରକ୍ଷା ଦେଉଥିବା ଭ୍ରାତା । ସୁଭଦ୍ରାଙ୍କ ବିନା ଯେପରି ଜଗନ୍ନାଥ ସଂସ୍କୃତି ଅସମ୍ପୂର୍ଣ୍ଣ, ଠିକ୍ ସେହିପରି ନାରୀଶକ୍ତି ବିନା ଭଗବାନଙ୍କ ସୃଷ୍ଟି ଅସମ୍ପୂର୍ଣ୍ଣ । ସନାତନ ଓ ଭାରତୀୟ ସଂସ୍କୃତି–ପରମ୍ପରାରେ ନାରୀଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରାଯାଇଛି ଏବଂ ମାନ୍ୟତା ଅଛି ଯେ, ଯେଉଁଠି ନାରୀମାନଙ୍କୁ ସମ୍ମାନ ଦିଆଯାଏ ସେଠାରେ ସ୍ୱୟଂ ଦେବତା ବାସ କରନ୍ତି । ତେଣୁ ରାଜ୍ୟର ପ୍ରାୟ ଅଧା ଜନସଂଖ୍ୟା, ନାରୀସମାଜ ପାଇଁ ଯେତେବେଳେ ଏକ ସମାବେଶୀ ଯୋଜନା କଥା ପରିକଳ୍ପନା କରାଯାଇଥିଲା, 'ସୁଭଦ୍ରା' ନାମକରଣ ହିଁ ଥିଲା ଯଥାର୍ଥ ; କାରଣ ସରକାରଙ୍କ ପାଇଁ ପ୍ରତ୍ୟେକ ମହିଳା ହେଉଛନ୍ତି ଜଣେ ଜଣେ ସୁଭଦ୍ରା । ସେମାନଙ୍କୁ ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ସ୍ତରରେ ସୁରକ୍ଷା ଦେବା ସରକାରଙ୍କ ନୈତିକ ଦାୟିତ୍ୱ ।

ସୁଭଦ୍ରା ଯୋଜନାର ମୂଳ ଲକ୍ଷ୍ୟ ହେଉଛି 'ମହିଳା ସଶକ୍ତୀକରଣ' । ଏହି ଲକ୍ଷ୍ୟକୁ ହାସଲ କରିବାର ପ୍ରଥମ ସୋପାନ ହେଉଛି ଅର୍ଥନୈତିକ ସ୍ତରରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା । କାରଣ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ନ ଥିବା ବ୍ୟକ୍ତି କେବେହେଲେ ସଶକ୍ତ ହୋଇପାରିବ ନାହିଁ । ଏହାକୁ ଦୃଷ୍ଟିରେ ରଖି ଆଜିଠାରୁ ଆଗାମୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ଯୋଗ୍ୟ ହିତାଧିକାରୀଙ୍କୁ ବର୍ଷକୁ ଦଶ ହଜାର ଟଙ୍କା ଲେଖାଏଁ ପଚାଶ ହଜାର ଟଙ୍କା ପ୍ରଦାନ କରାଯିବ । ଏହି ସହାୟତା ମହିଳାମାନେ ନିଜ ଏବଂ ପରିବାରର ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନଜୀବିକା ପାଇଁ ଖର୍ଚ୍ଚ କରିପାରିବେ । ସୁଭଦ୍ରା ଯୋଜନା ରାଜ୍ୟ ସରକାରଙ୍କ ଗୋଟିଏ ମାତ୍ର ଯୋଜନା ନୁହେଁ, ମହିଳା ବିକାଶ ପାଇଁ ପ୍ରଣୀତ ଅନେକ ଯୋଜନା ମଧ୍ୟରୁ ଏହା ଅନ୍ୟତମ ଏବଂ ଅନନ୍ୟ ମଧ୍ୟ । ଭବିଷ୍ୟତରେ ମହିଳାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଯୋଜନା କାର୍ଯ୍ୟକାରୀ କରାଯିବ ।

ଯଦିଓ ଭାରତୀୟ ସଂସ୍କୃତିରେ ନାରୀଙ୍କୁ ଧର୍ମୀୟ ମାନ୍ୟତାରେ ଉଚ୍ଚ ସ୍ଥାନ ପ୍ରଦାନ କରାଯାଇଛି, ସାମାଜିକ ଓ ଅର୍ଥନୈତିକ ସ୍ତରରେ ଆଜି ମଧ୍ୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ଅନେକ ଅସମାନତା ରହିଛି, ତାହାକୁ ସଂଶୋଧନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶୀ ନେତୃତ୍ୱରେ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏକ କୋଟି 'ଲକ୍ଷପତି ଦିଦି' ସୃଷ୍ଟି କରିବା କାର୍ଯ୍ୟକ୍ରମ ଏହି ତାରତମ୍ୟକୁ କମ୍ କରିବା ଦିଗରେ ଏକ ସଫଳ ପ୍ରୟାସ । ଆଜି ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାମାନେ 'ଡ୍ରୋନ୍ ଦିଦି'ର ଆଖ୍ୟା ପାଇଛନ୍ତି । କାରଣ କୃଷି କାର୍ଯ୍ୟରେ 'ଡ୍ରୋନ' ଟେକ୍ନୋଲୋଜି ବ୍ୟବହାର କରି ସେମାନେ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ମହିଳାଙ୍କୁ ରାଜନୈତିକ ସ୍ତରରେ ସଶକ୍ତ କରିବା ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ପାରିତ ହୋଇଛି, ଯାହା ଫଳରେ ଆଗାମୀ ଦିନରେ ଅଧିକରୁ ଅଧିକ ମହିଳା ରାଜନୈତିକ କ୍ଷେତ୍ରରେ ଅଂଶଗ୍ରହଣ କରିପାରିବେ ।

ଓଡ଼ିଶାରେ ନୂତନ ସରକାର ମାତ୍ର ୧୦୦ ଦିନ କାର୍ଯ୍ୟକାଳ ପୂରଣ କରିବାକୁ ଯାଉଛି । ଏହି ସ୍ୱଳ୍ପ ସମୟ ମଧ୍ୟରେ ରାଜ୍ୟ ସରକାର ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି ରାଜ୍ୟର ବିକାଶ ପାଇଁ । 'ସୁଭଦ୍ରା' ଯୋଜନା ଏହି କ୍ରମରେ ଏକ ପ୍ରଭାବୀ କାର୍ଯ୍ୟକ୍ରମ । ବର୍ତ୍ତମାନର ରାଜ୍ୟ ସରକାରଙ୍କ ପାଇଁ 'ମହିଳା ସଶକ୍ତୀକରଣ' କେବଳ ଏକ ସ୍ଲୋଗାନ୍ କିମ୍ବା ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ନୁହେଁ ; ଚଳିତ ବଜେଟରେ ମହିଳାଙ୍କ ବିକାଶ ପାଇଁ ଅତିକମ୍‌ରେ ୭୫ ହଜାର ୬୨୨ କୋଟି ଟଙ୍କା ଉତ୍ସର୍ଗୀକୃତ ଭାବେ ଖର୍ଚ୍ଚ କରାଯିବାର ପ୍ରାବଧାନ ହୋଇଛି । ଏହା ଗତ ବର୍ଷ ତୁଳନାରେ ୧୮ ପ୍ରତିଶତରୁ ଅଧିକ । ଠିକ୍ ସେହିପରି ମହିଳାଙ୍କ ପାଇଁ ଶତପ୍ରତିଶତ ଖର୍ଚ୍ଚ ହେଉଥିବା ଯୋଜନାର ଆକାରକୁ ଗତବର୍ଷର ପ୍ରାବଧାନ ୬ ହଜାର ୫୯୪ କୋଟି ଟଙ୍କାରୁ ବୃଦ୍ଧି କରାଯାଇ ୧୭ ହଜାର ୮୭୮ କୋଟି ଟଙ୍କାରୁ ଅଧିକ କରାଯାଇଛି ଏବଂ ଏହା ୧୭୧ ପ୍ରତିଶତରୁ ଅଧିକ । ଏହା ହେଉଛି ରାଜ୍ୟର ପ୍ରତିଟି ସୁଭଦ୍ରାଙ୍କ ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତା ।

ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତି ପାଇଁ କାର୍ଯ୍ୟକାରୀ ହେଉଥିବା 'ସୁଭଦ୍ରା' ଓ ଅନ୍ୟାନ୍ୟ ଯୋଜନାସବୁ ପୁରୁଷ–ମହିଳାଙ୍କ ମଧ୍ୟରେ ଥିବା ତାରତମ୍ୟକୁ ଅନେକ ମାତ୍ରାରେ ହ୍ରାସ କରିବ । ଉଦାହରଣ ସ୍ୱରୂପ, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ବର୍ତ୍ତମାନ ମାତ୍ର ୪୯ ପ୍ରତିଶତ ଥିବାବେଳେ ପୁରୁଷଙ୍କ କ୍ଷେତ୍ରରେ ଏହା ୮୪ ପ୍ରତିଶତ । ଏହାକୁ କମ୍ କରିବାକୁ ହେଲେ ମହିଳାମାନଙ୍କୁ ଆର୍ଥିକ ତଥା ଅନ୍ୟାନ୍ୟ ଆବଶ୍ୟକ ସହଯୋଗ କରିବା ସରକାରଙ୍କ ପ୍ରାଥମିକତା । ଆଗାମୀ ପାଞ୍ଚ ବର୍ଷରେ ପ୍ରତ୍ୟେକ 'ସୁଭଦ୍ରା' ହିତାଧିକାରୀ ଠିକ୍ ସମୟରେ ସେମାନଙ୍କ ପ୍ରାପ୍ୟ ପାଇବେ– ଏହା ରାଜ୍ୟ ସରକାରଙ୍କ ଗ୍ୟାରେଣ୍ଟି । କାରଣ ଠିକ୍ ସମୟରେ ସୁନିଶ୍ଚିତ ସୁଭଦ୍ରା ସହାୟତା ପାଇଲେ ହିତାଧିକାରୀମାନେ ନିଜ ନିଜ ବ୍ୟକ୍ତିଗତ ତଥା ବ୍ୟବସାୟିକ ଖର୍ଚ୍ଚ ଯୋଜନାବଦ୍ଧ ଭାବେ ସମ୍ପାଦନ କରିପାରିବେ ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦ୍ୱାରା ଆହୂତ 'ବିକଶିତ ଭାରତ' ଯାତ୍ରାର କେନ୍ଦ୍ରବିନ୍ଦୁରେ ଅଛନ୍ତି ନାରୀଶକ୍ତି । ମହିଳାଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ବିନା ଏକ ସଶକ୍ତ ରାଷ୍ଟ୍ର ଗଠନ କରିବା ଅସମ୍ଭବ । ଏହି ରାଷ୍ଟ୍ର ଗଠନ ଦିଗରେ 'ସୁଭଦ୍ରା' ଯୋଜନା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପଦକ୍ଷେପ । ରାଜ୍ୟ ସରକାରଙ୍କ ପାଇଁ 'ମହିଳା ସଶକ୍ତୀକରଣ' ଏକ ସ୍ଲୋଗାନ୍ ନୁହେଁ, ପ୍ରତ୍ୟେକ 'ସୁଭଦ୍ରା'ଙ୍କ ପାଇଁ ଏହା ସରକାରଙ୍କ ସଂକଳ୍ପ ।

ମହାକାଶରେ ମଣିଷ

ଡ. ନରେନ୍ଦ୍ର ସେଠୀ

ଖ୍ରୀଷ୍ଟପୂର୍ବ ୩୯୯ରେ ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍ କହିଥିଲେ, ''ମଣିଷ ପୃଥିବୀ ଉପରୁ ବାୟୁମଣ୍ଡଳର ଶୀର୍ଷ ଭାଗକୁ କିମ୍ବା ତା'ଠାରୁ ଅଧିକ ଉପରକୁ ଯାଇପାରିଲେ ହିଁ ସେ ନିଜ ଦୁନିଆକୁ ସମ୍ପୂର୍ଣ୍ଣ ରୂପେ ଜାଣିପାରିବ । '' ତେଣୁ ମହାକାଶକୁ ମାନବ ପ୍ରେରଣ କରିବା ମଣିଷର ପ୍ରାଚୀନତମ ସ୍ୱପ୍ନଗୁଡ଼ିକରେ ଅଗ୍ରଣୀ ସ୍ଥାନ ନେଇଛି । ମହାକାଶରେ ରହି ଗବେଷଣା କରିବାର ସୁଫଳ ବ୍ୟବସାୟିକ ସ୍ତରରେ ପହଞ୍ଚି ବିଶାଳ ମହାକାଶ ପ୍ରୟୋଗ ବଜାର ସୃଷ୍ଟି କରିପାରିଛି । ୧୯୫୭ ଅକ୍ଟୋବର ୪ରେ ବିଶ୍ୱର ପ୍ରଥମ କୃତ୍ରିମ ଉପଗ୍ରହ ସ୍ପୁଟନିକ୍ ପ୍ରେରଣକରି ଶୋଭିଏଟ୍ ସଂଘ ବିଜ୍ଞାନ ଦୁନିଆରେ ଚହଳ ସୃଷ୍ଟି କରିଥିଲା । ଆଶ୍ଚର୍ଯ୍ୟ କଥା ହେଲା ସ୍ପୁଟନିକ୍ ପ୍ରକଳ୍ପର ନେତୃତ୍ୱ ନେଇଥିବା ବୈଜ୍ଞାନିକ ସରେଗେଇ କୋରୋଲେଭ ଏହାର ୯ ବର୍ଷ ପରେ ମୃତ୍ୟୁ ପର୍ଯ୍ୟନ୍ତ ସମଗ୍ର ଦୁନିଆ ପାଖରେ ଅଜ୍ଞାତ ରହିଥିଲେ । ସ୍ପୁଟନିକ୍–୧ର ୧ ମାସ ପରେ ସ୍ପୁଟନିକ୍ –୨ ପ୍ରକଳ୍ପର ଆରମ୍ଭ କରାଯାଇଥିଲା । ଇତିହାସର ମାତ୍ର ଦ୍ୱିତୀୟ କୃତ୍ରିମ ଉପଗ୍ରହରେ ନିଜର ଉତ୍ସାହକୁ କାବୁକରି ନ ପାରି ମଣିଷ ପ୍ରେରଣ ପୂର୍ବରୁ ଲାଇକା ନାମକ କୁକୁରକୁ ପ୍ରେରଣ କରିଥିଲା । ଲାଇକାକୁ ଆରାମଦାୟକ ରଖିବା ପାଇଁ ଉଷ୍ମ ପବନ କ୍ୟାପ୍‌ସୁଲରେ ଯୋଗାଇ ଦିଆ ଯାଇଥିଲେ ମଧ୍ୟ ତାପମାତ୍ରା ନିୟନ୍ତ୍ରଣ ସମସ୍ୟା ହେତୁ ମିଶ

ବୃଦ୍ଧଙ୍କୁ ଟାଣି ନେଲା କୁମ୍ଭୀର

ଆଳି,୧୬।୯ (ବନମାଳୀ ସେନାପତି): କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ କୋଳିଡ଼ିହ ପଞ୍ଚାୟତ ଇଛାପୁର ଗାଁର ୨ଭାଇ ସାଙ୍ଗ ମଇଁଷି ଚରାଇବାକୁ ସୋମବାର ଯାଉଥିବାବେଳେ ଖରସ୍ରୋତା ନଦୀ ପାଖ ଯୋର ପାରି ହେଉଥିଲେ। ସକାଳେ ଅଜାମ୍ବର ନାୟକ ଓ ବାବୁରାମ ନାୟକ ପ୍ରତିଦିନ ପରି ମଇଁଷି ଚରାଇବା ବାହାରିଥିଲେ। ମଇଁଷି ନେଇ ଯାଉଥିବା ବେଳେ ରାସ୍ତାରେ ଗୋଟିଏ ଯୋରକୁ ସେମାନେ ଅତିକ୍ରମ କରନ୍ତି। ଅଜାମ୍ବର ଯୋରରେ ଥିବା ଡିଙ୍ଗିଟିକୁ ଟାଣୁଥିବା ବେଳେ ନଦୀ ସଂଲଗ୍ନ ଥିବା ଯୋରରେ ଥିବା କୁମ୍ଭୀର ତାଙ୍କୁ ଟାଣିନେଇ ନଦୀଗର୍ଭକୁ ଚାଲିଯାଇଥିଲା। ବାବୁରାମ ଦୂରରେ ଥାଇ ଚିତ୍କାର କରୁଥିଲେ ବି ଶୁଣିବାକୁ କେହି ନ ଥିଲେ।

ହାତୀ ଖାଇଦେଲେ ୧୦ ହଜାର

କେନ୍ଦୁଝର,୧୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଖାଦ୍ୟ ଅନ୍ୱେଷଣରେ ହାତୀପଲ ଜଙ୍ଗଲରୁ ଜନବସତି ମୁହାଁ ହେଉଛନ୍ତି। ଜମିରେ ଧାନ ଫସଲ ହୋଇ ନ ଥିବାରୁ ଗାଁ ଗଣ୍ଡାରେ ପଶି ଘର ଭାଙ୍ଗିବା ସହ ଘରେ ଥିବା ଧାନ, ଚାଉଳ ଖାଇଯାଉଛନ୍ତି। ତେଲକୋଇ ଫରେଷ୍ଟ ବିଟ୍ ଅଧୀନ ବେଣା ଗାଁ ମୁଣ୍ଡାସାହିରେ ସୋମବାର ଏକ ୧୩ ଟିକିଆ ହାତୀପଲ ଉତ୍ପାତ କରିଛନ୍ତି। ଗ୍ରାମରେ ୨ ଘର ଭାଙ୍ଗିବା ସହିତ ଧାନ ଚାଉଳ ଖାଇଦେଇଛନ୍ତି। ଏହା ସହିତ ଧାନ ବସ୍ତାରେ ରଖାଯାଇଥିବା ୧୦ ହଜାର ଟଙ୍କା ଖାଇଦେଇଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ହାତୀପଲ ଭାଙ୍ଗିଦେଇଥିବା ଘର।

ସୂଚନା ଅନୁଯାୟୀ, ରାତି ପ୍ରାୟ ୧୧ଟାରେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ବେଣା ଗାଁ ମୁଣ୍ଡା ସାହିରେ ପଶିଥିଲେ। ପ୍ରଥମେ ଉକ୍ତ ଗାଁର ରବୀନ୍ଦ୍ର ପାତ୍ରଙ୍କ ବାଇଗଣ ବାଡିକୁ ଦଳି ମକଚି ନଷ୍ଟ କରିଥିଲେ। ପରେ ରବୀନ୍ଦ୍ରଙ୍କ ଘର ଭାଙ୍ଗି ଧାନ ବସ୍ତା ଘର ବାହାରକୁ ଟେକିନେଇ ଖାଇଦେଇଥିଲେ। ରବୀନ୍ଦ୍ର ଧାନ ବସ୍ତା(ଡୁଲି)ଭିତରେ ୧୦ ହଜାର ଟଙ୍କା ରଖିଥିଲେ। ସେହି ଧାନ ବସ୍ତା ସହ ଟଙ୍କାକୁ ହାତୀପଲ ଖାଇଦେଇଥିବା ରବୀନ୍ଦ୍ରଙ୍କ ସ୍ତ୍ରୀ କଂସଲା ପାତ୍ର ଅଭିଯୋଗ କରି ଦୁଃଖ ପ୍ରକାଶ କରିଛନ୍ତି। ପରେ ହାତୀପଲ ସାହିର ବାବୁରାମ ମୁଣ୍ଡାଙ୍କ ଘର ଭାଙ୍ଗି ଚାଉଳ ଖାଇବା ସହିତ ବାସନ କୁସନକୁ ଭାଙ୍ଗି ଦେଇଥିଲେ। ହାତୀପଲ ଘର ଭାଙ୍ଗିବା ବେଳେ ୨ ପରିବାର ଅନ୍ୟତ୍ର ପଳାଇ ଯିବାରୁ ଜୀବନ ବଞ୍ଚିଯାଇଥିଲା। ୨ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବର୍ଷା ଦିନରେ ଜଙ୍ଗଲରୁ ଜନବସତିକୁ ହାତୀପଲ ଆସି ଘର ଭାଙ୍ଗି ଧାନ ଚାଉଳ ଖାଇଦେଉଥିବାରୁ ଅଞ୍ଚଳରେ ଲୋକଙ୍କ ମନରେ ଭୟର ବାତାବରଣ ଖେଳିଯାଇଛି। ଏଣୁ ଲୋକଙ୍କୁ କ୍ଷତିପୂରଣ ଦେବା ସହ ସୁରକ୍ଷା ଯୋଗାଇ ଦେବାକୁ ପୂର୍ବତନ ବେଣା ସରପଞ୍ଚ ବନ ବିହାରୀ ନାୟକ ଦାବି କରିଛନ୍ତି। ତେଲକୋଇ ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ବନ କର୍ମଚାରୀ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ଦିଆଯାଇଛି। ହାତୀପଲ ଟଙ୍କା ଖାଇବା ଘଟଣାର କୌଣସି ପ୍ରମାଣ ମିଳିନାହିଁ। ଏହାର ତଦନ୍ତ କରାଯାଉଛି।

କେଉଟଗୁଡ଼ା ଷ୍ଟେଶନ ନିକଟରେ ଭୂସ୍ଖଳନ

- ■ ପଥର, ମାଟି ଅତଡା ଧସି ଲାଇନ ଜାମ୍
- ■ ରେଳ ଚଳାଚଳ ବାଧାପ୍ରାପ୍ତ

ରାୟଗଡ଼ା,୧୬।୯ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କେଉଟଗୁଡା ରେଳଷ୍ଟେଶନ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୫ ଟାରେ ଭୂସ୍ଖଳନ ଘଟି ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଫଳରେ ବିଶାଖାପାଟଣା – କୋରାପୁଟ ଇଣ୍ଟରସିଟି ଏକ୍ସପ୍ରେସ୍ କେଉଟଗୁଡା ଷ୍ଟେଶନରେ ଅଟକି ରହିଛି। ଅନ୍ୟ ରେଳ ଚଳାଚଳ ମଧ୍ୟ ବିଳମ୍ବ ହେବ ବୋଲି ଜଣାପଡ଼ିଛି।

ଗତ ସପ୍ତାହର ଲଗାଣ ବର୍ଷା ପ୍ରଭାବରେ ସୋମବାର ଅପରାହ୍ନରେ କେଉଟଗୁଡା ରେଳଷ୍ଟେଶନଠାରୁ ପ୍ରାୟ ୨୦୦ ମିଟର ଦୂରରେ ନିକଟସ୍ଥ ପାହାଡରୁ ପଥର ଓ ମାଟି ଅତଡା ଖସି ରେଳ ଧାରଣା ଉପରେ ପଡ଼ିଥିଲା। ଏଥିସହ କିଛି ବିରାଟକାୟ ଗଛ ମଧ୍ୟ ଉପୁଡି ପଡ଼ିଥିଲା। ଘଟଣା ସମ୍ପର୍କରେ କେଉଟଗୁଡା ରେଳଷ୍ଟେଶନ କର୍ତ୍ତୃପକ୍ଷ ରାୟଗଡ଼ା ରେଲୱେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସୂଚନା ମିଳିବା ପରେ ରାୟଗଡ଼ାରୁ ରେଳ କର୍ମଚାରୀ ଓ ଶ୍ରମିକ ପହଞ୍ଚି ରେଳ ଧାରଣା ସଫା କାମରେ ନିୟୋଜିତ ଅଛନ୍ତି। ରେଳ ଧାରଣା ସଫା କରିବା ପାଇଁ ଆହୁରି କେତେ ସମୟ ଲାଗିବ ତାହା ଜଣାପଡ଼ିନାହିଁ। ଏଥିସହ ବିଦ୍ୟୁତ ତାର ଛିଣ୍ଡି ଯାଇଥିବାରୁ ଅନ୍ଧାର ଯୋଗୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହେଉଥିବା ସୂଚନା ମିଳିଛି। ରେଳ ଧାରଣା ଉପରେ ପଡ଼ିଥିବା ପଥର ଓ ମାଟି ଅତଡା ସଫା କରାଯିବା ପରେ ଯାଞ୍ଚ କରାଯିବ। ଏହାପରେ ରେଳ ଚଳାଚଳ ପାଇଁ ଅନୁମତି ମିଳିବ ବୋଲି ରେଳ ବିଭାଗ ସୂଚନା ଦେଇଛି।

BADRIPRASAD
Group of Institutions
B.Sc Nursing 4 Years Course
PB BSc Nursing 2 Years Course
GNM 3 Years Course
ANM 2 Years Course
ADMISSION GOING ON
SCHOLARSHIP FOR SC/ST STUDENT
Practical Training at Govt. Hospital, D.H.H., Bargarh, Sambalpur, VIMSAR, Burla. (Transportation included)
In Campus Hostel Facility Available
BADRIPRASAD Institute of Medical Science SAMBALPUR
Mob-9937380097, 9238400140, 8908119285
At-Debaipali, Majhipali Chowk, PO-Sason, Dist:-Sambalpur, Pin-768200

ଛୁଆ ହାତୀକୁ ଉଦ୍ଧାର କଲା ବନ ବିଭାଗ

ଭବାନୀପାଟଣା/ନର୍ଲା,୧୬।୯ (ଉତ୍ତମ କୁମାର ଦାଶ/ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ ଅନ୍ତର୍ଗତ ରେଗଡିମାଲ ନିକଟ ଜଙ୍ଗଲ ପାର୍ଶ୍ୱରୁ ଗତ ଶୁକ୍ରବାର ଏକ ମାଈ ହାତୀର ମୃତଦେହ ସ୍ଥାନୀୟ ବନ ବିଭାଗ ଉଦ୍ଧାର କରିଥିଲା। ଏହାର ତିନିଦିନ ପରେ ସୋମବାର ବନ ବିଭାଗ ଏକ ଛୁଆ ହାତୀକୁ ନିକଟସ୍ଥ ଗାଡିଆଯୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରୁ ଉଦ୍ଧାର କରିଛି। ଉଦ୍ଧାର ହାତୀ ମୃତ ମାଈହାତୀର ଛୁଆ ବୋଲି ସନ୍ଦେହ କରାଯାଉଛି। ଉକ୍ତ ଅଞ୍ଚଳରେ ଛୁଆହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା। ବନ ବିଭାଗ ଟିମ୍ ରାତି ଅନିଦ୍ରା ରହି ଏହାର ଗତିବିଧି ଉପରେ ନଜର ରଖିଥିଲା। ଶେଷରେ ଟ୍ରାଙ୍କୁଲାଇଜ କରି ଟିମ୍ ସଦସ୍ୟ ଛୁଆ ହାତୀକୁ ଧରିବାରେ ସକ୍ଷମ ହୋଇଥିଲେ। ଏହାର ବୟସ ୧ ବର୍ଷ ହେବ। ଉଦ୍ଧାର ପରେ ତାକୁ ଛିପୁଲ ଜଙ୍ଗଲରେ ଥିବା ନର୍ସରୀରେ କଡା ସୁରକ୍ଷା ଭିତରେ ରଖାଯାଇଛି। ବର୍ତ୍ତମାନ ତା'ର ଚିକିତ୍ସା ଚାଲିଛି, ସମ୍ପୂର୍ଣ୍ଣ ସୁସ୍ଥ ହେଲା ପରେ ନନ୍ଦନକାନନ ନିଆଯିବ ବୋଲି ଉତ୍ତର ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, କେଉଁ କାରଣରୁ ମାଈ ହାତୀର ମୃତ୍ୟୁ ହୋଇଛି ତା'ର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଫକୀର ମୋହନଙ୍କ ପରଲୋକ

ଡେରାବିଶ, ୧୬।୯ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାର ବର୍ଷୀୟାନ୍ ସ୍ୱାଧୀନତା ସଂଗ୍ରାମୀ ଫକୀର ମୋହନ ଦାସ (୧୦୦)ଙ୍କର ସୋମବାର ଅପରାହ୍ନରେ ପରଲୋକ ହୋଇଯାଇଛି। ଅସୁସ୍ଥତା କାରଣରୁ ସେ ଦୀର୍ଘଦିନ ଧରି କଟକ ବଡ଼ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ତେବେ ମଧ୍ୟାହ୍ନରେ ଖାଉଥିବା ବେଳେ ସେଠାରେ ଟଳି ପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ

ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୩ଟା ୧୭ ମିନିଟ୍‌ରେ ପରଲୋକ ହୋଇଯାଇଥିଲା। ତାଙ୍କ ମର ଶରୀର ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ ଜନ୍ମମାଟି ନୂଆଗାଁସ୍ଥିତ ବାସଭବନକୁ ଅଣାଯାଇଥିଲା। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଫକୀରଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବିଡିଓ ଦାଶରଥି ଜେନା, ତହସିଲଦାର ପ୍ରଜ୍ଞା ପରିମିତା ପୃଷ୍ଟି, ଡେରାବିଶ ଥାନାଧିକାରୀ କିଶୋର ତରାଇ, ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ସମ୍ପାଦକ ରାଜେଶ ପଣ୍ଡା, ସରପଞ୍ଚ ମାନସୀ ସାମଲ, ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଫକୀରଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସଂଗ୍ରାମୀ ଫକୀରଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପରେ ଫକୀରଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲ। ସ୍ୱର୍ଗଦ୍ୱାରରେ ବଡ଼ପୁଅ ଅନନ୍ତ କିଶୋର ମୁଖାଗ୍ନି ଦେଇଥିବା ବେଳେ ଅନ୍ୟ ୪ ପୁଅ ପଦ୍ମନାଭ, ମନୋରଞ୍ଜନ, ହୃଷୀକେଶ, ମଧୁସୂଦନଙ୍କ ସମେତ ୩ ଝିଅ ଏବଂ ଅନ୍ୟ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ୧୯୨୪ରେ ପିତା ମଣି ଦାସ ଓ ମାତା ନିମଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିବା ଫକୀର ୧୯୩୪ ମେ ଶେଷ ସପ୍ତାହରେ ଗାନ୍ଧିଜୀଙ୍କ କେନ୍ଦ୍ରାପଡ଼ାକୁ ଐତିହାସିକ ପଦଯାତ୍ରା ଏବଂ ଡେରାବିଶ ବ୍ଲକ ଅଧୀନ ବାରିମୂଳଠାରେ ଅନୁଷ୍ଠିତ ବିଶାଳ ଜନସମାବେଶରେ ଉଦ୍‌ବୁଦ୍ଧ ହୋଇ ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଥିଲେ। ପରେ ବ୍ରିଟିଶ୍ ସରକାର ବିରୋଧରେ ଆନ୍ଦୋଳନ ଜାରି ରଖିଥିଲେ। ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ଡେରାବିଶ ସମେତ ଜିଲାରେ ଶିକ୍ଷାର ପ୍ରସାର, ଅସ୍ପୃଶ୍ୟତା ନିବାରଣ ଓ ନିଶାମୁକ୍ତି ଅଭିଯାନରେ ନିଜକୁ ସାମିଲ କରି ଲୋକପ୍ରିୟ ହୋଇଥିଲେ। ତେବେ ଫକୀରଙ୍କ ବିୟୋଗରେ ଜିଲା ସ୍ୱାଧୀନତା ସଂଗ୍ରାମୀ ସଂଘ ସଭାପତି ବିମ୍ବାଧର ମୁଦୁଲି, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପ୍ରମୁଖଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଶୋକବ୍ୟକ୍ତ କରିଛନ୍ତି।

INDIAN RAILWAYS
ଓଡ଼ିଶାରେ
ରେଳ ବିକାଶ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ
2800 କୋଟି ଟଙ୍କାରୁ ଅଧିକ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ରାଷ୍ଟ୍ର କୁ ସମର୍ପଣ

ଭିତ୍ତିପ୍ରସ୍ତର ସ୍ଥାପନ
ପାରାଦୀପ - ବଡ଼ବନ୍ଧ ତୃତୀୟ ଏବଂ ଚତୁର୍ଥ ଲାଇନ
MCRL ଭିତର କରିଡର (ଫେଜ - I) ଦୋହରୀକରଣ
ଜୟପୁର - ନବରଙ୍ଗପୁର ନୂତନ ଲାଇନ
ସିଜୁ ଏବଂ ପାରାଦୀପ କୋଚିଂ ୟାର୍ଡ ମଧ୍ୟରେ ଫ୍ଲାଇଓଭର
ରାଷ୍ଟ୍ର କୁ ସମର୍ପଣ
ଲାଞ୍ଜିଗଡ଼ ରୋଡ଼ - ଆମ୍ବୋଦଳା - ଦହିକାଲୁ ତୃତୀୟ ଲାଇନ
ଲକ୍ଷ୍ମୀପୁର ରୋଡ଼ - ସିଙ୍ଗାରାମ - ଟିକିରି ଦୋହରୀକରଣ
ବାଙ୍ଗୁରକେଲା - ନୟାଗାଓଁ ଦୋହରୀକରଣ
ଢେଙ୍କାନାଳ - ସଦାଶିବପୁର - ହିନ୍ଦୋଲ ରୋଡ଼ ତୃତୀୟ ଏବଂ ଚତୁର୍ଥ ଲାଇନ
ଲାଭ
ଏହି ଅଞ୍ଚଳର ସାମାଜିକ-ଅର୍ଥନୀତିକ ଅଭିବୃଦ୍ଧି
ଆଦିବାସୀ ଅଞ୍ଚଳର ଲୋକଙ୍କ ପାଇଁ ଉତ୍ତମ ସଂଯୋଗ
ବନ୍ଦରରୁ ସାମଗ୍ରୀ ପରିବହନରେ ଦ୍ରୁତ ଗତି
ତାଳଚେର କୋଇଲା କ୍ଷେତ୍ରରୁ କୋଇଲାର ସୁଗମ ପରିବହନ
ପଶ୍ଚିମ ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଟ୍ରାଫିକ୍ ଆବଶ୍ୟକତାର ପୂରଣ
ବ୍ୟସ୍ତବହୁଳ ହାୱଡା - ମୁମ୍ବାଇ ଏବଂ ହାୱଡା - ଚେନ୍ନାଇ ମୁଖ୍ୟ ଲାଇନ ପାଇଁ ବିକଳ୍ପ ମାର୍ଗ
ଯାଜପୁର-କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ ଶିଳ୍ପଗୁଡିକ ପାଇଁ କୋଇଲା ଏବଂ ଲୁହାପଥର ର ସୁଗମ ପରିବହନ
ଆଞ୍ଚଳିକ ଅର୍ଥନୀତିକ ଗତିବିଧିକୁ ପ୍ରୋତ୍ସାହନ
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ କରକମଳରେ
ଗରିମାମୟ ଉପସ୍ଥିତି
ଶ୍ରୀ ରଘୁବର ଦାସ
ରାଜ୍ୟପାଳ, ଓଡ଼ିଶା
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀ ଜୁଏଲ୍ ଓରାମ
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ
ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ
ଶ୍ରୀ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ
ତାରିଖ: 17 ସେପ୍ଟେମ୍ବର 2024 | ସ୍ଥାନ: ଭୁବନେଶ୍ୱର

D-6/24-25
ଆପଣ ସମସ୍ତଙ୍କୁ ସାଦର ନିମନ୍ତ୍ରଣ
DD NEWS ରେ ସିଧା ପ୍ରସାରଣ ଦେଖନ୍ତୁ
ଭାରତୀୟ ରେଳ
ଆମକୁ ଫଲୋ କରନ୍ତୁ: @RailMinIndia

ସଂକ୍ଷେପରେ

ମାଝିଗୁଡ଼ାରେ ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟ

କୋକସରା,୧୬।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡାଠାରେ ପଞ୍ଚାୟତ ସ୍ତରୀୟ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ବର୍ଷେଲ ମାଝିଙ୍କ ନିକଟରେ ପୂଜାର୍ଚ୍ଚନା ପରେ ପଞ୍ଚାୟତବାସୀ ସମୂହ ନୂଆଁଖାଇ ଜୁହାର ଭେଟ ହୋଇଥିଲେ। ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଙ୍ଗଯୋଷୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ମୋଷଧି ବାଗ, ଧର୍ମଗଡ ଉପଖଣ୍ଡ ଯାଦବ ସମାଜର ସଭାପତି ଦାରିକାନାଥ ବାଗ, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ଘନଶ୍ୟାମ ନାଏକ, ଭାଜପା ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀ, ସମ୍ପାଦକ ତ୍ରିନାଥ ଶବର, ବ୍ଲକ ଯାଦବ ସମାଜ ସମ୍ପାଦକ ଧନସିଂ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଚୈତନ୍ୟ ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ମାଝିଗୁଡାର ରଞ୍ଜିତ ପୋଢ଼, ତ୍ରିଲୋଚନ ବାଗ, ପରମେଶ୍ୱର ପାଣିଗ୍ରାହୀ, ମୁକ୍ତେଶର ପୁଞ୍ଜି ଉପସ୍ଥିତ ରହି ସହଯୋଗ କରିଥିଲେ।

ସହଯୋଗର ହାତ ବଢ଼ାଇଲେ ବ୍ଲକ ଉପାଧ୍ୟକ୍ଷ

ଖଡ଼ିଆଳ,୧୬।୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସାନ ମହେଶ୍ୱର ଗ୍ରାମ ପଞ୍ଚାୟତ କୁଲିଗାଁର ହେରମ୍ବ ଶବର କିଡ୍‌ନୀ ରୋଗରେ ଗତ ୧୦ତାରିଖରେ ମୃତ୍ୟୁବରଣ କରିଥିଲେ। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ସ୍ତ୍ରୀ ରୋହିଣୀ ଶବରଙ୍କ ସମେତ ୧୬ ବର୍ଷୀୟା ଝିଅ ଓ ୧୨ବର୍ଷର ପୁଅ ଅସହାୟ ହୋଇପଡିଛନ୍ତି। ଏପରି କି ହେରମ୍ବଙ୍କ କ୍ରିୟାକର୍ମ କରିବାକୁ ତାଙ୍କ ପାଖରେ ସମ୍ବଳ ନାହିଁ। ଏହା ଜାଣିବା ପରେ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ତାଙ୍କୁ ସହାୟତାର ହାତ ବଢାଇଛନ୍ତି। ସେ ତାଙ୍କ ଘରକୁ ଯାଇ ଆର୍ଥିକ ସହାୟତା ସହ ଗୋଟିଏ ମାସ ଚଳିବା ପାଇଁ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି। ଆଗକୁ ମଧ୍ୟ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସହଯୋଗ ପାଇଁ ପରିବାର ଲୋକେ ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

ଜୁନାଗଡ଼ ସହରରେ ମହମ୍ମଦ ଜୟନ୍ତୀ

ଜୁନାଗଡ଼,୧୬।୯ (ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ସୋମବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ମୁସଲିମ ସମ୍ପ୍ରଦାୟଙ୍କ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପରିବାରର ସମସ୍ତ ସଦସ୍ୟ ନୂଆବସ୍ତ୍ର ପରିଧାନ କରି ନମାଜ ପାଠ କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ସ୍ଥାନୀୟ ଜମା ମସଜିଦ ପକ୍ଷରୁ ସୁସଜ୍ଜିତ ମେଢରେ ଛୋଟ ଶିଶୁଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ହାତରେ ପତାକା ଧରି ଏକ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଜୁନାଗଡ ସହରବାସୀଙ୍କୁ ଅଭିନନ୍ଦ ଜଣାଇଥିଲେ। ଏଥିରେ ମସଜିଦ କମିଟି ସମ୍ପ୍ରଦାୟ ସଭାପତି ଦାଦ ଖାନ, ସମ୍ପାଦକ ଶେଖ ୱାହିଦ ଖାନ, କୋଷାଧ୍ୟକ୍ଷ ଅବଦୁଲ ମଜିଦ ସୋଲାଙ୍କି ଓ ଇଦ୍ ମିଲାଦୁନ ନବି ସଞ୍ଚାଳନ କମିଟି ସଭାପତି ହନିଫ ମହମ୍ମଦ, ସମ୍ପାଦକ ଦିଲାୱାର ମହମ୍ମଦ ପ୍ରମୁଖ ନେତୃତ୍ୱ ନେଇଥିଲେ।

ଯୁକ୍ତ ୨ ମହାବିଦ୍ୟାଳୟର ସାଂସଦ ପ୍ରତିନିଧି ହେଲେ ବନମାଳୀ

କର୍ଲାମୁଣ୍ଡା,୧୬।୯ (ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଡୁକେରମାଲ ଗ୍ରାମର ଭାଜପା ନେତା ବନମାଳୀ ସାହୁ କର୍ଲାମୁଣ୍ଡା ଯୁକ୍ତ ଦୁଇ ମହାବିଦ୍ୟାଳୟର ସାଂସଦ ପ୍ରତିନିଧି ଭାବେ ନିଯୁକ୍ତି ହୋଇଛନ୍ତି। ଏ ନେଇ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ସୁପାରିଶ କରିଥିବା ଜାଣିବା ପରେ ବନମାଳୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି। ବନମାଳୀ ଦୀର୍ଘବର୍ଷ ଧରି ଭାଜପାର ସକ୍ରିୟ ସଭ୍ୟ ଭାବେ ସଂଗଠନ କାର୍ଯ୍ୟ ଜାରି ରଖିଛନ୍ତି।

ସମାଜ ବିକାଶରେ ସଂସ୍କୃତର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭବାନୀପାଟଣାରେ ଜିଲାସ୍ତରୀୟ ବିଶ୍ୱ ସଂସ୍କୃତ ଦିବସ

ଭବାନୀପାଟଣା,୧୬।୯ (ଉତ୍ତମ କୁମାର ଦାଶ)

ଜିଲାସ୍ତରୀୟ ବିଶ୍ୱ ସଂସ୍କୃତ ଦିବସରେ ମଞ୍ଚାସୀନ ଅତିଥିଗଣ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟଠାରେ ଉତ୍କଳ ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ରବିବାର ଜିଲା ସ୍ତରୀୟ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ସୁବାସ ଚନ୍ଦ୍ର ବରାଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ତିରୁପତି ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗର ପ୍ରାଧ୍ୟାପକ ସତ୍ୟ ନାରାୟଣ ଆଚାର୍ଯ୍ୟ ଯୋଗଦେଇ ସଂସ୍କୃତକୁ ଘରେ ଘରେ ପହଞ୍ଚାଇବା ଓ ଭାରତର ଆତ୍ମା ସ୍ୱରୂପ ସଂସ୍କୃତ ଭାଷାର ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସାରସ୍ୱତ ବକ୍ତା ଭାବେ କର୍ଲାପଡା ମହାବିଦ୍ୟାଳୟର ଅଧ୍ୟାପକ ଲଳିତ କୁମାର ପଣ୍ଡା ଯୋଗଦେଇ ସମାଜର ବିକାଶ ଦିଗରେ ସଂସ୍କୃତ ଓ ସଂସ୍କୃତ ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ମଙ୍ଗୁଲୁଚରଣ ମିଶ୍ର ଯୋଗଦେଇଥିଲେ। ସଂସ୍କୃତ ଶିକ୍ଷକ ଶିବ ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଶାରଦା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ପଦ୍ମଲୋଚନ ଶତପଥି ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂସ୍କୃତ, ଗୀତ, ଗୀତା ଓ ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଶିକ୍ଷକ, ପ୍ରାଧ୍ୟାପକଙ୍କ ସମେତ ଜାତୀୟ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସନ୍ତୋଷ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିବାରେ ସ୍ଥାନୀୟ ମାଣିକେଶ୍ୱର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଓ କଳା ଶିକ୍ଷକ ଦେବୀ ପ୍ରସାଦ ଆଚାରି ଓ ଦିଲୀପ କୁମାର ଦାଶଙ୍କ ସମେତ ଶିକ୍ଷୟିତ୍ରୀ ବିଜୟୀ ଲକ୍ଷ୍ମୀ ତ୍ରିପାଠୀ, ସଙ୍ଗୀତା ମହାପାତ୍ର, ଅପର୍ଣ୍ଣା ସ୍ୱାଇଁ, ଶିକ୍ଷକ ସ୍ମିତପ୍ରଜ୍ଞ ବସ୍ତିଆ, ମଳୟ କହଁର, କ୍ଷିରୋଦ ହଂସ, ବିଶ୍ୱ ରଞ୍ଜନ ଆଚାର୍ଯ୍ୟ, ନିରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ଅନନ୍ତ ଶାସ୍ତ୍ରୀ, ଯୁଗେଶ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଧିରେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

ଖଡ଼ିଆଳ ବ୍ଲକ ଗସ୍ତରେ ଜିଲାପାଳ

ଉନ୍ନୟନ କାର୍ଯ୍ୟ ବୁଲି ଦେଖୁଛନ୍ତି ଜିଲାପାଳ ଓ ଅନ୍ୟମାନେ।

ଖଡ଼ିଆଳ,୧୬।୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ରବିବାର ଖଡ଼ିଆଳ ବ୍ଲକ୍ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଛନ୍ତି। ବିଶେଷ କରି ଖୁଦପେଜ ଗ୍ରାମପଞ୍ଚାୟତଠାରେ ଗ୍ରାମୀଣ ବଜାର ସୃଷ୍ଟି କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ସେ ଦର୍ଶାଇଥିଲେ ଘର ଘର ବୁଲି ନିଜ ଉତ୍ପାଦିତ ଦ୍ରବ୍ୟ ବିକ୍ରି କଲେ ତା'ର ଉପଯୁକ୍ତ ମୂଲ୍ୟ ମିଳି ନ ଥାଏ। ୨୭ ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିବା ଗ୍ରାମୀଣ ହାଟ କ୍ରେତା ଓ ବିକ୍ରେତାଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ। ତେଣୁ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ସାରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଗସ୍ତରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଉତା, ଜିଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଖଡ଼ିଆଳ ବିଡିଓ ନରସିଂହ ଗଡବା, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଉପାଧ୍ୟକ୍ଷ ଗୌତମ ତାଣ୍ଡିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ମଦ ବିରୋଧରେ ଗ୍ରାମବାସୀଙ୍କ ଶୋଭାଯାତ୍ରା

ଶୋଭାଯାତ୍ରାରେ ସାମିଲ ଗ୍ରାମର ମହିଳାପୁରୁଷ।

ଖଡ଼ିଆଳ,୧୬।୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ବିରିଘାଟ ଗ୍ରାମବାସୀ ସୋମବାର ମଦ ବିରୋଧରେ ଶୋଭାଯାତ୍ରା କରି ଏହି ବେଆଇନ କାରବାର ବନ୍ଦ କରିବାକୁ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଗ୍ରାମରେ ବେଆଇନ ଭାବରେ ୧୦ରୁ ଊର୍ଦ୍ଧ୍ୱ ମଦ କୋଠୀ ରହିଛି। ଗ୍ରାମର ପୁରୁଷ ଲୋକମାନେ ମଦ୍ୟପାନ କରି ପରିବାରରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ଏଥିଯୋଗୁ ଘରର ଆର୍ଥିକ ଅବସ୍ଥା ମଧ୍ୟ ଖରାପ ହେଉଛି। ଏପରି କି ଅନ୍ୟ ଗ୍ରାମର ପିଲାମାନେ ବିରିଘାଟ ଆସି ମଦ୍ୟ ପାନ କରି ଗ୍ରାମର ମହିଳାମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏସବୁ କାରଣ ପାଇଁ ସେମାନେ ସୁରକ୍ଷିତ ମଣୁନାହାନ୍ତି ବୋଲି ଅଭିଯୋଗ କରି ଯଥାଶୀଘ୍ର କୋଠୀ ବନ୍ଦ କରିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଗ୍ରାମବାସୀ ଦାବି କରିଛନ୍ତି। ବିରିଘାଟ ସରପଞ୍ଚ ରଞ୍ଜିତା କାଣ୍ଡଙ୍କ ନେତୃତ୍ୱରେ ଗ୍ରାମବାସୀ ରାଲିକରି ଲୋକଙ୍କୁ ସଚେତନ କରିବା ସହ ମଦ ବେପାରୀଙ୍କୁ ଚେତାବନୀ ଦେଇଛନ୍ତି। କୋଠୀ ବନ୍ଦ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ଖଡ଼ିଆଳ ଅବକାରୀ ଉପନିରୀକ୍ଷକ ସଞ୍ଜୀବ କୁମାର ବେହେରାଙ୍କୁ ପଚାରିବାରୁ ତଦନ୍ତ କରି ବେପାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ

କର୍ଲାମୁଣ୍ଡା,୧୬।୯ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ବ୍ଲକ ସଦର ମାର୍କେଟ କମ୍ପ୍ଲେକ୍ସଠାରେ ଆୟୋଜିତ ବିଶକର୍ମା ପୂଜାରେ କର୍ତ୍ତା ଭାବେ ରାମ ଚନ୍ଦ୍ର ଚୌଧୁରୀ ଓ ତାଙ୍କ ସ୍ତ୍ରୀ ରୁକ୍ମଣୀ ଚୌଧୁରୀ ରହିଥିବା ବେଳେ ପୂଜକ ଭାବେ ଭାରତ ଭୂଷଣ ମହାପାତ୍ର ରହିଥିଲେ। ବ୍ଲକ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟଠାରେ କର୍ତ୍ତା ଭାବେ ଯୁବରାଜ ସାହୁ, ବୀଣାପାଣି ସାହୁ ଦାୟିତ୍ୱ ତୁଲାଇଥିଲେ। ପୂଜାରେ ବିଦ୍ୟୁତ ବିଭାଗ ଯନ୍ତ୍ରୀ ପ୍ରମୋଦ କୁମାର ପାତ୍ର, କର୍ମଚାରୀ ବାଞ୍ଛାବଟ ରଣା, ଯୁକ୍ତ ତାଣ୍ଡି, ଶିବାଜୀ ସେଠୀ, କୁଞ୍ଜ ଭୋଇ, ଦୁର୍ଯୋଧନ ସାହୁ, ପ୍ରେମାନନ୍ଦ ନାଏକ ପ୍ରମୁଖ ସହଯୋଗ କରିଥିଲେ। ବ୍ଲକର ଅଗ୍ନିଶମ ବିଭାଗ, ସାନଡୁଙ୍ଗୁରିଗୁଡ଼ା, ରିଷିଡା, ତେରେସିଙ୍ଗା, ଜୋରାଡବରା ଆଦି ସ୍ଥାନରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି।

କୋକସରାରେ ବିଶ୍ୱକର୍ମାଙ୍କ ପୂଜୋତ୍ସବ



କୋକସରା,୧୬।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ସହରଠାରୁ ଗ୍ରାମ ସବୁଠି ପ୍ରଭୁ ବିଶ୍ୱକର୍ମାଙ୍କ ପୂଜୋତ୍ସବ ସୋମବାର ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲା କୋକସରା ବିଦ୍ୟୁତ୍ ସେକ୍ସନ ପକ୍ଷରୁ ଏହି ପୂଜା ଗଡ଼ରାମାଳସ୍ଥିତ ବିଦ୍ୟୁତ୍ ବିତରଣ ଯାନ୍ତ୍ରିକ କାର୍ଯ୍ୟାଳୟ ପରିସରରେ ରୀତିନୀତି ଅନୁସାରେ ପାଳନ କରାଯାଇଛି। ପୂଜକ ସନ୍ତୋଷ କୁମାର ଠାକୁରଙ୍କ ମନ୍ତ୍ର ଉଚ୍ଚାରଣରେ ପ୍ରଭୁ ବିଶ୍ୱକର୍ମାଙ୍କୁ ଆବାହନ କରିଥିବା ବେଳେ କର୍ତ୍ତା ଭାବେ ରଘୁନାଥ ବିଶି ପୂଜାବିଧି ତୁଲାଇଥିଲେ। ବିଦ୍ୟୁତ୍ ସେକ୍ସନ କନିଷ୍ଠ ଯନ୍ତ୍ରୀ ବ୍ରଜମୋହନ ଦଳେଇଙ୍କ ସମେତ ପୂଜା କମିଟି ସଭାପତି କ୍ଷୀରାବ୍ଧି ବେହେରା, ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନୀ, ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ସଞ୍ଜୟ ପଟ୍ଟନାୟକ, ସୁବାସ ଚଣ୍ଡୀ, ମୁକ୍ତେଶର ନାଗ, ଜୟଲାଲ ନାଏକ, ପପୁ ରାଉତ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

ନୂଆଁଖାଇ ଭେଟ୍‌ଘାଟ ଓ ଇଦ୍ ମୁବାରକ ପାଳିତ

ଭବାନୀପାଟଣା, ୧୬।୯ (ଉତ୍ତମ କୁମାର ଦାଶ)

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ଭବାନୀପାଟଣାସ୍ଥିତ ମହାବୀର ରଙ୍ଗମଞ୍ଚଠାରେ ରବିବାର ସନ୍ଧ୍ୟାରେ ମହାବୀର ପଡ଼ା ସିଭିଲ ସୋସାଇଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଓ ଇଦ୍ ମୁବାରକ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦିନ ତମାମ ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା ସାଙ୍ଗକୁ ମହିଳାମାନଙ୍କ ମଧ୍ୟରେ ହୁଲହୁଲି, ଭଜନ, ଶଙ୍ଖ ଫୁଙ୍କା, ଚୌକିବସା, କୁଇଜ୍ ଓ ପୁରୁଷମାନଙ୍କ ଦ୍ୱାରା ବାସ୍କେଟ ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ସମାଜ ଗଠନରେ ମହାବୀର ସିଭିଲ ସୋସାଇଟିର ଭୂମିକା ଓ ପଡ଼ାର ଉନ୍ନତି ସମ୍ପର୍କରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଡାର ୮୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା ମାନଙ୍କୁ ଉପଢୌକନ ଦେଇ ସେମାନଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ସୋସାଇଟି ସଭାପତି ତଥା ଆଇନଜୀବୀ ସନ୍ତୋଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଭ୍ୟର୍ଥନା କମିଟି ସଭାପତି ଜଗନ୍ନାଥ ମୁଣ୍ଡ, ଆଇନଜୀବୀ ଭବେନ୍ଦ୍ର ପଣ୍ଡା, ସମ୍ପାଦକ ମହମ୍ମଦ ବରହାନ, କପିଳେଶ୍ୱର ପୁରୋହିତ ପ୍ରମୁଖ ଯୋଗଦେଇଥିଲେ। ପ୍ରଦୀପ କୁମାର ମୁଣ୍ଡ ପରିଚାଳନା କରିଥିବା ବେଳେ ଶୈଳେଶ ବେହେରା, ଶିବରାମ ନାଏକ ସହଯୋଗ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଜୟନ୍ତ କୁମାର ବେହେରା, ଧବଳେଶ୍ୱର ଠାକୁର, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରା, ସୁରୁ ବାରିକ, ମହମ୍ମଦ ସାଜିତ, ଆୟୁବ ଅଲ୍ଲିଖାଁ, ଭଗବାନ କ୍ରୁକେଜା, ପ୍ରିତିମୟୀ ବେହେରା, ଧନୁର୍ଯ୍ୟ ନାଏକ ଅତିଥି ଭାବରେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନଜୀବୀ ସଞ୍ଜୀବ ସିଂ ଓ ସୁଶାନ୍ତ କୁମାର ସିଂ ପରିଚାଳନା କରିଥିଲେ।

ଭୁବନେଶ୍ୱର ଗଲେ ଶହେ ହିତାଧିକାରୀ

ଭବାନୀପାଟଣା,୧୬।୯ (ଉତ୍ତମ କୁମାର ଦାଶ)

ସୁଭଦ୍ରା ଯୋଜନା ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ

ଭୁବନେଶ୍ୱରଠାରେ ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର ପ୍ରଥମ କିସ୍ତି ହିତାଧିକାରୀଙ୍କୁ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କଳାହାଣ୍ଡି ଜିଲାର ଶହେ ଜଣ ହିତାଧିକାରୀ ସୋମବାର ସନ୍ଧ୍ୟାରେ ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରୁ ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ସମୟରେ କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶ ଉପସ୍ଥିତ ରହି ଦୁଇଟି ବସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଦୟାମୟ ପାଢୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଏପିଡି ବିମ୍ବାଧର ସାହୁ, ଡିପିସି ଅମୃତ ପାଢୀ, ସିଡିପିଓ ସଦର ନିୟତି ବାଳା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରା

ନୂଆପଡ଼ା,୧୬।୯ (ମକାରୁ ବେମାଲ)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ଜାରି ରହିଛି। ସଚେତନତା ରଥ ଗାଁକୁ ଗାଁ ପରିକ୍ରମା କରୁଥିବା ବେଳେ ସହରାଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ମହିଳାମାନଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ରବିବାର ନୂଆପଡ଼ାଠାରେ ଜିଲାପାଳ ମଧୁସୂଦନ ଦାସ ସୁଭଦ୍ରା ସଚେତନତା ପଦଯାତ୍ରାକୁ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟଠାର

ଆର୍‌ଏସ୍‌ଏସ୍‌ର ନଗର ପ୍ରାରମ୍ଭିକ ବର୍ଗ ଉଦ୍‌ଯାପିତ

ସୋନପୁର,୧୬।୯(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚାଲିଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍)ର ନଗର ପ୍ରାରମ୍ଭିକ ବର୍ଗ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୫ଟି ସଂଘ ସ୍ଥାନର ୧୨ଗୋଟି ବୌଦ୍ଧିକ ବିଷୟରେ ଉପସ୍ଥାପନା କରାଯାଇଥିଲା। ସୁବର୍ଣ୍ଣପୁର୍ ସହରରୁ ୩୯ ଜଣ ଯୁବକ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଶିବିରରେ ଯୁବକମାନଙ୍କୁ ଶାରୀରିକ ବ୍ୟାୟାମ ସହିତ ଯୋଗ ପ୍ରାଣାୟାମ, ଆତ୍ମରକ୍ଷା ଶୈଳୀ, ଶିଷ୍ଟାଚାର ସହିତ ବୌଦ୍ଧିକ ଜ୍ଞାନ ଦ୍ୱାରା ମାନସିକ ବିକାଶ ଉପରେ ଶିକ୍ଷା ଦିଆଯାଇଥିଲା। ଅନୁଭୂତି କାର୍ଯ୍ୟକ୍ରମରେ ଶିବିରାର୍ଥୀମାନେ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଏହି ବର୍ଗରେ ଦାୟିତ୍ୱ ଗ୍ରହଣ କରିଥିଲେ ବର୍ଗ କାର୍ଯ୍ୟବାହ ନାରାୟଣ ସାହୁ, ବର୍ଗ ମୁଖ୍ୟ ଶିକ୍ଷକ ସୁମନ୍ତ ପଧାନ ଓ ବର୍ଗ ବୌଦ୍ଧିକ ପ୍ରମୁଖ କୃପାସିନ୍ଧୁ ମହାକୁଡ଼। ସର୍ବବ୍ୟବସ୍ଥା ପ୍ରମୁଖ ଜୟଦ୍ରଥ ଜଗଦଲା ଓ ଭୋଜନ ପ୍ରମୁଖ ଭାବେ ପ୍ରଶାନ୍ତ ପଧାନ ଦାୟିତ୍ୱ ନିର୍ବାହ କରିଥିଲେ।

ସମାଜରେ ଶୃଙ୍ଖଳା, ଏକତାକୁ ଗୁରୁତ୍ୱ

ଅଶିଘର ସହଁରା ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ଭେଟ୍‌ଘାଟ୍ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ସୋନପୁର,୧୬।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ମଝିପଡାସ୍ଥିତ ହାତୀଶାଳ କଲ୍ୟାଣ ମଣ୍ଡପରେ ଅଶିଘର ସହଁରା(ଶବର) ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟଦେବୀଙ୍କ ପୂଜାର୍ଚ୍ଚନା ପରେ ସମାଜର ସଭାପତି ଦୈତ୍ୟାଦେବ ଭୋଇଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ସୁବର୍ଣ୍ଣପୁର ସହର ମଝିପଡାସ୍ଥିତ ହାତୀଶାଳ କଲ୍ୟାଣ ମଣ୍ଡପରେ ଅଶିଘର ସହଁରା(ଶବର) ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟଦେବୀଙ୍କ ପୂଜାର୍ଚ୍ଚନା ପରେ ସମାଜର ସଭାପତି ଦୈତ୍ୟାଦେବ ଭୋଇଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବଳଦେବ ଭୋଇ ଯୋଗଦେଇ ଅଶିଘର ସହଁରା ସମାଜରେ ଶୃଙ୍ଖଳା ଓ ଏକତା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ରାଜକିଶୋର ବାରିକ, ଗିରିଧାରୀ ନାଗ, ଘନଶ୍ୟାମ ବୁଡେକ୍ ଓ ମୁଖ୍ୟବକ୍ତାଭାବେ ପୋଲିସ ଡିଏସ୍‌ପି ଚନ୍ଦ୍ର ଶେଖର ଶବର ଯୋଗଦେଇ ଶବର ସମାଜରେ ଲୋପ ପାଇ ଯାଉଥିବା ପୁରାତନ ପ୍ରଥାକୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ଅଚ୍ୟୁତ କୁମାର ଭୋଇ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ହେବାକୁ ପରାମର୍ଶ ଦେଇଥିଲେ। ଆବାହକ ସୁରେଶ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରବୀନ୍ଦ୍ର ଭୁଏ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତି ପ୍ରତିଭା ରାମଗୋପାଳ ଭୋଇ, ନମିତା ନାଏକ, ଲିପି ଭୁଏ, ନୀଳିମା ବିଶ୍ୱାଳ, ଯଶରାଜ ଭୁଏ ଓ ପ୍ରତିଭାରାଣୀ ଭୁଏଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜର ବରଗଡ ଜିଲା ସଭାପତି ଚର୍ତୁଭୁଜ ଭୋଇ, ସମ୍ବଲପୁର ଜିଲା ସଭାପତି ଯୋଗୀନ୍ଦ୍ର ଭୋଇ, ବୌଦ୍ଧ ଜିଲା ସଭାପତି ଦେବାର୍ଚ୍ଚନ ନାଏକ ଓ କନ୍ଧମାଳ ଜିଲା ସଭାପତି ପଞ୍ଚାନନ ନାଏକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏକାଦଶ ବର୍ଗେ ଓ ମୁକେଶ ଭୋଇ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଶବର ସମାଜର ହଜାର ହଜାର ମହିଳା ଓ ପୁରୁଷ ଏହି ଉତ୍ସବରେ ଯୋଗଦେଇ ନିଜ ସଂସ୍କୃତି, ପରମ୍ପରା ଓ ଭାବର ଆଦାନ ପ୍ରଦାନ କରିଥିଲେ। ନିରଞ୍ଜନ ଭୁଏ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷଦେବ ଭୁଏ, ଗୌରିଶଙ୍କର ବିଶ୍ୱାଳ, ପ୍ରହ୍ଲାଦ ଭୋଇ, ଶ୍ରୀକାନ୍ତ ଝାଙ୍କର, ଅରୁଣ ଭୁଏ, ସର୍ଜନ ବିଶି ଓ ଟିକେଶ୍ୱର ବିଶ୍ୱାଳ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ଗଛରେ ପିଟିହୋଇ ଓଲଟିଲା ପିକ୍‌ଅପ୍ ଭ୍ୟାନ

ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ।

ବଘିଆପଡ଼ା, ୧୬।୯(ଶ୍ରୀକାନ୍ତ ସାହୁ)

ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ବୌଦ୍ଧ ଜିଲା ଜହ୍ନାପଙ୍ଗ ଫାଣ୍ଡି ନିକଟସ୍ଥ ବୁରକଟାଠାରେ ସୋମବାର ଭୋର ସମୟରେ ଏକ ପିକଅପ ଭ୍ୟାନ ଗାଡ଼ି ଦୁର୍ଘଟଣା ହେବାରୁ ୩ ଜଣ ଗୁରୁତର ସହ ୭ଜଣ ଆହତ ହୋଇଛନ୍ତି। ମିଳିଥିବା ସୂଚନାମୁତାବକ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଅଞ୍ଚଳରୁ ଏକ ପିକଅପ ଭ୍ୟାନ ଗାଡି ବିଦ୍ୟୁତ୍ ସାମଗ୍ରୀ ସହ ୭ ଜଣ ଶ୍ରମିକଙ୍କୁ ଧରି ସୋନପୁର ଜିଲାକୁ ବିଦ୍ୟୁତ୍ କାମ କରିବାକୁ ଯାଉଥିଲେ। ଭୋର ସମୟରେ ଜହ୍ନାପଙ୍ଗ ନିକଟରେ ଗାଡିର ଚାଳକଙ୍କ ଆଖି ଲାଗିଯିବାରୁ ବୁରକଟା ନିକଟରେ ରାସ୍ତାକଡରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା । ଏହା ପରେ ଗାଡିଟି ରାସ୍ତାକଡ଼ ଧାନ ବିଲ ମଧ୍ୟରେ ଓଲଟିପଡିଥିଲା। ଏହି ସମୟରେ ଜହ୍ନାପଙ୍ଗ ଗ୍ରାମର ଧନମାଳୀ ପ୍ରଧାନ ଶୌଚ ହେବାକୁ ଯାଉଥିବା ବେଳେ ଗାଡି ତାଙ୍କ ଦେହରେ ମଧ୍ୟ ମାଡ଼ ହୋଇଥିଲା। ଗାଡିଟି ବିଲ ଭିତରକୁ ଓଲଟି ପଡିବାରେ ଗାଡି ଭିତରେ ଥିବା ୯ ଜଣ ଶ୍ରମିକ ମଧ୍ୟ ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ନେଇଥିଲେ । କେନ୍ଦ୍ରାପଡାର ଶ୍ରମିକ ଜଗବନ୍ଧୁ ସାହୁ ମୁଣ୍ଡ ଓ ଗୋଡ ଭାଙ୍ଗି ଥିବା ଯୋଗୁ ସେ ଗୁରୁତର ହୋଇଥିଲେ । ଗୁରୁତର ବନମାଳୀଙ୍କୁ ବୁର୍ଲା ପଠାଯାଇଥିବା ବେଳେ ଜଗବନ୍ଧୁଙ୍କୁ ଭୁବନେଶ୍ୱର ପଠାଯାଇଛି । ଅନ୍ୟ ଆହତ ଶ୍ରମିକମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛଡାଯାଇଛି । ଘଟଣା ସ୍ଥଳରେ ଜହ୍ନାପଙ୍ଗ ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୁବର୍ଣ୍ଣପୁରରେ ମହମ୍ମଦଙ୍କ ଜୟନ୍ତୀ ପାଳିତ

ସୋନପୁର,୧୬।୯ (ମୃତ୍ୟୁଞ୍ଜୟ ଶତପଥୀ)

ସହରରେ ବୁଲିଲା ଜୁଲୁସ୍

ସୁବର୍ଣ୍ଣପୁର ଜିଲାରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଜିଲା ସଦର ମହକୁମା ମଝିପଡାରେ ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ଜସ୍ନେ-ଇଦ୍-ମିଲଦ-ଉନ-ନବୀ ପାଳନ ଅବସରରେ ଏକ ଜୁଲୁସ(ଶୋଭାଯାତ୍ରା) ବାହାରି ସହର ପରିକ୍ରମା କରିଥିଲା। ରାଜା ମସଜିଦ୍ ଓ କେଏମସି କ୍ଲବର ମିଳିତ ଆନୁକୂଲରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପିଲା ଠାରୁ ବୟସ୍କ ସମସ୍ତେ ଭାଗ ନେଇଥିଲେ। ଏକତା, ସଂହତି, ଶାନ୍ତି ଓ ମାନବ ସେବାର ପ୍ରତୀକ ମହମ୍ମଦଙ୍କ ଜନ୍ମଦିନରେ ଦେଶରେ ଭାଇଚାରା ପ୍ରତିଷ୍ଠା ଏହି ଶୋଭାଯାତ୍ରାର ମୂଳଲକ୍ଷ୍ୟ ବୋଲି ଶ୍ରଦ୍ଧାଳୁ ମାନେ କହିଛନ୍ତି। ଶୋଭାଯାତ୍ରା ମସଜିଦ୍ ସମ୍ମୁଖରେ ପହଞ୍ଚିବା ପରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡାର ମୌଲାନା ତାହିର ରଜା ସାହେବ, ଓ ୱାସିମ୍ ହାଫିଜ୍ ଯୋଗଦାନ କରି ମହମ୍ମଦଙ୍କ ବାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ମଝିପଡା କେଏମ୍‌ସି କ୍ଲବର ସଭାପତି ଅଜୁ ଖାଁ, ସମ୍ପାଦକ ଆରିଫ ମହମ୍ମଦ, ନୱାବ ମହମ୍ମଦ, ସୋନୁ ଖାଁ, ମହମ୍ମଦ ନାସିର, ରାନୁ ଖାନ, ମହମ୍ମଦ ଆବାସ, ସୋନୁ ମହମ୍ମଦ, ଆରିଫ ଅଲ୍ଲୀ ଓ କୁନୁ ଖାନ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଜୟନ୍ତୀ ଅବସରରେ ଗତ ୩ ଦିନ ଧରି ମସଜିଦ୍ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁବର୍ଣ୍ଣପୁର ସହର ସମେତ ତରଭା, ବିନିକା ଓ ସୋନପୁର ବ୍ଲକର ନାରାୟଣପୁର ପ୍ରଭୃତି ସ୍ଥାନରେ ମୁସଲିମ୍ ସମ୍ପ୍ରଦାୟ ଦ୍ୱାରା ସମୂହ ନମାଜ ପାଠ ଓ ମହମ୍ମଦ ଜୟନ୍ତୀ ପାଳିତ ହୋଇଥିଲା।

ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ସୋନପୁର ସହରରେ ଅନୁଷ୍ଠିତ ଶୋଭାଯାତ୍ରା ।

କୁମାରକେଳି ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

ମହାରାଜା କଂସ ଓ ଅନ୍ୟ ଅଭିନେତାଙ୍କ ସହିତ କମିଟି ସଦସ୍ୟ।

ଅମରପାଲି,୧୬।୯(ପୀତାମ୍ବର ସାହୁ)

ଗଣେଶ ପୂଜା ଅବସରରେ ପାଞ୍ଚଦିନ ବ୍ୟାପୀ ହେଉଥିଲା ଧନୁଯାତ୍ରା

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ କୁମାରକେଳିରେ ପାଞ୍ଚଦିନ ଧରି ଚାଲିଥିବା ଧନୁଯାତ୍ରା ରବିବାର ବିଳମ୍ବିତ ରାତିରେ କଂସ ବଧ ସହିତ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଶିବଶକ୍ତି ଯୁବକ ସଂଘ ଆନୁକୂଲ୍ୟରେ ହେଉଥିବା ୨୭ତମ ଗଣେଶ ପୂଜା ଅବସରରେ ଆୟୋଜିତ ହୋଇଥିଲା ଉକ୍ତ ଧନୁଯାତ୍ରା। ଶେଷ ରଜନୀରେ ମୁକ୍ତାକାଶ ରଙ୍ଗମଞ୍ଚରେ ଲୀଳା ନାଟକରେ କଂସ ନିଧନ ଦୃଶ୍ୟ ଅଭିନୀତ ହୋଇଥିଲା। କଂସ ଭୂମିକାରେ ବରଗଡ଼ ଜିଲା ଚିଣ୍ଡାର ଝସକେତନ ପଧାନ ଅଭିନୟ କରିଥିଲେ। ଅନ୍ତିମ ରଜନୀରେ କନ୍ୟା ଭ୍ରୂଣ ହତ୍ୟା ଏବଂ ବାଇକ ଚଲେଇବା ବେଳେ ହେଲମେଟ ବ୍ୟବହାର ଉପରେ ଅଭିନୟ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। କୃଷ୍ଣ ବଳରାମଙ୍କୁ ଘେନି ଅକ୍ରୁରଙ୍କ ମଥୁରା ଆଗମନ ଏବଂ ଅକ୍ରୁରଙ୍କ ମୁଖରେ ଗୋପପୁରର ମହିମା ବର୍ଣ୍ଣନା ଦର୍ଶକଙ୍କ ହୃଦୟକୁ ବେଶ ଛୁଇଁଥିଲା। ଅନ୍ତିମ ସନ୍ଧ୍ୟାରେ ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା କଳାକାରଙ୍କ ସହ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିବା କୀର୍ତ୍ତିଚନ୍ଦ୍ର ବଗର୍ତ୍ତି, ମଞ୍ଚ ପରିଚାଳକ ହୃଷୀକେଶ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ କମିଟି ସଭାପତି ଛବିଳ ମେହେର, ସମ୍ପାଦକ ଅଜିତ ପଧାନ, ଉପସଭାପତି ପ୍ରଫୁଲ୍ଲ ପଧାନ, କୋଷାଧକ୍ଷ ତରଣୀ ପଧାନଙ୍କ ସମେତ ପରିଚାଳନା କମିଟି ସଭ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୀନବଜାର ସହିତ ଚଟପଟି ଖାଦ୍ୟର ମଜା ନେଇଥିଲେ ଦର୍ଶକ। ନବୀନ ମେହେର, ରାଜୀବ ମେହେର, ସୁଶୀଲ ପଧାନ, ସରୋଜ ସେଠି, ନିଗମାନନ୍ଦ ବେହେରା, ବିକ୍ରମ ମେହେର, ଜଗାନନ୍ଦ ମେହେର, ଶ୍ରୀମୁଖ ମେହେର, ସତ୍ୟ ପଧାନ, ମକୁନ୍ଦ ମେହେର, ଚୈତନ୍ୟ ମେହେରଙ୍କ ସମେତ ସମସ୍ତ କ୍ଲବ ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବୌଦ୍ଧରେ ବିଶ୍ୱକର୍ମା ପୂଜା ପାଳିତ

ବୌଦ୍ଧ, ୧୬।୯(ଅଜିତ କୁମାର ବାରିକ)

ବିଶ୍ୱକର୍ମା ପୂଜା ପାଇଁ ବୌଦ୍ଧ ସହର ପୁରାପୁରି ଉତ୍ସବ ମୁଖର ହୋଇପଡିଛି। ଏହି ପୂଜା ବିଭିନ୍ନ କାରିଗରି ଅନୁଷ୍ଠାନ, ମିସ୍ତ୍ରୀ ସଂଘ ପକ୍ଷରୁ ମଧ୍ୟ ପୁରା ଜିଲା ସାରା ଧୁମାଧାମରେ ପାଳିତ ହେଉଛି । ବିଶ୍ୱକର୍ମା ପୂଜା ବୌଦ୍ଧ ଟ୍ରକ ମାଲିକ ସଂଘ, ବେସରକାରୀ ବସ ସଂଘ, ଟ୍ୟାକ୍ସି ସଂଘ, ଅଟୋ ସଂଘ, ପୂର୍ତ୍ତବିଭାଗ, ବିଦ୍ୟୁତ୍ ବିଭାଗ, ପାନୀୟଜଳ ଯୋଗାଣ ବିଭାଗ, ଶିଳ୍ପ ତାଲିମ ଅନୁଷ୍ଠାନ ଗୁଡିକରେ ପାଳିତ ହେଉଛି । ପୂଜା ଯୋଗୁଁ ପୁରା ସହର ଆଲୋକରେ ସଜ୍ଜିତ ହୋଇରହିଛି। ସେହିପରି ଜିଲାର ସମସ୍ତ ବ୍ଲକରେ ଥିବା କାରିଗରି ଅନୁଷ୍ଠାନ ଗୁଡିକରେ ମଧ୍ୟ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବୌଦ୍ଧ ଟ୍ରକ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ।

ଶିବିରରେ ଅତିରିକ୍ତ ଜିଲାପାଳଙ୍କ ସହ ୨୩ ଜଣଙ୍କ ରକ୍ତଦାନ

ରକ୍ତଦାନ ଶିବିରରେ ରକ୍ତଦାତା ଗଣ।

ପଦ୍ମପୁର,୧୬।୯(ପ୍ରଦୀପ୍ତ ଦାଶ)

ମହମ୍ମଦ ଜୟନ୍ତୀ ପାଳନ କମିଟି ଆନୁକୂଲ୍ୟରେ ମସଜିଦ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଳ ମୋତିରାମ ଚହ୍ୱାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାତାଙ୍କ ମନୋବଳ ବୃଦ୍ଧି ପାଇଁ ଅତିରିକ୍ତ ଜିଲାପାଳ ନିଜେ ରକ୍ତଦାନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ନିଜମୂଳ ହୋଦା, ସମୀର ହୁସେନ, ସାମାଜିକ କର୍ମୀ ନିରୋଜ ଦୋରା ମଞ୍ଚାସୀନ ଥିଲେ। ଶିବିରରେ ୨୩ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଉପ ଖଣ୍ଡ ଚିକିତ୍ସାଳୟ ରକ୍ତ ଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ଶ୍ୟାମସୁନ୍ଦର ସାହୁ, ସୁମିତ ସୁମନ ସିହ୍ନା, ଜିତେନ୍ଦ୍ରିୟ ଗୁର୍ଲା, ଗଣେଶ ପ୍ରଧାନ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମକୁ ସଭାପତି ନଜମୂଲ ହୋଦା, ସମ୍ପାଦକ ଏମଡି ଜାହିଦ ପରିଚାଳନା କରିଥିଲେ।

ଦୁର୍ଗାପୂଜା ପାଇଁ ରାବଣ ବରଣ

ବିନିକା, ୧୬।୯ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସସ୍ଥାଣ୍ଡ ସର୍ବଜନୀନ ଦୁର୍ଗା ପୂଜାକୁ ଚଳିତ ବର୍ଷ ଅଧିକ ଆକର୍ଷଣୀୟ କରିବା ପାଇଁ କମିଟି ତରଫରୁ ପ୍ରୟାସ ଆରମ୍ଭ ହୋଇଛି। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାବଣ ଦରବାର ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଅପରାହ୍ନରେ କମିଟି ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ମା' ଦୁର୍ଗାଙ୍କ ଆଶୀର୍ବାଦ ନେଇ ଏକ ବାଇକ ଶୋଭାଯାତ୍ରାରେ ଅନ୍ତର୍ଦ୍ଦା ଗ୍ରାମକୁ ଯାଇ ରାବଣ ଭୂମିକାରେ ଅଭିନୟ କରୁଥିବା ଗୋପାଳ ପଣ୍ଡାଙ୍କୁ ଉପଢ଼ୌକନ ଦେଇ ବରଣ କରିଥିଲେ।

ବାଉଁଶୁଣୀ ଅଞ୍ଚଳରେ ବିଶ୍ୱକର୍ମାଙ୍କ ପୂଜନୋତ୍ସବ

ବାଉଁଶୁଣୀ, ୧୬।୯(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଠାରେ ୨୯ତମ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ସୋମବାର ବାଉଁଶୁଣୀ ଶାଖାର ଟାକ୍ସି ଷ୍ଟାଣ୍ଡଠାରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ୭ଟି ପଞ୍ଚାୟତକୁ ନେଇ ଗଠନ ହୋଇଥିବା ବାଉଁଶୁଣୀ ଶାଖା ତରଫରୁ ଚଳିତବର୍ଷ ୨୯ତମ ବିଶ୍ୱକର୍ମା ପୂଜା ମହା ଆଡ଼ମ୍ବରରେ ପାଳିତ ହେଉଥିବା ଶାଖା ସଭାପତି ଆନନ୍ଦ ଦାସ କହିଛନ୍ତି । ସୋମବାର ସକାଳୁ ବାଘ ନଦୀରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସମସ୍ତ ଡ୍ରାଇଭର କଳସିରେ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଶ୍ୱକର୍ମା ବାବାଙ୍କ ନିକଟରେ କର୍ତ୍ତା ଭାବରେ ଆନନ୍ଦ ଖଟୁଆ ଥିବାବେଳେ ପୂଜକ ଭାବରେ ନବୀନ ରଥ ପୂଜାକାର୍ଯ୍ୟ ତୁଲାଇଥିଲେ। ସନ୍ଧ୍ୟା ସମୟରେ ଦୁଇଟି ଦଳ ମଧ୍ୟରେ ଏକ ବୈଠକି ଅନୁଷ୍ଠିତ ହୋଇଥିଲା। ବୈଠକି ଦେଖିବାକୁ ବହୁ ଲୋକଙ୍କର ସମାଗମ ହୋଇଥିଲା। ଏହା ସହିତ ବାଉଁଶୁଣୀ ଅଞ୍ଚଳରେ ସମସ୍ତ ଯାନବାହାନ ଗ୍ୟାରେଜ, ଅନ୍ୟାନ୍ୟ ଯାନ୍ତ୍ରିକ ପ୍ରତିଷ୍ଠାନ ଓ ଷ୍ଟୋନ କ୍ରସରରେ ମଧ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି।

ମାଣ୍ଡୋସିଲ ଜୟ ବୁଢ଼ାରଜା କବାଡି ପ୍ରତିଯୋଗିତା

ମାଗୁରପାଣି ଚାମ୍ପିୟନ ଯୁରିଆ ସାର ଚଢ଼ାଦରରେ ବିକ୍ରି ନେଇ ଉଦ୍‌ବେଗ

ପାଇକମାଳ,୧୬।୯(ବତ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ସୋନିଆ ନଗର ଗଣେଶ ପୂଜା କମିଟି ତରଫରୁ ନୂଆଁଖାଇ ଭେଟଘାଟ ଅବସରରେ ଆୟୋଜିତ ଜୟ ବୁଢ଼ାରଜା କବାଡି ଫାଇନାଲ ମ୍ୟାଚରେ ବାହାଦୂରପୁର ଛତିଶଗଡ଼କୁ ହରାଇ ମାଗୁରପାଣି ନୂଆପଡ଼ା ଚମ୍ପିୟନ ହୋଇଛି। ଏଥିରେ ଜିଲାରୁ ଆରମ୍ଭ କରି ରାଜ୍ୟ ବାହାରୁ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜିକ କର୍ମୀ ମହେନ୍ଦ୍ର କୁମାର ଖୁଣ୍ଟିଆ ଓ ସମ୍ମାନୀତ ଅତିଥିଭାବେ ସମିତି ସଭ୍ୟ ଗୁଲାମ ରସୁଲ ରଙ୍ଗରେଜ, ସଞ୍ଜୟ କୁମାର ମୁନ୍ନା, ତପନ କୁମାର ବହିଦାର, ରାଜୀବ ଲୋଚନ ସାହୁ, ତାପସ କୁମାର ସାହୁ ପ୍ରମୁଖ ଯୋଗଦେଇ ଚମ୍ପିୟାନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ବୈବସ୍ୱତ ପ୍ରଧାନ, ଉମାଶଙ୍କର ସାହୁ, ପିତବାସ ସାହୁ, ଅନିଲ ଦାସ, ସରୋଜ ପ୍ରଧାନ, ଶଙ୍କର ପରାଭୂଏ ଖେଳ ପରିଚାଳନା କରିଥିବା ବେଳେ ହରି ଭରାସାଗର ସ୍କୋରର ଥିଲେ।

କକକକକ

ଜିଲା କୃଷକ ସଙ୍ଗଠନର ନୂଆଁଖାଇ ଭେଟ୍‌ଘାଟ୍

ସୋନପୁର,୧୬।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ମନ୍ଦିର ପରିସରରେ ରବିବାର ଆୟୋଜିତ ହୋଇଯାଇଛି। ସଙ୍ଗଠନର ଜିଲା ସଭାପତି ବ

କେନ୍ଦ୍ର ମନ୍ତ୍ରୀଙ୍କ ଏକଲ ଅଭିଯାନ କାର୍ଯ୍ୟାଳୟ ପରିଦର୍ଶନ

ରାଉରକେଲା, ୧୬।୯(ସଙ୍ଗୀତା କେନା): ସେକ୍ଟର-୧୪ ସ୍ଥିତ ସି ବ୍ଲକରେ ନବନିର୍ମିତ ଏକଲ ଅଭିଯାନ କାର୍ଯ୍ୟାଳୟକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସୋମବାର ପରିଦର୍ଶନ କରିଛନ୍ତି। ସୁନ୍ଦରଗଡ଼ ଅଞ୍ଚଳ ଏକଲ ସଚିବ ବାବାଜୀ ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ ଏବଂ କେନ୍ଦ୍ରୀୟ ଗୋ ଗ୍ରାମ ଯୋଜନା ପ୍ରମୁଖ ପ୍ରଦୀପ ସ୍ୱାଇଁ ଅଭିଯାନର ଆଭିମୁଖ୍ୟ ଓ କାର୍ଯ୍ୟସୂଚୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସୁନ୍ଦରଗଡ଼ ଜିଲାରେ ଚାଲିଥିବା ୫୪୦ଟି ଗ୍ରାମ ବିଦ୍ୟାଳୟରେ କିଭଳି ୩ ହଜାର ଗ୍ରାମକୁ ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ କେନ୍ଦ୍ର ମନ୍ତ୍ରୀ ଓରାମ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ଶିକ୍ଷା ସଂସ୍କାର, ଆରୋଗ୍ୟ ଶିକ୍ଷା ସମେତ ଜୈବିକ ଚାଷ ସମ୍ପର୍କରେ ଜନଆନ୍ଦୋଳନ ଗଢ଼ିଉଠିବ ବୋଲି ଓରାମ କହିଥିଲେ। ସମାଜସେବୀ ଶ୍ୟାମ ଗୁପ୍ତା ରାଷ୍ଟ୍ର ନିର୍ମାଣରେ ଏକଲର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଞ୍ଚଳ ଅଧ୍ୟକ୍ଷ ଜମୁ ତିର୍କୀ ଧନ୍ୟବାଦ ଦେଇଥିଲେ। ରାଜୀବ ପାତ୍ର, ଘନଶ୍ୟାମ ଭାଟି, ରାମଚନ୍ଦ୍ର ଛୁରା, ଶରତ ଚନ୍ଦ୍ର ପାଣ୍ଡବ, ବେବି ଦେହୁରୀ, ଜୟଶ୍ରୀ ତିର୍କୀ, ହିରାଲାଲ ମହତୋ, ମଞ୍ଜରୀ କାନ୍ତି, ଗୀତା ସିଂହଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଲଗାଣ ବର୍ଷା, ୩ ଡ୍ୟାମ୍‌ର ଜଳସ୍ତର ବୃଦ୍ଧି

ଫୁଲୁଛି ବ୍ରାହ୍ମଣୀ, ଶଙ୍ଖ ଓ କୋଏଲ ନଦୀ

ରାଉରକେଲା, ୧୬।୯(ବିପ୍ଳବ ରଞ୍ଜନ ଦାଶ)

୩ଦିନ ବ୍ୟାପୀ ଲଗାଣ ବର୍ଷାରେ ରାଉରକେଲାର ୪ପ୍ରମୁଖ ଡ୍ୟାମ୍ ମଧ୍ୟରୁ ୩ଟିର ଜଳସ୍ତର ବୃଦ୍ଧି ଘଟିଥିବା ବେଳେ କିଛି ଗେଟ୍ ଦେଇ ପାଣି ନିଷ୍କାସନ କରାଯାଉଛି। ଅନ୍ୟପକ୍ଷେ ଡ୍ୟାମ୍‌ରୁ ନିଷ୍କାସିତ ପାଣି, ଲଗାଣ ବର୍ଷା ଏବଂ ଉପର ମୁଣ୍ଡ ବନ୍ୟାପାଣି ପ୍ରଭାବରେ ରାଉରକେଲା ଦେଇ ପ୍ରବାହିତ ହେଉଥିବା ବ୍ରାହ୍ମଣୀ, କୋଏଲ ଓ ଶଙ୍ଖ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ସହରର ନଦୀକୂଳବର୍ତ୍ତୀ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଲଗାଣ ବର୍ଷା ୪ ବ୍ଲକର ଚାଷୀକୁଳଙ୍କ ପାଇଁ ଅନୁକୂଳ ହୋଇଥିବା ବେଳେ ସହର ଓ ବସ୍ତି ରାସ୍ତା ସହିତ ଘରଦ୍ୱାର ଏବଂ ଦୋକାନବଜାର ସହିତ ସ୍କୁଲ ପିଲାଙ୍କ ପାଠପଢା ପ୍ରଭାବିତ ହୋଇଛି।

ରୁକ୍ରା ଡ୍ୟାମ୍ ଗେଟ୍‌ରୁ ପାଣି ନିଷ୍କାସିତ ହେଉଛି।

ଜଳସମ୍ପଦ ବିଭାଗର ସୂଚନା ଅନୁସାରେ, ରୁକ୍ରା ଡ୍ୟାମ୍ ଜଳସ୍ତର ୧୮୫.୦୨ ଘନମିଟର ଥିବା ବେଳେ ଲଗାଣ ବର୍ଷା ଯୋଗୁ ଡ୍ୟାମ୍ ଜଳସ୍ତର ୧୮୬.୦୩କୁ ବୃଦ୍ଧିପାଇଛି। ଡ୍ୟାମ୍‌ର ୬ଟି ଗେଟ୍‌ରୁ ଗୋଟିଏ ଗେଟ ଖୋଲି ଜଳ ନିଷ୍କାସନ କରାଯାଉଛି। ଉକ୍ତ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୮୦ ଘନମିଟର ଜଳ ନିଷ୍କାସିତ ହୋଇ ବ୍ରାହ୍ମଣୀ ନଦୀରେ ମିଶୁଛି। ସେହିପରି ପୀତାମହୁଲ ଡ୍ୟାମ୍‌ର ଜଳସ୍ତର ୨୪୨.୪୬କୁ ବୃଦ୍ଧି ପାଇଛି। ଏହି ଡ୍ୟାମ୍ ଗେଟ ବିହୀନ ଯୋଗୁ ବଳକା ପାଣି ଡ୍ୟାମ୍‌ରୁ ନିଷ୍କାସିତ ହୋଇ ସିଧାସଳଖ ବ୍ରାହ୍ମଣୀରେ ମିଶୁଛି। କାଂଶବାହାଲ ଡ୍ୟାମ୍‌ର ଜଳସ୍ତର ସ୍ୱାଭାବିକ ରହିଛି। ସେହିପରି ଗତକାଲିଠାରୁ ମନ୍ଦିରା ଡ୍ୟାମ୍‌ର ଜଳସ୍ତର ବୃଦ୍ଧି ପାଇଛି। ରାଉରକେଲାରେ ଗତ ତିନିଦିନ ମଧ୍ୟରେ ୩୬ ମିମି ବୃଷ୍ଟିପାତ ହୋଇଥିବା ସରକାରୀ ଭାବେ ରେକର୍ଡ କରାଯାଇଛି। ଏ ନେଇ ରାଉରକେଲା ଜଳସେଚନ ବିଭାଜନ ରୁକ୍ରା ଡ୍ୟାମ୍‌ର ନିର୍ବାହୀ ଯନ୍ତ୍ରୀ ଓ୍ୱିଲିୟମ ଏକ୍କାଙ୍କୁ ପଚାରିବାରୁ ଲଗାଣ ବର୍ଷାରେ ରୁକ୍ରା ଡ୍ୟାମ୍‌ର ଜଳସ୍ତରରେ ବୃଦ୍ଧି ଘଟିଛି। ବର୍ଷା ଜାରି ରହିଲେ ଆଗକୁ ଆହୁରି ଗେଟ୍ ଖୋଲାଯିବ ବୋଲି ସେ କହିଥିଲେ। ସେହିପରି କାଂଶବାହାଲ ଡ୍ୟାମ୍ ନିର୍ବାହୀ ଯନ୍ତ୍ରୀ କିସାନ ବାବୁ କୁହନ୍ତି, ତିନିଦିନ ହେଲା ଲଗାଣ ବର୍ଷାରେ ଡ୍ୟାମ୍ ଜଳସ୍ତର ବୃଦ୍ଧି ପାଇଛି। ବର୍ଷା ପରିମାଣ ୩୬ ମିମି ରହିଛି ବୋଲି ସେ କହିଥିଲେ।

ଟିପିଡବ୍ଲ୍ୟୁଓଡିଏଲ୍‌ର କୋଏଲନଗର ସେକ୍ସନରେ ବିଶ୍ୱକର୍ମା ପୂଜା

କୋଏଲନଗର ସେକ୍ସନରେ ବିଶ୍ୱକର୍ମାଙ୍କ ପୂଜା କରାଯାଉଛି।

ରାଉରକେଲା, ୧୬।୯(ସଙ୍ଗୀତା କେନା)

ରାଉରକେଲା ଟିପିଡବ୍ଲ୍ୟୁଓଡିଏଲର ବିଭିନ୍ନ ସେକ୍ସନ ପକ୍ଷରୁ ସୋମବାର ବିଶ୍ୱକର୍ମା ପୂଜା ମହାସମାରୋହରେ ପାଳିତ ହୋଇଛି। କୋଏଲନଗର ସେକ୍ସନରେ ଏହି ପୂଜା ଅବସରରେ ମୁଖ୍ୟଅତିଥି ଭାବେ ଟିପିଡବ୍ଲ୍ୟୁଓଡିଏଲ ସୁନ୍ଦରଗଡ଼ ଜିଲାର ସୁପରିଣ୍ଟେଣ୍ଡେଣ୍ଟ ଇଂ. ସଞ୍ଜିତ ନାୟକ ଯୋଗ ଦେଇଥିଲେ। କୋଏଲନଗର ଏସ୍‌ଡିଓ ଶୁଭାଶିଷ ମହାନ୍ତି, ରାଜଗାଙ୍ଗପୁର ଏସ୍‌ଡ଼ିଓ ସଞ୍ଜୀବ ମହାନ୍ତ, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଶୁଭାଶିଷ ନାୟକ, କୋଏଲନଗର ଜେଇ ସଞ୍ଜୟ ସାହୁ, ଝିରପାଣିର ଅନୀଲ ଗୌଡ଼ଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ବିଦ୍ୟୁତ୍ ବିଲ୍ ଠିକ୍ ସମୟରେ ପ୍ରଦାନ କରୁଥିବା ଶ୍ରେଷ୍ଠ ଉପଭୋକ୍ତାଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ଏସ୍‌ଡ଼ିଓ ମହାନ୍ତି କହିଥିଲେ ବିଦ୍ୟୁତ୍ ବିଲ୍ ଠିକ୍ ସମୟରେ ପେଠ କରୁଥିବା ଉପଭୋକ୍ତାମାନଙ୍କ ପାଇଁ କମ୍ପାନୀ ପକ୍ଷରୁ ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେହିପରି ଲଟେରି ଦ୍ୱାରା ଯୋଗ୍ୟ ଉପଭୋକ୍ତା ଚୟନ କରାଯାଉଛି। ଖୁଲ୍ ଯା ସିମ୍ ସିମ୍ ନାମକ କାର୍ଯ୍ୟକ୍ରମ ଅନ୍ତର୍ଗତ ଏପରି ପ୍ରୋତ୍ସାହନ କରାଯାଉଛି। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଉପଭୋକ୍ତାଙ୍କୁ ପୁରସ୍କୃତ କରାଯାଉଛି। ଟିପିଡବ୍ଲ୍ୟୁଓଡିଏଲ (ପଶ୍ଚିମ)ରେ ଏପରି କାର୍ଯ୍ୟକ୍ରମ କରାଯାଉଛି। ସେହିପରି ବନ୍ଧମୁଣ୍ଡା ସ୍ଥିତ କୋଇଲାଗେଟ୍‌ଠାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ଅନୁରୂପ ଭାବେ ରାଉରକେଲା ଉଦିତନଗର, ଛେଣ୍ଡ, ପାନପୋଷ ସମେତ ୭ଟି ସେକ୍ସରେ ଏହି ପୂଜା ଆୟୋଜିତ ହୋଇଥିଲା।

ଜ୍ଞାନବିକାଶ କେନ୍ଦ୍ରରେ ସାହିତ୍ୟ ମହୋତ୍ସବ

ରାଉରକେଲା, ୧୬।୯(ଦିନେଶ ମିଶ୍ର)

ରାଉରକେଲା ଜେଲ ରୋଡ୍ ସ୍ଥିତ ପଦ୍ମାବତୀ ମେମୋରିଆଲ ହଲରେ ଶ୍ରୀଧର ସ୍ମୃତି ଜ୍ଞାନବିକାଶ କେନ୍ଦ୍ରର ମାସିକ ସାହିତ୍ୟ ମହୋତ୍ସବ ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଇଞ୍ଜିନିୟର ଅଭୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧ୍ୟକୁ ଆସେ ଆଚାର୍ଯ୍ୟ ହରିହରଙ୍କ ଦେଶପ୍ରୀତି ଦେଖାଯାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଡକ୍ଟର ଜୟନ୍ତୀ ପାଢୀ ଯୋଗଦେଇ ଆଚାର୍ଯ୍ୟ ହରିହର ଜଣେ ଋଷିପ୍ରତିମ ବ୍ୟକ୍ତି ଥିଲେ ବୋଲି କହିଥିଲେ। ଓଡିଶାରେ ହରିଜନ ଆନ୍ଦୋଳନ, ଲବଣ ସତ୍ୟାଗ୍ରହରେ ଆଚାର୍ଯ୍ୟ ହରହରିଙ୍କ ଅବଦାନ ବିଷୟରେ ମତ ଡକ୍ଟର ପାଢୀ ଆଲୋଚନା କରିଥିଲେ। ପଣ୍ଡିତ ନିଶିକାନ୍ତ ମିଶ୍ର, କବି ଗଦାଧର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଡକ୍ଟର ସୁବାସ ଚନ୍ଦ୍ର ଲେଙ୍କା ଅନୁଷ୍ଠାନର ୪୪ ବର୍ଷର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ବଳରାମ ଦାସଙ୍କ ସଭାପତିତ୍ୱରେ କବି ସମ୍ମିଳନୀ ହୋଇଥିଲା। ଏଥିରେ ଅତିଥି ଭାବେ କବି ବ୍ରହ୍ମାନନ୍ଦ ପାଢ଼ୀ ଯୋଗ ଦେଇଥିଲେ। କବିତା ପାଠ ଉତ୍ସବକୁ କବି ଉପେନ୍ଦ୍ର ବହିଆ ଓ ସଙ୍ଗୀତା ଦାଶ ସଂଯୋଜନା କରିଥିଲେ। ରାଉରକେଲାର ୨୦ ଜଣ କବୟିତ୍ରୀ କବି ସ୍ୱ ରଚିତ କବିତା ପାଠ କରିଥିଲେ। କବି ଅନୀଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଆଇଇଆଇ ପକ୍ଷରୁ ଇଞ୍ଜିନିୟର୍ସ ଡେ ପାଳିତ

ସିଭିକ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା, ୧୬।୯ (ବିପ୍ଳବ ରଞ୍ଜନ ଦାଶ /ସଙ୍ଗୀତା କେନା)

ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ପରିସରରେ ଥିବା ଇନଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ (ଭାରତ) ରାଉରକେଲା ଶାଖା ଓ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ମିଳିତ ଭାବେ ୫୭ତମ ଇଞ୍ଜିନିୟର୍ସ ଡେ ପାଳିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ସିଭିକ ସେଣ୍ଟରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି, ଏନ୍‌ଆଇଟି ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ ସରକାର, ସିଜିଏମ୍ ଇନ୍‌ଚାର୍ଜ ତଥା ଇଡ଼ି (ୱାର୍କସ) ଇଂ. ବିଶ୍ୱରଞ୍ଜନ ପଲେଇ, ପ୍ରାକ୍ତନ ଡିଜିପି ଡ. ଲଳିତ ଦାସ, ଆଇଇଆଇର ଅଧ୍ୟକ୍ଷ ଇଂ. ସନ୍ତୋଷ ପୋଲାକି, ରାଉରକେଲା ଶାଖା ସମ୍ପାଦକ କ୍ୟାପ୍‌ଟେନ ଡ. ଅଜିତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଏମ୍ ବିଶ୍ୱେଶ୍ୱରାୟାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ 'ଅତ୍ୟାଧୁନିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଚାଳିତ ପ୍ରଯୁକ୍ତିବିଦ୍ୟାକୁ ଇଞ୍ଜିନିୟର୍ସ ସଲ୍ୟୁଶନ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପୋଲାକି ଆଧୁନିକ ଇଞ୍ଜିନିୟରିଂ କ୍ଷେତ୍ରରେ ୱିଜାର୍ଡ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ବିଶେଶ୍ୱରୟାଙ୍କ ଏକ ସଂକ୍ଷିପ୍ତ ଲାଇଫ୍ ସ୍କେଚ୍ ପ୍ରଦର୍ଶନ କରାଯାଇଥିଲା। ପ୍ରାକ୍ତନ ଡିଜିପି ଡ. ଦାସ କହିଲେ, ଇଞ୍ଜିନିୟରିଂ ଏକ ମହତ୍ ବୃତ୍ତି ଅଟେ। କୌଣସି ଯୋଜନା ଏକ କାଗଜରେ ନୁହେଁ ବରଂ ଏଆଇ ଦ୍ୱାରା ପରିକଳ୍ପିତ ରୂପରେଖ ଉପସ୍ଥାପନ କରୁଛି ବୋଲି କହିଥିଲେ। ଚଳିତବର୍ଷ ଆର୍‌ଏସ୍‌ପିର ପୂର୍ବତନ ଅଧିକାରୀ ପି. କେ. ମେହେରୋତ୍ରା, ଏନ୍‌ଆଇଟି ସିଭିଲ ଇଞ୍ଜିନିୟରିଂର ପ୍ରଫେସର ସୁରେଶ ପ୍ରସାଦସିଂ, ଏଚ୍. ପି ପଟ୍ଟନାୟକ, ଡ. ସିଂହମ୍ ଜାୟନ୍ତୁ, ଇଂ. ଡି. ମହାପାତ୍ର ଓ ଅନ୍ୟମାନଙ୍କୁ ସମ୍ପର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଡ. ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୩ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ।

ଯୁବବର୍ଗ ପୃଥିବୀର ଭବିଷ୍ୟତ

ଏସ୍‌ପିସିବି ପକ୍ଷରୁ ବିଶ୍ୱ ଓଜୋନ ଦିବସ ପାଳିତ

ରାଉରକେଲା, ୧୬।୯(ଦିନେଶ ମିଶ୍ର)

ସେକ୍ଟର-୨୧ ସ୍ଥିତ ଗୁରୁନାନକ ପବ୍ଲିକ ସ୍କୁଲ ପରିସରରେ ଏସ୍‌ପିସିବି ପକ୍ଷରୁ ବିଶ୍ୱ ଓଜନ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ମୁଖ୍ୟ ପରିବେଶ ବିଜ୍ଞାନୀ ଡକ୍ଟର ଅନୁପ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବାୟୁମଣ୍ଡଳରେ ଓଜନ ସ୍ତରର ସୁରକ୍ଷା ତଥା ଜଳବାୟୁ ପ୍ରଭାବକୁ ହ୍ରାସ କରିବା ପାଇଁ କାର୍ଯ୍ୟ ଜାରି ରଖିବାକୁ ମଲ୍ଲିକ ଆହ୍ୱାନ ଦେଇଥିଲେ। ଉପ ପରିବେଶ ଯନ୍ତ୍ରୀ ଇଞ୍ଜିନିୟର ବିଜୟ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବବର୍ଗ ଆମ ପୃଥିବୀର ଭବିଷ୍ୟତ ବୋଲି କରିଥିଲେ। ଜଳବାୟୁ ପରିବର୍ତ୍ତନକୁ ସମାଧାନ କରିବା ପାଇଁ ଆମକୁ ବର୍ତ୍ତମାନ ପଦକ୍ଷେପ ନେବାକୁ ପଡିବ। କାର୍ବନ ଫୁଟ୍‌ପ୍ରିଣ୍ଟକୁ ହ୍ରାସ କରିବା, ଓଜନ ସ୍ତରକୁ ସୁରକ୍ଷା ଦେବା ପାଇଁ ଆମର ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣାଇବା ଓ ସଚେତନ ହୋଇ ନିଷ୍ପତ୍ତି ନେବା ଦ୍ୱାରା ଆମେ ଏକ ପରିବର୍ତ୍ତନ କରିପାରିବା ବୋଲି ସେ କହିଥିଲେ। ୱାଇଏମ୍‌ଏଫ୍‌ଆଇ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ସୁରିନ୍ଦର ସିଂ, ସମ୍ପାଦକ ହରଦୀପ ସିଂ, ଡକ୍ଟର ପାପ୍ରି ରାୟ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ସ୍କୁଲର ପ୍ରିନ୍ସିପାଲ ଡକ୍ଟର ମନଭିନ୍ କୌର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ, ଜଳବାୟୁ ଉପରେ ଛାତ୍ରୀଛାତ୍ରମାନଙ୍କୁ ଜ୍ଞାନ ପ୍ରଦାନ ସହିତ ସଶକ୍ତ କରିବା ଓ ସେମାନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣା ଦେବାର ଆବଶ୍ୟକତା ରହିଛି। ସ୍କୁଲ ପରିବେଶ ଶିକ୍ଷା ଓ ସ୍ଥିରତା ପାଇଁ ପ୍ରତିବଦ୍ଧ। ଏକ ଉତ୍ତମ ଭବିଷ୍ୟତ ତିଆରି କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ଡକ୍ଟର କୌର ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ସ୍କୁଲ ଏକାଡେମୀ ବିଭାଗର କୋର୍ଡିନେଟର ମୀନକେତନ ମହାପାତ୍ରଙ୍କ ସମେତ ୧୬ ଜଣ ଛାତ୍ରୀଛାତ୍ର ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ ଓଏସ୍‌ଡି ବି. ବି ମହନ୍ତ, ୱାଇଏମ୍‌ଏଫ୍‌ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ସମେତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ନେଇ ମିଶନ ଲାଇଫ ଶପଥ ପାଠ କରିଥିଲେ। ପରେ ବିଭାଗୀୟ ପରିବେଶ ଯନ୍ତ୍ରୀ ଇଞ୍ଜିନିୟର ରଞ୍ଜନ ଦାସ ଓ ରଜତ କୁମାର ସେଠୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ପୋଲସକୁ ସହଯୋଗ କଲେ ଅପରାଧ କମିବ

କାର୍ଯ୍ୟକ୍ରମରେ ଡିଏସ୍‌ପି ସଚେତନତା ବାର୍ତ୍ତା ପ୍ରଦାନ କରୁଛନ୍ତି।

ରାଉରକେଲା, ୧୬।୯(ବିପ୍ଳବ ରଞ୍ଜନ ଦାଶ)

ହମିରପୁର ଉନ୍ନୟନ ପରିଷଦ ଓ ସେକ୍ଟର-୧୯ ଥାନାର ମିଳିତ ସହଯୋଗରେ ସେକ୍ଟର-୨୦ ସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ଆମ ପୋଲିସ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଥାନାଧିକାରିଣୀ ସାଇପ୍ରଭା ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଡିଏସ୍‌ପି ପୁଷ୍ପାଞ୍ଜଳି ନେଙ୍ଗୀ ଓ ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ପୋଲିସ ଅଧିକାରୀ ଡକ୍ଟର ସୁମନ ଦତ୍ତ ଯୋଗ ଦେଇଥିଲେ। ଟଙ୍କା ଲୁଟ୍ ରୋକିବା ଲାଗି ମୋବାଇଲ ମେସେଜ ଲିଙ୍କ୍‌କୁ ଡାଉନଲୋଡ ନ କରିବା, ଅଚିହ୍ନା ବ୍ୟକ୍ତିମାନଙ୍କୁ ଦେଖିଲେ ପୋଲିସକୁ ସୂଚନା ଦେବା, ବସ୍ତିରେ ବେଆଇନ ମଦ କାରବାର ଚାଲିଥିଲେ ଖବର ଦେବା, ହ୍ୱାଟ୍ସଆପ କଲ୍‌କୁ ରିସିଭ ନ କରିବା, ବରିଷ୍ଠ ନାଗରିକ ଓ ମହିଳାମାନେ ସତର୍କ ରହିବା, ହେଲମେଟ ପିନ୍ଧି ବାଇକ୍ ଚଳାଇବା, ମଦ୍ୟପାନ କରି ଗାଡି ଚାଳନା ନ କରିବା ଆଦି ବିଷୟରେ ଡିଏସ୍‌ପି ନେଙ୍ଗୀ ସଚେତନ କରାଇଥିଲେ। ଏଥିସହ ୧୧୨ ଏବଂ ସାଇବର ଠକେଇ ପାଇଁ ୧୯୩୦ ନମ୍ବରକୁ ଫୋନ କରିବା ପାଇଁ ମଧ୍ୟ ସେ କହିଥିଲେ। ନିର୍ଭୟ ଏବଂ ସତର୍କ ସହକାରେ ପୋଲିସକୁ ସହଯୋଗ କଲେ ସମାଜରୁ ଅପରାଧ ଆପେ ହ୍ରାସ ପାଇଯିବ ବୋଲି ଡିଏସ୍‌ପି କହିଥିଲେ। ଏହି ଅବସରରେ ହମିରପୁରରେ ଏକ ପୋଲିସ ବିଟ୍ ହାଉସ ସ୍ଥାପନ ପାଇଁ ଦାବି ହୋଇଥିଲା। ଏଏସ୍‌ଆଇ ସୁଷମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ଆଇ ରୁଦ୍ର ନାରାୟଣ ଦାସ, ପ୍ରଦୀପ୍ତ କିଶୋର ବାରିକ, ଶ୍ୟାମସୁନ୍ଦର ଜୟପୁରିଆ, କମଳ ନାୟକ ପ୍ରମୁଖ ସହଯୋଗ କରିଥିଲେ।

ବୋନସ୍ ଦାବି, ୨୦ରେ ସିଟୁର ବିକ୍ଷୋଭ

ରାଉରକେଲା, ୧୬।୯(ସଙ୍ଗୀତା କେନା)

ଶ୍ରମିକ ଭବନରେ ସୋମବାର ସିଟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ସଭାପତିତ୍ୱରେ ସମ୍ପାଦକ ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍.ଡବ୍ଲ୍ୟୁ.ଏଫ୍.ଆଇ. ବୈଠକରେ ସେଲ୍ କର୍ତ୍ତୃପକ୍ଷଙ୍କ ଇସ୍ପାତ ଶ୍ରମିକ ବିରୋଧୀ ନୀତି ବିରୋଧରେ ତଥା ପୂଜା ପୂର୍ବରୁ ସମ୍ମାନଜନକ ବୋନସ ଦାବିରେ ଆସନ୍ତା ୨୦ତାରିଖରେ ସମସ୍ତ ଇସ୍ପାତ ଶିଳ୍ପରେ ବିକ୍ଷୋଭ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସୂଚନା ଦିଆଯାଇଥିଲା। ସଭାପତି ମହାନ୍ତି କହିଥିଲେ, ଏହି ୫ ବର୍ଷ ମଧ

ସଂକ୍ଷେପରେ

ଭାଇଚାରା ସୃଷ୍ଟି କରେ ନୂଆଁଖାଇ ଭେଟ୍‌ଘାଟ

ସମ୍ବଲପୁର,୧୬।୯(ବି.ଶଙ୍କର)

କାହ୍ନା ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ କଲ୍ୟାଣ ନଗରରେ ରବିବାର ପାଳିତ ହୋଇଯାଇଛି। ସଭାପତି ତ୍ରିଲୋଚନ ରାୟଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସର ପଙ୍କଜ କୁମାର ପଟେଲ ମୁଖ୍ୟ ବକ୍ତା ଯୋଗଦେଇ ଭେଟ୍‌ଘାଟ ଦ୍ୱାରା ସମସ୍ତଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ହୋଇଥାଏ, ଆତ୍ମିୟତା ଭାବ ବୃଦ୍ଧି ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ବଲପୁର ମହାନଗର ନିଗମର ସଫେଇ କର୍ମଚାରୀ ବିଶ୍ୱନାଥ ମହାନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କଳାକାରମାନେ ଭଜନ ପରିବେଷଣ କରିଥିଲେ। ଅସୀମା ଚଇନି, ଆଦର୍ଶ କର, କଳ୍ପନା ସାହୁ, ସଞ୍ଜୁ ତ୍ରିପାଠୀ, ବିଭୂତି ଦାଶ, ଅଶ୍ୱିନୀ କର ଓ ସୁନ୍ଦରମଣି ଦୀପ ଗୀତ ଗାନ କରିଥିବା ବେଳେ ଏବଂ ବିନାଖଣ୍ଡି ମଣ୍ଡଳି କୀର୍ତ୍ତନ ପରିବେଷଣ କରିଥିଲେ। ଶତାଧିକ ପରିବାର ଏହି ଭେଟଘାଟରେ ଅଂଶଗ୍ରହଣ କରିଥିଲେ। ସୁଶୀଲ ମିଶ୍ର, ଗଙ୍ଗା ଚଇନୀ, ଗଙ୍ଗା ପୁରୋହିତ, ମନୋଜ ମେହେର, ନବୀନ କର୍ତ୍ତି, ଅଶୋକ ଦାଶ, ତ୍ରିଲୋଚନ ଦାଶ, ଅଜିତ ବହିଦାର ପ୍ରମୁଖ ସହଯୋଗ କରିଥିଲେ। କୋଷାଧକ୍ଷ ଡ଼ୋଲାମଣୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରସ୍ତୁତ ହୋଇଥିବା ପାରମ୍ପରିକ ପିଠାପଣା ଓ ବ୍ୟଞ୍ଜନରେ ଅଞ୍ଚଳ ମହକି ଉଠିଥିଲା।

ମୃତ ଶିକ୍ଷୟିତ୍ରୀଙ୍କ ପରିବାରକୁ ଶିକ୍ଷକ ସଂଘର ସହାୟତା

କୁଚିଣ୍ଡା,୧୬।୯(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଚନ୍ଦନିମାଲ ପଞ୍ଚାୟତ ଅନ୍ତର୍ଗତ କେଲଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲୁଚନୀ ବେହେରାଙ୍କ ବିୟୋଗରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶିକ୍ଷୟିତ୍ରୀ ବେହେରା କର୍କଟ ରୋଗରେ ପୀଡିତ ଥିଲେ ଓ ସେ ଗତ ୬ତାରିଖରେ ଇହଧାମ ତ୍ୟାଗ କରିଥିଲେ। କୁଚିଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସର୍ଗତ ଶିକ୍ଷୟିତ୍ରୀଙ୍କ ପରିବାରଙ୍କୁ ସହଯୋଗର ହାତ ବଢାଇଛନ୍ତି। ଏହି ଅବସରରେ ସଂଘ କର୍ମକର୍ତ୍ତାମାନେ ସୋମବାର ତାଙ୍କ ଲସାସ୍ଥିତ ବାସଭବନକୁ ଯାଇ ସ୍ୱର୍ଗତ ଶିକ୍ଷୟିତ୍ରୀଙ୍କ ପୁଅ ଶୁଭମ ବେହେରାଙ୍କୁ ନଗଦ ୨୬ହଜାର ଟଙ୍କାର ଆର୍ଥ ରାଶି ପ୍ରଦାନ କରିଥିଲେ। ଏଥିରେ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ ଦାସ, ସମ୍ପାଦିକା କଲ୍ୟାଣୀ ପଟେଲ, ଶିକ୍ଷକ ଭୁବନେଶ୍ୱର ବେହେରା, ପ୍ରଦୀପ ନାଏକ, ରମେଶ ଚନ୍ଦ୍ର ପଟେଲ, ମନୋଜ ମଲ୍ଲିକ, ଦୁଃଖବନ୍ଧୁ ସାହୁ, ରସାନନ୍ଦ ଭଇଁଷା ସାମିଲ ହୋଇଥିଲେ।

କୁଚିଣ୍ଡାରେ ପାଳନ ହେଲା ମହମ୍ମଦ ଜୟନ୍ତୀ

କୁଚିଣ୍ଡା,୧୬।୯(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡାରେ ସୋମବାର ମୁସଲିମ ସମ୍ପ୍ରଦାୟ ପକ୍ଷରୁ ମହମ୍ମଦ ଜୟନ୍ତୀ ପାଳିତ ହୋଇଯାଇଛି। କୁଚିଣ୍ଡା ମସ୍‌ଜିଦରୁ ଏକ ଶୋଭାଯାତ୍ରା ବାହାରି କୁଚିଣ୍ଡା ସହର ପରିକ୍ରମା କରିଥିଲା। ଏଥିରେ ମୁସଲିମ ସମ୍ପ୍ରଦାୟର ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ। ମହମ୍ମଦ ଜୟନ୍ତୀ ପାଳନ ଅବସରରେ ମୁସଲମ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ସୃଷ୍ଟି ହୋଇ ଏକ ବିଚାରଧାରାର ନିଦର୍ଶନ ଦେଇଥାଏ ବୋଲି ମସ୍‌ଜିଦ କମିଟି କର୍ମକର୍ତ୍ତାମାନେ କହନ୍ତି।

ଲୋକମୁଖ ନିଃସୃତ ବାଣୀ ମହାନ

ଗୁରୁ ଉତ୍ସବ, ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଅତିଥି, ବକ୍ତା ଓ କର୍ମକର୍ତ୍ତା।

ସମ୍ବଲପୁର,୧୬।୯(ବି.ଶଙ୍କର)

ଭାରତୀୟ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବଜାୟ ରଖିବା ଲକ୍ଷ୍ୟ ନେଇ ବିକାଶ ଶିକ୍ଷାନୁଷ୍ଠାନ ସମୂହ ସମ୍ବଲପୁର ପକ୍ଷରୁ ଗୁରୁ ଉତ୍ସବ ଓ ନୂଆଁଖାଇ ଭେଟ୍‌ଘାଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ପ୍ରତ୍ୟେକ ଭାଷା ନିଜର ଲିପି ଏବଂ ବ୍ୟାକରଣ ଦୃଷ୍ଟିକୋଣ ତଥା ବ୍ୟବହୃତ ହେଉଥିବା ଲୋକମୁଖରୁ ନିଃସୃତ ବାଣୀ ତାକୁ ମହାନ କରିଥାଏ । ସେହିକ୍ରମରେ ସମ୍ବଲପୁରୀ ଭାଷା ଆଜି ବିଶ୍ୱ ଦରବାରରେ ପରିଚିତ ହୋଇପାରିଛି। ମଙ୍ଗାଧର ମେହେର ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ଶମ୍ଭୁପ୍ରସାଦ ମିଶ୍ର ଶିକ୍ଷାଦାନ ଭଳି ଅମୂଲ୍ୟ ରତ୍ନକୁ ବାଛି ନେଇ ଶିକ୍ଷା ଓ ସଂସ୍କାରର ମୂଲ୍ୟବୋଧକୁ ଜନ ମାନସରେ ପହଞ୍ଚାଇବା ପାଇଁ ସର୍ବଦା ଚଳଚଞ୍ଚଳ ହେବା ଜରୁରୀ । ଶୈକ୍ଷିକ ପରିବେଶରେ ଉପଯୁକ୍ତ ଭିତ୍ତିଭୂମି ହିଁ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷକଙ୍କ ପ୍ରତି ଥିବା ଆନୁଗତ୍ୟକୁ ପ୍ରକାଶ କରିଥାଏ । କାର୍ଯ୍ୟକ୍ରମରେ ଉଭୟ ଗୁରୁଙ୍କର ଚରଣ ଧୌତ କରିବା ଏବଂ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଶିକ୍ଷକ ହେଉଛନ୍ତି ଜଣେ ଜଣେ କଳା ସାଧକ । ଏଣୁ ବିକାଶ ଅନୁଷ୍ଠାନ ସମୂହର ପ୍ରତ୍ୟେକ ଶିକ୍ଷକ ମଞ୍ଚ ଉପରେ ନିଜର କଳା ପ୍ରଦର୍ଶନ କରିଛନ୍ତି । ଏହା ବିକାଶ ଅନୁଷ୍ଠାନ ସମୂହର ଅନନ୍ୟ ପରମ୍ପରା ବୋଲି ବିକାଶ ଅନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ କହିଥିଲେ। ନିର୍ଦ୍ଦେଶକ ଜି ରାମକ୍ରିଷ୍ଣା, ନିର୍ଦ୍ଦେଶକା ଗୀତିକା ଚୌଧୁରୀ ଏବଂ ଲକ୍ଷ୍ମୀ ବିକାଶର ଚେୟାରମ୍ୟାନ ଡି.ନାଗେଶ୍ୱର ରାଓ, ଅପର୍ଣ୍ଣ ୱାର୍ଲ୍ଡ ସ୍କୁଲ ଅଧ୍ୟକ୍ଷା ଭୁବନ ଭୁବନେଶ୍ୱରୀ, ବିକାଶ ଫାଷ୍ଟ ଷ୍ଟେପର ଅଧ୍ୟକ୍ଷା ଡି ସାନ୍ତା ଚୌଧୁରୀ, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡ.ସୁସ୍ମିତା ପଣ୍ଡା, ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ଓ ଉପାଧ୍ୟକ ଡ. ଦିବ୍ୟସଂହ ମହନ୍ତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିକାଶ ନର୍ସିଂ ମହାବିଦ୍ୟଳୟ ଅଧ୍ୟକ୍ଷ ଡେରିକ ଡନସନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ବିକାଶ ବିଦ୍ୟାଳୟରେ ଗୁରୁ ଉତ୍ସବ, ନୂଆଁଖାଇ ଭେଟ୍‌ଘାଟ

ନୂଆଁଖାଇ ପ୍ରବାସୀ ଓଡ଼ିଆଙ୍କୁ ନିଜ ପରମ୍ପରା ସହ ଯୋଡ଼ିଛି

ପ୍ରବାସୀ ଓଡିଆଙ୍କ ଦ୍ୱାରା ପୁଣେରେ ନୂଆଁଖାଇ ଭେଟଘାଟ

ସମ୍ବଲପୁର,୧୬।୯ (ଭବାନୀ ଶଙ୍କର ଭୋଇ)

ମହାରାଷ୍ଟ୍ରର ପୁଣେ ୟୁନିଭରସିଟି ରୋଡସ୍ଥିତ କଳ୍ପତରୁ ହଲରେ ରବିବାର ନୂଆଁଖାଇ ଭେଟ୍‌ଘାଟ ପାଳିତ ହୋଇଯାଇଛି। ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ପୂଜାର୍ଚ୍ଚନା ପରେ ଓଡ଼ିଶାରୁ ପହଞ୍ଚିଥିବା ନୂଆଧାନର ଭୋଗ ଲଗାଯାଇଥିଲା। ଏହାପରେ ଉପସ୍ଥିତ ଥିବା ସମସ୍ତ ପରିବାର ବର୍ଗ ଏକାଠି ନବାନ୍ନ ଭକ୍ଷଣ କରିଥିଲେ। ଏହା ପରେ ଦିନସାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିଳାମାନେ ସମବେତ ଭଜନ ପରିବେଷଣ କରିଥିବା ବେଳେ କୁନି ପିଲା ଏବଂ ଅନ୍ୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ ଗୀତ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ବଲାଙ୍ଗୀରର ରୁଣୁ ଝୁଣୁ କଳା ପରିଷଦ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ବ୍ୟକ୍ତିମାନେ ଓଡ଼ିଶାରୁ ଦୂରରେ ରହିଥିବା ସତ୍ତ୍ୱେ ନିଜ ପରମ୍ପରା ପ୍ରତି କେମିତି ଯୋଡି ହୋଇ ରହିଛନ୍ତି ସେହି ବିଷୟରେ ନିଜ ମତ ଉପସ୍ଥାପନ କରିଥିଲେ । ନୂଆଁଖାଇ ପୁଣେରେ ରହୁଥିବା ଓଡ଼ିଆ ମାନଙ୍କ ମଧ୍ୟରେ ଏକତା ସୃଷ୍ଟି କରିପାରିଥିବା ଆୟୋଜକ ମାନେ ମତ ଦେଇଥିଲେ। ସମସ୍ତଙ୍କୁ ଏହି ଅବସରରେ ଚିତ୍ରାଙ୍କନ, ନୃତ୍ୟ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ମହିଳା ସଦସ୍ୟାମାନେ ମଧ୍ୟ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଓଡ଼ିଶା ବାହାରେ ନୂଆଁଖାଇ ପାଳନ କରିବାରେ ପୁଣେ ହେଉଛି ଦିଲ୍ଲୀ ପରେ ଦେଶର ଦ୍ୱିତୀୟ ସହର। ନିବେଦିତା ବହିଦାର, ବନ୍ଦିତା ସାହୁ, ଉମାକାନ୍ତ ପ୍ରଧାନ, ବେଣୁଧର ପୁଞ୍ଜି, ନରେନ୍ଦ୍ର ପଣ୍ଡା, ପ୍ରତ୍ୟୁଷ ପାଢୀ, ନରେନ୍ଦ୍ର ମେହେର, ସ୍ୱାଧୀନ ବହିଦାର, ଶିବାଶିଷ ପଟନାୟକ, ରବି ସାହୁ, ଇଂ. ଦିଲୀପ ସାହୁ ଓ ସରୋଜ ସାହୁ ପ୍ରମୁଖ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପୁନେ ଭେଟ୍‌ଘାଟରେ ମହିଳାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ପକ୍ଷାଘାତ ରୋଗୀଙ୍କୁ ହୁଇଲ୍ ଚେୟାର ବଣ୍ଟନ

'ସେବା' ଅନୁଷ୍ଠାନ ଉଦ୍ୟମରେ ପୀଡ଼ିତ ପକ୍ଷାଘାତ ରୋଗୀଙ୍କୁ ହୁଇଲ୍ ଚେୟାର ଦିଆଯାଇଛି।

୪ ପୀଡ଼ିତଙ୍କୁ ମିଳିଲା ହୁଇଲ୍ ଚେୟାର

ସମ୍ବଲପୁର,୧୬।୯(ପ୍ରମୋଦ ବହିଦାର)

ସମ୍ବଲପୁର ସହରର ଅନ୍ୟତମ ଅଗ୍ରଣୀ ସାମାଜିକ ସଙ୍ଗଠନ ସେବା ଉଦ୍ୟମକ୍ରମେ ଜିଲା ପ୍ରଶାସନ ପକ୍ଷରୁ ୪ ପକ୍ଷାଘାତ ରୋଗୀଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଦୁଗାପାଲଠାରେ ସେବାର ସଭାପତି ଦୀପକ ପାଣ୍ଡେ, ରେଡକ୍ରସ ପୁଷ୍ପପୋଷକ ନିହାଲ ସିଂ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ ପକ୍ଷାଘତ ରୋଗୀଙ୍କୁ ହୁଇଲ ଚେୟାର ବଣ୍ଟନ କରିଥିଲେ। ସେମାନେ ହେଲେ ସମ୍ବଲପୁର ସହରର ଡୁଲାରାମ ପାତ୍ର, ଭରତ ଚାଆଁର, ସୁଷମା ବେହେରା ଓ ହୀରାକୁଦ ସହରର ଅଭୟ କୁମାର ପରିଡ଼ା। ଉକ୍ତ ପକ୍ଷାଘାତ ରୋଗୀଙ୍କୁ ହୁଇଲ ଚେୟାର ପ୍ରଦାନ ପାଇଁ ସେବା ଅନୁଷ୍ଠାନ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅନୁରୋଧ କରାଯାଇଥିଲା। ଅନୁରୋଧ ରକ୍ଷା କରି ଜଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସେବା ଅନୁଷ୍ଠାନ ଜରିଆରେ ପୀଡ଼ିତମାନଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି।

ଜୁହାର ଫାଉଣ୍ଡେଶନ ପକ୍ଷରୁ ଭିଏସଏସ ଫେଲୋଶିପ ପ୍ରଦାନ

ସମ୍ବଲପୁର,୧୬।୯ (ଭବାନୀ ଶଙ୍କର ଭୋଇ)

ଜୁହାର ଫାଉଣ୍ଡେଶନ ମୁମ୍ବାଇ ତରଫରୁ ସୋମବାର ଭିଏସ୍‌ଏସ ଫେଲୋଶିପ ୨୦୨୪-୨୫ ଉଦ୍‌ଘାଟିତ ହୋଇଯାଇଛି। ଫାଉଣ୍ଡେଶନ ପଶ୍ଚିମ ଓଡ଼ିଶାର ୧୪ଟିଗାଁରେ ୫ଶହରୁ ଉର୍ଦ୍ଧ୍ୱ ସ୍କୁଲରେ ଅଧ୍ୟୟନରତ ଗରିବ ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ ଟ୍ୟୁସନ ମାଧ୍ୟମରେ ଶିକ୍ଷା ଦିଆଯାଉଛି। ଫେଲୋଶିପ ପ୍ରଦାନ କାର୍ଯ୍ୟକ୍ରମରେ ରଜନୀକାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲ। ମାଟ୍ରିକ ପରୀକ୍ଷାରେ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀଛାତ୍ରଙ୍କୁ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଦୁଇ ବର୍ଷ ବିନା ଶୁଳ୍କରେ ତାଙ୍କ ଶିକ୍ଷାନଷ୍ଠାନରେ ପଢିପାରିବେ ବୋଲି ପ୍ରଗତି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ଅଜୟ କୁମାର ପଣ୍ଡା ମତବ୍ୟକ୍ତ କରିଥିଲେ। ବିଗତ ବର୍ଷରେ ଦୁଇରୁ ତିନି ହଜାର ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି। ଚିଉସନରେ ପଢୁଥିବା ଅନେକ ଗାଁର ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ପୁରସ୍କାର, ପଠାଣି ସାମନ୍ତ ମେଧାବୃତ୍ତି ଆଦି ପୁରସ୍କାର ଲାଭ କରିପାଇଛନ୍ତି ବୋଲି ବୋର୍ଡ଼ ସଦସ୍ୟା ସୁଷମା ପଣ୍ଡା ପ୍ରକାଶ କରିଥିଲେ। ଗାଁରେ ଥିବା ଶିକ୍ଷିତ ଯୁବକ ଯୁବତୀମାନେ ଏହି ମହତ କାର୍ଯ୍ୟରେ ନିଯୁକ୍ତି ପାଇ ନିଜର ଅବସର ସମୟକୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ସଦୁପଯୋଗ କରୁଛନ୍ତି। ବର୍ତ୍ତମାନ ୧୪ଟି ଗାଁରେ ଏହି କାର୍ଯ୍ୟକ୍ରମ ଯେପରି କଳାହାଣ୍ଡିର ଚିଲକପୁର, କୋଟେନ ଗାଁ, ସମ୍ବଲପୁରର ଡ଼ଙ୍ଗରପଡା, ବରଗଡ଼ର ମୂଳବାର, ବରଗାଁ, କୁସମୁଣ୍ଡା, ମାଲଦା, କାରଣ୍ଡୋଲା, ଝାରସୁଗୁଡାର ପଣ୍ଡରୀ, ଜାମଗାଁର ଏପରି ଅନେକ ଗରିବ ତଥା ଉପେକ୍ଷିତ ଛାତ୍ରଛାତ୍ରୀ ଉପକୃତ ହୋଇପାରୁଥିବ ଜୁହାର ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସ୍କୁଲସ୍ତରରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର କିଭଳି ଶିକ୍ଷାର ମାନରେ ଉନ୍ନତି ହୋଇପାରିବ ଏବଂ ଗୋଟିଏ ଉତ୍ତମ ମୂଳଦୁଆ ସୃଷ୍ଟି କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପଢେଇବା ପାଇଁ ମେଣ୍ଟରମାନଙ୍କୁ ନିଯୁକ୍ତ କରାଯାଇଛି। ଆଗାମୀ ଦିନମାନଙ୍କରେ ମଧ୍ୟ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ଏହାର ଆବାହକ ଦୀପକ ପୂଜାରୀ ମତପ୍ରକାଶ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଜୁହାର ଫାଉଣ୍ଡେଶନର ଅନ୍ୟ ସମସ୍ତ ବୋଡ଼ ସଦସ୍ୟ ଦୀପକ ପୂଜାରୀ, ନମିତା ପୂଜାରୀ, ସୁଷମା ପଣ୍ଡା, ମିତ୍ର ଗୁରୁ, ମୌସୁମୀ ମହାପାତ୍ର, ଅରବିନ୍ଦ ପତି, ଉପସ୍ଥିତ ଥିଲେ।

ନୂଆଦିଲ୍ଲୀରେ ଓଡ଼ିଶା ଛାତ୍ର ପାଳିଲେ ନୂଆଁଖାଇ

ଆୟୋଜିତ ନୂଆଁଖାଇ ଭେଟ୍‌ଘାଟରେ ଅତିଥି ଓ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୧୬।୯(ବି.ଶଙ୍କର)

ପଶ୍ଚିମ ଓଡ଼ିଶା ଛାତ୍ର ସଙ୍ଗଠନ ଏବଂ ଓଡ଼ିଶା ଛାତ୍ର ସଙ୍ଗଠନ ଏଲବିଏସ ମିଳିତ ଆୟୋଜନରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ନୂଆଦିଲ୍ଲାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ପାଳିତ ହୋଇଯାଇଛି। ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷା ଡ. ମୃଦୁଲା ଠାକୁର ପ୍ରଧାନ ମୁଖ୍ୟ ଅତିଥି, ରେସିଡେଣ୍ଟ କମିଶନର ବିଶାଳ ଗଗନ ମୁଖ୍ୟବକ୍ତା, ଆମେରିକାର ପ୍ରଖ୍ୟାତ ନୃତ୍ୟଶିଳ୍ପୀ ସୋରେନ୍ ଲୋଇନ, ଏକ୍ସାମ କ୍ୟାମ୍ପସର ସଂସ୍ଥାପକ ବ୍ୟୋମକେଶ ମେହେର, ବାରିପଦାର ବିଧାୟକ ପ୍ରକାଶ ସୋରେନ, ବିଶ୍ୱବିଦ୍ୟାଳୟର କୁଳାନୁଶାସକ ପ୍ରଫେସର ଦେବୀ ପ୍ରସାଦ ତ୍ରିପାଠୀ, ଛାତ୍ର କଲ୍ୟାଣ ପୀଠ ପ୍ରମୁଖ ପ୍ରଫେସର ଶିବ ଶଙ୍କର ମିଶ୍ର, କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଭାଗିରଥି ନନ୍ଦ, ସହ ସଂଯୋଜକ ପ୍ରଫେସର ଧର୍ମାନନ୍ଦ ରାଉତ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଭଏସ ଅଫ ଓଡ଼ିଶା ବିଜେତା ସୌରଭ ଷଡ଼ଙ୍ଗୀଙ୍କ ବରଷେ କାର୍ଯ୍ୟକ୍ରମ ରବିବାର ରାତିରେ ଆଦିତ୍ୟ କଲ୍ୟାଣ ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ବିଧାନ ସଭାର ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଘଣ୍ଟ, ଶଙ୍ଖ, ଦୁଲୁଦୁଲି ବାଜାରେ ମଞ୍ଚ ଦୁଲୁକି ଉଠି ଥିଲା। ଉତ୍ସବ ସଂଯୋଜକ ଦେବାଶିଷ ପୁରୋହିତ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରିଥିଲେ। ଏଥିସହ ଡାକ୍ତର ବିଶ୍ୱନାଥ ମିଶ୍ର, ସଙ୍ଗୀତଜ୍ଞ ବ୍ରଜେନ୍ଦ୍ର ନାୟକ, ସାମାଜିକ କର୍ମୀ ସତ୍ୟନାରାୟଣ ମେଣ୍ଡେଳି, ସମ୍ବଲପୁରୀ ଧନୁଯାତ୍ରା ପାଣ୍ଡୁଲିପି ଲେଖକ ବାବଲୁ ବାଗଙ୍କୁ ମାନପତ୍ର ଦେଇ ସମ୍ମାନିତ ମଧ୍ୟ କରାଯାଇଥିଲା। ସେହିପରି ନୂଆଁଖାଇ ଶୀର୍ଷକ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିର କୃତିମାନଙ୍କୁ ପୁରସ୍କାର ଦିଆଯାଇଥିଲା। ସହ ସଂଯୋଜକ ସୌରଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ଲୋକଗୀତ, ଲୋକ ନୃତ୍ୟ ଓ ଲୋକବାଦ୍ୟ ପରିବେଷଣ କରିଥିଲେ। ଉତ୍ସବର ପୂର୍ବରୁ ମଞ୍ଚ ଉପରକୁ ପାହୁର ଭାର ନିଆଯାଇଥିଲା। ଗନ୍ତିଆଁପ୍ୟାରୀ ମୋହନ ପ୍ରଧାନଙ୍କ ପରିବାର ମଞ୍ଚ ଉପରେ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ନୂଆଁ ଚାଉଳ ଭୋଗ ଲାଗି ହୋଇଥିଲା। ଚୈତନ୍ୟ ନାୟକଙ୍କୁ ବରୁଆ ଆସିଥିଲା। ସଭାପତି ସଞ୍ଜୟ ମିଶ୍ର, ଉପସଭାପତି ସଞ୍ଜୀବ ପାଢ଼ୀ, ଦୁଷ୍ମନ୍ତ ପଣ୍ଡା, ସହସମ୍ପାଦକ ସୁରଜ କୁମାର ଗୁରୁ, କୋଷାଧକ୍ଷ ସନ୍ତୋଷ ରାୟଗୁରୁ ଶୋଭାଯାତ୍ରା ସାମିଲ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପାଦକ ସୁରେନ୍ଦ୍ର ଖଟେଇ ଓ ତର୍ପଣ ପ୍ରଧାନ, ମିଡ଼ିଆ ପ୍ରଭାରୀ ସଞ୍ଜୀବ ପାଣିଗ୍ରାହୀ, ପ୍ରଚାର ପ୍ରସାର ସମ୍ପାଦକ ଦିଲୀପ ମହାନନ୍ଦ, ଅଭିଳାଷ ସ୍ୱାଇଁ ଓ ସୌରଭ ପଣ୍ଡା ଉତ୍ସବ ପରିଚାଳ

ସଂକ୍ଷେପରେ

ଅଭିଯୁକ୍ତ ସୁମନ୍ତ ଗିରଫ
ଢାବା କର୍ମଚାରୀଙ୍କୁ ହତ୍ୟା ଘଟଣା

ପଦ୍ମପୁର,୧୬।୯(ପ୍ରଦୀପ୍ତ ଦାଶ): ପଦ୍ମପୁର ଥାନା ଅନ୍ତର୍ଗତ ଗାଇସିଟେରେ ଥିବା ଏକ ଢାବା କର୍ମଚାରୀଙ୍କୁ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସୁମନ୍ତ ସେଠ। ଘଟଣା ସ୍ଥଳରୁ ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ବାଡି, ରକ୍ତ ଲଗା ଲୁଗା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ ଲବ ବିଶ୍ୱାଳ ଓ ସୁମନ୍ତ ଢାବାରେ ଶୋଇଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସୁମନ୍ତ ଉତକ୍ଷିପ୍ତ ହୋଇ ଲବଙ୍କୁ ଲୁହା ବାଡରେ ଆକ୍ରମଣ କରିଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଘଟଣା ସ୍ଥଳରେ ଲବଙ୍କ ମୃତ୍ୟୁ ଘଟିଥିଲା। ସୁମନ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ମାଲିକ ମଳୟ ସାହୁ ପଦ୍ମପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ କେଶ ନଂ. ୨୯୦ ବିଏନଏ ଆକ୍ଟ ମାମଲା ରୁଜୁ କରିବା ସହିତ ୩ଟି ଟିମ ଗଠନ କରି ରବିବାର ରାତିରେ ଜଗଦଲପୁର ଥାନା ଛତିଶଗଡ଼ ସୀମା ଲାଗିଥିବା ଗୁଣ୍ଡିଚାଡିହି ଗାଁ ପାଖରୁ ଅଭିଯୁକ୍ତ ସୁମନ୍ତଙ୍କୁ ଗିରଫ କରିଥିଲା।

ହିନ୍ଦୀ ଦିବସ, ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ବରଗଡ଼,୧୬।୯(ପ୍ରେମାନନ୍ଦ ଖମାରୀ): ହିନ୍ଦୀ ଦିବସ ପାଳନ ଅବସରରେ ବରଗଡ ପଞ୍ଚାୟତ ମହାବିଦ୍ୟାଳୟର ସ୍ନାତକୋତ୍ତର ହିନ୍ଦୀ ବିଭାଗରେ 'ହିନ୍ଦୀ ଭାଷାର ସ୍ଥିତି ଏବଂ ସୁଦୂରପ୍ରସାର' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପ୍ରାଚୀର ପତ୍ରିକା 'ସ୍ପନ୍ଦନ' ଅଧ୍ୟକ୍ଷ ଡଃ ନକୁଳ ସେଠ ଏବଂ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ହିନ୍ଦୀ ବାଳକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସଦାଶିବ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୀ ଭାଷାର ମହତ୍ତ୍ୱ, ନିଯୁକ୍ତି ସୁଯୋଗ ଏବଂ ସମ୍ଭାବନା ସହ ହିନ୍ଦୀ ବ୍ୟାକରଣ ଉପରେ ବିଶଦ ଆଲୋଚନା କରିଥିଲେ। ମହାତ୍ମା ଗାନ୍ଧୀ ଡିଗ୍ରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ଦୟାନିଧି ସା ମୁଖ୍ୟବକ୍ତା ଭାବେ ଯୋଗଦେଇ ସରକାରୀ ଭାଷା ଭାବେ ହିନ୍ଦୀ ଭାଷାର ସାମ୍ପ୍ରତିକ ସ୍ଥିତି ତଥା ବିଶ୍ୱସ୍ତରୀୟ ଭାଷା ଭାବେ ହିନ୍ଦୀ ଭାଷାର ଯଥାର୍ଥତା ସମ୍ପର୍କରେ ବିବୃତ୍ତି ପ୍ରଦାନ କରିଥିଲେ। ବିଭାଗ ମୁଖ୍ୟ ଡଃ କୃଷ୍ଣାରାନୀ ସାସ୍‌ମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବରିଷ୍ଠ ଅଧ୍ୟାପିକା ଡଃ ବନୁଜା ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପୁନମ ସା, ଚନ୍ଦ୍ରମା ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲାବେଳେ ଦେବସ୍ମିତା ଏବଂ ଭରସା ଭୁଏ କବିତା ପାଠ କରିଥିଲେ। ହିନ୍ଦୀ ପଖୱାଡା ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପିକା ଚନ୍ଦ୍ରିକା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ସହରର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

ବରଗଡ଼ ଜିଲା କଣ୍ଟ୍ରାକ୍ଟର ଆସୋସିଏଶନ

ପିକଅପ୍ ୟୁନିୟନ, ଗାନ୍ଧିଚକ, ବରଗଡ଼

ବରଗଡ଼ ସୁପରମାର୍କେଟ୍

ଟିପିଡବ୍ଲୁଓଡିଏଲ୍, ବରଗଡ଼

ଘରୋଇ ବସ୍ ମାଲିକ ସଂଘ, ବରଗଡ଼

ଟ୍ରେକର ଷ୍ଟେଶନ, ବରଗଡ଼

କରମସାନୀ ପୂଜାରେ ନାଚିଲେ କଳାକାର

ଗାଇସିଲେଟ୍,୧୬।୯(ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ ବସ୍ତି ସାହୁପଡ଼ା ଛକରେ ୭୭ତମ କରମସାନୀ ପୂଜା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଅମ୍ବିକା ପ୍ରସାଦ ତ୍ରିବେଦୀ, ସମ୍ପାଦକ ସୋମନାଥ ସାହୁ, କୋଷାଧ୍ୟକ୍ଷ ଦାମୋଦର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ଅଞ୍ଚଳର ବାହାକ, ଗାହାକ ଉକ୍ତ ସମାରୋହରେ ଯୋଗଦେଇ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ଏଥର ବିଜେପୁର ବ୍ଲକ ଲାଇମାଳ ଗ୍ରାମର ବାହାକ ସୁନାଧର ପ୍ରଧାନ, ଭାତବାହାଲି ଗ୍ରାମର ଗାହାକ ରାମଚନ୍ଦ୍ର ନାଏକ, ଫକୀର ବାଗ, ବଲାଙ୍ଗୀର ଜିଲା କୁଦୋପାଲିର ବାହାକ ଦଧିବାମନ ତରିଆ, ଖଲିଆପାଲିର ଗାହାକ ଉଜ୍ଜଳ ବରଗଡ଼ି, ଉନହୀରା ଗ୍ରାମର ବାହାକ ପୂର୍ଣ୍ଣଚନ୍ଦ୍ର ମଟାରୀ, ପାଟଣାଗଡ଼ ମୁଡ଼ଘାଟର ଗାହାକ ଜଗନ୍ନାଥ ଦାଶ, ତେନ୍ତେଲଖୁଣ୍ଟି ଗ୍ରାମର ଗାହାକ ଭକ୍ତବନ୍ଧୁ ବରଗଡ଼ି, ବନଛୋରପାଲି ଗ୍ରାମର ହୃଷୀକେଶ ବରଗଡ଼ି ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ସନ୍ତୋଷ ସାହୁ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିବାବେଳେ କରମଚାନ୍ଦ ସାହୁ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ନବ ସାହୁ, କୁବେର ସାହୁ, ରଥିଆ ସାହୁ, ଘନଶ୍ୟାମ କାଲୋ, ପ୍ରକାଶ ତରିଆ, ଝାଲୁ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

କରମସାନୀ ପୂଜାରେ ନୃତ୍ୟ ପରିବେଷଣ।

ବରଗଡ଼ରେ ମହମ୍ମଦ ଜୟନ୍ତୀ

ବରଗଡ଼,୧୬।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ସୋମବାର ମୁସଲିମ ଧର୍ମର ପ୍ରତିଷ୍ଠାତା ହଜରତ୍ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ସୁନ୍ନି ମସଜିଦ କମିଟି ତରଫରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସୁନ୍ନି ବରେଲବି ଜାମା ମସଜିଦ ସମ୍ମୁଖରେ ମୁସଲମାନ ସମ୍ପ୍ରଦାୟର ପୁରୁଷମାନେ ସମବେତ ହୋଇଥିଲେ। ସେଠାରୁ ଶୋଭାଯାତ୍ରାରୁ ବାହାରି ଲେଙ୍କୁ ମିଶ୍ର ଛକ, ଥାନାଛକ, ଏସ୍‌ପି ଅଫିସ ଛକ, ଗାନ୍ଧୀଛକ ଦେଇ ଇଦଗାହରେ ପହଞ୍ଚିଥିଲେ। ରାସ୍ତାର ବିଭିନ୍ନ ସ୍ଥାନରେ ସରବତ, ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏସ୍‌ପି ଅଫିସ ଛକରେ ପୋଲିସ ଅଧିକାରୀମାନେ ଆୟୋଜନ କମିଟି ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶୋଭାଯାତ୍ରା ଇଦଗାହରେ ପହଞ୍ଚିବା ପରେ ହାଫିଜ ସାହିଦ ରାଜା, ହାଫିଜ ମୁସ୍ତାକ, ନୁରୀ ମସଜିଦ ଇମାମ ମିଳିତ ଭାବେ ଧାର୍ମିକ ପତାକା ଉତ୍ତୋଳନ କରି ମହମ୍ମଦ ସାହେବଙ୍କ ଦ୍ୱାରା ପ୍ରଦର୍ଶିତ ପଥ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ ଏବଂ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ମସଜିଦ କମିଟିର ଅଧ୍ୟକ୍ଷ ଶେଖ ଅସଗର, ମହମ୍ମଦ ନିଜାମ, ମହମ୍ମଦ ନଇମ, ମହମ୍ମଦ ବିକି, ଶେଖ ନସୀମ, ଶେଖ ନାଜିମୁଦ୍ଦିନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମହମ୍ମଦ ଜୟନ୍ତୀ ଅବସରରେ ବରଗଡ଼ରେ ଶୋଭାଯାତ୍ରା।

ଶିକ୍ଷକ ଏକାଦଶ ଫୁଟବଲ ଲିଗ୍

ସରଣ୍ଡା,୧୬।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଭୂର୍ଶପାଲି ଫୁଟବଲ ଖେଳ ପଡ଼ିଆରେ ଶିକ୍ଷକ ଏକାଦଶ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଲିଗ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଷ୍ଟ ଶିକ୍ଷକ ଏକାଦଶ ଏବଂ ୱେଷ୍ଟ ଶିକ୍ଷକ ଏକାଦଶ ମଧ୍ୟରେ ମ୍ୟାଚ ହୋଇଥିଲା। ଫାଇନାଲ ମ୍ୟାଚରେ ଇଷ୍ଟ ଶିକ୍ଷକ ଏକାଦଶର କ୍ୟାପଟେନ ସୁଦାମ ଭୋଇଙ୍କ ଚମତ୍କାର ଖେଳ ଯୋଗୁ ୱେଷ୍ଟ ଶିକ୍ଷକ ଏକାଦଶ ୬-୫ରେ ପରାସ୍ତ ହୋଇଥିଲା। ମ୍ୟାଚରେ ଗୋଲ ସ୍କୋର କରିଥିଲେ ମହେନ୍ଦ୍ର ପ୍ରଧାନ, ପ୍ରଶାନ୍ତ ସେଠ, ସୁଦାମ ଭୋଇ ଓ ସୁନୀଲ ଭୋଇ। ରମେଶ ଭୁଏ ଓ ତ୍ରିଲୋଚନ ଖମାରୀ ଗୋଲ କିପର ରହିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନନ୍ଦିଘୋଷ ଭୁଏ, କୃତାର୍ଥ ଚନ୍ଦ୍ର ଭୁଏ, ଜଗମୋହନ ଭୁଏ, ଗୁଣମଣି ଲୁହା, ମନୋଜ ଭୋଇ, ଧରମ ବାରିକ, ଧୋବା ଭୋଇ, ଆଶିଷ ନାଥ, ରବି ପ୍ରସାଦ ଗୁପ୍ତା, କୈଳାସ ଭୁଏ, ଗୋପୀନାଥ ମିଶ୍ରା, ରାଜୀବ ବିଶ୍ୱାଳ, ମୁକେଶ ଭୂସାଗର, ପ୍ରମୋଦ ମଲ୍ଲିକ ଅଂଶଗ୍ରହଣ କରିଥିଲେ। ଚିଙ୍ଗିପାଲି ଓ ଭୂର୍ଶପାଲିର ଯୁବକମାନେ ସହଯୋଗ କରିଥିଲେ।

ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ବିଶ୍ୱକର୍ମା ପୂଜାରେ ଅବସରପ୍ରାପ୍ତ କର୍ମଚାରୀ ସମ୍ବର୍ଦ୍ଧିତ

ପାଇକମାଳ,୧୬।୯(ବଡ ଶତପଥି)

ବରଗଡ଼ ଜିଲା ପାଇକମାଳ ଗ୍ରୀଡ ସବ୍‌ଷ୍ଟେଶନ ପରିସରରେ ଟାଟାପାୱାର କର୍ମଚାରୀଙ୍କ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। କର୍ତ୍ତାଭାବେ ଲାଇନମେନ ସୁରେନ୍ଦ୍ର ରଣା ଓ ତାଙ୍କ ସ୍ତ୍ରୀ ନନ୍ଦିକା ରଣା ଦାୟିତ୍ୱ ତୁଲାଇଥିବା ବେଳେ ପ୍ରେମାନନ୍ଦ ଦେବତା ପୂଜା କାର୍ଯ୍ୟ କରିଥିଲେ। ପୂଜା ସମାପନ ପରେ ଅବସର ନେଇଥିବା କର୍ମଚାରୀଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ଟାଟାପାୱାର ଏସଡିଓ ମନରଞ୍ଜନ ନାୟକ, ଜେଇ ପ୍ରକାଶ ସିଂ ଏବଂ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ। ଶେଷରେ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା।

ନାଟ୍ୟ କଳା ପରିଷଦର ନୂଆଁଖାଇ ଭେଟ୍

ଗାଇସିଲେଟ୍,୧୬।୯(ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୌରେନମୁଣ୍ଡା ରାମ ମନ୍ଦିର ପରିସରରେ ସ୍ଥାନୀୟ ନିଆଁଲିମଲି ନାଟ୍ୟ କଳା ପରିଷଦ ପକ୍ଷରୁ ନୂଆଁଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଇନ୍ଦ୍ରମଣି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାଇସିଲେଟ ବିଡ଼ିଓ ଲକ୍ଷ୍ମଣ ମାଝୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟିକ ମୁରଲୀଧର ନାୟକ, ସମିତି ସଭ୍ୟ ଯୋଗେଶ୍ୱର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପରିଷଦର ଉପସଭାପତି କବି ସୁଦର୍ଶନ ବରିହା, ସମ୍ପାଦକ ନାଟ୍ୟକାର ରାଧେଶ୍ୟାମ ତ୍ରିପାଠୀ, କୋଷାଧ୍ୟକ୍ଷ ରାଜକିଶୋର ସାହୁ, ନବୀନ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଲାଙ୍ଗୀରର କଳାକାର ଲଳିତ କୁମାର ପୂଝାରୀ, ଅଏଁଲାଭଟାର ରାଜକିଶୋର ସାହୁ, ସରଗାଡ଼ର କିଶୋର ପଟେଲ, ସାହାଜବାହାଲର ଦିଲୀପ ପାଣି, ଅଏଁଲାବାହାଲର ଶାଶ୍ୱତ ତ୍ରିପାଠୀ ପ୍ରମୁଖଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଞ୍ଚ ଅଭିନେତ୍ରୀ ବିନ୍ଦୁଲତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱକର୍ମା ପୂଜା ଅବସରରେ ଉପହାର ପ୍ରଦାନ

ପାଇକମାଳ,୧୬।୯(ବଡ ଶତପଥି): ବରଗଡ ଜିଲା ଟାଟାପାୱାର ପାଇକମାଳ ସବ୍‌ଡିଭିଜନ ଏସଡିଓ ମନରଞ୍ଜନ ନାୟକ ସୋମବାର ବିଶ୍ୱକର୍ମା ପୂଜା ଅବସରରେ ୩ଜଣ ବିଦ୍ୟୁତ ଉପଭୋକ୍ତାଙ୍କୁ ପୁରସ୍କୃତ କରିଛନ୍ତି। ଯେଉଁ ବିଦ୍ୟୁତ ଉପଭୋକ୍ତା ଘରୋଇ ବିଦ୍ୟୁତ ବିଲ ପୈଠ କରୁଥିବେ ସେ ଏହି ପୁରସ୍କାର ଲଟେରୀ ମାଧ୍ୟମରେ ପାଇପାରିବେ। ଗୋଟିଏ ସବଡିଭିଜନରେ ମାସକୁ ୩ ଜଣଙ୍କୁ ଏହି ପୁରସ୍କାର ମିଳିବ। ପାଇକମାଳ ସବଡିଭିଜନରେ ରାଜୀବ ଖରସେଲ, ନିମାଇଁଚରଣ ସାହୁ, ତରୁ ମାଝୀ ଯଥାକ୍ରମେ ମୋବାଇଲ, ରେଡ଼ିଓ, ସୋଲାର ଲାଇଟ ଗୋଟିଏ ଲେଖାଏଁ ପୁରସ୍କାର ପାଇଛନ୍ତି।

କ୍ରୀଷ୍ଣା ବିକାଶରେ ନୂଆଁଖାଇ ଭେଟ୍‌ଘାଟ୍

କ୍ରୀଷ୍ଣା ବିକାଶ ଗ୍ରୁପ୍ କର୍ତ୍ତୃପକ୍ଷଙ୍କ ଗହଣରେ ଉପସ୍ଥିତ କବିମାନେ।

କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ ସ୍ୱରଚିତ କବିତା ପାଠ କରୁଛନ୍ତି।

ବରଗଡ଼,୧୬।୯(ପ୍ରେମାନନ୍ଦ ଖମାରୀ)

କ୍ରୀଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବରାହଗୋଡ଼ାସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆଁଖାଇ ଭେଟଘାଟ୍ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ହାସ୍ୟକବି ସମ୍ମିଳନୀ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ହାସ୍ୟକବି କିଶୋର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ସମ୍ବଲପୁରୀ ଭାଷା କୌଣସି ଗୁଣରେ କମ୍ ନୁହେଁ, ଆମ ଜାତି ତଥା ଭାଷାକୁ ସମ୍ମାନ ଜଣାଇ ମା' ମାଟି ଏବଂ ମାତୃଭାଷା ପାଇଁ ନିଜକୁ ସମର୍ପିତ କଲେ ଆମେ ଉନ୍ନତିର ଚରମ ସୀମାରେ ପହଞ୍ଚିପାରିବା ବୋଲି ମତବ୍ୟକ୍ତ କରିବା ସହିତ କବିତା ପାଠ କରିଥିଲେ।

କବି ନିତିଶ ଆଚାର୍ଯ୍ୟ ସ୍ୱରଚିତ କବିତା ମାଧ୍ୟମରେ ଆମ ସଂସ୍କୃତି ବିପର୍ଯ୍ୟୟର ଚିତ୍ର ପ୍ରଦାନ କରିବା ସହ ତାର ଉନ୍ନତି ପାଇଁ ଅଣ୍ଟାଭିଡ଼ି ଆଗକୁ ବଢ଼ିବା ପାଇଁ ଆହ୍ୱାନ ଦେଇଥିଲେ। କବି ସୋନାଲି ପାଢ଼ୀ ତାଙ୍କ ରଚିତ କବିତା ମାଧ୍ୟମରେ ଭାରତମାତାର ଦୁଃଖକୁ ମାର୍ମିକ ଭାବେ ଉପସ୍ଥାପନ କରିବା ସହିତ ନାରୀ ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। କବି ମନୋରଞ୍ଜନ ଲୁହା ସ୍ୱରଚିତ କବିତା ମାଧ୍ୟମରେ ସାମ୍ପ୍ରତିକ ଘଟଣାବଳୀ ଉପରେ ଆଲୋକପାତ କରିଥିଲେ। କବି ଶିଶିର ପୁରୋହିତ ତାଙ୍କ ଅଭିନୟରେ ହାସ୍ୟାତ୍ମକ ପରିବେଶ ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବରିଷ୍ଠ ଅଧ୍ୟାପକ ପି. ଏମ୍. ସାହୁ, ମାନବ ସମ୍ବଳ ବିଭାଗ ମୁଖ୍ୟ ଅଶ୍ୱିନୀ ନାୟକ, ପ୍ରକୃତିପ୍ରେମୀ ଡଃ ଡୋଲାମଣି ଶତପଥୀଙ୍କ ସମେତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଏସ. କାନ୍ତାରାଓ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ କବିଙ୍କୁ କ୍ରୀଷ୍ଣା ବିକାଶ ଗ୍ରୁପ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ।

Government of Odisha "e" Procurement Notice
WORKS DEPARTMENT No. B-257
Bid Identification No. C.C.E.K.C. - 12/2024-25
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 4186 dt. 12.09.2024

1.	No. of the work	:-	3 Number Road & Bridge Works
2.	Estimated Cost	:-	Rs.185.56 Lakhs to Rs.297.37 Lakhs
3.	Class of Contractor	:-	"B" & "A" Class
4.	Period of completion	:-	08 (Eight) Calendar Months to 10 (Ten) Calendar Months
5.	Date and Time of availability of Bid document in the portal	:-	From 11.30 hours of **23.09.2024** to 16.00 hours of **08.10.2024**
6.	Last date/ Time for receipt of bids in the portal	:-	16.00 hours of **08.10.2024**
7.	Date of opening of Bid from Portal	:-	11.30 hours on **09.10.2024**
8.	Name and address of the officer inviting Bid	:-	Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"
Sd./- Chief Construction Engineer, Keonjhar (R&B) Circle, Keonjhar
OIPR-34033/11/0026/2425

Government of Odisha "e" Procurement Notice
OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT
Bid Identification No. S.E. (R&B) KPT - 04/2024-25
No. B-261:-

1.	Name of the work	:	**Building works**
2.	Total No. of works	:	01 No.
3.	Estimated cost	:	Rs.90.60 Lakhs
4.	Period of completion	:	02 (Two) months
5.	Date & Time of availability of bid document in the portal	:	From 23.09.2024 at 11.00 hours to 08.10.2024 upto 17.00 hours
6.	Last date/Time for receipt of bids in the portal	:	08.10.2024 upto 17.00 hours
7.	Date of opening of Tender	:	09.10.2024 at 12.00 hours
8.	Name and address of the Officer Inviting Bid	:	Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in
Sd./- Superintending Engineer, Koraput (R&B) Division
OIPR-34096/11/0002/2425

GOVERNMENT OF ODISHA No.B-274
SUPERINTENDING ENGINEER, BOUDH (R&B) DIVISION, BOUDH
E-mail - eeboudhrb@gmail.com
INVITATIONS FOR BIDS (IFB)
"e" procurement Notice
Letter No. 3328 **dtd. 13.09.24**
Bid Identification No. SE (R&B)-BDH 03/2024-25

1)	Name of the work	:	03 (Three) Nos. of Civil work (Single cover)
2)	Estimated Cost	:	30.00 lakh to 36.00 lakh
3)	Period of Completion	:	01 (One) Calendar month.
4)	Date & Time of availability of Bid documents in the portal	:	From 21.09.2024, 10.00 AM to 28.09.2024, 5.00 PM
5)	Last date/time for seeking of Tender Clarification	:	28.09.2024 up to 1.00 P.M
6)	Last date / time for receipt of bids in the portal	:	Up to 5.00 P.M. of dated 28.09.2024
7)	Date & time of opening of tender /Bid	:	30.09.2024 at 11.30 A.M
8)	Name and address of the O.I.T.	:	Superintending Engineer, Boudh (R&B) Division, Boudh

Further details corrigendum (s) if any issued can be seen from the website http://tendersorissa.gov.in
Sd./- Additional Chief Engineer, Boudh (R&B) Division, Boudh
OIPR-34134/11/0003/2425

OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA
e-mail ID - sepwd_rgda@yahoo.com Phone/Fax No -06856 - 223049
e-Procurement Notice
Bid Identification No. C.C.E (RANDB) RGDA- 04/ 2024-25 (Online) Dt.12.09.2024
No. 917 Date.12.09.2024
No.B-254:- **INVITATION FOR BIDS**

1.	The **Chief

ମାନସିକ ଦକ୍ଷତା ବୃଦ୍ଧି କର୍ମଶାଳା

ରାଉରକେଲା,୧୬।୯(ବିନେଶ ମିଶ୍ର)

ରାଉରକେଲା ପାନପୋଷ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ରୋଟାରୀ କ୍ଲବ ଅଫ ରାଉରକେଲା କୁଇନ୍ସ ପକ୍ଷରୁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ କାର୍ଯ୍ୟ କରିବାର ଶୈଳୀ ଓ ମାନସିକ ଦକ୍ଷତା ବୃଦ୍ଧିକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଶିକ୍ଷକମାନେ କିଭଳି ମାନସିକ ଚାପରୁ ମୁକ୍ତ ହୋଇ ଶାନ୍ତି ଓ ସନ୍ତୁଳିତ ମନୋଭାବ ନେଇ ବିଦ୍ୟାର୍ଥୀଙ୍କୁ ଶିକ୍ଷା ପ୍ରଦାନ କରିପାରିବେ ସେ ନେଇ ଡାକ୍ତର ସୀମା ଲାଲ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ନେଇଥିବା ଶିକ୍ଷକମାନେ ଆଗାମୀ ଦିନରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିଶ୍ଚିତ ଲାଭବାନ ହେବେ ବୋଲି କ୍ଲବ ପକ୍ଷରୁ ଆଶା ପ୍ରକାଶ କରାଯାଇଥିଲା। ପରେ ରୋଟାରୀ କ୍ଲବ ଅଫ୍ ରାଉରକେଲା କୁଇନ୍ସ ପକ୍ଷରୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। କ୍ଲବ ସଭାପତି ବରଖା ଗୁପ୍ତା, ଡକ୍ଟର ମନ୍‌ମିନ୍ କୌର, କଞ୍ଚନ ଅଗ୍ରୱାଲ, ରେଷମା ଅଗ୍ରୱାଲ, ରାନୀ ଛାବ୍ରା, ସୁମନ ଜିନ୍ଦଲ, ଗ୍ରୀଷ୍ମା ପରମାଙ୍କ ସମେତ କ୍ଲବର ବହୁ ସଦସ୍ୟା ଉପସ୍ଥିତ ଥିଲେ।

ମେଘ ହେଉଛି ପ୍ରେମ, ପ୍ରୀତିର ନିଦର୍ଶନ

ରାଉରକେଲା,୧୬।୯(ବିନେଶ ମିଶ୍ର)

ଧାମରା ସାହିତ୍ୟ ସଂସଦ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ବର୍ଷା କବିତା ଆସର ସଭାପତି ପ୍ରଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆସରରେ ସାହିତ୍ୟ ଏକାଡେମୀ ସଦସ୍ୟ ଇଞ୍ଜିନିୟର ଅଭୟ କୁମାର ସୂତାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ଷା ପ୍ରକୃତି ଓ ପ୍ରେମ ଚେତନାକୁ କେନ୍ଦ୍ର କରି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ କବିତା ପ୍ରେମମୟ ଓ ଜୀବନ୍ତ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପଞ୍ଚାନନ ସାହୁ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ଡକ୍ଟର ଅନୀଲ କୁମାର ଦାଶ ଯୋଗ ଦେଇଥିଲେ। ମେଘ ପ୍ରେମ ଓ ପ୍ରୀତିର ନିଦର୍ଶନ । ମେଘରୁ ସୃଷ୍ଟି ବର୍ଷା ପ୍ରେମୀ ଯୁଗଳଙ୍କ ହୃଦୟରେ ଭରିଦିଏ ସବୁଜିମାର ସଞ୍ଜୀବନୀର ସ୍ପର୍ଶ। ବର୍ଷାକୁ ନେଇ କବି କାଳିଦାସଙ୍କ ସମେତ ଓଡ଼ିଆ ସାହିତ୍ୟରେ ଗଙ୍ଗାଧର ମେହେର, ଉପେନ୍ଦ୍ର ଭଞ୍ଜ, ମଧୁସୂଦନ ରା. ମାୟାଧର

ବର୍ଷା କବିତା ଆସରରେ ମଞ୍ଚାସୀନ ଅତିଥିଗଣ।

ଧାମରା ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର

ମାନସିଂହ ପ୍ରକୃତି ବର୍ଣ୍ଣନା କରିଛନ୍ତି ବୋଲି ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ। କବି ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ କବିତା ଆସର ଆୟୋଜିତ ହୋଇଥିଲା। ସଂଘର ସାଧାରଣ ସମ୍ପାଦକ ଭଗବାନ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟ ସମ୍ପାଦିକା ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ଆରମ୍ଭରେ ଗୁରୁ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ତପସ୍ୱିନୀ ପତି ଓ ସାଥୀ କଳାକାର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଭଦ୍ରକ ଜିଲାର ସମାଜସେବୀ ଅଞ୍ଜନା ମିଶ୍ରଙ୍କ ସଭାପତିତ୍ୱରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଜାନକୀ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବିତା ପାଠ ଉତ୍ସବରେ ରାଉରକେଲା ସହର ତଥା ଆଖପାଖ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ନିରୁପମା ନାୟକ, ବାଳକୃଷ୍ଣ ସ୍ୱାଇଁ, ସମ୍ମିତା ପ୍ରଧାନ, ସୂର୍ଯ୍ୟ ପଣ୍ଡା, ବସନ୍ତ ବିଶ୍ୱକର୍ମା, ଗୌତମ ଦାସ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଆର୍‌ଏସ୍‌ପିରେ ବିଶ୍ୱକର୍ମାଙ୍କ ପୂଜନୋତ୍ସବ

ରାଉରକେଲା,୧୬।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଷ୍ଟିଲପ୍ଲାଣ୍ଟ(ଆର୍‌ଏସ୍‌ପି)ରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜନୋତ୍ସବ ସୋମବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ସମେତ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ. ଆର. ସୂର୍ଯ୍ୟବଂଶୀ, ଏଚ୍‌ଆର ଓ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ ବେହୁରିଆ, ସିଜିଏମ ଇନଚାର୍ଜ ଆଇରନ ବି. ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ୍ ଇନଚାର୍ଜ ଅନୀଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ ଆଚାର୍ଯ୍ୟ ଏବଂ କାରଖାନାର ବରିଷ୍ଠ ଅଧିକାରୀମାନେ କାରଖାନା ଓ ସହରାଞ୍ଚଳର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଥିଲେ। ପରେ ଭୌମିକ ଅନ୍ୟ ଅତିଥିମାନଙ୍କ ସହିତ ଆର୍‌ଏସ୍‌ପି ସ୍ଥାପିତ ତଥା ଦୀପିକା ମହିଳା ସଂହତି ପରିଚାଳିତ ଦୀପିକା ହସ୍ତ କର୍ଘାକୁ ଯାଇଥିଲେ। ଏହି ସମୟରେ ସଂହତିର ଅଧ୍ୟକ୍ଷା ସୀମା ଭୌମିକ ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଶିଳ୍ପାଞ୍ଚଳ ମଣ୍ଡପରେ ପୂଜାପାଉଥିବା ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି।

ସୁନ୍ଦରଗଡ଼ ସରକାରୀ ମହିଳା କଲେଜରେ ହିନ୍ଦୀ ଦିବସ

ସୁନ୍ଦରଗଡ,୧୬।୯(ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ହିନ୍ଦୀ ବିଭାଗ ଆନୁକୂଲ୍ୟରେ ଶନିବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରସାୟନ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ. ଭାନୁପ୍ରିୟା ଯୋଗଦେଇ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ହିନ୍ଦୀ ବିଭାଗର ଅଧ୍ୟାପିକା ସୁରେଖା ମହାତୋ ଓ ଲିପ୍‌ସା ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁକ୍ତ ୩ ଶ୍ରେଣୀର ଛାତ୍ରୀମାନେ ପ୍ରାରମ୍ଭରେ ସାମୂହିକ ସଙ୍ଗୀତ ଗାନ ସହ କବିତା, ବକ୍ତୃତା ଆଦି ପରିବେଷଣ କରିଥିଲେ।

ଅଧ୍ୟାପକଙ୍କ ସହ ଛାତ୍ରୀମାନେ।

ସୁନ୍ଦରଗଡ଼ରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା

ସୁଭଦ୍ରା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

ସୁନ୍ଦରଗଡ଼,୧୬।୯(ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ଼ରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ଜିଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲାପାଳ ମନୋଜ ମହାଜନ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ସୁଭଦ୍ରା ଯୋଜନାର ସଚେତନତା ବାର୍ତ୍ତା ବହନକରି ଡିଆର୍‌ଡିଏ ଛକ ଦେଇ ହସ୍ପିଟାଲ ଛକରୁ ଜିଲା କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଏହି ପଦଯାତ୍ରାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ, ସୁଭଦ୍ରା ଯୋଜନାର ହିତାଧିକାରୀ, ଅଙ୍ଗନୱାଡି କର୍ମୀ, ଜିଲାସ୍ତରୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ପରେ ବିକାଶ ଭବନଠାରେ ସୁଭଦ୍ରା ଯୋଜନା ଉପରେ ଏକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଜନା ସମ୍ପର୍କରେ ସରକାରଙ୍କ କ'ଣ କ'ଣ ସବୁ ନିୟମ ରହିଛି ତାହା ଉପରେ ଆଲୋଚନା କରାଯାଇଥିଲା। ହିତାଧିକାରୀମାନେ ମଧ୍ୟ ଯୋଜନା ସମ୍ପର୍କିତ ନିଜ ନିଜ ସନ୍ଦେହ ଉପସ୍ଥାପନ କରିଥିଲେ ଏବଂ ଉପସ୍ଥିତ ଅଧିକାରୀମାନେ ତାହାର ଉତ୍ତର ରଖିଥିଲେ। ଏଥିସହ ଏକ ଦସ୍ତଖତ ଅଭିଯାନ ମଧ୍ୟ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ସାମୁଏଲ ଟପ୍ପୋ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ପରିଚାଳକ ବସନ୍ତ ମଲ୍ଲିକ, ଚିନ୍ମୟ ସରାଫ, ମୀନାକ୍ଷୀ ପ୍ରଧାନ, ସୁଶୀଳା ରଥ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ନାଟ୍ୟକାରଙ୍କ ସ୍ମୃତିଚାରଣ ସଭା

ବଣାଇ,୧୫।୯(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ସହରସ୍ଥିତ ରାଜା ଧରଣୀଧର କ୍ଲବରେ ରବିବାର ସ୍ୱର୍ଗତଃ ରମେଶ ଚନ୍ଦ୍ର ବେହେରାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବର୍ଷୀୟାନ କବି ତାରିଣୀ ଚରଣ ସାହୁ ସଭାପତିତ୍ୱ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରାଜୀବ ପାଣି, ଡ. କୃପାସିନ୍ଧୁ ନାୟକ, ପ୍ରଫୁଲ୍ଲ କୁମାର ମାହାପାତ୍ର, ଗୋପକୃଷ୍ଣ ନାୟକ, ଶିକ୍ଷାବିତ୍ ପ୍ରତାପ କୁମାର ପଟ୍ଟନାୟକ, ରାଜକୁମାର ମାହାନ୍ତି, ନାଟ୍ୟକାର ପ୍ରଦୀପ କୁମାର ଅମାତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗତଃ ରମେଶ ଏକାଧାରରେ ନାଟ୍ୟକାର, କବି, ପ୍ରାବନ୍ଧିକ ଓ ନିଖୁଣ ଅଭିନେତା ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ଦାଶ, ନାଟ୍ୟକାର କୁମାର ଗୌତମ ବାରିକ, ପ୍ରଦୀପ କୁମାର ମିଶ୍ର, କାଶୀନାଥ ନନ୍ଦୀ, ଯଦୁମଣି ବେହେରା, ପ୍ରଶାନ୍ତ କିଶୋର ଚଇନି, ସଞ୍ଜୀବ କୁମାର ଭୋଇ, ପ୍ରତାପ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କବି ତ୍ରିନାଥ ସିଂ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଲୋକାର୍ପିତ ହୋଇଥିଲା। ଶେଷରେ ତାଙ୍କ ସୁପୁତ୍ରୀ ଜ୍ୟୋତ୍ସ୍ନାମୟୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱର୍ଗତ ବେହେରାଙ୍କ ସ୍ତ୍ରୀ ମାଳତୀଙ୍କ ତତ୍ତ୍ୱାବଧାନରେ ସୁପୁତ୍ରୀ ପ୍ରଣତି ବେହେରା, ପ୍ରତିମା ବେହେରା, ଜ୍ୟୋତିର୍ମୟୀ ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ କବି ଶ୍ରେୟଶୀ ସାହୁଙ୍କୁ 'ଅମ୍ଳାନ ଚନ୍ଦ୍ର ରମେଶ ଚନ୍ଦ୍ର' ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ କବି, ଲେଖକ, ସାହିତ୍ୟିକ କବିତା ପାଠ କରିଥିଲେ।

ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତଥିମାନେ।

ଆଦୃତ ଚିଲଡ୍ରେନ ହୋମରେ ଫଳ, ମିଷ୍ଟାନ୍ନ ବଣ୍ଟନ

ସୁନ୍ଦରଗଡ,୧୬।୯(ଜୟ ନାରାୟଣ ମେଣ୍ଢୁଳି)

ଖ୍ୱାଜା ଗରିବ ନମାଜ କମିଟି ତରଫରୁ ହଜରତ ମହମ୍ମଦଙ୍କ ଜନ୍ମଦିନ ଅବସରରେ ସରକାରୀ ହସ୍ପିଟାଲ ଓ ଆଦୃତ ଚିଲଡ୍ରେନ ହୋମରେ ମିଷ୍ଟାନ୍ନ ଏବଂ ଫଳ ବଣ୍ଟନ କରାଯାଇଥିଲା। ଖ୍ୱାଜା ଗରିବ ନମାଜ କମିଟିର ସଭାପତି ମହମ୍ମଦ କଲିମଙ୍କ ନେତୃତ୍ୱରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଆଜାହର ହୁସେନ, ହେମନ୍ତ ପାଢୀ, କୈଳାସ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

ପିଲାମାନଙ୍କୁ ଫଳ, ମିଷ୍ଟାନ୍ନ ବଣ୍ଟନ କରାଯାଉଛି।

ଜୁନିୟର ମହିଳା ହକି: ଗାଙ୍ଗପୁରର ବୃହତ୍ ବିଜୟ

ଭୁବନେଶ୍ୱର,୧୬।୯(ସରୋଜ କେନା)

ହକି ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଜୁନିୟର ମହିଳା ରାଜ୍ୟ ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହୋଇଛି। ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳା ଯାଇଥିବା ଟୁର୍ନାମେଣ୍ଟର ପ୍ରଥମ ଦିନରେ ଗାଙ୍ଗପୁର ହକି ଆସୋସିଏଶନ ୮-୦ରେ ବାଲେଶ୍ୱରକୁ ପରାସ୍ତ କରି ବୃହତ୍ ବିଜୟ ହାସଲ କରିଛି। ଅନ୍ୟ ମ୍ୟାଚ୍ ଗୁଡିକ ମଧ୍ୟରେ ଅନୁଗୋଳ ୫-୦ରେ କନ୍ଧମାଳକୁ, କଟକ ୧-୦ରେ ରାୟଗଡାକୁ, ମାଲକାନଗିରି ୫-୦ରେ ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡକୁ, ଯାଜପୁର ୫-୦ରେ ବରଗଡକୁ ଓ ଏସ୍‌ଏମ୍‌ଏସ୍ ହକି ଏକାଡେମୀ ୫-୦ରେ ବୌଦ୍ଧକୁ ପରାସ୍ତ କରିଛି। ଅନ୍ୟପକ୍ଷରେ କଳାହାଣ୍ଡି ଓ କୋରାପୁଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ରେ ଡ୍ର ରହିଥିଲା। ପେନାଲ୍ଟି ଶୁଟଆଉଟରେ କଳାହାଣ୍ଡି ୩-୧ରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲା। ହକି ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଦିଲୀପ ଟିର୍କୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜ୍ୟର ଯୁବ ମହିଳା ଖେଳାଳିଙ୍କ ଦକ୍ଷତା ପ୍ରଦର୍ଶନ ପାଇଁ ଏହି ଟୁର୍ନାମେଣ୍ଟ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ସେ କହିଥିଲେ।

ସୁନ୍ଦରଗଡ଼ରେ ଇଦ୍-ମିଲାଦୁନ୍-ନବୀ ପାଳିତ

ସୁନ୍ଦରଗଡ଼,୧୬।୯(ଜୟ ନାରାୟଣ ମେଣ୍ଢୁଳି)

ମୁସଲମାନ ସମୁଦାୟର ପର୍ବ ଇଦ୍ -ମିଲାଦୁନ୍ -ନବୀ ସୁନ୍ଦରଗଡ଼ରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ରିଜେଣ୍ଟ ମାର୍କେଟ, ଡେଙ୍ଗିଭା କଲେଜ ରୋଡ଼ରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଜନସାଧାରଣ ଓ ବିଶେଷ ଭାବେ କୁନି ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଶୋଭାଯାତ୍ରାକୁ ରଙ୍ଗଡିପା, ସୁନାରିପଡ଼ା, ମେଡିକାଲ ଛକରେ ସବୁ ସମୁଦାୟର ଲୋକେ ସ୍ୱାଗତ କରିବା ସହ ଫଳ ଓ ପାନୀୟ ବିତରଣ କରିଥିଲେ। ରିଜେଣ୍ଟ ମାର୍କେଟରେ ଏକ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମୁସଲିମ କମିଟି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନ୍ତେବାସୀଙ୍କୁ ଶୁଖିଲା ଫଳ ବଣ୍ଟନ କରାଯାଇଥିଲା। ଏହିକାର୍ଯ୍ୟକ୍ରମରେ ସଦର ମସ୍‌ଜିଦ କମିଟିର ସଭାପତି ହମିଦ ରାଜା, ଉପସଭାପତି ସାହିଲ ଖାନ, କୋଷାଧ୍ୟକ୍ଷ ଫର୍ଜ ଆକାନାମ, ବରିଷ୍ଠ କାର୍ଯ୍ୟକର୍ତ୍ତା ହାଜି ଅବଦୁଲ ସଇଦ, ସୟଦ ସାକିଲ ଅହମ୍ମଦ, ତୋଫିକ ଆଲାମ, ଏମ୍‌ଡି ଇମ୍‌ତିୟାଜ, ଏସ୍. ଅହମ୍ମଦ,ଏମ୍‌ଡି ଜାହିଦ,ଏମ୍‌ଡିଏମ୍ ନୱାଜ,ଏମ୍‌ଡି ଇନ୍‌ଫାନ ରାଜୁ ପ୍ରମୁଖ ସାମିଲ ଥିଲେ।

ମହମ୍ମଦଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା

ରାଜଗାଙ୍ଗପୁର,୧୬।୯(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ମୁସଲିମ ପଞ୍ଚାୟତ କମିଟି ଦ୍ୱାରା ସୋମବାର ମହାପୁରୁଷ ମହମ୍ମଦଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ମୁସଲିମ ସଂପ୍ରଦାୟର ଲୋକେ ପ୍ରଥମେ ମସଜିଦରେ କୋରାନ ପାଠ କରିଥିଲେ। ପରେ ବିଭିନ୍ନ ତୋରଣ ଓ ଝଣ୍ଡା ଦ୍ୱାରା ଶୋଭଯାତ୍ରା ଅନୁଷ୍ଠିତ ହୋଇ ସହରର ବିଭିନ୍ନ ସ୍ଥାନ ଭ୍ରମଣ କରିଥିଲା। ଶେଷରେ ଫୁଟବଲ ପଡିଆରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୌଲାନାମାନେ ଯୋଗଦେଇ ମହାପୁରୁଷ ହଜରତ ମହମ୍ମଦଙ୍କ ଜିବନୀ ଉପରେ ପ୍ରବଚନ ଦେଇଥିଲେ। ପଞ୍ଚାୟତ କମିଟିର ସଭାପତି ମହମ୍ମଦ ଆରିଫ, ସାଧାରଣ ସମ୍ପାଦକ ମହମ୍ମଦ ଅମନ, ପୂର୍ବତନ ଉପନଗରପାଳ ଇଫତେକାର ଅହମ୍ମଦ (ପାକା ବାବୁ), ସୋଏବ ଆଲମ, ଉପନଗରପାଳ ମହମ୍ମଦ ଇରଫାନ ପ୍ରମୁଖଙ୍କ ସାମିଲ ହୋଇଥିଲେ।

ମହମ୍ମଦଙ୍କ ଜୟନ୍ତୀ ଅବସରରେ ବାହାରିଥିବା ଶୋଭାଯାତ୍ରା।

Government of Odisha "e" Procurement Notice
WORKS DEPARTMENT No. B-257
Bid Identification No. C.C.E.K.C. - 12/2024-25
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 4186 dt. 12.09.2024

1.	No. of the work	:-	3 Number Road & Bridge Works
2.	Estimated Cost	:-	Rs.185.56 Lakhs to Rs.297.37 Lakhs
3.	Class of Contractor	:-	"B" & "A" Class
4.	Period of completion	:-	08 (Eight) Calendar Months to 10 (Ten) Calendar Months
5.	Date and Time of availability of Bid document in the portal	:-	From 11.30 hours of **23.09.2024** to 16.00 hours of **08.10.2024**
6.	Last date/ Time for receipt of bids in the portal	:-	16.00 hours of **08.10.2024**
7.	Date of opening of Bid from Portal	:-	11.30 hours on **09.10.2024**
8.	Name and address of the officer inviting Bid	:-	Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"
Sd./- Chief Construction Engineer, Keonjhar (R&B) Circle, Keonjhar
OIPR-34033/11/0026/2425

Government of Odisha "e" Procurement Notice
OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT
Bid Identification No. S.E. (R&B) KPT - 04/2024-25
No. B-261:-

1.	Name of the work	:	**Building works**
2.	Total No. of works	:	01 No.
3.	Estimated cost	:	Rs.90.60 Lakhs
4.	Period of completion	:	02 (Two) months
5.	Date & Time of availability of bid document in the portal	:	From 23.09.2024 at 11.00 hours to 08.10.2024 upto 17.00 hours
6.	Last date/Time for receipt of bids in the portal	:	08.10.2024 upto 17.00 hours
7.	Date of opening of Tender	:	09.10.2024 at 12.00 hours
8.	Name and address of the Officer Inviting Bid	:	Superintending Engineer, Koraput (R&B) Division

Further details can be se

ସଂକ୍ଷେପରେ

କହ୍ନାଇ ଠାକୁର ହେଲେ ସରକାରୀ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି

ବେଲପଡ଼ାରେ ଶିକ୍ଷକ ସଂଘର ସମ୍ବର୍ଦ୍ଧନା

ବେଲପଡ଼ା,୧୬।୯
(ମନୋଜ କୁମାର ମିଶ୍ର)

ବଲାଙ୍ଗିର ଜିଲା ବେଲପଡ଼ା ବ୍ଲକର ବରିଷ୍ଠ ଶିକ୍ଷକ କହ୍ନାଇ ଚରଣ ଠାକୁର ରାଜ୍ୟସ୍ତରୀୟ ଶିକ୍ଷକ ସଂଘ(ଭି ଏ)ର ସଭାପତି ଭାବରେ ଗତ ୧୫ ତାରିଖ ରବିବାର ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ହେବା ପରେ ସୋମବାର ଡିଆର ମେହେର ହାଇସ୍କୁଲ ସଭା ଗୃହଠାରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସଭାପତି ଠାକୁରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ ପାଇଁ ଏକ କାର୍ଯ୍ୟକ୍ରମ ହୋଇଥିଲା। ଠାକୁର ସରକାରୀ ପ୍ରାଥମିକ ଶିକ୍ଷକ ସଂଘ (ଭି.ଏ)ର ରାଜ୍ୟ ସଭାପତି ହୋଇଥିବାରୁ ଶିକ୍ଷକ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ଶିକ୍ଷକ ଛନ୍ଦା ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଡିଆର୍ ମେହେର ହାଇସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ଲୋହିତ କୁମାର ଗଡତ୍ୟା ମଞ୍ଚ ପରିଚାଳନା କରିଥିଲେ। ସଭାରେ ବିଭିନ୍ନ ବର୍ଗର ଶିକ୍ଷକ ସଙ୍ଗଠନର କର୍ମକର୍ତ୍ତା, ଯୁବରାଜ ବିଭାର, ଜଗଜ୍ଜିବନ ଖମାରୀ, ଲିଙ୍ଗରାଜ ମେହେର, ସୂର୍ଜଭାନୁ ହୋତା, ଗୋଲଖ ପୁରୋହିତ, ନିର୍ମଳ ବେହେରା ସମେତ ଶତାଧିକ ଶିକ୍ଷକ ଯୋଗଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

ଗ୍ୟାସ୍ ଗୋଦାମରୁ ଚୋରି, ଡ୍ରାଇଭର ଅଟକ

ବଲାଙ୍ଗୀର, ୧୬।୯
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୁଇଁତଲା ଥାନା ସାଉନ୍ତପୁର-ଲମ୍ଭଲା ରାସ୍ତାରେ ଥିବା ଭାରତ ଗ୍ୟାସ୍ ଗୋଦାମରୁ ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଟାଟା ଏସଇ ଗାଡିର ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ ଅନୁଯାୟୀ ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ଗ୍ୟାସ ଗୋଦାମର କବାଟ ଭାଙ୍ଗି ଚୋରମାନେ ସେଠାରୁ ଗ୍ୟାସ ସିଲିଣ୍ଡର ଚୋରି କରୁଥିବା ଲୋକେ ଜାଣି ପାରିଥିଲେ। ଏକ ଟାଟା ଏସିଇ ଗାଡିରେ ଗ୍ୟାସ ସିଲିଣ୍ଡର ଲଦୁ ଥିବାବେଳେ ସ୍ଥାନୀୟ ଲୋକେ ଚୋରମାନଙ୍କ ଉପରେ ଚଢ଼ାଉ କରିଥିଲେ। ତେବେ ଚୋରମାନେ ଗାଡି ଛାଡି ଫେରାର ହୋଇଯାଇଥିଲେ ମଧ୍ୟ ଡ୍ରାଇଭର ଓ ଗାଡିକୁ ଲୋକେ ଧରିଥିଲେ ଓ ପୁଇଁତଲା ଥାନାରେ ଜିମା ଦେଇଥିଲେ। ଟାଟା ଏସିଇ ଗାଡିରୁ ୨୨ଟି ସିଲିଣ୍ଡର ଏବଂ ଗୋଦାମ ବାହାରୁ ୨୯ଟି ସିଲିଣ୍ଡର ଜବତ ହୋଇଛି। ଗୋଦାମରୁ ୨୩ଟି ଗ୍ୟାସ୍ ସିଲିଣ୍ଡର ନ ଥିବା ଜଣାପଡିଛି। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ସଦର ଏସଡିପିଓ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି।

ବିଂଝାଲ ସମାଜ ପକ୍ଷରୁ କରମା ବାର୍ଷିକ ପୂଜନୋତ୍ସବ

ପାଟଣାଗଡ଼, ୧୬।୯
(ସଚ୍ଚିଦାନନ୍ଦ ମହାକୁଡ଼)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଲରମ୍ଭା ବାଗ ପଡାଠାରେ ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜ ପକ୍ଷରୁ ଚଳିତବର୍ଷ ଜିଲାସ୍ତରୀୟ ୭ତମ କରମା ବାର୍ଷିକ ପୂଜାନୋତ୍ସବ ଭାଦ୍ରବ ଶୁକ୍ଳପକ୍ଷ ଏକାଦଶୀରୁ ଆରମ୍ଭ ହୋଇ ଦ୍ୱାଦଶୀ ତିଥିରେ ଦୁଇ ଦିନ ଧରି ଅନୁଷ୍ଠିତ ହେବା ପରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ବିଂଝାଲ ସମାଜର ବଡଉଡେନ, ଲରମ୍ଭା, ଘୁଟୁପାଲି ଆଦି ଗାଁରୁ କରମାଦଳ କଳାକାରମାନେ ଯୋଗଦେଇ କରମା ପରିବେଷଣ କରିଥିଲେ। କିମ୍ବଦନ୍ତୀ ମତେ ଭାଦ୍ରବ ଶୁକ୍ଳ ପକ୍ଷ ଦଶମୀ ଆରମ୍ଭ ହୋଇ ଦୁଇ ଦିନ ଧରି ଅନୁଷ୍ଠିତ କରମା ବାର୍ଷିକପୂଜାନୋତ୍ସବରେ ପ୍ରଥମେ ନଦୀରୁ ବାଲି ଆଣି ସାତ ପ୍ରକାର ଶସ୍ୟକୁ ସାତ ଦିନ ଆଗରୁ ଗଜା କରାଯାଇଥାଏ । ଏହା ପରେ ଏକାଦଶୀ ତିଥିରେ ରାତିରେ ଜଙ୍ଗଲରୁ କରମା ଡାଳକୁ ବରଣ କରି ପୂଜା ମଣ୍ଡପରେ ସ୍ଥାପନା କରାଯିବା ସହ ସାତ ଭଉଣୀଙ୍କୁ ମାଇ ମକୁଳିତକୁ ଆଣି ଚାନ୍ଦୁଆ ତଳେ ରଖି ସାତ ପ୍ରକାର ଫୁଲ, ସାତ ପ୍ରକାର ଫଳ, ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରି ମା' କରମସାନୀଙ୍କୁ ଆବାହନ କରାଯାଇଥାଏ। ରାତିରେ ମାଦଳର ତାଳେ ତାଳେ ଝୁମେରଗୀତ ସ୍ୱରେ ସମସ୍ତେ ଝୁମି ଥିଲେ। ପରେ ନଗର ପରିକ୍ରମା କରି ଭସାଣି କରାଯାଇଥିଲା। ବିଶେଷ କରି ପଶ୍ଚିମ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ଲୋକେ ପାଳନ କରିଥାଆନ୍ତି କରମସାନୀ ପୂଜା। କୃଷିଭିତ୍ତିକ ଏହି ପର୍ବ ପାଳନ କଲେ ବର୍ଷର ଫସଲ ଅମଳ ଭଲ ହେବା ସହ ଧନ ଜନ ଗୋପ ଲକ୍ଷ୍ମୀ ଚତୁଃବର୍ଗ ପ୍ରାପ୍ତି ହେବା ସଙ୍ଗେ ଏକତା ସୃଷ୍ଟି ହୋଇଥାଏ ବୋଲି ସଭାପତି ଚନ୍ଦ୍ରଶେଖର ବାଗ କହିଥିଲେ। ଏହି କରମା ପୂଜାନୋତ୍ସବରେ କର୍ତ୍ତା ଭାବେ ଜିଲା ସଭାପତି ଚନ୍ଦ୍ରଶେଖର ବାଗ ଓ ତାଙ୍କ ସ୍ତ୍ରୀ ସୀତୟା ବରିହା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଭାବେ କୀର୍ତ୍ତି ଚନ୍ଦ୍ର ପୂଜାର୍ଚ୍ଚନା କରିଥିଲେ। ପରେ ଜିଲାର ବିଭିନ୍ନ ବ୍ଲକ ସମାଜର କର୍ମକର୍ତ୍ତା ସଦସ୍ୟମାନଙ୍କୁ ନେଇ ଏକ ନୂଆଁଖାଇ ଭେଟ୍‌ଘାଟ୍ ଜିଲା ସଭାପତି ତଥା ଉପଲାଟ ସଭାପତି ଚନ୍ଦ୍ରଶେଖର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଚୁରାକୁଣା ଓ ପିଠା ସମସ୍ତଙ୍କୁ ଆପ୍ୟାୟିତ ପରେ ଜୁହାର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ଦିନରେ ମହାସଭା ପାଇଁ ବିନ୍ଧ୍ୟାଞ୍ଚଳ ସ୍ଥିତ ମା' ବିନ୍ଧ୍ୟବାସିନୀ ଦେବୀ ଶକ୍ତିପୀଠ ଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବାବେଳେ ସମାଜର ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲା ସମ୍ପାଦକ ଗନ୍ଧର୍ବ ବରିହା ସ୍ୱାଗତ ଭାଷଣ ଦେଇଥିବା ବେଳେ ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା, ଖପ୍ରାଖୋଲ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା, କୋଷାଧ୍ୟକ୍ଷ ବିପିନି ବରିହା, ପାଟଣାଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ବରିହା, ଲୋଇସିଂହା ବ୍ଲକ ସମ୍ପାଦକ ଭକ୍ତ ବରିହା, ଜିଲା ମିଡିଆ ସେଲ ସଂଯୋଜକ ଗୋରେଖନାଥ ବରିହା, ଭୁଣ୍ଡି ମୁହାଣ ପଞ୍ଚାୟତ ସଭାପତି ରାମଚନ୍ଦ୍ର ବରିହା, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଶାନ୍ତନୁ ବରିହା, ମୁରିବାହାଲ ବ୍ଲକ ସଭାପତି ବନମାଳୀ ବରିହା, ଡୁରେକେଲା ବ୍ଲକ ସଭାପତି ହରିହର ବରିହା, ଟିଟିଲାଗଡ଼ ବ୍ଲକ ସଭାପତି ମଦନ ବରିହା, ଧୁବଲପଡା ପଞ୍ଚାୟତ ସଭାପତି ଭଗବାନ ବରିହା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା ଚପରାପ ମିଲୁକମଲିଆ, କୁମ୍ଭାଣ୍ଡର ବରିହାଙ୍କ ସମେତ ବାଗପଡା ବିଂଝାଲ ସମାଜର ସମସ୍ତ ଭଉଣୀଭାଇ ବନ୍ଧୁମାନେ ସହଯୋଗ କରିଥିଲେ। ପାଟଣାଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

ବଲାଙ୍ଗୀରରେ ବିଶ୍ୱକର୍ମା ପୂଜା

ଟ୍ରକ୍ ଅପରେଟର୍ସ ଆସୋସିଏଶନ୍‌ଠାରେ ବିଶ୍ୱକର୍ମା ପୂଜା।

ବଲାଙ୍ଗୀର ବସ୍ ଟର୍ମିନାଲଠାରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।

ବଲାଙ୍ଗୀର, ୧୬।୯
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ବିଭିନ୍ନ ସ୍ଥାନରେ ସୋମବାର ବିଶ୍ୱକର୍ମା ପୂଜା ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଛି। ବଲାଙ୍ଗୀର ନୂତନ ବସ ଟର୍ମିନାଲଠାରେ ଘରୋଇ ବସ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା କରାଯାଇଥିଲା। ସହରର ଆଇନ ମହାବିଦ୍ୟାଳୟ ସ୍ଥିତ ରାସ୍ତାକଡ ଟ୍ରକ୍ ଅପ୍ରେଟର ଆସୋସିଏଶନ ଅଫିସ ସମ୍ମୁଖରେ ଟ୍ରକ୍ ଆସୋସଏଶନ୍ ପକ୍ଷରୁ ବିଶ୍ୱକର୍ମା ପୂଜା କରାଯାଇଥିଲା। ସର୍କିଟ ହାଉସ ରାସ୍ତା କଡରେ ଜିଲା ବଢ଼େଇ ସଂଘ ଏବଂ ରାଜ୍ୟ ସଡକ ପରିବହନ ନିଗମ ଗ୍ୟାରେଜ୍, ସାଲେପାଲିସ୍ଥିତ ଚନ୍ଦ୍ରଜ୍ୟୋତି ଗ୍ୟାସ ଗୋଦାମ, ଖମାରମୁଣ୍ଡା ସ୍ଥିତ କେବିକେ ଆଇଟିଆଇ, ସଦାଇପାଲି ସାଇଟ୍ ପରିସର, ଲର୍କିପାଲି ସ୍ଥିତ ଆଇଟିଆଇ ପରିସରରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା। ଏହା ସହିତ ସହରର ବିଭିନ୍ନ ଗ୍ୟାରେଜ, ସର୍ଭିସ୍ ସେଣ୍ଟର, ସୋ'ରୁମଠାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ବସ୍ ଟର୍ମିନାଲଠାରେ ଘରୋଇ ବସ୍ ମାଲିକ ସଂଘ ସଭାପତି ଦୁର୍ଗା ବେହେରା ଓ ସମ୍ପାଦକ ପ୍ରତ୍ୟୁଷ ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଟ୍ରକ ଅପରେଟର୍ସ ଆସୋସିଏଶନ ଅଫିସରେ ସଭାପତି ବୀରେନ ମିଶ୍ର, ସମ୍ପାଦକ ଅଶ୍ୱିନୀ ପଟ୍ଟନାୟକ ଓ ଅନ୍ୟ ସଦସ୍ୟ, କେବିକେ ଆଇଟିଆଇରେ ବୁବୁନ ନାୟକ ଓ ଦୀପକ ନାୟକଙ୍କ ସମେତ ଆଇଟିଆଇ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହା ସହିତ ସହରରେ ବିଦ୍ୟୁତ୍ ବିଭାଗ, ଅଟୋ ଷ୍ଟାଣ୍ଡ, ଟ୍ୟାକ୍ସି ଷ୍ଟାଣ୍ଡ, ବିଭିନ୍ନ ଦୋକାନରେ ବିଶ୍ୱକର୍ମା ପୂଜା କରାଯାଇଛି। ଚଳତବର୍ଷ ଅନେକ ସ୍ଥାନରେ ପୂଜା ମଣ୍ଡପରେ ବିଶ୍ୱକର୍ମା ମୃଣ୍ମୟ ମୂର୍ତ୍ତି ଓ ମେଢ ବେଶ ଆକର୍ଷଣୀୟ ହୋଇଛି।

ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କରଙ୍କୁ ସମ୍ବର୍ଦ୍ଧନା

ଶିକ୍ଷକ ସନ୍ତୋଷ କରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭବାନୀପାଟଣା,୧୬।୯ (ଉତ୍ତମ କୁମାର ଦାଶ): ଭବାନୀପାଟଣା ବ୍ଲକ ତିଲଯୋଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲା ସାଧନ ଶିକ୍ଷକ ଗୋଷ୍ଠୀ ପକ୍ଷରୁ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟାନନ୍ଦ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ହିମାଂଶୁ ଶେଖର ପଟ୍ଟନାୟକ ମୁଖ୍ୟ ଅତିଥି ଓ ପୂର୍ବତନ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପ୍ରକାଶ ନିଶାଙ୍କସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଗୁରୁଦିବସରେ ଦିଲ୍ଲୀଠାରେ ରାଷ୍ଟ୍ରପତିଙ୍କ ଦ୍ୱାରା ଶିକ୍ଷକ କର ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଶିକ୍ଷକ କରଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

ବିସ୍ଥାପିତ ଚାଷୀଙ୍କୁ ଅଣଦେଖା ଅଭିଯୋଗ

ଘାଟୁଲଡୁଙ୍ଗୁରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ଆଡିବନ୍ଧ।

- ଘାଟୁଲଡୁଙ୍ଗୁରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ
- ଜିଲାପାଳଙ୍କୁ ଅଭିଯୋଗ ପରେ ବି ମିଳିନି କ୍ଷତିପୂରଣ

ଦେଓଗାଁ,୧୬।୯ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ଘାଟୁଲଡୁଙ୍ଗୁରୀରେ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ହୋଇଥିବା ପ୍ରକଳ୍ପରେ ବିସ୍ଥାପିତ ଚାଷୀଙ୍କୁ ଅଣଦେଖା କରାଯାଇ କ୍ଷତିପୂରଣ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି । ଏନେଇ ସମ୍ପୃକ୍ତ ଚାଷୀମାନେ ଜଳସମ୍ପଦ ବିଭାଗର ଜିଲା ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଚାଷୀ କୁମର ପଟେଲ ଏନେଇ ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କୁ ଗତ ଅଗଷ୍ଟ ୧ତାରିଖରେ ଭେଟି ଲିଖିତ ଭାବେ ଅଭିଯୋଗ କରିଥିଲେ । କିନ୍ତୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି ।

ପ୍ରକାଶ ଯେ, ୧୯୮୫ ମସିହାରେ ଉକ୍ତ ପ୍ରକଳ୍ପ ଓ ଆଡିବନ୍ଧ କାମ ସମୟରେ ଗାଁର ଚାଷୀ କୁମର ପଟେଲଙ୍କ ଅଧ ଏକର, ନରେନ୍ଦ୍ର ପଧାନଙ୍କ ଅଧ ଏକର ଓ ସ୍ୱର୍ଣ୍ଣ ଗୁରାଣ୍ଡିଙ୍କ ଅଢ଼େଇ ଏକର ଚାଷଜମି ବୁଡି ଯାଇଥିଲା । ଚାଷୀଙ୍କୁ ଜିଲା ପ୍ରଶାସନ ତରଫରୁ ୧୯୯୫ ନଭେମ୍ବର ମାସ ୩ ତାରିଖରେ ନୋଟିସ (ନୋଟିସ ସଂଖ୍ୟା ୩୫୧)ହୋଇଥିଲା। କ୍ଷତିପୂରଣ ମିଳିବା ନେଇ ବିଭାଗ ପକ୍ଷରୁ ଚାଷୀଙ୍କୁ ଆଶ୍ୱସନା ଦିଆଯାଇଥିଲା । ପରେ ୨୦୧୮ରେ ଉକ୍ତ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ସମୟରେ ସମ୍ପୃକ୍ତ ଚାଷୀମାନେ କ୍ଷତିପୂରଣ ନେଇ ପ୍ରତିବାଦ କରିବାରୁ ବିଭାଗୀୟ ଏସଡିଓ, ଯନ୍ତ୍ରୀ ପ୍ରମୁଖ ବିସ୍ଥାପିତଙ୍କ ବୁଡି ଯାଇଥିବା ଜମିର ଡିମାରକେସନ ଓ ଏଷ୍ଟିମେଟ ମଧ୍ୟ କରିଥିଲେ । ହେଲେ ପରବର୍ତ୍ତୀ ସମୟରେ ଆଗକୁ ଫାଇଲ ନ ବଢ଼ାଇ ସରକାରୀ ନାଲିଫିତା ତଳେ ଚାପି ଦେଇଥିବା ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଏ ନେଇ କ୍ଷୁଦ୍ର ଜଳସେଚନ ବିଭାଗର ଏସଡିଓ କିରନ ଭୋଇଙ୍କୁ ଯୋଗାଯୋଗ କରିବାରେ ଫାଇଲ ଦେଖିକି କହିବି ବୋଲି କହିଥିଲେ । ଜିଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ବିସ୍ଥାପିତ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି ।

ଉତ୍ତମ କୃଷି ଅଭ୍ୟାସ ତାଲିମ ଶିବିର

ରୁଗୁଡିପାଲିରେ ଅନୁଷ୍ଠିତ ତାଲିମ ଶିବିରରେ ଅତିଥି, ତାଲିମଦାତା ଓ ଅନ୍ୟମାନେ।

ଦେଓଗାଁ,୧୬।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଅନ୍ତର୍ଗତ ରୁଗୁଡିପାଲି ଗାଁରେ ୱାଇସିଡିଏ ତରଫରୁ ତଥା ରିଲାଏନ୍ସ ଫାଉଣ୍ଡେଶନ ସହଯୋଗରେ ଉତ୍ତମ କୃଷି ଅଭ୍ୟାସ ଉପରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଗଦାଧର ଡାଙ୍ଗଙ୍କ ସଭାପତିତ୍ୱରେ ତଥା ୱାଇସିଡିଏର ବ୍ଲକ ସଂଯୋଜକ ରୁଦ୍ର ନାରାୟଣ ବଗର୍ତ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ତାଲିମ ଶିବିରରେ ରିସୋର୍ସ ପର୍ସନ ଭାବେ ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ)ର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଉତ୍ତମ କୃଷି ପାଇଁ କ'ଣ ଆବଶ୍ୟକ ସେ ଉପରେ ଆଲୋଚନା କରିଥିଲେ। ନିରନ୍ତର କୃଷି ତଥା ପାରମ୍ପରିକ ପଦ୍ଧତିରେ କୃଷି ଉପରେ ଆଲୋକପାତ କରିଥିଲେ। ଏହା ସହ ବର୍ତ୍ତମାନ ରାସାୟନିକ ସାର ଓ କୀଟନାଶକ ଔଷଧର ବହୁଳ ପ୍ରୟୋଗ ଦ୍ୱାରା ମାଟି, ପାଣି, ପବନ ଦୂଷିତ ହେବା ସହ ସମାଜ ଉପରେ ପଡୁଥିବା କୁପ୍ରଭାବ ବିଷୟରେ ବୁଝାଇଥିଲେ। ରାସାୟନିକ ସାର, କୀଟନାଶକ ବଦଳରେ ପାରମ୍ପରିକ ପଦ୍ଧତିରେ ଗୋବର, ଗୋମୂତ୍ର ସମେତ ବିଭିନ୍ନ ପତ୍ର, ଶସ୍ୟର ବ୍ୟବହାର କରି ବିଭିନ୍ନ ଜୈବିକ ସାର କେମିତି ପ୍ରସ୍ତୁତ କରାଯାଇପାରିବ ସେ ଉପରେ ତାଲିମ ପ୍ରଦାନ କରିଥିଲେ। ଏହାସହ ଜଳ ସଞ୍ଚାଳନ ଓ ଜଳବାୟୁ ପରିବର୍ତ୍ତନ ଉପରେ ସଚେତନ କରାଇଥିଲେ। ଶିବିରରେ ସିଆରପି ମମତା ସେଠ, ପୂର୍ବତନ ୱାର୍ଡସଭ୍ୟ ଲାଲମନ କ୍ଷେତି, ଅଗ୍ରଣୀ ଚାଷୀ କୃତାର୍ଥ ଦଲାଇ, ଲୋଚନ ଡାଙ୍ଗ, ବିରଞ୍ଚି ଦଲାଇ, ଗଦାଧର ଡାଙ୍ଗ, ସିଏଲଏଫ ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ। କୃଷକ ସାଥୀ ଧରଣୀଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସନ୍ଧି କୁଲିହାରିଠାରେ ନୂଆଁଖାଇ ଭେଟ୍‌ଘାଟ

ବେହେରା,୧୬।୯(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକର ସନ୍ଧି କୁଲିହାରିଠାରେ ନୂଆଁଖାଇ ଭେଟ୍‌ଘାଟ ଆୟୋଜିତ ହୋଇଯାଇଛି। ଶ୍ରୀ ଶ୍ରୀ ଲଙ୍କେଶ୍ୱରୀ କ୍ଲବ ଆନୁକୂଲ୍ୟରେ ହୃଷୀକେଶ ବାଗଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପାଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ହେଉଛି ଗୁରୁଜନଙ୍କୁ ସମ୍ମାନ ଓ ସାନମାନଙ୍କୁ ଶ୍ରଦ୍ଧା କରିବାର ଏକ ପରମ୍ପରା ବୋଲି କହିଥିଲେ। ଶିକ୍ଷାବିତ୍ ପଦ୍ମ ଲୋଚନ ନାଏକ ମୁଖ୍ୟ ବକ୍ତା ଓ ପୂର୍ବତନ ସରପଞ୍ଚ ନରୋତ୍ତମ ବାଗ, ରକ୍ଷରାମ ବାଗ, ଅପରେଶ ସାଇଁ, ଜାଗତ ରାମ ସାହୁ, ଗୁରୁ ମାୟାଧର ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗାଁର ବାଳକ ବାଳିକାଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଜେତାମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଚିନ୍ମୟ ବାଗ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଶିଶୁଙ୍କୁ ଗଢ଼ିବାରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ମାତୃ କର୍ମଶାଳାରେ ଉପସ୍ଥିତ ମହିଳା ଓ ଶିଶୁ।

ବଲାଙ୍ଗୀର, ୧୬।୯ (ବୀରେନ୍ଦ୍ର କୁମାର ଝାଙ୍କର)

କଲେଜ ଛକ ଶିଶୁ ମନ୍ଦିରରେ ମାତୃ କର୍ମଶାଳା

ବଲାଙ୍ଗୀର ସହର କଲେଜଛକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାଟିକା ବିଭାଗରେ ସୋମବାର ମାତୃ କର୍ମଶାଳା ଆୟୋଜିତ ହୋଇଥିଲା । ପୁଇନ୍ତଳା ଗୋଷ୍ଠୀ ସାଧନ କର୍ମୀ ଅଳକା ଦା

ସଂକ୍ଷେପରେ

୪୭ତମ 'ୱାର୍ଲ୍ଡ ସ୍କିଲ୍ସ-୨୦୨୪' ପ୍ରତିଯୋଗିତାରେ ଅମରେଶଙ୍କୁ ବ୍ରୋଞ୍ଜ ପଦକ

ଦେବଗଡ଼,୧୬।୯(ଶଶାଙ୍କ ଶେଖର ଝାଙ୍କର)

ଫ୍ରାନ୍ସର ଲିଓନଠାରେ ଆୟୋଜିତ ୪୭ତମ 'ୱାର୍ଲ୍ଡ ସ୍କିଲ୍ସ-୨୦୨୪' ପ୍ରତିଯୋଗିତାରେ ଦେବଗଡ ଜିଲାର ଅମରେଶ କୁମାର ସାହୁ ବ୍ରୋଞ୍ଜ ପଦକ ପାଇ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗର ବଳମ ଗ୍ରାମର ଅମରେଶ ଏହି ପ୍ରତିଯୋଗିତାରେ 'ଅକ୍ଷୟ ଶକ୍ତି' (ରିନିଓେବଲ ଏନର୍ଜୀ)ପ୍ରକଳ୍ପ ପ୍ରଦର୍ଶନ କରି ଏହି ସଫଳତା ହାସଲ କରିଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେ, ୪୭ ତମ 'ୱାର୍ଲ୍ଡ ସ୍କିଲ୍ସ -୨୦୨୪' ପ୍ରତିଯୋଗିତାରେ ଭାରତରୁ ୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ଅମରେଶଙ୍କ ସମେତ ଓଡିଶାର ୧୫ଜଣ ରହିଥିଲେ। ତାଙ୍କ ଏହି ସଫଳତା ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅଭାସୀ ଏବଂ 'ଏକ୍ସ'ରେ ଟୁଇଟ କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଅମରେଶଙ୍କ ଫ୍ରାନ୍ସ ଗସ୍ତ ପୂର୍ବରୁ ମଧ୍ୟ ତାଙ୍କୁ ସେମାନେ ଅନୁରୂପ ଭାବେ ଶୁଭକାମନା ଜଣାଇଥିଲେ। ଅନ୍ୟପକ୍ଷରେ ଅମରେଶ ମଧ୍ୟ ମୁଖ୍ୟମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପାଠପଢୁଥିବା ଅନୁଷ୍ଠାନ 'ସିଟିଟିସି' କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଅମରେଶ ଦେବଗଡ ଜିଲା ବଳମ ଗ୍ରାମପଞ୍ଚାୟତ ସଦର ମହକୁମାର ବାପା ପଙ୍କଜ କୁମାର ସାହୁ ଓ ମା' ସୁକାନ୍ତୀ ସାହୁଙ୍କ ପୁଅ। ବର୍ତ୍ତମାନ ସେ ଭୁବନେଶ୍ୱରସ୍ଥିତ ସିଟିଟିସିରେ ଅଧ୍ୟୟନରତ ଅଟନ୍ତି। ଅମରେଶଙ୍କ ସଫଳତାରେ ତାଙ୍କ ପରିବାର ସମେତ ସମଗ୍ର ଜିଲାରେ ଖୁସିର ଲହରୀ ଦେଖିବାକୁ ମିଳିଛି।

କୁଡୋପାଲି ପଞ୍ଚାୟତବାସୀଙ୍କୁ ନିଯୁକ୍ତି ଦାବି କଲେ ସରପଞ୍ଚ

ବ୍ରଜରାଜନଗର,୧୬।୯(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନୀ କ୍ଷେତ୍ରରେ ରହିଛି ଭାରତ ସରକାରଙ୍କ ବୃହତ୍ ରାଷ୍ଟ୍ରାୟତ ଉଦ୍ୟୋଗ ମହାନଦୀ କୋଇଲା ଖଣି। କମ୍ପାନୀ ଅଧୀନରେ ରାଜ୍ୟ ଓ ବାହାରୁ ଟେଣ୍ଡର ପ୍ରକ୍ରିୟାରେ କାମ ପାଇଁ ବିଭିନ୍ନ ଠିକା କମ୍ପାନୀ ଆସିଥାନ୍ତି। ନିୟମ ଅନୁଯାୟୀ ଠିକା କମ୍ପାନୀ ୪୦ ଭାଗ କର୍ମଚାରୀ ସାଥିରେ ଆଣିଥାନ୍ତି ଏବଂ ୬୦ ଭାଗ କର୍ମଚାରୀ ସ୍ଥାନୀୟ ଅଞ୍ଚଳରୁ ନିଯୁକ୍ତି ପାଇବା କଥା। କିନ୍ତୁ କମ୍ପାନୀଗୁଡିକ ନିଜର ସୁବିଧା ପାଇଁ ସ୍ଥାନୀୟ ନିଯୁକ୍ତିକୁ କିଛି ସ୍ଥାନୀୟ ଅଞ୍ଚଳର ଅସାମାଜିକ ତତ୍ତମାନଙ୍କ ହାତରେ ଟେକି ଦେଇଛନ୍ତି, ତାଙ୍କ ସୁପାରିଶରେ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ଏଭଳି ଅଭିଯୋଗ କରିଛନ୍ତି ସବୁଠାରୁ ବେଶି ଖଣି ଦ୍ୱାରା ପ୍ରଭାବିତ ସମଲେଶ୍ୱରୀ ଖଣି ନିକଟ ପଞ୍ଚାୟତ କୁଡୋପାଲି ସରପଞ୍ଚ କଲ୍ୟାଣୀ ଦୀକ୍ଷିତ୍। ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ କୋଇଲା ଉତ୍ପାଦନଠାରୁ ଆରମ୍ଭ କରି ପରିବହନ ପର୍ଯ୍ୟନ୍ତ କାମରେ ସ୍ଥାନୀୟ ଅଞ୍ଚଳବାସୀ ବେଶୀ ପ୍ରଦୁଷଣରେ ଶିକାର ହେଉଛନ୍ତି। ସେହି ହିସାବରେ ଅଞ୍ଚଳବାସୀ ଠିକା ନିଯୁକ୍ତି ପାଇବା କଥା, ଯାହା ହେଉନାହିଁ ବୋଲି ସରପଞ୍ଚ କହିଛନ୍ତି। ଏହି ପଞ୍ଚାୟତରୁ ମାତ୍ର ୬ଜଣଙ୍କୁ ନିଯୁକ୍ତି ଦିଆଯାଇଛି ଓ ସେମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ମଧ୍ୟ ନିଆଯାଇଛି। ଘଟଣା ସମ୍ପର୍କରେ ଇବ କ୍ଷେତ୍ର ମହାପ୍ରବନ୍ଧକ ଅବୋଧ କୁମାର ପାଣ୍ଡେଙ୍କୁ ପଚାରିବାରେ କମ୍ପାନୀଠାରୁ ସବିଶେଷ ତଥ୍ୟ ମଗାଇବେ। କେତେ ଭାଗ ସ୍ଥାନୀୟ ନିଯୁକ୍ତି ଦିଆଯାଇଛି, ତାକୁ ଦେଖିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କମ୍ପାନୀ ଯେଉଁମାନଙ୍କୁ ମଧ୍ୟସ୍ଥି କରାଇ ରଖିଛି, ସେମାନଙ୍କ ଉପରେ ଟଙ୍କା ନେଉଥିବା ପ୍ରମାଣ ମିଳିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ଓ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରକାଶ କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ସ୍ଥାନୀୟ ନିଯୁକ୍ତି ନ ଦେଲେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହିତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି।

ପ୍ରସିଦ୍ଧ ଦେବଗଡ଼ ଗଣେଶ ମେଳା ଉଦ୍‌ଯାପିତ

ବିସର୍ଜନ ବେଳେ ହାତୀ ପିଠିରେ ବସି କଂସ ମହାରାଜାଙ୍କ ଭ୍ରମଣ ।

ବିସର୍ଜନ ଶୋଭାଯାତ୍ରାର ଦୃଶ୍ୟ।

ଦେବଗଡ଼,୧୬।୯(ଶଶାଙ୍କ ଶେଖର ଝାଙ୍କର)

ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଗତ ୧୦ ଦିନ ଧରି ଚାଲିଥିବା ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ଗଣେଶ ମେଳା ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମୁଖ୍ୟ ବଜାରସ୍ଥିତ ପୂଜାମଣ୍ଡପଠାରେ ଚାଲିଥିବା ଗଣେଶ ମେଳାରେ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କୁ ବିଦାୟ ଦେଇଛନ୍ତି। ଝିପିଝିପି ବର୍ଷା ସତ୍ତ୍ୱେ ପୂଜାମଣ୍ଡପରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଟ୍ରାକ୍ଟର ଯୋଗେ ଏକ ବିଶାଳ ଶୋଭାଯାତ୍ରାରେ ମହାପ୍ରଭୁ ଗଜାନନଙ୍କୁ ନଗର ପରିକ୍ରମା କରିବା ପରେ ଷୋହଳ ବଖରୀ କଟାରେ ବିସର୍ଜନ କରାଯାଇଥିଲା। ଆୟୋଜକ କମିଟି ସଭାପତି ଉମାଶଙ୍କର ସାହୁ ଓ ସମ୍ପାଦକ ସୁରଞ୍ଜିତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିସର୍ଜନ ଶୋଭାଯାତ୍ରାରେ ବହୁ ସଂଖ୍ୟାକ ଡିଜେ ସାଉଣ୍ଡ, ଅଘୋରୀ

ବିସର୍ଜନ ଶୋଭାଯାତ୍ରାରେ ନୃତ୍ୟ ପ୍ରଦର୍ଶନ।

ନୃତ୍ୟ ଓ ହାତୀ ପିଠିରେ ବସି କଂସ ମହାରାଜଙ୍କ ଭ୍ରମଣ ସମେତ ଚାଇନିଜ ଲାୟନ, ଦୁଲଦୁଲୀ, ମିରର ମ୍ୟାନ, କାନ୍ତରା, ଷଣ୍ଢ ନୃତ୍ୟ, ଚଇତିଘୋଡା ନାଚ, ଓଡିଶୀ ନୃତ୍ୟ, ସଂକୀର୍ତନ, ମା' ଦୁର୍ଗାଙ୍କ ମେଢ, ମା' କାଳୀଙ୍କ ମେଢ, ରାବଣ ମେଢ ଓ କଣ୍ଢେଇ ନାଚ ବିଭିନ୍ନ ବାଦ୍ୟ ଯନ୍ତ୍ର, ସଙ୍ଗୀତ ଓ ନୃତ୍ୟର ତାଳେତାଳେ ଆତଶ ବାଜିର ଶବ୍ଦ ମଧ୍ୟରେ ଶ୍ରଦ୍ଧାଳୁମାନେ ବଣିଆଁ ସାହି, ଶାସନ ସାହି, ଗୁରୁ ସାହି, ଗଣେଶ ଛକ, ମ୍ୟୁନିସିପାଲିଟି ସାହି ସମେତ ସହରର ବିଭିନ୍ନ ସାହି ଓ ଗଳି ରାସ୍ତାଦେଇ ମହାପ୍ରଭୁଙ୍କୁ ଶନି ମନ୍ଦିର ନିକଟସ୍ଥ ଷୋହଳ ବଖରୀ କଟାରେ ପହଞ୍ଚିଥିଲେ। ସେଠାରେ ଗଣେଶଙ୍କୁ ଯଥାବିଧି ପୂଜାର୍ଚ୍ଚନା କରିବା ପରେ ବିସର୍ଜନ କରାଯାଇଥିଲା। ବିସର୍ଜନ

- ହାତୀ ପିଠିରେ ବସି କଂସ ମହାରାଜା ଶୋଭାଯାତ୍ରାରେ ବୁଲିଲେ
- ଡିଜେ ସାଉଣ୍ଡରେ କମ୍ପିଲା ସହର
- ଅଗ୍ରପୂଜ୍ୟଙ୍କୁ ବିଦାୟ ଦେଲେ ହଜାର ହଜାର ଶ୍ରଦ୍ଧାଳୁ

ଶୋଭାଯାତ୍ରାରେ କମିଟି ଉପସଭାପତି ଜନ୍ମାଜୟ ନାୟକ, କୋଷାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସହ କୋଷାଧ୍ୟକ୍ଷ ପ୍ରଭାତ କୁମାର ସାହୁ, ସହ କୋଷାଧ୍ୟକ୍ଷ କୃଷ୍ଣ ମେହେର, ଆଲୋକ କୁମାର ଅମାନ୍ତ, ସୌରଭ ଗୋଏଲ ଓ ପ୍ରକାଶ କୁମାର ଦେବତାଙ୍କ ସମେତ ବହୁ ବ୍ୟବସାୟୀ, ଜନସାଧାରଣ ଓ କମିଟି ସଦସ୍ୟ ଅଂଶ ଗ୍ରହଣ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଜିଲା ପୋଲିସ ପକ୍ଷରୁ ବହୁସଂଖ୍ୟକ ପୋଲିସ ମୁତୟନ କରାଯାଇଥିଲା।

ଜିଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା

ଝାରସୁଗୁଡ଼ା,୧୬।୯(ସଞ୍ଜୟ ମାଲି)

ଝାରସୁଗୁଡ଼ାରେ ଜିଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ କାଳୀ ମନ୍ଦିରରୁ ଝାରସୁଗୁଡ଼ା ଇଞ୍ଜିନିୟରିଙ୍ଗ ସ୍କୁଲ ପର୍ଯ୍ୟନ୍ତ ଆୟୋଜିତ ପଦଯାତ୍ରାରେ ଶତାଧିକ ମହିଳା ସାମିଲ ହୋଇଥିଲେ। ଇଞ୍ଜିନିୟରିଙ୍ଗ ସ୍କୁଲ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମ ମନ୍ତ୍ରୀ ପୂଜାରୀ ଉଦ୍‌ଘାଟନ କରିଥିଲେ। ସଭାରେ ଉପସ୍ଥିତ ମହିଳାଙ୍କୁ ଉଦବୋଧନ ପ୍ରଦାନ ପୂର୍ବକ ମନ୍ତ୍ରୀ ସୁଭଦ୍ରା ଯୋଜନାକୁ ମହତ୍ତ୍ୱାକାଂକ୍ଷୀ ଯୋଜନା ଓ ସବୁଠାରୁ ଅଧିକ ଅର୍ଥ ଅଟକଳ ଯୋଜନା ବୋଲି କହିବା ସହ ଯୋଜନା ଦ୍ୱାରା ଓଡ଼ିଶାରେ ପ୍ରାୟ ଏକ କୋଟି ପଇଁତିରିଶ ଲକ୍ଷ ମହିଳା ଉପକୃତ ହେବେ ବୋଲି କହିଥିଲେ। ରାଜ୍ୟରେ କେହି ଜଣେ ବି ଲାଭାର୍ଥୀ ଯୋଜନାରୁ ବାଦ ନ ପଡନ୍ତୁ ଏହା ହିଁ ଯୋଜନାର ଉଦ୍ଦେଶ୍ୟ। ଏଥି ଲାଗି ସମସ୍ତେ ନିଜ ଅଞ୍ଚଳରେ ସଚେତନତା ସୃଷ୍ଟି କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ବିଧାୟକ ତ୍ରିପାଠୀ ସୁଭଦ୍ରା ଯୋଜନା ଦେଶରେ ଉଦାହରଣ ସୃଷ୍ଟି କରିବା ବୋଲି କହିବା ସହ ଆର୍ଥିକ ଦୃଷ୍ଟିକୋଣରୁ ମହିଳାମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଦିଗରେ ସହାୟକ ହେବା ବୋଲି କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର୍ କୁମାର ନାୟକ ଯୋଜନାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ ଧନ୍ୟବାଦ ଅର୍ପଣ କରିଥିଲେ। ମନ୍ତ୍ରୀ ଓ ବିଧାୟକଙ୍କ ସମେତ ଉପସ୍ଥିତ ଅଧିକାରୀ ଓ ମହିଳାମାନେ ସ୍ୱାକ୍ଷର ଅଭିଯାନରେ ଅଂଶ ଗ୍ରହଣ ପୂର୍ବକ ନିଜର ସ୍ୱାକ୍ଷର ପ୍ରଦାନ କରିଥିଲେ।

ଶିଶୁଙ୍କ ଦକ୍ଷତା ବୃଦ୍ଧି ତାଲିମ

ଦେବଗଡ଼,୧୬।୯(ଶଶାଙ୍କ ଶେଖର ଝାଙ୍କର)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଡି ଓ କେଏନଏଚ ସହଯୋଗରେ ଢୋଲାପ ଗ୍ରାମରେ ଶିଶୁମାନଙ୍କ ଦକ୍ଷତା ବୃଦ୍ଧିକୁ ନେଇ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ସ୍ନେହ ପ୍ରକଳ୍ପ ପକ୍ଷରୁ ସୋମବାର ଅନୁଷ୍ଠିତ ହୋଇଯାଇଛି। ତାଲିମ କାର୍ଯ୍ୟକ୍ରମରେ ଦେବଗଡ ଜିଲାର ତିଲେଇବଣି ବ୍ଲକ ଅନ୍ତର୍ଗତ ଦୁଧିଆନାଳୀ, ଢୋଲାପ ଓ କଂସର ଗ୍ରାମ ପଞ୍ଚାୟତର ୪୦ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଏହାକୁ ସ୍ନେହ ପ୍ରକଳ୍ପର ପ୍ରୋଗ୍ରାମ ଅଫିସର ସଂସାର ବାଗ ପରିଚାଳନା କରିଥିବା ବେଳେ ବିଶିଷ୍ଟ ପ୍ରଶିକ୍ଷକ ଷଡଙ୍ଗୀ ଶିଶୁମାନଙ୍କ ଉପରେ ଦୈନନ୍ଦିନ ବଢୁଥିବା ଚାପ, କଷ୍ଟ, ବାଧା ତଥା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାକୁ ବୁଝିପାରି କିପରି ତାହାର ସରଳ ସମାଧାନ କରି ପାରିବେ ସେ ଉପରେ ଶିଶୁମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ତାଲିମ କାର୍ଯ୍ୟକ୍ରମ ପ୍ରିୟଙ୍କା ବାରିକ, ଭାଗ୍ୟଧର ମନହୀରା, ବରୁଣ କୁଅଁର, ଯୋଗେଶରୀ ପାତ୍ର, ମୋନାଲିଶା ସାହୁ, ଇନ୍ଦିରା ନାୟକ, ସାରିତା କୁଅଁର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସ୍ନେହ ପ୍ରକଳ୍ପର ସଂଯୋଜକ ତପନ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

ଜିଲାରେ ବିକାଶ ମେଳା ପାଇଁ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୧୬।୯(ସଞ୍ଜୟ ମାଲି)

ସୂଚନା, ଶିକ୍ଷା, ସଞ୍ଚାର କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କ ଫଳପ୍ରସୂତୀ ପଦକ୍ଷେପ ଓ ପ୍ରଣିତ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି ସମାବେଶ ପାଇଁ ଜିଲାରେ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବିକାଶ ମେଳା। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସୋମବାର ଅପରାହ୍ନରେ ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ୩ ଦିନ ବ୍ୟାପୀ ବିକାଶ ମେଳା ଉପଲକ୍ଷେ ବିଭିନ୍ନ ବିଭାଗକୁ ନେଇ ପ୍ରଦର୍ଶନୀ ଆୟୋଜନ, ସମାବେଶ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓରମାସ, ମିଶନ ଶକ୍ତି, ଜିଲା ସମାଜ କଲ୍ୟାଣ ବିଭାଗ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ଜିଲା ମଙ୍ଗଳ ବିଭାଗ, ଆଦିବାସୀ ଉନ୍ନୟନ ସଂସ୍ଥା, ମତ୍ସ୍ୟ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଜିଲା ଶିଳ୍ପ କେନ୍ଦ୍ର, ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ପର୍ଯ୍ୟଟନ, ଶିଶୁ ସୁରକ୍ଷା, ପୌରପାଳିକା, ୱାଟକୋ, ପୋଲିସ, ଅଗ୍ନିଶମ, ସୂଚନା ଓ ଲୋକ ସମ୍ପର୍କ, ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ, ଜଳ ଯୋଗାଣ ଓ ପରିମଳ ଆଦି ବିଭିନ୍ନ ବିଭାଗର ମିଳିତ ସହଯୋଗରେ ଜିଲାସ୍ତରୀୟ ବିକାଶ ମେଳା ମନମୋହନ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବାକୁ ନେଇ ଆଲୋଚନା ହୋଇଥିଲା। ପ୍ରସ୍ତୁତି ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୟକୃଷ୍ଣ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲମ୍ବୋଦର ବୁଡ଼ା ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଜଳିଗଲା ଗ୍ରାହକ ସେବା କେନ୍ଦ୍ର

ରିଆମାଳ, ୧୬।୯(ନିରଞ୍ଜନ ବେହେରା)

ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ତାରଙ୍ଗ ଗ୍ରାମର ଗ୍ରାହକ ସେବାକେନ୍ଦ୍ର ଜଳି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଦୀର୍ଘ ୧୨ବର୍ଷ ହେବ ଗ୍ରାହକ ସେବା କେନ୍ଦ୍ର ତଥା ଜନସେବା କେନ୍ଦ୍ର କରି ପରିବାର ଚଳାଉଥିବା ବଳରାମ ସାହୁ ଏବେ ବେସାହାରା ହୋଇଯାଇଛି। ବଳରାମ ସମ୍ବଲପୁର ଜିଲା ନାକଟିଦେଉଲ ଥାନା ଅନ୍ତର୍ଗତ କୁଞ୍ଜାମୁରା ଗ୍ରାମର ବାସିନ୍ଦା। ଦୀର୍ଘ ୧୨ବର୍ଷ ହେବ ତାରଙ୍ଗ ଗ୍ରାମରେ ଆସି ଷ୍ଟେଟବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ସହିତ ଜନ ସେବା କେନ୍ଦ୍ର ଖୋଲି ଲୋକଙ୍କୁ ସେବା ଯୋଗାଉଥିଲେ। ରବିବାର ରାତ୍ରି ୮ଟା ପର୍ଯ୍ୟନ୍ତ ଦୋକାନ ଖୋଲା ହୋଇଥିଲା। ପରେ ବନ୍ଦ କରି ସେ କୁଞ୍ଜାମୁରା ଗ୍ରାମକୁ ଚାଲିଯାଇଥିଲେ। ହଠାତ୍ ରାତ୍ରି ୧୧ଟାରେ କୌଣସି କାରଣରୁ ଦୋକାନ ଭିତରେ ନିଆଁ ଲାଗି ସମସ୍ତ ଗ୍ରାହକମାନଙ୍କ ପାସବୁକ, ୬୦ହଜାର ଟଙ୍କା, ସାର୍ଟିଫିକେଟ, ବ୍ୟାଙ୍କିଙ୍ଗ କମ୍ପ୍ୟୁଟର, ଜେରକ୍ସ, ଫୋଟ କ୍ୟାମେରା ତଥା ଦୋକାନର ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ଜଳି ଯାଇଛି। ରାତ୍ରିରେ ଦମକଳ ବାହିନୀ ଆସି ନିଆଁ ଲିଭାଇଲା ବେଳେ ସମସ୍ତ ଜିନିଷ ପୋଡି ଯାଇଥିଲା। ସୁଭଦ୍ରା ଯୋଜନାରେ ମହିଳାମାନେ ଭିଡ ରହୁଥିବା ବେଳେ ସରକାରୀ ଯୋଜନା ତାରଙ୍ଗ ଗ୍ରାମରେ ଘୋର ଅସୁବିଧାର ସମ୍ମୁଖିନ ହେବେ।

ଦାବି ପୂରଣ ନ ହେଲେ ଆନ୍ଦୋଳନ

ଝାରସୁଗୁଡ଼ା,୧୬।୯(ସଞ୍ଜୟ ମାଲି)

ସ୍ଥାନୀୟ ଏକ ଘରୋଇ ହୋଟେଲଠାରେ ଅଲ ଓଡିଶା କଳିଙ୍ଗ ଉତ୍କଳ ହେମାଲି ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ମହାସଂଘ ମହାମାରୀ ଭଳି ସମୟରେ ମଧ୍ୟ ନିଜର ଜୀବନର ଖାତିର ନ କରି ଜନସାଧାରଣଙ୍କ ପାଖକୁ କିପରି ଖାଦ୍ୟସାମଗ୍ରୀ ସିଧାସଳଖ ପହଞ୍ଚି ପାରିବ ସେ ଦିଗରେ କାର୍ଯ୍ୟ କରି ଆସିଛନ୍ତି। କିନ୍ତୁ ତାଙ୍କର ନ୍ୟାର୍ଯ୍ୟ ଦାବିକୁ ନେଇ ସରକାରଙ୍କ ପାଖରେ ଜିଲାସ୍ତରୀୟ ଲିଖିତ ଅଭିଯୋଗ ତଥା ଆନ୍ଦୋଳନ ଜାରି

ହେମାଲି ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ

ଅଛି। ସେଥି ମଧ୍ୟରେ ଏଫସିଆଇରେ ବଦଳି ଶ୍ରମିକ ବନ୍ଦ କରି ସଂଘ ଶ୍ରମିକଙ୍କୁ ନିୟୋଜିତ କରିବାରୁ ନେଇ ପରିଚୟ ପ୍ରମାଣପତ୍ର ପ୍ରଦାନ ଭଳି ଅନେକ ଦାବି ରହିଛି। ଖୁବଶୀଘ୍ର ଏହି ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ ବୋଲି ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଛି। ଝାରସୁଗୁଡ଼ା ସହରର ଅନେକ କାର୍ଯ୍ୟରତ ହେମାଲି ଯୋଗଦେଇଥିଲେ।

୪ ଜଣଙ୍କ ବିରୋଧରେ ମାମଲା ରୁଜୁ

ଦେବଗଡ଼,୧୬।୯(ଶଶାଙ୍କ ଶେଖର ଝାଙ୍କର)

ଜାଲ କାଗଜପତ୍ର ଦାଖଲ ଓ ଉଚ୍ଚ ନ୍ୟାୟାଳୟର ଆଦେଶ ଜାଲିଆତି କରି ଉପସ୍ଥାପନ କରି ଗ

ଜେଲ ଗଲେ ଫେରାର ପ୍ରେମିକ ପ୍ରିୟରଞ୍ଜନ

ଆପାର୍ଟମେଣ୍ଟ ଆଉଟହାଉସରୁ ଜ୍ୟୋତିରେଖାଙ୍କ ମୃତଦେହ ଜବତ ଘଟଣା

ଭୁବନେଶ୍ୱର,୧୬।୯
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଖଣ୍ଡଗିରି ଥାନା ପାର୍କ ଲେନ୍ ଅଞ୍ଚଳର ଆପାର୍ଟମେଣ୍ଟ ଆଉଟହାଉସରୁ କୋରାପୁଟର ଯୁବତୀ ଜ୍ୟୋତିରେଖା ପରିଡ଼ାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିବା ଘଟଣାରେ ଫେରାର ପ୍ରେମିକ ଗଞ୍ଜାମର ପ୍ରିୟରଞ୍ଜନ ପାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରିୟରଞ୍ଜନ ନିର୍ଯାତନା ଦେବା କାରଣକୁ ଜ୍ୟୋତିରେଖା ଏଭଳି ଚରମ ପଦକ୍ଷେପ ନେଇଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ସେହିପରି ପ୍ରିୟରଞ୍ଜନ ମଧ୍ୟ ତାଙ୍କ ପୁରୁଣା ବାନ୍ଧବୀଙ୍କୁ ନିଜ ଘରେ ରଖିଥିବା ପୋଲିସ ଜାଣିବାକୁ ପାଇଛି। ଏହାସହ ଜ୍ୟୋତିରେଖାଙ୍କ ମୃତଦେହ ମିଳିବା ଘରୁ ଏକ ସୁଇସାଇଡାଲ ନୋଟ୍ ମଧ୍ୟ ପୋଲିସ ପାଇଛି। ସେଥିରେ ଜ୍ୟୋତିରେଖା କାହାକୁ ଦାୟୀ କରି ନ ଥିଲେ ମଧ୍ୟ ସମସ୍ତଙ୍କ ବୋଝ ବୋଲି ଲେଖିଥିବା ସୂଚନା ମିଳିଛି। ଜାମିନ ନ ମିଳିବାରୁ ପ୍ରିୟରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଲାଇସେନ୍ସପ୍ରାପ୍ତ ଦୋକାନରେ ନକଲି ମଦ

- ବୁଲ୍‌ଡୋଜର ମଡ଼ାଇ ମଦ ନଷ୍ଟ କଲା ଅବକାରୀ ଟିମ୍
- ଦୋକାନ ସିଲ୍, ୬ ଗିରଫ

ଭୁବନେଶ୍ୱର,୧୬।୯
(ସୂର୍ଯ୍ୟକାନ୍ତ ବେହେରା)

ନାମୀଦାମୀ କମ୍ପାନୀ ନାଁରେ ବିକ୍ରି ହେଉଥିଲା ଅପମିଶ୍ରିତ ମଦ। ଗଞ୍ଜାମ ନୁହେଁ, ଖୋଦ୍ ରାଜଧାନୀରେ ବି ଲୋକଙ୍କ ଜୀବନ ସହ ଚାଲିଥିଲା ଖେଳ। ବରମୁଣ୍ଡାସ୍ଥିତ ଏକ ସରକାରୀ ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନରେ ଏହି ବେଆଇନ କାରବାର ଚାଲିଥିଲା। ସୋମବାର ଅବକାରୀ ଟିମ୍ ଉକ୍ତ ଦୋକାନରେ ଅଚାନକ ଚଢାଉ କରିବା ପରେ ଏଭଳି ଘଟଣା ପଦାକୁ ଆସିଛି। ଅବକାରୀ ବିଭାଗ ପକ୍ଷରୁ ମଦ ଦୋକାନକୁ ସିଲ୍ କରାଯିବା ସହ ନକଲି ମଦକୁ ବୁଲ୍‌ଡୋଜର ମଡ଼ାଇ ଚୂରମାର କରିଦିଆଯାଇଛି। ପ୍ରାୟ ୨୦ ଲକ୍ଷରୁ ଅଧିକ ଟଙ୍କାର ଅପମିଶ୍ରିତ ମଦ ନଷ୍ଟ କରାଯାଇଥିବାବେଳେ ବାକି ୩୦ ଲକ୍ଷ ଟଙ୍କାର ମଦ ଜବତ କରି ନମୁନାକୁ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦୋକାନ ମାଲିକ ଝାଡ଼ଖଣ୍ଡର ରାଞ୍ଚିର ମୁକୁଲ କୁମାର ହୋଇଥିବାବେଳେ ତାଙ୍କ ଲାଇସେନ୍ସ ନମ୍ବର ହେଉଛି ୩୨। ବରମୁଣ୍ଡା ବସ୍ ଷ୍ଟାଣ୍ଡ ନିକଟ ଏକ ଭଡ଼ାଘରେ ଅପମିଶ୍ରଣ କରାଯାଇ ଏଠାରେ ବିକ୍ରି କରାଯାଉଥିଲା। ଅବକାରୀ ଅଧିକାରୀମାନେ ଭଡ଼ାଘରୁ ଦୁଇବସ୍ତା ଠିପି, ଲେବୁଲ ଷ୍ଟାମ୍ପ୍ (ଷ୍ଟିକର) ଆଦି ଜବତ କରିଛନ୍ତି। ଏଥିସହ ସେହି ଘର ମାଲିକଙ୍କ ସହ ଦୋକାନର ୫ କର୍ମଚାରୀଙ୍କୁ ଗିରଫ କରାଯାଇଛି।

ଅବକାରୀ କମିଶନର ନରସିଂହ ଭୋଳ ଘଟଣାସ୍ଥଳରେ ପହଞ୍ଚି କହିଛନ୍ତି, ଅସଲି ମଦ ପାଇବା ପାଇଁ ଗ୍ରାହକଟିଏ ସରକାରୀ ମଦ ଦୋକାନକୁ ଆସିଥାଏ। ହେଲେ ଏଠି ମଦକୁ ଭେଜାଲ କରି ଲୋକଙ୍କୁ ଠକୁଥିଲେ। ସବୁ ମଦକୁ ଯାଞ୍ଚ କରାଯାଉଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନୂଆ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ସେମାନେ ଯେମିତି ଜେଲ ଦଣ୍ଡ ଭୋଗିବେ, ସେ ଦିଗରେ ପଦକ୍ଷେପ ନିଆଯିବ। ଏଥିସହ ଦୋକାନ ଲାଇସେନ୍ସ ରଦ୍ଦ ହେବ। ଆଗାମୀ ଦିନରେ ସବୁ ଲାଇସେନ୍ସପ୍ରାପ୍ତ ଦୋକାନରେ ଯାଞ୍ଚକୁ କଡ଼ାକଡି କରାଯିବ। ଯେଉଁମାନେ ନକଲି ମଦ ବିକ୍ରି କରୁଥିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଭୋଳ କହିଛନ୍ତି।

ସୂଚନାନୁସାରେ, ବ୍ରହ୍ମପୁର ଚିକିଟି ମଦମୃତ୍ୟୁ ପରେ ସାରା ରାଜ୍ୟରେ ଅବକାରୀ ଟିମ୍ ଚଢାଉ କରିବା ସହ ବିଭିନ୍ନ ଦୋକାନରେ ଯାଞ୍ଚ ଚଳାଇଛି। ତେବେ ମୁକୁଲ କୁମାରଙ୍କ ଉକ୍ତ ମଦ ଦୋକାନରେ ଅପମିଶ୍ରିତ ମଦ ବିକ୍ରି କରାଯାଉଥିବା ଅବକାରୀ ଟିମ୍ ଯାଞ୍ଚ ବେଳେ ଜାଣିବାକୁ ପାଇଥିଲା। ଏହାସହ କେତେଜଣ ଗ୍ରାହକ ମଧ୍ୟ ଅଭିଯୋଗ ଆଣିଥିଲେ। ତେଣୁ ଦୃଢ଼ ପ୍ରମାଣ ପାଇବା ପାଇଁ ଉକ୍ତ ଦୋକାନ ଉପରେ ଅବକାରୀ ଟିମ୍ ନଜର ରଖି ଅଧିକ ତଥ୍ୟ ଯୋଗାଡ଼ କରିଥିଲା। ନାମୀଦାମୀ ମଦ ବୋତଲର ଲେବୁଲ (ଲୋଗୋର ଷ୍ଟାମ୍ପ) ଓ ଠିପି ଖୋଲାଯାଇ ସେଥିରେ ଅପମିଶ୍ରଣ କରାଯାଉଥିବା ଜଣାପଡିବା ପରେ ସୋମବାର ସକାଳ ୧୦ଟାରେ ଏକ ଟିମ୍ ସେଠାରେ ଛକି ରହି ସ୍ଥିତି ଉପରେ ନଜର ରଖିଥିଲା। ଦୋକାନ ଖୋଲିବାର ଅଧଘଣ୍ଟା ପରେ ଏହି ଟିମ୍ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

ଅବକାରୀ ଟିମ୍ ବୁଲ୍‌ଡୋଜରରେ ଅପମିଶ୍ରିତ ମଦକୁ ନଷ୍ଟ କରୁଛି।

କୋଲକାତାରୁ ଆସୁଥିଲା ଷ୍ଟିକର, କବାଡ଼ିଆ ଦେଉଥିଲେ ବୋତଲ

ବ୍ରାଣ୍ଡ୍ ବୋତଲରେ ଲାଗୁଥିବା ଷ୍ଟିକରର ଅବିକଳ କୋଲକାତାରୁ ପ୍ରିଣ୍ଟ କରି ଅଣାଯାଉଥିଲା। ଏହାପରେ ଗ୍ରାହକ ମଦ ପିଇ ଦୋକାନ ପାଖରେ ପକାଇ ଦେଉଥିବା ଖାଲି ବୋତଲ କିମ୍ବା କବାଡିଆଙ୍କଠାରୁ ସେଗୁଡିକୁ ଆଣି ସଫାକରି ତାହା ଭିତରେ ପାଣି ଓ ଅନ୍ୟ କିଛି ମିଶ୍ରଣ କରି ବେପାର କରାଯାଉଥିଲା। ଦୋକାନ କର୍ମଚାରୀଙ୍କୁ ପଚରାଉଚରା ବେଳେ ସେମାନେ ଏଭଳି କଥା କହିଥିବା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ କହିଛନ୍ତି। ତେବେ କେତେଦିନ ଧରି ଏହି କାରବାର ଚାଲିଥିଲା, ତାହାର ଅଧିକ ଖୋଳତାଡ଼ କରାଯାଉଥିବା ସେ ସୂଚନା ଦେଇଛନ୍ତି।

ଯୁବକଙ୍କୁ ପିଟି ମାରିଦେଲେ, ଜଣେ ଅଟକ

ଭଞ୍ଜନଗର,୧୬।୯(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ଜିଲୁଣ୍ଡିରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ମୃତକ ହେଲେ ଗରିବ ମଳିକ (୪୦)। ଭଞ୍ଜନଗର ପୋଲିସ ସୋମବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ସନ୍ଧ୍ୟାରେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। କେଉଁ କାରଣରୁ ଗରିବଙ୍କୁ ହତ୍ୟା କରାଯାଇଛି ତାହା ଜଣାପଡ଼ିନାହିଁ।

ଗରିବଙ୍କ ସ୍ତ୍ରୀ ସୁଲେଖା ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀଙ୍କୁ ଅଭିଯୁକ୍ତମାନେ ପିଟି ପିଟି ମାରି ଦେଇଛନ୍ତି। ଗତ ୬ ତାରିଖରୁ ସୁଲେଖା ତାଙ୍କ ବାପଘର କନ୍ଧମାଳ ଜିଲା ଜି. ଉଦୟଗିରି ଯାଇଥିଲେ। ରବିବାର ରାତି ପ୍ରାୟ ୩ଟାରେ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଫୋନ କରି ସ୍ୱାମୀ ଗରିବଙ୍କୁ ଆକ୍ରମଣ କରାଯାଇଥିବା ଜଣାଇଥିଲେ। ଏହାଶୁଣି ସୁଲେଖା ଭଞ୍ଜନଗର ଆସିବାରେ ମେଡ଼ିକାଲରେ ସ୍ୱାମୀଙ୍କ ମୃତଦେହ ଦେଖିଥିଲେ। ଗରିବଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଛି। ହତ୍ୟାକାଣ୍ଡରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଏ ନେଇ ନଂ.୮୪୦/୨୪ରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ବଡ଼ଭାଇ ମୃତ, ସାନ ଗୁରୁତର

ଗଣେଶ ଭସାଣି ଗଣ୍ଡଗୋଳରୁ ଆକ୍ରମଣ

ସୋରଡା,୧୬।୯(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡ଼ା ଥାନା ଅନ୍ତର୍ଗତ ଅମୃତୁଲୁ ଗ୍ରାମରେ ଗଣେଶ ମୂର୍ତ୍ତି ଭସାଣି ବେଳେ ହୋଇଥିବା ଏକ ସାମାନ୍ୟ ବଚସା ୩ ଦିନ ପରେ ଉଗ୍ରରୂପ ନେଇଛି। ଦୁଇ ଭାଇ କାତିରେ ଆକ୍ରମଣ କରିବାରୁ ଅନ୍ୟ ଏକ ପରିବାରର ବଡ଼ଭାଇଙ୍କ ମୃତ୍ୟୁ ଘଟିଥିବା ବେଳେ ସାନଭାଇ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାବୁ ସ୍ୱାଇଁ। ତାଙ୍କ ସାନଭାଇ ଜିତୁ ସ୍ୱାଇଁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପୋଲିସ ୨ ଅଭିଯୁକ୍ତ ଲିକୁନ ବିଶୋୟୀ ଓ ନିକୁ ବିଶୋୟୀଙ୍କୁ ଅଟକ ରଖିଛି।

ଅମୃତୁଲୁ ଗାଁରେ ଶୁକ୍ରବାର ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଯାଉଥିଲା। ଏହି ସମୟରେ ଗୋଟିଏ ପାର୍ଶ୍ୱରେ ଲିକୁନ ଓ ବାବୁ ଉଭୟେ ବାଇକ୍‌ରେ ଯାଉଥିବା ବେଳେ ସେମାନଙ୍କ ଗାଡି ସାମାନ୍ୟ ଘୋଷାରି ହୋଇଯାଇଥିଲା। ଏହାକୁ ନେଇ ବାବୁ ଗତ ରବିବାର ରାତିରେ ଲିକୁନଙ୍କ ଘରକୁ ଯାଇ ପାଟିତୁଣ୍ଡ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇ ହାତାହାତି ହୋଇଥିଲା। ଲିକୁନ ଓ ତାଙ୍କ ଭାଇ ନିକୁ ମିଶି ବାବୁଙ୍କୁ କାତିରେ ଆକ୍ରମଣ କରିଥିଲେ। ଏହାଦେଖି ବାବୁଙ୍କ ସାନଭାଇ ଜିତୁ ଅଟକାଇବାକୁ ଆସିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ମରଣାନ୍ତକ ଆକ୍ରମଣ ଫଳରେ ବାବୁ ଓ ଜିତୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଯାଇଥିଲେ। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ୨ ଭାଇଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବଡ଼ଭାଇ ବାବୁଙ୍କ ମୃତ୍ୟୁ ଘଟିଛି। ଏ ନେଇ ତାଙ୍କ ପରିବାର ଲୋକେ ସୋରଡା ଥାନାରେ ଏତଲା ଦେଇଛନ୍ତି। ସୋରଡା ଥାନାଧିକାରୀ ଅନିଲ କୁମାର ପରିଡା ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ୨ ଅଭିଯୁକ୍ତଙ୍କୁ ଅଟକ ରଖିଛନ୍ତି।

ସାଇବର ଠକେଇର ଶିକାର ହେଲେ ମହିଳା

ସୁଭଦ୍ରା ଯୋଜନାରେ ଟଙ୍କା ଆସିଥିବା କହି ଠକି ନେଲେ ୧୨ହଜାର

ନିମାପଡ଼ା,୧୬।୯(ବିଚିତ୍ରାନନ୍ଦ ସାହୁ)

ସରକାରଙ୍କ ସୁଭଦ୍ରା ଯୋଜନାରେ ଟଙ୍କା ପାଇବା ପାଇଁ ରାଜ୍ୟରେ ମହିଳାମାନେ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି। ମଙ୍ଗଳବାର ପ୍ରଥମ କିସ୍ତି ଟଙ୍କା ମିଳିବାକୁ ଥିବାବେଳେ ଏହା ପୂର୍ବରୁ ସାଇବର ଅପରାଧୀମାନେ କିନ୍ତୁ ଗ୍ରାମାଞ୍ଚଳ ମହିଳାଙ୍କୁ ଟାର୍ଗେଟ କରିଛନ୍ତି। ସୁଭଦ୍ରା ଯୋଜନାରେ ଟଙ୍କା ପାଇବାକୁ ଖୋଦ୍ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀ ନିମାପଡ଼ା ଅଞ୍ଚଳରେ ଜଣେ ମହିଳା ଏବେ ସାଇବର ଠକେଇର ଶିକାର ହୋଇଛନ୍ତି। ଟଙ୍କା ପାଇବା ଆଶାରେ ଅପରାଧୀଙ୍କ କଥାକୁବିଶ୍ୱାସ କରିଲୁଇସ୍ସ୍ୱାଇଁ ନାମ୍ନୀ ମହିଳା ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୨ ହଜାର ୨୮୫ ଟଙ୍କା ହରାଇ ବସିଥିବା ନେଇ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି।

ଖବର ନେବାରେ ଜଣାପଡ଼ିଛି, ନିମାପଡ଼ା ଥାନା ଅଧୀନ ଧଲେଶ୍ୱର ପଞ୍ଚାୟତର ଦହିଜଙ୍ଗ ଗ୍ରାମର ଲୁଇସ୍ସଙ୍କ ପାଖକୁ ସୋମବାର ପୂର୍ବାହ୍ନ ୧୦ଟା ୧୩ ମିନିଟ୍‌ରେ ସୁଭଦ୍ରା ଟଙ୍କା ପାଇବା ସମ୍ପର୍କରେ ଏକ ଅଜଣା ଫୋନ କଲ୍ ଆସିଥିଲା। ଟଙ୍କା ତୁମ ବ୍ୟାଙ୍କ ଆକାଉଣ୍ଟକୁ ଛଡ଼ାଯାଉଛି। ମେସେଜ୍‌ରେ ଏକ ଲିଙ୍କ୍ ପଠାଯାଇଛି, ତାକୁ କ୍ଲିକ୍ କଲେ ସବୁ ଜାଣିପାରିବ ବୋଲି ବ୍ୟକ୍ତି ଜଣଙ୍କ ଲୁଇସ୍‌ଙ୍କୁ ହିନ୍ଦୀରେ କହିଥିଲେ। ଲୁଇସ୍ ଲିଙ୍କ୍‌କୁ କ୍ଲିକ୍ କରିବା ପରେ ତାଙ୍କ ଆକାଉଣ୍ଟରୁ ୪ଥରରେ ୧୨ହଜାର ୨୮୫ ଟଙ୍କା କଟି ଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ତାଙ୍କ ସ୍ୱାମୀ ଜିତେନ୍ଦ୍ର କୁମାର ରାଉତଙ୍କୁ ଜଣାଇବା ପରେ ସାଇବର ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଅଭିଯୋଗକୁ ଭିତ୍ତି କରି ନିମାପଡ଼ା ପୋଲିସ ନଂ ୨୭୯/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଶିଶୁକୁ ଛାଡ଼ି ଫେରାର ମାରୁଥିଲେ ମା'

ବସ ଭିତରୁ ଧରିଲା ପୋଲିସ

ବଲାଙ୍ଗୀର, ୧୬।୯
(ବୀରେନ୍ଦ୍ର କୁମାର ଝାଙ୍କର)

୪ବର୍ଷର ଶିଶୁକୁ ଛାଡି ପ୍ରେମିକ ସହ ଫେରାର ହେଉଥିବା ଜଣେ ଯୁବତୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଘଟଣାଟି ବଲାଙ୍ଗୀରରେ ଚର୍ଚ୍ଚାର ବିଷୟ ହୋଇଛି।

ସୋମବାର ପୂର୍ବାହ୍ନରେ ବଲାଙ୍ଗୀର ବସ୍ ଟର୍ମିନାଲ ଠାରେ ଜଣେ ଯୁବତୀ ୪ ବର୍ଷର ଶିଶୁକୁ ଧରି ଠିଆ ହୋଇଥିଲେ। ସେଠାରେ ବେଶ୍ କିଛି ସମୟ ରହିବା ପରେ ବସ୍ ଟର୍ମିନାଲର ଜଣେ ଶ୍ରମିକଙ୍କୁ ଡାକି ସେ ପରିସ୍ରା କରିଯିବାକୁ ଚାହୁଁଛନ୍ତି, ଏଣୁ ଶିଶୁକୁ କିଛି ସମୟ ପାଇଁ ପାଖରେ ରଖିବାକୁ ଅନୁରୋଧ କରିଥିଲେ। ଯୁବତୀଙ୍କ ଅନୁରୋଧ ରକ୍ଷା କରି ଶ୍ରମିକ ଜଣକ ସେଠାରେ ଶିଶୁକୁ କିଛି ସମୟ ପାଇଁ ଧରିବାକୁ ରାଜି ହୋଇଯାଇଥିଲେ। ଶ୍ରମିକଙ୍କ ପାଖରେ ଛୁଆକୁ ଛାଡ଼ି ଯୁବତୀ ଜଣକ ଟର୍ମିନାଲର ଟଏଲେଟ୍ ଆଡ଼େ ଚାଲିଯାଇଥିଲେ। ତେବେ ଦୀର୍ଘ ସମୟ ଧରି ଯୁବତୀ ଜଣକ ନ ଆସିବାରୁ ଶ୍ରମିକ ଜଣକ ଚିନ୍ତିତ ହୋଇ ଆଖପାଖ ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। କିଛି ଲୋକ ସମ୍ପୃକ୍ତ ଯୁବତୀ ଜଣକ ବରଗଡ଼ ପଟକୁ ଯାଉଥିବା ଏକ ବସ୍‌ରେ ଏଠାରୁ ଯାଉଥିବା କହିଥିଲେ। ଏହାପରେ ସନ୍ଦେହ ଘନୀଭୂତ ହୋଇଥିଲା ଓ ଏନେଇ ସ୍ଥାନୀୟ ଲୋକେ ଟାଉନ୍ ଥାନା ପୋଲିସ ପିସିଆର୍‌କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ଆସିବା ପରେ ସମ୍ପୃକ୍ତ ଶ୍ରମିକଙ୍କଠାରୁ ବିବରଣୀ ଶୁଣିଥିଲେ। ପରେ ବରଗଡ଼ ପଟେ ଯୁବତୀ ଯେଉଁ ବସ୍‌ରେ ଯାଉଥିଲେ ସେହି ନିର୍ଦ୍ଦିଷ୍ଟ ବସକୁ ଅଟକାଇବାକୁ ଲୋଇସିଂହା ଥାନାକୁ ସୂଚନା ଦେଇଥିଲେ। ଏହା ପରେ ପୋଲିସ ଗାଈଖାଇ ନିକଟରୁ ଉକ୍ତ ଯାତ୍ରୀବାହୀ ବସ୍‌କୁ ଅଟକାଇ ସମ୍ପୃକ୍ତ ଯୁବତୀଙ୍କୁ ଟାଉନ୍ ଥାନାକୁ ଆଣିଥିଲା। ଯୁବତୀ ଜଣକ ଜଣେ ଯୁବକଙ୍କ ସହ ଫେରାର ହେଉଥିବା ସନ୍ଦେହ କରାଯାଇଥିଲା। ଯୁବକ ଜଣକ ପୋଲିସକୁ ଦେଖି ଛୁ ମାରିଥିବା କୁହାଯାଉଛି। ତେବେ ଯୁବତୀ ଜଣକ ଏଭଳି ସନ୍ଦେହକୁ ଖଣ୍ଡନ କରିଛନ୍ତି। ପିଲାକୁ ଶ୍ରମିକଙ୍କ ପାଖରେ ଛାଡି ସେ ଦୀର୍ଘ ସମୟ ଧରି କେଉଁଆଡେ ଯାଇଥିଲେ ପଚାରିବାରୁ ସନ୍ତୋଷଜନକ ଉତ୍ତର ଦେଇପାରୁନାହାନ୍ତି। ଟାଉନ୍ ଥାନା ପୋଲିସ ଉକ୍ତ ଯୁବତୀଙ୍କୁ ପଚରାଉଚରା ଜାରି ରଖିଛି। ଶିଶୁ ସମ୍ପର୍କରେ ଶିଶୁ ମଙ୍ଗଳ କମିଟିକୁ ସୂଚନା ଦେଇଥିବା ଜଣାପଡିଛି। ଫେରାର୍ ମାରୁଥିବା ଯୁବତୀ ଜଣକ ପୁଇଁତଲା ଥାନା ଅଞ୍ଚଳର ବୋଲି କୁହାଯାଇଛି। ଯୁବତୀ ଜଣକ ଶିଶୁଟି ତାଙ୍କର ବୋଲି କହୁଥିବାବେଳେ ଆଉ କିଛି ସ୍ପଷ୍ଟ ଭାବେ କହୁ ନ ଥିବାରୁ ପୋଲିସ ଦ୍ୱନ୍ଦ୍ୱ ଭିତରେ ରହିଛି। ତେବେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି।

ସୁନା ଦୋକାନୀଙ୍କୁ ଗୁଳିମାଡ଼

ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

କାକଟପୁର/ଅସ୍ତରଙ୍ଗ,୧୬।୯
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା)

କାକଟପୁର ଥାନା ଅଧୀନସ୍ଥ କୁଣ୍ଟେଇହାଟ ତିନି ଛକି ବଜାରରେ ଥିବା ସାହୁ ଜୁଏଲେରି ମାଲିକ ନିରଞ୍ଜନ ସାହୁଙ୍କୁ ଗୁଳିମାଡ଼ ହୋଇଛି। ଗୋଟେ ଗୁଳି ନିରଞ୍ଜନଙ୍କ କଙ୍କାଳରେ ବାଜି ବାହାରି ଯାଇଥିଲା। ଅନ୍ୟ ଏକ ଗୁଳି ତାଙ୍କ କଙ୍କାଳରେ ରହିଥିବାବେଳେ ତାଙ୍କୁ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ବୃତ୍ତଙ୍କ ଗୁଳିମାଡ଼ ବେଳେ ନିରଞ୍ଜନ ନାଇଟ୍ରିକ ଏସିଡ୍ ସେମାନଙ୍କ ଉପରକୁ ପକାଇବାରୁ ସେମାନେ ଘଟଣାସ୍ଥଳରୁ ବାଇକ୍ ଛାଡ଼ି ଏକ କାର୍‌ରେ ଅପେକ୍ଷା କରି ରହିଥିବା ଅନ୍ୟ ଦୁର୍ବୃତ୍ତଙ୍କ ସହ କୋଣାର୍କ ଅଭିମୁଖେ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ କାକାଟପୁର ପୋଲିସ ଖବରପାଇ ବିଭିନ୍ନ ଛକ ଜାଗାରେ ଛାନଭିନ୍ କରି ଅଧିକ ତଦନ୍ତ ଚଳାଇଥିବା କାକଟପୁର ଥାନା ଆଇଆଇସି ବିଜୟ କେତନ ବେହେରା କହିଛନ୍ତି।

ସୂଚନା ମୁତାବକ, ନିରଞ୍ଜନ ତାଙ୍କ ଦୋକାନରେ ବସିଥିବାବେଳେ କୋଣାର୍କ ପଟୁ ୨ ଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ଏକ ନମ୍ବରବିହୀନ ବାଇକ୍‌ରେ ଆସିଥିଲେ। ନିରଞ୍ଜନ ସେମାନଙ୍କୁ ପଚାରିବାରେ, ସେମାନେ ହଠାତ୍ ଅଣ୍ଟାରୁ ଏକ ବନ୍ଧୁକ ବାହାର କରି ୨ ରାଉଣ୍ଡ ଗୁଳି ଚଳାଇଥିଲେ।

ଆହତ ନିରଞ୍ଜନ ସାହୁ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଆକଟ କାମ ଧୀର ଗମନ
ତାକୁଟି ଜାଣିବ ପର
ଦି'ପହରିଆ ବସନ ଘୋଡ଼ା
ତାକୁଟି ଜାଣିବ ଜର।

ଯିଏ କାମରେ ଆକଟ କରେ, ଯାହାଠାରେ ତତ୍ପରତା ନ ଥାଏ ଓ ଯିଏ ଧୀରେ ସୁସ୍ଥେ ପରିଚାଳିତ ହୁଏ ସିଏ ପର ହୋଇଥାଏ। ସେହିପରି ଆଳସ୍ୟତା ଲାଗିବା ସହ ଦେହ ହାତ ଅସ୍ୱସ୍ତିକର ଲାଗିବା ଜ୍ୱର ଆସିବାର ଏହା ଏକ ଲକ୍ଷଣ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଆଖି ବଡ଼,
ପେଟ ସାନ।

ଖାଇବାକୁ ଚାହିଁବା ଓ ଆହାର ପେଟକୁ ନେବା ଏକା କଥା ନୁହେଁ। ଖାଦ୍ୟଲୋଭୀ ବ୍ୟକ୍ତି ଲୋଭରେ ପଡ଼ି ଅଧିକ ଖାଇବାକୁ ମନ ବ

କୁଜଙ୍ଗରେ ତେଜୁଛି ବିଜେଡି-ଭାଜପା କଳି

ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓଙ୍କୁ ହତ୍ୟା ଧମକ ଘଟଣା

ଜିରୋ ପଏଣ୍ଟ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୂତମୁଣ୍ଡେଇ ସରପଞ୍ଚ ରୋହିତ ଜେନା ଓ ଅନ୍ୟମାନେ ।

କୁଜଙ୍ଗ, ୧୬।୯(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କୁ ହତ୍ୟା ଧମକ ଦିଆଯାଇଥିଲା । ଏହି ଘଟଣାକୁ ନେଇ ପାରାଦୀପରେ ରାଜନୀତି ସରଗରମ ହେବାରେ ଲାଗିଛି । ବିଜେଡି ଓ ଭାଜପା ନେତାମାନେ ଖବରଦାତା ସମ୍ମିଳନୀ ଡାକ ପରସ୍ପରକୁ ଦୋଷ ଦେଉଛନ୍ତି ।

ସୋମବାର ଜିରୋ ପଏଣ୍ଟ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଭୂତମୁଣ୍ଡେଇ ସରପଞ୍ଚ ରୋହିତ ଜେନାଙ୍କ ସଂଯୋଜନାରେ ଖବରଦାତା ସମ୍ମିଳନୀ ଡକାଯାଇ କୁହାଯାଇଛି ଯେ, ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ନିର୍ମାଣ ସମୟରେ ଅଶାନ୍ତ ପରିବେଶ ସୃଷ୍ଟି କରିଥିବା ବିଜେଡି ନେତା ବାପି ସର୍ଖେଲ କୁଜଙ୍ଗରେ ବଳ ପ୍ରୟୋଗ କରିବାକୁ ଉଦ୍ୟମ କରୁଛନ୍ତି । ଏହାକୁ ପ୍ରଶ୍ରୟ ଦିଆଯିବ ନାହିଁ । ଗତ ୧୩ ତାରିଖରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁଙ୍କ ଇଙ୍ଗିତରେ କୁଜଙ୍ଗ ବିଡିଓଙ୍କୁ କେତେଜଣ ହାତଗଣତି ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଓ ସେମାନଙ୍କ ସ୍ୱାମୀମାନେ ସମ୍ମିଳନୀ କକ୍ଷରେ କବାଟ ଦେଇ ଫଲ୍ସ ବିଲ୍‌ରେ ଦସ୍ତଖତ କରିବାକୁ ବାଧ୍ୟ କରିବା ସହ ହତ୍ୟା ଧମକ ଦେଇଥିଲେ । ଏହି ଘଟଣାର ଦୁଇଦିନ ପୂର୍ବରୁ ଷଣ୍ଢପୁର କାର୍ଯ୍ୟାଳୟରେ କେତେଜଣ ନିର୍ବାଚିତ ପ୍ରତିନିଧିଙ୍କୁ ଏକାଠି କରି ବିଡିଓଙ୍କୁ ଘେରାଉ କରି ଜୋରଜବରଦସ୍ତ କରିବାକୁ ସର୍ଖେଲ ପରାମର୍ଶ ଦେଇଥିଲେ । ଏହାର ପ୍ରତିଫଳନ ୧୩ ତାରିଖରେ ଦେଖିବାକୁ ମିଳିଥିଲା । ରୋହିତ ଆହୁରି କହିଛନ୍ତି, ୨୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଫତେପୁର ପଞ୍ଚାୟତ ଟେରାକୋଟା କେନ୍ଦ୍ର, ପିୟୁଆର୍‌ଏ ଯୋଜନାରେ ଭୂତମୁଣ୍ଡେଇଠାରେ ହୋଇଥିବା ମାର୍କେଟ କମ୍ପ୍ଲେକ୍ସର ବିଦ୍ୟୁତୀକରଣ ପାଇଁ ଖର୍ଚ୍ଚ ହୋଇଥିବା ୯ ଲକ୍ଷ ଟଙ୍କାରେ ବ୍ୟାପକ ଦୁର୍ନୀତି ହୋଇଛି । ସେହିପରି ବ୍ଲକ କାର୍ଯ୍ୟାଳୟ ବିଦ୍ୟୁତୀକରଣ ପାଇଁ ଖର୍ଚ୍ଚ ହୋଇଥିବା ୨୨ ଲକ୍ଷ ଟଙ୍କାରେ ମଧ୍ୟ ହେରଫେର ହୋଇଛି । ଏହାକୁ ଲୁଚାଇବା ପାଇଁ ଅଧ୍ୟକ୍ଷା ଏସବୁ ନାଟକ କରୁଛନ୍ତି ବୋଲି ସେ କହିଥିଲେ । ଏହାର ତଦନ୍ତ ହେଲେ ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି ରୋହିତ କହିଥିଲେ । କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଅଭିଯୋଗ କରିଛନ୍ତି, ଅଣଆନୁଷ୍ଠାନିକ ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା କେତେଜଣ ହାତଗଣତି ପ୍ରତିନିଧିଙ୍କୁ ଉସୁକେଇ ବିଡିଓଙ୍କୁ ଜୋରଜବରଦସ୍ତ ସମ୍ମିଳନୀ କକ୍ଷକୁ ନେଇ ଦୁର୍ବ୍ୟବହାର କରିଥିଲେ । ସେହିସମୟରେ ତାଙ୍କ କାମ ପଡ଼ିବାରୁ ବିଡିଓଙ୍କ ନିକଟକୁ ଯାଇଥିଲେ । ସେଠାରେ ଅଧ୍ୟକ୍ଷାଙ୍କ ସମେତ କେତେଜଣ ନିର୍ବାଚିତ ପ୍ରତିନିଧି ବିଡିଓଙ୍କୁ ନିର୍ଯାତନା ଦେଉଥିବା ଦେଖି ସମ୍ମିଳନୀ କକ୍ଷ ବାହାରେ ଥିବା ପୋଲିସକୁ ଜଣାଇଥିଲେ । ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲିଆ ସରପଞ୍ଚ ସରୋଜିନୀ ନାୟକ, ବାଗୋଇ ସରପଞ୍ଚ ପ୍ରବଞ୍ଜଳୀ ସେଠୀ, ଗଣ୍ଡକିପୁର ସରପଞ୍ଚ ବନିତା ପ୍ରିୟଦର୍ଶିନୀ, ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ, ପ୍ରଜ୍ଞାଦୀପ୍ତ ପଟ୍ଟନାୟକ, ଅଭୟ ପରିଡ଼ା, ଗୋଟିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ସରପଞ୍ଚ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ରବିବାର ଏହି ଘଟଣାକୁ ନେଇ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ସମ୍ମିତ ରାଉତରାୟ, ବାପି ସର୍ଖେଲ ଓ ଅଧ୍ୟକ୍ଷା ସାହୁ ଖବରଦାତା ସମ୍ମିଳନୀ ଡାକି ଅଭିଯୋଗ କରିଥିଲେ ଯେ, ଭାଜପା ସମର୍ଥିତ ପ୍ରତିନିଧି ଗୁଣ୍ଡାବାହିନୀ ଡାକି ବିଡିଓଙ୍କୁ ଆକ୍ରମଣ କରିଥିଲେ । ଏନେଇ ୩ ଦିନ ହେବ ଅଭିଯୋଗ କରାଯାଇଥିଲେ ସୁଦ୍ଧା ପୋଲିସ ସେମାନଙ୍କୁ ଗିରଫ କରୁନାହିଁ । ଅଭିଯୁକ୍ତମାନଙ୍କୁ ୩ ଦିନ ମଧ୍ୟରେ ଗିରଫ କରା ନ ଗଲେ ସେପ୍ଟେମ୍ବର ୨୦ରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଥିଲା ।

କୃଷକ, ଯୁବବର୍ଗଙ୍କ ପାଇଁ କଂଗ୍ରେସର ବଡ଼ ପ୍ରତିଶ୍ରୁତି

ଶ୍ରୀନଗର,୧୬।୯

କଶ୍ମୀର ଲାଗି ପ୍ରକାଶ କଲା ନିର୍ବାଚନୀ ଇସ୍ତାହାର

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ସୋମବାର ଦଳୀୟ ଇସ୍ତାହାର ପ୍ରକାଶ ପାଇଛି । ଏଥିରେ କୃଷକ, ମହିଳା ଏବଂ ଯୁବବର୍ଗଙ୍କ ପାଇଁ ଅନେକ ପ୍ରତିଶ୍ରୁତି ଦିଆଯାଇଛି । 'ହାଥ୍ ବଦଲେଗା ହାଥ୍' ନାମରେ କଂଗ୍ରେସର ଏହି ନିର୍ବାଚନୀ ଇସ୍ତାହାରରେ ସମସ୍ତ ଫସଲ ପାଇଁ ବୀମା କରାଯିବା ସହ ସେଓ କିଲୋଗ୍ରାମ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୭୨ ଟଙ୍କା ଧାର୍ଯ୍ୟ ହେବ ବୋଲି କୁହାଯାଇଛି । ଶ୍ରୀନଗରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏଆଇସିସି ମୁଖ୍ୟ ମୁଖପାତ୍ର ପୱନ ଖେରା ଏବଂ ପିସିସି ସଭାପତି ତାରିକ୍ ହମିଦ କାରା ଇସ୍ତାହାର ଉନ୍ମୋଚନ କରିଥିଲେ । ଅନ୍ୟ ପ୍ରତିଶ୍ରୁତି ମଧ୍ୟରେ ରହିଛି, ଭୂମିହୀନ, ଭାଗଚାଷୀ ଏବଂ ନିଜ ଜମିରେ ଚାଷ କରୁଥିବା କୃଷକମାନଙ୍କୁ ବର୍ଷକୁ ୪,୦୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ । କଂଗ୍ରେସ କ୍ଷମତାକୁ ଆସିଲେ ଭୂମିହୀନ ଚାଷୀଙ୍କ ପାଇଁ ୯୯ ବର୍ଷୀୟା ଜମି ଲିଜ୍ ବ୍ୟବସ୍ଥା କରାଯିବ ବୋଲି ଖେରା କହିଛନ୍ତି । ସବୁ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ନିମନ୍ତେ ଜିଲାୱାରି ଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ ୨,୫୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରାଯିବ । କଶ୍ମୀରର ଯୋଗ୍ୟ ଯୁବତୀଯୁବକମାନଙ୍କୁ ମାସିକ ୩,୫୦୦ ଟଙ୍କା ଲେଖାଏ ବେରୋଜଗାରି ଭତ୍ତା ଏକବର୍ଷ ପାଇଁ ଯୋଗାଇ ଦିଆଯିବ ବୋଲି କଂଗ୍ରେସ ପ୍ରତିଶ୍ରୁତି ଦେଇଛି । କଂଗ୍ରେସ ସରକାର ଗଢ଼ବାର ୩୦ ଦିନ ମଧ୍ୟରେ ଜବ୍ କ୍ୟାଲେଣ୍ଡର ଜାରି ହେବା ସହ ବିଭିନ୍ନ ସରକାରୀ ବିଭାଗରେ ଖାଲି ପଡ଼ିଥିବା ୧ ଲକ୍ଷ ପଦବୀ ପୂରଣ କରିବ ବୋଲି କହିଛି ।

ଶ୍ରୀନଗରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସୋମବାର ଏଆଇସିସି ମୁଖ୍ୟ ମୁଖପାତ୍ର ପୱନ ଖେରା, ପିସିସି ସଭାପତି ତାରିକ୍ ହମିଦ କାରା କଂଗ୍ରେସର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରୁଛନ୍ତି ।

ନିର୍ବାଚନ ପୂର୍ବରୁ ଗୋଟେ କଥା, ଶାସନକୁ ଆସିବା ପରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛନ୍ତି: କଂଗ୍ରେସ

ଭୁବନେଶ୍ୱର, ୧୬।୯(ସୁନିତ୍ ମିଶ୍ର)

ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଷ୍ଟିୟରିଂ କମିଟି ସଦସ୍ୟ ବିଶ୍ୱରଞ୍ଜନ ମହାନ୍ତି,(ମଝି) ବରିଷ୍ଠ ନେତା ଅନନ୍ତ ପ୍ରସାଦ ସେଠୀ ଓ ସମ୍ମିତା ବେହେରା ।

ବର୍ତ୍ତମାନ ରାଜ୍ୟ ସରକାର ସୁଭଦ୍ରା ଯୋଜନାକୁ ନେଇ ବେଶ୍ ଉତ୍ସାହିତ । ଏହାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଛି । ମାତ୍ର ବାସ୍ତବରେ ଏହା ଭାଜପା ସରକାରର ଆଉ ଏକ ଜୁମ୍‌ଲା । କାରଣ ନିର୍ବାଚନ ପୂର୍ବରୁ ଭାଜପାର ନେତାମାନେ କହିଥିଲେ, ଓଡ଼ିଶାରେ ଯଦି ଭାଜପା କ୍ଷମତାକୁ ଆସେ ତେବେ ଦୁରନ୍ତ ରାଜ୍ୟର ସମସ୍ତ ମହିଳାଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ । କିନ୍ତୁ କ୍ଷମତାକୁ ଆସିବା ପରେ ଭାଜପା ସରକାର ସୁଭଦ୍ରା ଯୋଜନାକୁ ନେଇ ଏମିତି ଦ୍ୱନ୍ଦ୍ୱ ସୃଷ୍ଟି କଲେ ଯେ ତାହା ଏ ପର୍ଯ୍ୟନ୍ତ ମଧ୍ୟ ଲୋକଙ୍କ ପାଇଁ ଅବୁଝା ରହିଛି । ସେହିପରି ଓଡ଼ିଆ ଅସ୍ମିତା କଥା କହି କ୍ଷମତାକୁ ଆସିଥିବା ସରକାର ବର୍ତ୍ତମାନ ଓଡ଼ିଶାରେ ଗୁଜରାଟ ମଡ଼େଲ ଚଳାଇଛନ୍ତି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଅଣଓଡ଼ିଆ ଅଫିସରଙ୍କୁ ବସାଇ ଓଡ଼ିଆ ଅସ୍ମିତାକୁ ଧୂଳିସାତ କରିବାକୁ ଯୋଜନା କରିଛନ୍ତି । ଗୋପାଳପୁର ବନ୍ଦରକୁ ଆଦାନୀଙ୍କୁ ପ୍ରଦାନ କରି ରାଜ୍ୟର ମୋହନ ସରକାର ନିଜକୁ ମୋଦାନୀ ସରକାର ପରିଚୟ ଦେଇଛନ୍ତି ବୋଲି ପ୍ରଦେଶ କଂଗ୍ରେସ ଷ୍ଟିୟରିଂ କମିଟି ସଦସ୍ୟ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି ।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱରଞ୍ଜନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଭାଜପା ସରକାର ପ୍ରଥମେ ରଥଯାତ୍ରାରେ ସୁଭଦ୍ରା ଯୋଜନା ଅର୍ଥ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ଏହାପରେ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଏହି ଅର୍ଥ ଦିଆଯିବ ବୋଲି କହିଲେ । ମାତ୍ର ଏବେ ଏହି ଦୁଇ ଦିବସଠାରୁ ଅଧିକ ଶୁଭଦିନ ଭାବି ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଏହି ଅର୍ଥ ଦେବାକୁ ଯାଉଛନ୍ତି । ନିର୍ବାଚନ ପୂର୍ବରୁ ସମସ୍ତ ମହିଳାଙ୍କୁ ଦୁରନ୍ତ ୫୦ ହଜାର ଟଙ୍କା ଦେବାକୁ କହିଥିଲେ । ମାତ୍ର କ୍ଷମତାକୁ ଆସିବା ପରେ ୨ ବର୍ଷରେ ଏହି ଅର୍ଥ ପ୍ରଦାନ କରିବେ ବୋଲି କହିଲେ । ଏବେ ପୁଣି ୫ ବର୍ଷରେ ଦେବେ ବୋଲି କହିଛନ୍ତି । ଏମିତି ହିସାବରେ ଜଣେ ମହିଳା ମାସକୁ ମାତ୍ର ୮୩୩ ଟଙ୍କା ତଥା ଦିନକୁ ୨୭ ଟଙ୍କା ପାଇବେ । ଏହି ଅର୍ଥରେ ଜଣେ ମହିଳା କି ପ୍ରକାର ଉଦ୍ୟୋଗ ଗଢ଼ିବେ ଏବଂ ସଶକ୍ତ ହେବେ ବୋଲି ବିଶ୍ୱରଞ୍ଜନ ପ୍ରଶ୍ନ କରିଛନ୍ତି ।

ସୁଭଦ୍ରା ଯୋଜନା ନାମରେ ଓଡ଼ିଶାର ମହିଳାଙ୍କୁ ପ୍ରବଞ୍ଚନା କରିଛି ଭାଜପା: ବିଜେଡି

ଭୁବନେଶ୍ୱର,୧୬।୯(ଅନିଲ ଦାସ)

ଲୋପାମୁଦ୍ରା ବକ୍ସିପାତ୍ର

ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ, କର୍ମକର୍ତ୍ତା ଏବଂ କେନ୍ଦ୍ରୀୟ ନେତାମାନେ ଓଡ଼ିଶାର ପ୍ରତ୍ୟେକ ମହିଳାଙ୍କୁ ଭାଜପା ସରକାର ଆସିଲେ ବର୍ଷକୁ ୫୦ ହଜାର ଟଙ୍କା ଦିଆଯିବ ବୋଲି ବିଭିନ୍ନ ସଭା, ସମିତିରେ ପ୍ରତିଶ୍ରୁତି ଦେଇଥିଲେ । ଭାଜପା ତା'ର ନିର୍ବାଚନୀ ଇସ୍ତାହାରରେ ୨ ବର୍ଷରେ ଓଡ଼ିଶାର ପ୍ରତ୍ୟେକ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ଦିଆଯିବ ଏବଂ ଏହାକୁ ସେମାନେ ବିଭିନ୍ନ ମାଧ୍ୟମରେ ଖର୍ଚ୍ଚ କରିପାରିବେ ବୋଲି ପ୍ରକାଶ କରିଥିଲେ । ଓଡ଼ିଶାର ମା' ଓ ଭଉଣୀମାନଙ୍କୁ ଡବଲ ଇଞ୍ଜିନ ସରକାର ପ୍ରତାରଣା କରିଛି ବୋଲି ବିଜେଡି ନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର କହିଛନ୍ତି ।

ସୋମବାର ଶଙ୍ଖଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ୧୮ରୁ ୨୧ ଏବଂ ୬୦ରୁ ୮୦ ବର୍ଷ ବୟସର ମହିଳାଙ୍କୁ ଯୋଜନାରୁ କେଉଁ ଆଧାରରେ ବାଦ୍ ଦିଆଯାଇଛି । ବିଭିନ୍ନ ମାନଦଣ୍ଡ ସ୍ଥିର କରି ପ୍ରାୟ ୧ କୋଟି ମହିଳାଙ୍କୁ ବାଦ୍‌ଦେବା ତଥା ବର୍ଷକୁ ୨ଟି କିସ୍ତିରେ ୫ ହଜାର ଟଙ୍କା ଲେଖାଏ ଦେବା ପାଇଁ ସ୍ଥିର କରି ଓଡ଼ିଶାର ମହିଳାମାନଙ୍କୁ ଏବେ ଭଣ୍ଡାଉଛନ୍ତି । ମହିଳାଟିଏ ଭାବିଥିଲା ଏକକାଳୀନ ୫୦ ହଜାର କିମ୍ବା ୨୫ ହଜାର ଟଙ୍କା ପାଇଲେ କୌଣସି କୁଟୀରଶିଳ୍ପ କିମ୍ବା କ୍ଷୁଦ୍ର ବ୍ୟବସାୟ କରି ସ୍ୱାବଲମ୍ବୀ ହେବ ଅଥବା ନିଜ ପରିବାରର କୌଣସି ଆବଶ୍ୟକତାଟିଏ ପୂରଣ କରିପାରିବ । ୫ ହଜାର ଟଙ୍କାରେ ମହିଳା କି ଉଦ୍ୟୋଗୀ ହୋଇପାରିବେ । ଏତିକି ଟଙ୍କାରେ ମହିଳାମାନେ କିପରି ସଶକ୍ତ ହେବେ, ଏହା କ'ଣ ମହିଳାଙ୍କୁ ପ୍ରତାରଣା ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି । ମା' ସୁଭଦ୍ରାଙ୍କ ନାଁ ନେଇ ଭାଜପା ମା'ମାନଙ୍କୁ ଠକୁଛି । ସୁଭଦ୍ରା ଯୋଜନାରେ ଓଡ଼ିଶାର ମହିଳାଙ୍କୁ ପ୍ରବଞ୍ଚନା କରାଯାଇଛି । ଠକାମିର ଶିକାର ହୋଇଥିବା ଓଡ଼ିଶାର ମହିଳାଙ୍କ ଆଖିରେ ଧୂଳି ପକାଇ ଆଡ଼ମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମ ହେଉଛି । ରାଜ୍ୟର ମହିଳାମାନଙ୍କୁ ଭାଜପା ସରକାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବାରୁ ବିଜୁ ଜନତା ଦଳ ଏହାକୁ ତୀବ୍ର ନିନ୍ଦା କରୁଛି ବୋଲି ଲୋପାମୁଦ୍ରା କହିଛନ୍ତି ।

ପୁନଃବିଚାର ପିଟିଶନ ପ୍ରତ୍ୟାହାର ପାଇଁ ମୋଦିଙ୍କୁ ଶ୍ରୀକାନ୍ତଙ୍କ ପ୍ରସ୍ତାବ

ଭୁବନେଶ୍ୱର,୧୬।୯
(ଅନୁରାଧା ମହାରଣା)

ରାଜ୍ୟରୁ ଖଣିଜ ସମ୍ପଦ ଓ ଗଚ୍ଛିତ ଅଞ୍ଚଳ ଉପରେ କର ଆଦାୟ ପ୍ରସଙ୍ଗ

ଖଣିଜ ସମ୍ପଦ ଏବଂ ଖଣିଜ ଗଚ୍ଛିତ ଅଞ୍ଚଳ ଉପରେ ସେସ୍ ଓ କର ଆଦାୟ ପାଇଁ ସୁପ୍ରିମ୍‌କୋର୍ଟ ଜୁଲାଇ ୨୫ରେ ତାଙ୍କ ଐତିହାସିକ ରାୟରେ ରାଜ୍ୟଗୁଡ଼ିକୁ ଅଧିକାର ପ୍ରଦାନ କରିଥିଲେ । ଏହାକୁ ବିରୋଧ କରି କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟରେ ପୁନଃବିଚାର ପିଟିଶନ୍ ଦାଖଲ କରିଛନ୍ତି । ଏହା ଓଡ଼ିଶାର ବୃହତ୍ତର ସ୍ୱାର୍ଥ ବିରୋଧୀ । ତେଣୁ ଏହି ପିଟିଶନ ପ୍ରତ୍ୟାହର କରିନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଅନୁରୋଧ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମଙ୍ଗଳବାର ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଶ୍ରୀକାନ୍ତ ପ୍ରେସ୍‌ବିବୃତି ମାଧ୍ୟମରେ ଏହି ପ୍ରସ୍ତାବ ରଖିଛନ୍ତି ।

ସୁପ୍ରିମ୍ କୋର୍ଟଙ୍କ ଜୁଲାଇ ୨୫ ଏବଂ ଅଗଷ୍ଟ ୧୦ର ଐତିହାସିକ ରାୟ କାର୍ଯ୍ୟକାରୀ ହୋଇପାରିଲେ ଓଡ଼ିଶା ବାର୍ଷିକ ପ୍ରାୟ ୫୦ ହଜାର କୋଟି ଟଙ୍କା ଖଣିଜ ସମ୍ପଦରୁ ସେସ୍ ଓ କର ଆଦାୟ କରିପାରିବ । ଏହା ସହ ୨୦୦୫ରୁ ବକେୟା ୧.୫ ଲକ୍ଷ କୋଟି ଟଙ୍କା ରାଜସ୍ୱ ମଧ୍ୟ ପାଇପାରିବ । ଏହା ରାଜ୍ୟ ଅର୍ଥନୀତିକୁ ସମୃଦ୍ଧଶାଳୀ କରିବା ସହିତ ଓଡ଼ିଶାର ଦାରିଦ୍ର୍ୟତା ଓ ଅନଗ୍ରସରତାକୁ ହ୍ରାସ କରିବାରେ ସହାୟକ ହେବ ବୋଲି ଶ୍ରୀକାନ୍ତ ଉଲ୍ଲେଖ କରିଛନ୍ତି । ଆହୁରି ମଧ୍ୟ ସେ କହିଛନ୍ତି, ଗୋଟିଏ ପଟେ ଓଡ଼ିଶା ହାତରୁ ତାହାର ମୌଳିକ ଅର୍ଥନୈତିକ ଅଧିକାର ଛଡ଼ାଇ ନିଆଯାଉଛି । ଅପର ପକ୍ଷରେ ତଥାକଥିତ ସୁଭଦ୍ରା ଯୋଜନା ନାଁରେ ଓଡ଼ିଶାର ମା'ଭଉଣୀ ମାନଙ୍କୁ ଦୈନିକ ମାତ୍ର ୨୭ ଟଙ୍କା ପ୍ରଦାନ କରିବାର କ'ଣ ଯଥାର୍ଥତା ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇଥିବା ପୁନଃବିଚାର ପିଟିଶନ୍ ଓଡ଼ିଶାର ସାମଗ୍ରିକ ସ୍ୱାର୍ଥ ବିରୋଧୀ । ଏହା କେତେକ ହାତଗଣତି କର୍ପୋରେଟ୍ କମ୍ପାନୀ ଏବଂ ଖଣି ମାଲିକଙ୍କ ସ୍ୱାର୍ଥ ସାଧନ କରିବା ପାଇଁ ପ୍ରାଣୋଦିତ । ତେଣୁ କେନ୍ଦ୍ର ସରକାର ଏନେଇ ପିଟିଶନ୍‌କୁ ପ୍ରତ୍ୟାହାର କରିବେ ବୋଲି ଆଶା କରୁଥିବା ଶ୍ରୀକାନ୍ତ ଉଲ୍ଲେଖ କରିଛନ୍ତି ।

ଆଜି ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ

ଖଣ୍ଡପଡ଼ା ସହରରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି ।

ଖଣ୍ଡପଡ଼ା,୧୬।୯
(ଅଜୟ କୁମାର ମହାରଣା)

ନିର୍ଦ୍ଧାରିତ ସୂଚନାକ୍ରମେ ଦୀର୍ଘ ୪୫ ଦିନ ପରେ ବିରୋଧୀ ବିଜେଡି କାଉନ୍‌ସିଲରଙ୍କ ଦ୍ୱାରା ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ମଙ୍ଗଳବାର ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଭୋଟ ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ରହିଛି । ଏଥି ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଏ ପରିପ୍ରେକ୍ଷୀରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ସୋମବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଏଡିଏମ୍ ରୋଜିନା ଦାସ, ଏସ୍‌ଡିପିଓ ବିମଳ କୁମାର ବାରିକ, ଖଣ୍ଡପଡ଼ା ଥାନାଧିକାରୀ ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଥିବା ଜଣାଯାଇଛି । ସେହିପରି ଖଣ୍ଡପଡ଼ା ଏନ୍‌ଏସି ପରିଷଦ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ସେଠାରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି ।

ଭାଜପା ଇତିହାସକୁ ବିକୃତ କରିବାର ହୀନ ଉ

ଜନ୍ମଦିନର ଶୁଭେଚ୍ଛା

ନାମ: .....

ବୟସ:.....

ଜନ୍ମ ତାରିଖ: .....

ଧ୍ରୁବ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଭାରତ ଏକବିଂଶ ଶତାବ୍ଦୀର ଶ୍ରେଷ୍ଠ ଆହ୍ୱାନ

ନୂଆଦିଲ୍ଲୀ,୧୬।୯ (ଅଭୟ ଦାଶ)

ଗୁଜରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରଠାରେ ୪ର୍ଥ ବିଶ୍ୱ ଅକ୍ଷୟ ଶକ୍ତି ନିବେଶକ ସମ୍ମିଳନୀ ଏବଂ ପ୍ରଦର୍ଶନୀ (ରି-ଇନ୍‌ଭେଷ୍ଟ)କୁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏପରିକି ଏହି ୩ ଦିନିଆ ସମ୍ମିଳନୀ ଓ ପ୍ରଦର୍ଶନୀରେ ସରକାରୀ ଓ ବେସରକାରୀ ସଂସ୍ଥା (କମ୍ପାନୀ), ଷ୍ଟାର୍ଟଅପ୍ ଏବଂ ପ୍ରମୁଖ ଶିଳ୍ପ ସଂସ୍ଥାଗୁଡ଼ିକର ଅତ୍ୟାଧୁନିକ ଉଦ୍ଭାବନକୁ ପ୍ରଦର୍ଶିତ କରାଯାଇଛି। ସେହିଭଳି ଏହି ଶିଖର ସମ୍ମିଳନୀରେ ୨୦୦ ଗିଗାୱାଟ୍‌ରୁ ଅଧିକ ଅଣ-ଜୀବାଶ୍ମ ଇନ୍ଧନ କ୍ଷମତା ହାସଲ ସମ୍ପର୍କରେ ଭାରତର ଉଲ୍ଲେଖନୀୟ ଅବଦାନକୁ ସମ୍ମାନିତ କରାଯାଇଛି।

ଅପରପକ୍ଷରେ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ରି-ଇନ୍‌ଭେଷ୍ଟ ଶିଖର ସମ୍ମିଳନୀର ୪ର୍ଥ

ନରେନ୍ଦ୍ର ମୋଦି

ସଂସ୍କରଣରେ ଯୋଗ ଦେଇଥିବା ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ସେ ସ୍ୱାଗତ କରିଥିଲେ ଏବଂ ଶକ୍ତି, ପ୍ରଯୁକ୍ତି ବିଦ୍ୟା ଏବଂ ନୀତିର ଭବିଷ୍ୟତ ଉପରେ ଆଗାମୀ ତିନି ଦିନ ମଧ୍ୟରେ ଗମ୍ଭୀର ଆଲୋଚନା ହେବ ବୋଲି ମୋଦି ବିଶ୍ୱାସ ବ୍ୟକ୍ତ କରିଥିଲେ। ଏପରିକି ଏହି ସମ୍ମିଳନୀରୁ ଆଲୋଚନା ଓ ଶିକ୍ଷା ଯୋଗୁ ସମଗ୍ର ମାନବଜାତି ଉପକୃତ ହେବ ଏବଂ ସଫଳ ଆଲୋଚନା ପାଇଁ ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସେହିପରି ଗତ ୧୦୦ ଦିନ ମଧ୍ୟରେ ସବୁଜ ଶକ୍ତି କ୍ଷେତ୍ରର ବିକାଶ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ୭୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପବନ ଶକ୍ତି ପ୍ରକଳ୍ପ ପାଇଁ ଏକ ଭୟାବିଲିଟି ଗ୍ୟାପ୍ ପାଣ୍ଠି ଯୋଜନା ଆରମ୍ଭ କରିବା ବିଷୟରେ ଉଲ୍ଲେଖ କରିଥିଲେ। ଆଗାମୀ ଦିନରେ ଭାରତ ୧୨,୦୦୦ କୋଟି ଟଙ୍କା ବ୍ୟୟରେ ୩୧,୦୦୦ ମେଗାୱାଟ୍ ଜଳ ବିଦ୍ୟୁତ୍ ଉତ୍ପାଦନ ଦିଗରେ କାର୍ଯ୍ୟ କରୁଛି ବୋଲି ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ, ଭାରତର ବିବିଧତା, ବ୍ୟାପକତା, ସାମର୍ଥ୍ୟ, କ୍ଷମତା ଏବଂ କାର୍ଯ୍ୟଦକ୍ଷତା ସବୁ ଅନନ୍ୟ ଏବଂ ବିଶ୍ୱସ୍ତରୀୟ ପ୍ରୟୋଗ ପାଇଁ ଭାରତର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିଛି, କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ବିଶ୍ୱାସ କରୁଛି ଯେ ଭାରତ ଏକବିଂଶ ଶତାବ୍ଦୀର ଶ୍ରେଷ୍ଠ ଆହ୍ୱାନ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ବିଗତ ଏକ ମାସ ମଧ୍ୟରେ ଭାରତ ଦ୍ୱାରା ଆୟୋଜନ କରାଯାଇଥିବା ବିଶ୍ୱସ୍ତରୀୟ ଘଟଣା ବିଷୟରେ ବର୍ଣ୍ଣନା କରି ମୋଦି କହିଥିଲେ, ଗ୍ଲୋବାଲ ଫିନଟେକ୍ ଫେଷ୍ଟ ଚଳିତ ମାସ ପ୍ରାରମ୍ଭରେ ଆୟୋଜନ କରାଯାଇଥିଲା, ପ୍ରଥମ ଅନ୍ତର୍ଜାତୀୟ ସୌର ମହୋତ୍ସବ, ଅନ୍ତର୍ଜାତୀୟ ସେମିକଣ୍ଡକ୍ଟର ଶିଖର ସମ୍ମିଳନୀରେ ସାରା ବିଶ୍ୱର ଲୋକମାନେ ଅଂଶଗ୍ରହଣ କରିଥିଲେ, ଭାରତ ମଧ୍ୟ ଦ୍ୱିତୀୟ ଏସିଆ-ପ୍ରଶାନ୍ତ ମହାସାଗରୀୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଆୟୋଜନ କରିଥିଲା ଏବଂ ଆଜି ଭାରତ ସବୁଜ ଶକ୍ତିର ଏକ ସମ୍ମିଳନୀ ଆୟୋଜନ କରୁଛି। ଉଲ୍ଲେଖଯୋଗ୍ୟ, ଶ୍ୱେତ ବିପ୍ଳବ, ମିଠା (ମହୁ) ବିପ୍ଳବ, ସୌର ବିପ୍ଳବର ଆରମ୍ଭ ଦେଖିଥିବା ଗୁଜରାଟ ବର୍ତ୍ତମାନ ଚତୁର୍ଥ ବିଶ୍ୱ ଅକ୍ଷୟ ଶକ୍ତି ନିବେଶକ ସମ୍ମିଳନୀ ଓ ପ୍ରଦର୍ଶନୀର ଆୟୋଜନ ଦେଖୁଥିବାରୁ ଏହା ଏକ ଖୁସିର ସୌଭାଗ୍ୟ ବୋଲି ମୋଦି କହିଥିଲେ। ଗୁଜରାଟ ଭାରତର ପ୍ରଥମ ରାଜ୍ୟ ଥିଲା, ଯେଉଁଠାରେ ନିଜର ସୌର ନୀତି ଥିଲା ବୋଲି ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ଏହା ପରେ ସୌରଶକ୍ତି ଉପରେ ଜାତୀୟ ନୀତି ଅନୁସରଣ କରାଗଲା ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ, ପ୍ୟାରିସରେ ଧାର୍ଯ୍ୟ ଜଳବାୟୁ ପ୍ରତିଶ୍ରୁତି ହାସଲ କରିବାରେ ଭାରତ ହେଉଛି ପ୍ରଥମ ଜି-୨୦ ରାଷ୍ଟ୍ର, ତାହା ମଧ୍ୟ ସମୟସୀମାର ୯ବର୍ଷ ପୂର୍ବରୁ, ମୋଦି ୨୦୩୦ସୁଦ୍ଧା ୫୦୦ଗିଗାୱାଟ ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ କରିବା ପାଇଁ ଦେଶର ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ ଏବଂ କହିଥିଲେ ସରକାର ସବୁଜ ପରିବର୍ତ୍ତନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୁଜରାଟର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଗୋଆର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ।

କୁଲଦୀପ ଏଭରଗ୍ରୀନ୍ ଚା'ର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୧୬।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଚା' ବ୍ରାଣ୍ଡ୍ ତଥା ନେହା ଏଣ୍ଟରପ୍ରାଇଜର୍ସ ଦ୍ୱାରା ପ୍ରସ୍ତୁତ ଲୋକପ୍ରିୟ ଉତ୍ପାଦ ଏଭରଗ୍ରୀନ ଚା'ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଭାରତୀୟ କ୍ରିକେଟିୟର କୁଲଦୀପ ଯାଦବଙ୍କୁ ନିକଟରେ ନିଯୁକ୍ତି ଦିଆଯାଇଛି। ଏପରିକି ଏଭରଗ୍ରୀନ ଚା'ର ଏକ ଟିଭି କର୍ମସିଆଲ (ଟିଭିସି) ର ସୁଟିଂ କୁଲଦୀପ ଯାଦବଙ୍କୁ ନେଇ କରାଯାଇଛି, ଏହା ଖୁବଶୀଘ୍ର ଆଞ୍ଚଳିକ ଏବଂ ଜାତୀୟ ଟେଲିଭିଜନ ଚ୍ୟାନେଲରେ ପ୍ରସାରିତ ହେବ।

ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଭରଗ୍ରୀନ ଚା'ର ପରିଚାଳନା ନିର୍ଦ୍ଦେଶକ ସାଜନ ଅଗ୍ରୱାଲ, ନିର୍ଦ୍ଦେଶକ ପ୍ରବୀଣ ଅଗ୍ରୱାଲ ଏବଂ ପୱନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ସାଜନ ଅଗ୍ରୱାଲ କହିଥିଲେ,ଭାରତୀୟ ଜାତୀୟ କ୍ରିକେଟ ଟିମର ପ୍ରମୁଖ ସ୍ପିନର କୁଲଦୀପ ଯାଦବ ଆମର ବ୍ରାଣ୍ଡ୍ ଆମ୍ବାସାଡର ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଗଭୀର ରେଖାପାତ କରିଛି। ଏପରିକି ଏଭରଗ୍ରୀନ ପରିବାରରେ କୁଲଦୀପଙ୍କ ଯୋଗଦାନ ଦ୍ୱାରା ବ୍ରାଣ୍ଡ୍ ଉପରେ ଗ୍ରାହକମାନଙ୍କର ଆସ୍ଥା ଓ ବିଶ୍ୱାସ ଅଧିକ ଉଚ୍ଚ ସ୍ତରରେ ପହଞ୍ଚିବ। ଏହା ପୂର୍ବରୁ ବଲିଉଡ ଅଭିନେତା ଅନିଲ କପୁର, ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ଧାବିକା ଦୂତୀ ଚାନ୍ଦ ଏବଂ ଓଲିଉଡ୍ ଅଭିନେତା ସବ୍ୟସାଚୀ ଓ ଅର୍ଚ୍ଚିତା ମଧ୍ୟ ବ୍ରାଣ୍ଡ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ସାମିଲ ହୋଇଛନ୍ତି।

ସେହିଭଳି କୁଲଦୀପ ଯାଦବ କହିଥିଲେ, ଏଭରଗ୍ରୀନ ଚା ସହ ଯୋଡିହୋଇ ମୁଁ ବେଶ୍ ଉତ୍ସାହିତ ଅଛି। ଯେଉଁ ବ୍ରାଣ୍ଡ୍ ଅନେକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଏଭରଗ୍ରୀନ ଚା'କେବଳ ଅନ୍ୟ ଗୋଟିଏ ଚା ବ୍ରାଣ୍ଡ୍ ନୁହେଁ ବରଂ ଏହା ଲୋକମାନଙ୍କ ମନରେ ଏକ ଭାବପ୍ରବଣତା ଭରା ଯୋଗସୂତ୍ର ସ୍ଥାପନ କରିଛି। ଯେଉଁମାନେ ପିଢ଼ି ପିଢ଼ି ଧରି ଏହାର ସ୍ୱାଦ ଓ ମହକକୁ ଭରପୂର ଉପଭୋଗ କରି ଯାଇଛନ୍ତି, ଏହି ବ୍ରାଣ୍ଡ୍ ଯେଉଁ ପରମ୍ପରା ଉଷ୍ମତା ଏବଂ ସଂସ୍କୃତିର ପ୍ରତିନିଧିତ୍ୱ କରୁଛି,ତାହା ମୋ ଭିତରେ ଆମେ ବେଶ୍ ଉତ୍ସାହିତ ଅଛୁ।

ଭାରତରେ ବିଏମ୍‌ଡବ୍ଲ୍ୟୁ ରିଟେଲ ନେକ୍ସଟର ଶୁଭାରମ୍ଭ

ନୂଆଦିଲ୍ଲୀ,୧୬।୯ (ଅଭୟ ଦାଶ)

ଭାରତରେ ବିଏମ୍‌ଡବ୍ଲ୍ୟୁ ଗ୍ରୁପର ରିଟେଲ ନେକ୍ସଟ ଡିଲରଶିପ ଶୁଭାରମ୍ଭ ସମ୍ପର୍କରେ କମ୍ପାନୀର ଇଣ୍ଡିଆ ୟୁନିଟ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏପରିକି ରିଟେଲ ନେକ୍ସଟରେ ପୁନଃପରିକଳ୍ପିତ ସେବା ଓ ସୁବିଧା ଉପଲବ୍ଧ ରହିବ। ଯାହାକୁ ଆଧୁନିକ ଆବଶ୍ୟକତାଗୁଡିକୁ ପୂରଣ ଓ ଉତ୍କର୍ଷ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ରିଟେଲ ନେକ୍ସଟକୁ ୩୬ ମାସ ମଧ୍ୟରେ ଭାରତର ୩୩ ସହରରେ ୫୬ ଫ୍ୟାସିଲିଟି ପଏଣ୍ଟରେ କାର୍ଯ୍ୟକାରୀ କରାଯିବ।

ଏ ସମ୍ପର୍କରେ ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଣ୍ଟ ଓ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ବିକ୍ରମ ପାୱା କହିଛନ୍ତି, ରିଟେଲ ନେକ୍ସଟର ଶୁଭାରମ୍ଭ ସହିତ ଆମେ କେବଳ ଅନୁଭୂତିଗୁଡିକୁ ଉନ୍ନତ କରୁନାହୁଁ ବରଂ ଆମେ ତାହାକୁ ରୂପାନ୍ତରଣ କରୁଛୁ। ରିଟେଲ ନେକ୍ସଟ ଡିଲରଶିପ୍‌ଗୁଡିକୁ 'ଫିଜିଟାଲ' ଉଦ୍ଭାବନଗୁଡିକୁ ଏକତ୍ରିତ କରି ଗ୍ରାହକଙ୍କ ଯୋଗଦାନକୁ ବୈପ୍ଳବିକ କରିବା ପାଇଁ ଡିଜାଇନ ପାର୍ଟନରମାନଙ୍କୁ ବିଏମଡବ୍ଲ୍ୟୁ ଗ୍ରୁପ୍ ଏବଂ ଭାରତରେ ରିଟେଲ ନେକ୍ସଟକୁ କାର୍ଯ୍ୟକାରୀ କରିବା ପାଇଁ ଗତ ୩ ବର୍ଷ ମଧ୍ୟରେ ପରିବ୍ୟାପ୍ତ ଗୁରୁତ୍ୱପୂର୍ଣ୍ଣ ନିବେଶ ଦିଗରେ ସେମାନଙ୍କର ଦୃଢ ଉତ୍ସର୍ଗୀକୃତତା ପାଇଁ ପ୍ରଶଂସା କରୁଛୁ। ରିଟେଲ ନେକ୍ସଟ ଲକ୍‌ଜୁରୀ ଅଟୋମୋଟିଭ ସେଗ୍‌ମେଣ୍ଟରେ ଅଟୋମୋଟିଭ୍ ରିଟେଲ ଅନୁଭୂତିକୁ ପୁନଃବ୍ୟାଖ୍ୟା କରିବ। ହାଇ-ଟେକ ଡିଜିଟାଲ ଇଣ୍ଟରଫେସ୍‌ଗୁଡିକ ଏହି ଫ୍ୟାସିଲିଟିରେ ଅନ୍ତର୍ଭୁକ୍ତ ହୋଇଛି,ଯାହା ଯାନର ଫିଚରଗୁଡିକୁ ଅନ୍ୱେଷଣ କରିବା,ନିଜର ପସନ୍ଦକୁ କଷ୍ଟୋମାଇଜ କରିବା ଏବଂ ସ୍ୱତନ୍ତ୍ର ପରାମର୍ଶ ହାସଲ କରିବା ପାଇଁ ଗ୍ରାହକଙ୍କୁ ସକ୍ଷମ କରୁଛି। ଏହାବ୍ୟତୀତ ଏହାର ଡିଜାଇନରେ ବ୍ୟକ୍ତିଗତ ପରାମର୍ଶ ଓ ଭେଇକିଲ ହ୍ୟାଣ୍ଡଓଭର୍ ପାଇଁ ସ୍ୱତନ୍ତ୍ର ସ୍ଥାନଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଛି। ରିଟେଲ ନେକ୍ସଟ 'ସେଣ୍ଟ୍ରାଲ କଷ୍ଟୋମର ୱାକ୍ ଆୱେ' ସହିତ ପରିଦର୍ଶକ କରାଯାଇଛି। ଆମେ ଆମର ଡିଲର ଓ ଯାନଗୁଡିକୁ କେନ୍ଦ୍ରରେ ରଖିଥାଏ।

୮ ନିୟୁତ ଟନ୍‌କୁ ବୃଦ୍ଧିପାଇବ ଉତ୍ପାଦନ କ୍ଷମତା

କଳିଙ୍ଗନଗର ଟାଟା ଷ୍ଟିଲର ସମ୍ପ୍ରସାରଣ

ଯାଜପୁର,୧୬।୯ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କଳିଙ୍ଗନଗର ଟାଟା ଷ୍ଟିଲ କାରଖାନାର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଖୁବ୍‌ଶୀଘ୍ର ସମ୍ପନ୍ନ ହେବାକୁ ଯାଉଛି। ଏହିକ୍ରମରେ ଏହାର ଉତ୍ପାଦନ କ୍ଷମତା ବାର୍ଷିକ ୩ ନିୟୁତ ଟନ୍ (ଏମ୍‌ଟିପିଏ)ରୁ ୮ ନିୟୁତ ଟନ୍ (ଏମ୍‌ଟିପିଏ)କୁ ବୃଦ୍ଧିପାଇବ। ଏହି ସମ୍ପ୍ରସାରଣ ଦ୍ୱାରା ଦେଶର ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକକ ବୃହତ୍ ନିବେଶସ୍ଥଳରେ ପରିଣତ ହେବା ସହ ଶିଳ୍ପ ଜଗତରେ ଏକ ଗୌରବମୟ ସ୍ଥାନ ଅକ୍ତିଆର କରିବ। କମ୍ପାନୀ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୨୭ ହଜାର କୋଟି ଟଙ୍କା ନିବେଶରେ କଳିଙ୍ଗନଗର କାରଖାନାର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ୨୦୧୫ରେ କମ୍ପାନୀ ୨୫ ହଜାର କୋଟି ଟଙ୍କା ବିନିଯୋଗରେ ପ୍ରଥମ ପର୍ଯ୍ୟାୟ କାମ ସମ୍ପୂର୍ଣ୍ଣ କରିଥିଲା। ଏହାବାଦ୍ ୨୦୨୨ରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) ଅଧିଗ୍ରହଣ ମାଧ୍ୟମରେ ୧୨ ହଜାର ୧୦୦ କୋଟି ଟଙ୍କାର ଅତିରିକ୍ତ ବିନିଯୋଗ ସହିତ ଓଡ଼ିଶାରେ ଏହାର କ୍ଷମତାକୁ ଆହୁରି ବୃଦ୍ଧି କରିଥିଲା। ଢେଙ୍କାନାଳ ଜିଲାରେ ଥିବା ଟାଟା ଷ୍ଟିଲ ମେରାମଣ୍ଡଳୀ (ପୂର୍ବରୁ ଭୂଷଣ ଷ୍ଟିଲ ଲିମିଟେଡ) କାରଖାନା ସହିତ ଓଡ଼ିଶାରେ ଟାଟା ଷ୍ଟିଲର ମୋଟ ପୁଞ୍ଜିନିବେଶ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ୨୦୩୦ ସୁଦ୍ଧା ଭାରତରେ ଟାଟା ଷ୍ଟିଲର ୪୦ ଏମ୍‌ଟିପିଏ କ୍ଷମତା ଲକ୍ଷ୍ୟ ହାସଲ କରିବାରେ କଳିଙ୍ଗନଗର କାରଖାନାର ସମ୍ପ୍ରସାରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଟାଟାଷ୍ଟିଲର କର୍ପୋରେଟ୍ ସର୍ଭିସେସ୍ ଉପାଧ୍ୟକ୍ଷ ଚାଣକ୍ୟ ଚୌଧୁରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଟାଟା ଷ୍ଟିଲର ନିରନ୍ତର ପ୍ରତିବଦ୍ଧତା ମାଧ୍ୟମରେ ଭବିଷ୍ୟତ ପାଇଁ ଏକ ଉନ୍ନତ ଓଡ଼ିଶା ଗଠନ କରିବା ନିମନ୍ତେ ଉଦ୍ୟମ କରୁଛୁ। ୧୧୭ ବର୍ଷ ପୂର୍ବେ ଟାଟା ଷ୍ଟିଲ ଜାମ୍‌ସେଦପୁରଠାରେ କାର୍ଯ୍ୟ ଆରମ୍ଭ କରିଥିଲା। ଗମହାରିଆ (ଝାରଖଣ୍ଡ) ଏବଂ ଓଡ଼ିଶା ସମେତ ଥାଇଲାଣ୍ଡ, ନେଦରଲାଣ୍ଡ ଓ ବ୍ରିଟେନରେ କମ୍ପାନୀର ଉତ୍ପାଦନ ଜାରି ରହିଛି। ଟାଟା ଷ୍ଟିଲ ସ୍ପେଶାଲ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ଦ୍ୱାରା ଗଞ୍ଜାମ ଜିଲା ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କ (ଜିଆଇପି) ଭଳି ପ୍ରକଳ୍ପର ବିକାଶ ମାଧ୍ୟମରେ ଓଡ଼ିଶାରେ ଟାଟା ଷ୍ଟିଲର ଉପସ୍ଥିତି ରାଜ୍ୟର ଶିଳ୍ପ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଆଣିଛି। କଳିଙ୍ଗନଗରରେ କମ୍ପାନୀ ଏହାର ସମ୍ପ୍ରସାରଣ କ୍ଷମତା ୮ ଏମ୍‌ଟିପିଏକୁ କାର୍ଯ୍ୟକ୍ଷମ କରିବାକୁ ଯାଉଥିବାବେଳେ ଆଗାମୀ ବର୍ଷଗୁଡ଼ିକରେ ଏହାକୁ ଦ୍ୱିଗୁଣିତ କରି ୧୬ ଏମ୍‌ଟିପିଏରେ ପହଞ୍ଚାଇବାକୁ ଟାଟା ଷ୍ଟିଲ ବିଶ୍ୱାସ କରୁଛି ବୋଲି ଚୌଧୁରୀ ସୂଚନା ଦେଇଛନ୍ତି।

ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧୬।୯: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୯୮(୯୭.୮୪) ପଏଣ୍ଟ ବଢି ୮୨,୯୮୯ (୮୨,୯୮୮.୭୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୭ (୨୭.୨୫) ପଏଣ୍ଟ ବୃଦ୍ଧି ଘଟି ୨୫,୩୮୪ (୨୫,୩୮୪.୭୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

STAR MANAGEMENT COLLEGE

Courses Offered

B.Sc (Comp. Sc) Hons

BBA / BCA

MA PMIR

FREE Course Fees & Hostels for SC / ST Students

Contact for more Details :-

0674-2595970, 9337835703, 9937337659

Address: Forestpark, Bhubaneswar-751009

ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା

ଧ୍ରୁବ୍ କୁମାର ବେହେରା

ସମେଲ ଗଡ଼ିଆ, ଭୁବନେଶ୍ୱର

ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତମର ସୁସ୍ଥ, ନୀରୋଗ, ନିରାମୟ ଜୀବନ କାମନା କରୁଛୁ।

ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ବଡ଼ମା, ଅଜା, ଆଇ, ପରିବାରବର୍ଗ ଓ ଶୁଭେଚ୍ଛୁମାନେ।

ଧ-୧୩୦୦

Classified Everyday

0674-2580101, 2549949

REAL ESTATE

SALE

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048. D-1363

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9853035888, 9437054765. D-1330

ମାତ୍ର 7,80,000/- ଟଙ୍କାରେ ପିପିଲି ଦାଣ୍ଡମୁକୁନ୍ଦପୁର (NH) ପ୍ରସ୍ତାବିତ ମେଟ୍ରୋରେଳ ନିକଟରେ ୩୦ ଫୁଟ୍ ରାସ୍ତା, ପାଚେରି, ଘରବାରି ପ୍ଲଟ୍ କିଣନ୍ତୁ। 8984911275. D-1360

Three storied furnished building at Jaydurga Nagar, Bomikhal, Bhubaneswar for 2.40Crores. (Brokers Excuse). 8917520527. D-1358

Newly open health benefits SPA special offer @ 999 Bapuji Nagar. 8018429809. D-76153

Kerala body Massage therapy Male/Female any person. Bhubaneswar. 9337672475. D-1285

Newly open spa positively health benefits with expert therapist. 8658466886. D-76152

Newly open health benefits SPA by expert therapist. Contact- 9938843929. D-76155

AFFIDAVIT

I, Mr. Pradeep Kumar Sarangi, aged about 52 Yrs., S/o- Late Krushna Ch. Sarangi, residing at Flat No.- A/201, Infocity Green Apartment, Sailashreevihar, Bhubaneswar-751021 do hereby solemnly affirms declare that PRADEEP KUMAR SARANGI and PRADEEP SARANGI is one and same person. D-1364

I, KANHU CHARANA MAHANKUDA,

ମନିପ୍ଲାଣ୍ଟରେ ସଜାଡ଼ନ୍ତୁ ଘର

ଯଦି ଘରେ ଗଛ ଲଗାଇବା ପସନ୍ଦ, କିନ୍ତୁ ଜାଗା କମ୍ ଅବା ଭଡ଼ାଘରେ ରହୁଛନ୍ତି ତେବେ ମନିପ୍ଲାଣ୍ଟ ଆପଣଙ୍କ ପାଇଁ ସବୁଠୁ ସହଜ ବିକଳ୍ପ। ଏହା ଆପଣଙ୍କ ଘରକୁ ଗ୍ରୀନ୍ ଲୁକ୍‌ଦେବା ସହ ଅକ୍ସିଜେନ୍ ଯୋଗାଇଦେବ...

- ମନି ପ୍ଲାଣ୍ଟ ପଟ୍‌ଗୁଡ଼ିକୁ ଛାତରେ ହୁକ୍ ଲଗାଇ ମଧ୍ୟ ଟଙ୍ଗାଇଲେ ଖୁବ୍ ସୁନ୍ଦର ଦିଶିବ।
- ଘରେ ଥିବା ପୁରୁଣା ପ୍ଲାଷ୍ଟିକ୍ ବୋତଲଗୁଡ଼ିକୁ କଣାକରି ସେଥିରେ ମନିପ୍ଲାଣ୍ଟ ଲଗାଇ ପାରିବେ। ଏହାକୁ ବିଭିନ୍ନ କଲର ଦେଇ ମଧ୍ୟ ଆକର୍ଷଣୀୟ ଡିଜାଇନକରି ସେଥିରେ ମନିପ୍ଲାଣ୍ଟ ଲଗାଇପାରିବେ।
- ଘରର କାନ୍ଥ ରଙ୍ଗ ଅନୁଯାୟୀ ବଜାରରୁ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ମନି ପ୍ଲାଣ୍ଟ ଲଗାଇଲେ ଇଣ୍ଟେରିଅର ଅଧିକ ଆକର୍ଷଣୀୟ ହୋଇପାରିବ। ଆପଣ ଯଦି ଏ ବାବଦରେ ଅଧିକ ଖର୍ଚ୍ଚ ନ କରିବାକୁ ଚାହାନ୍ତି ତେବେ ଘରେ ପଡ଼ିଥିବା ଅଦରକାରୀ ଜିନିଷକୁ କାଟି ମଧ୍ୟ ପଟ୍ ତିଆରି କରି ମନି ପ୍ଲାଣ୍ଟରେ ଘରକୁ ଗ୍ରୀନ୍ ଲୁକ୍ ଦେଇପାରିବେ।
- ବଜାରରୁ କ୍ରିଷ୍ଟାଲ ବଲ୍ ଷ୍ଟାଇଲ୍ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ସେଥିରେ ମନିପ୍ଲାଣ୍ଟ ଲଗାଇ ଘରକୁ ଡେକୋରେଟ୍ କରିପାରିବେ।
- ଆକ୍ୱାରିୟମ୍ ହ୍ୟାଙ୍ଗିଙ୍ଗ୍ ଷ୍ଟାଣ୍ଡରେ ବି ମନିପ୍ଲାଣ୍ଟ ଲଗାଇବାର ଆଇଡିଆ ଆପଣଙ୍କ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ।

ଅଦା ଚା ଅଧିକ ପିଉଥିଲେ...

ଅନେକେ ଚା' ବିଶେଷକରି ଅଦା ଚା ପିଇବାକୁ ବେଶି ଭଲ ପାଆନ୍ତି। ହେଲେ ଗୋଟିଏ ଦିନରେ ଏକାଧିକବାର ଅଦା ଚା ପିଇବା ବି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଜାଣନ୍ତୁ ସେ ସମ୍ପର୍କରେ...

- ଅଦା ଚା ପିଇଲେ ଫ୍ୟାଟ୍‌ଲସ୍ ହୁଏ। ଆଉ ଏଥିପାଇଁ ଅନେକେ ଏହାକୁ ପସନ୍ଦ କରନ୍ତି। ହେଲେ ଆପଣ ଜାଣନ୍ତିକି, ଏହାକୁ ଅଧିକ ପିଇଲେ ଶରୀରରେ ଶର୍କରାର ମାତ୍ରା ଖୁବ୍ କମିଯାଇ ମୁଣ୍ଡ ବୁଲାଇବା ସହ ଅନ୍ୟାନ୍ୟ ସମସ୍ୟା ଦେଖାଦେଇପାରେ। ବିଶେଷକରି ଡାଇବେଟିସ୍ ରୋଗୀଙ୍କ ପାଇ ଅଧିକ ଅଦା ଚା ପିଇବା ହାନିକାରକ ହୋଇପାରେ।
- ସାଧାରଣତଃ ବ୍ଲଡ୍ ପ୍ରେସର କମ୍ କରୁଥିବାରୁ ହାଇ ବ୍ଲଡ୍ ପ୍ରେସର ରୋଗୀମାନଙ୍କ ପାଇଁ ଅଦା ଚା ପିଇବା ଭଲ ବୋଲି କୁହାଯାଏ। ହେଲେ ଆବଶ୍ୟକରୁ ଅଧିକ ମଧ୍ୟ କ୍ଷତିକାରକ ହୋଇପାରେ। କିନ୍ତୁ ଲୋ ବ୍ଲଡ୍ ପ୍ରେସର ରୋଗୀ ଏହାକୁ ପିଇବା ଦ୍ୱାରା ମୁଣ୍ଡ ବୁଲାଇବା ଏବଂ ଦୁର୍ବଳ ଲାଗିବା ପରି ସମସ୍ୟା ଦେଖାଯାଏ।
- ଆବଶ୍ୟକରୁ ଅଧିକ ଅଦା ଚା ପିଇବା ଦ୍ୱାରା ବି ପେଟ ସମସ୍ୟା ଦେଖାଦେଇପାରେ। ଅଦା ଖାଦ୍ୟ ହଜମ କରିବାରେ ସାହାଯ୍ୟକରେ। ହେଲେ ଅଦାରେ ଥିବା ଜିଞ୍ଜୋରୋଲସ୍ ନାମକ ଉପାଦାନ ଅଧିକ ହେଲେ ପେଟରେ ଏସିଡ୍ ସୃଷ୍ଟିକରେ। ତେଣୁ ଅଧିକ ଅଦା ଚା ପିଇବା ଦ୍ୱାରା ପେଟ ଜଳାପୋଡ଼ା ହୋଇଥାଏ।
- ଗର୍ଭବତୀ ମହିଳାମାନେ ଅଧିକପ୍ରୁ ଅଧିକ ଚା' ପିଇବା ଅନୁଚିତ। ଏହାଯୋଗୁ ପେଟରେ ଯନ୍ତ୍ରଣା ହେବା ସହ ଗର୍ଭସ୍ଥ ଶିଶୁକୁ ହାନି ପହଞ୍ଚାଇପାରେ।
- ଅନିଦ୍ରା ରହିବା ପାଇଁ ଅନେକେ ଚା ପିଇଥାନ୍ତି। କିନ୍ତୁ, ଅଧିକ ଚା, ତା' ପୁଣି ଅଦା ଚା ପିଇବା ଦ୍ୱାରା ଆପଣ ନିଦ୍ରାହୀନତାର ଶିକାର ହୋଇପାରନ୍ତି। ଏହାଛଡ଼ା ଶୋଇବାକୁ ଯିବା ସମୟରେ ମଧ୍ୟ ଏହାକୁ ପିଇବା ଠିକ୍ ନୁହେଁ।

ପିଲାଙ୍କ ଭବିଷ୍ୟତ

ନିଜ ପିଲାକୁ ଭବିଷ୍ୟତରେ ଉଚ୍ଚପଦରେ ପ୍ରତିଷ୍ଠିତ କରାଇବାକୁ କିଏ ବା ନ ଚାହେଁ। ତେଣୁ ପିଲାକୁ ସଫଳତାର ଶୀର୍ଷରେ ପହଞ୍ଚାଇବା ଲାଗି ଅଭିଭାବକମାନେ ଅନେକ ଚେଷ୍ଟା ଓ ପରିଶ୍ରମ ମଧ୍ୟ କରନ୍ତି। ହେଲେ କେବେ କେବେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପିଲାକୁ ଭର୍ତ୍ତି କରାଇବାକୁ ନେଇ ସେମାନଙ୍କ ଜିଦ୍ ପାଇଁ ବାଧ୍ୟତାମୂଳକ ଭାବେ ହେଉ ଅବା ମାତାପିତାଙ୍କୁ ସମ୍ମାନ ଦେବା ଲାଗି ପିଲାର ସ୍ୱପ୍ନ ଓ ଆଗ୍ରହ ଦବିଯାଏ; ଯାହାକି ପିଲାର କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ପିଲାର ଆଗ୍ରହକୁ ସମ୍ମାନ ଜଣାଇ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେଲେ ସେ ସଫଳତାର ଶୀର୍ଷରେ ପହଞ୍ଚିପାରିବ ସେଥିରେ ସନ୍ଦେହ ନାହିଁ..

ପ୍ରତ୍ୟେକ ପିଲାଙ୍କ କୁନି କୁନି ମନରେ ଥାଏ ଅନେକ ବଡ଼ ସ୍ୱପ୍ନ। କିଏ ଭବିଷ୍ୟତରେ ଡାକ୍ତର ତ କିଏ ଟିଚର, କିଏ ଇଞ୍ଜିନିୟର ତ ଆଉ କିଏ ପୋଲିସ ପୁଣି କାହାର ଇଚ୍ଛା ଥାଏ ଆଷ୍ଟ୍ରୋନଟ୍ ହୋଇ ମହାକାଶରେ ପାଦ ଥାପିବାକୁ। କେବଳ ଏତିକି ନୁହେଁ, ଏମିତି କେତେଜଣ ପିଲା ଅଛନ୍ତି ଯେଉଁମାନେ ନୃତ୍ୟ, ସଙ୍ଗୀତ, ଫ୍ୟାଶନ ଡିଜାଇନିଂ ଭଳି ରୁଚି ଥିବା ବିଭିନ୍ନ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଆଗ୍ରହ ପ୍ରକାଶ କରନ୍ତି। ଅଭିଭାବକମାନେ ମଧ୍ୟ ନିଜ ପିଲାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଯେତେ କଷ୍ଟ ହେଉ ନା କାହିଁକି ସମସ୍ତ ପ୍ରୋତ୍ସାହନ ଯୋଗାଇଦିଅନ୍ତି। ହେଲେ ଏମିତିବି କେତେଜଣ ଅଭିଭାବକ ଅଛନ୍ତି ଯେଉଁମାନେ ପିଲାକୁ ନିଜ ଇଚ୍ଛାଥିବା କ୍ଷେତ୍ରରେ ଭର୍ତ୍ତି କରାଇବାକୁ ନେଇ ସେମାନେ ଜିଦ୍ ଧରନ୍ତି। ଅନେକ ପିଲା ମାତାପିତାଙ୍କୁ ସମ୍ମାନ ଦେବା ଲାଗି ହେଉ ଅବା ବାଧ୍ୟତାମୂଳକ ଭାବେ ନିଜ ସ୍ୱପ୍ନ ବଦଳରେ ମାତାପିତାଙ୍କ ସ୍ୱପ୍ନ ସାକାର କରିବାକୁ ଆଗେଇ ଆସନ୍ତି। ହେଲେ ଏହାଦ୍ୱାରା ପିଲାର କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ତେଣୁ ପିଲାକୁ ସଫଳ କରାଇବାକୁ ହେଲେ ତା' ରୁଚିକୁ ନେଇ କ୍ୟାରିୟର ଗଢ଼ିବା ଲାଗି ଠିକ୍ ମାର୍ଗଦର୍ଶନ ଓ ପ୍ରୋତ୍ସାହନ ଯୋଗାଇଦେବା ସହ କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ ....

ରୁଚିକୁ ସମ୍ମାନ ଦିଅନ୍ତୁ: ପିଲାର ଉତ୍ତମ ଭବିଷ୍ୟତର ମାପକାଠି କେବଳ ଭଲ ପାଠ ପଢ଼ି ଅଧିକ ଦରମାଯୁକ୍ତ ସରକାରୀ ଚାକିରିଟିଏ କରିବା ନୁହେଁ। କାରଣ ବର୍ତ୍ତମାନ ପାଠ ସହ ଖେଳକୁଦ, ନାଚ, ଗୀତ, ଅଭିନୟଠୁ ଆରମ୍ଭକରି ବିଭିନ୍ନ କ୍ଷେତ୍ରରେ ଅନେକ ସଫଳ କ୍ୟାରିୟର ଗଢ଼ିବା ସହ ଭଲ ରୋଜଗାର କରୁଥିବା ଦେଖିବାକୁ ମିଳୁଛି। ତେଣୁ ପିଲାର କେଉଁ ଦିଗରେ ରୁଚି ରହିଛି, ଏ ଦିଗରେ ସେ କେତେ ଦକ୍ଷ ଜାଣିବାକୁ ଚେଷ୍ଟା କରନ୍ତୁ । ଯଦି ସେଥିରେ ସେ କ୍ୟାରିୟର ଗଢ଼ିବାକୁ ଚାହୁଁଛି ତେବେ ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେଲେ ତା'ର ସ୍ୱପ୍ନ ସାକାରହେବା ସହ ସେ ସଫଳତା ମଧ୍ୟ ସାଉଁଟିପାରିବ ସେଥିରେ ସନ୍ଦେହ ନାହିଁ।

ଯୋଗାଇ ଦିଅନ୍ତୁ ପ୍ରୋତ୍ସାହନ: ପିତାମାତା ହିଁ ପିଲାଙ୍କର ପ୍ରଥମ ଗୁରୁ ଏବଂ ବନ୍ଧୁ ମଧ୍ୟ। ତେଣୁ ତେଣୁ ଆପଣଙ୍କ ପିଲା କେଉଁ କ୍ଷେତ୍ରରେ ଦକ୍ଷ ଏବଂ ପାରଙ୍ଗମ ଏବଂ ଯଦି ସେ ତାକୁ ନେଇ କ୍ୟାରିୟର ଗଢ଼ିବାର ସ୍ୱପ୍ନ ଦେଖୁଛି ଜାଣିବାକୁ ଚେଷ୍ଟା କରନ୍ତୁ। ବର୍ତ୍ତମାନ ରୋଜଗାର ଲାଗି ଅନେକ ମାର୍ଗ ରହିଛି। ଯଦି ପିଲା ଏଭଳି କୌଣସି କ୍ଷେତ୍ରରେ ଆଗେଇବାକୁ ଚାହୁଁଛି ଯାହା ତାଙ୍କୁ ଖୁସିଦେବା ସହ ସଫଳ କରାଇବ ବୋଲି ହୃଦଙ୍ଗମ ହୁଏ ତେବେ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେବାକୁ କୁଣ୍ଠାବୋଧ କରନ୍ତୁ ନାହିଁ। ଦେଖିବେ ଏହି ସହଯୋଗ ପାଇଁ ସେ ନିଶ୍ଚୟ ସଫଳତାର ଶୀର୍ଷକୁ ଯାଇ ଆପଣଙ୍କ ପାଇଁ ଗୌରବ ଆଣିଦେବ ।

ଠିକ୍ ନୁହେଁ ନିଜ ଇଚ୍ଛା ଲଦିବା: ଅନେକ ଅଭିଭାବକ ପାରିବାରିକ ଆଭିଜାତ୍ୟ, ସମାଜରେ ଷ୍ଟାଟସ୍ ଆଦିକୁ ଅଧିକ ଗୁରୁତ୍ୱ ଦିଅନ୍ତି। କେହି କେହି ନିଜ ଅପୂରଣୀୟ ରହିଯାଇଥିବା ଲକ୍ଷ୍ୟକୁ ପିଲା ଦ୍ୱାରା ପୂରଣ କରିବା ଲାଗି ଚାହାନ୍ତି। ଆଉ ଏଥିପାଇଁ ପିଲା କେଉଁ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଚାହୁଁଛି ଚିନ୍ତା ନ କରି ନିଜ ଇଚ୍ଛା ତା' ଉପରେ ଲଦି ଦିଅନ୍ତି ଅବା ଉକ୍ତ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ନେଇ ବାଧ୍ୟ କରନ୍ତି। ହେଲେ ଏହାଦ୍ୱାରା ଯେ ସବୁବେଳେ ପିଲାର ଉନ୍ନତି ହେବ ତା' ଭାବିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। କାରଣ କେବେ କେବେ ଏଥିପାଇଁ ପିଲାର କ୍ୟାରିୟର ନଷ୍ଟ ହୋଇଯିବାର ବି ଅନେକ ଉଦାହରଣ ରହିଛି। ତେଣୁ ପିଲା ଉପରେ ନିଜ ଇଚ୍ଛା ନ ଲଦି ତାଙ୍କ ରୁଚିକୁ ସମ୍ମାନ ଦେଇ କ୍ୟାରିୟର ଗଢ଼ିବାର ସୁଯୋଗ ଦିଅନ୍ତୁ।

କରନ୍ତୁନି ଅନ୍ୟ ସହ ତୁଳନା: ଅନ୍ୟର ଉଦାହରଣ ଦେବା କିମ୍ବା ଅନ୍ୟ ସହ ନିଜ ପିଲାଙ୍କୁ ତୁଳନା କରିବାର ବଦଭ୍ୟାସ କେତେଜଣ ଅଭିଭାବକଙ୍କଠାରେ ରହିଛି। ସବୁ ପିଲାଙ୍କ ଦକ୍ଷତା ଏବଂ ରୁଚି ସମାନ ନୁହେଁ। ତେଣୁ ପିଲାର ରୁଚି ଏବଂ ସ୍ୱପ୍ନକୁ ଗୁରୁତ୍ୱ ନ ଦେଇ ଅନ୍ୟ କାହାର ପିଲା କେଉଁ କ୍ଷେତ୍ରରେ ଉଚ୍ଚକୁ ବଢୁଥିବାର ଦେଖି ବାରମ୍ବାର ତା' ସହ ତୁଳନା କରିବା ଦ୍ୱାରା ପିଲାର ମନୋବଳ ଭାଙ୍ଗିଯାଏ ଏବଂ ସେ କୌଣସି କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବାରୁ ବଞ୍ଚିତ ହୋଇଥାଏ। ତେଣୁ ଏପରି ନ କରି ପିଲାର ମନ ଓ କ୍ଷମତା ବୁଝି ଆଗକୁ ବଢ଼ିବାରେ ସହଯୋଗ କରନ୍ତୁ।

ପୂରଣ କରନ୍ତୁନି ଅଯଥା ଜିଦ୍: ଅଭିଭାବକ ହେଉଛନ୍ତି ପିଲାର ପ୍ରଥମ ମାର୍ଗଦର୍ଶକ। ତେଣୁ ପିଲାର ଦକ୍ଷତା ଚିହ୍ନି ତା'ର ରୁଚିଥିବା କ୍ଷେତ୍ରରେ ଆଗକୁ ବଢ଼ିବାରେ ସାହାଯ୍ୟ କରନ୍ତୁ। ହେଲେ ଯଦି ପିଲା ଅନ୍ୟ କାହାକୁ ଦେଖି ଏଭଳି କୌଣସି କ୍ଷେତ୍ର ବାଛୁଛି ଯେଉଁଥିରେ ତା'ର ନା ଅଭିଜ୍ଞତା ଅଛି ନା ଦକ୍ଷତା ତେବେ ଅନ୍ଧ ଭଳି ସପୋର୍ଟ ନ କରି ଠିକ୍ ମାର୍ଗଦର୍ଶନ କରନ୍ତୁ। କାରଣ ବର୍ତ୍ତମାନ ଅନେକ ପିଲା କିଏ ୟୁଟ୍ୟୁବ୍‌ରୁ ଟଙ୍କା ରୋଜଗାର କରୁଥିବା ଦେଖିଲେ ଅବା କିଏ ସଫଳ ଡାନ୍ସର ହେବା ଦେଖିଲେ ସେହି କ୍ଷେତ୍ରରେ ଆଗେଇବାକୁ ଜିଦ୍ କରୁଛନ୍ତି। ହେଲେ ଯଦି ସେ କ୍ଷେତ୍ରରେ ଦକ୍ଷତା ନ ଥାଏ ତେବେ ପିଲାଙ୍କ ଅଯଥା ଜିଦ୍ ଆଦୌ ପୂରଣ ନ କରି କେଉଁ ଦିଗ ତାଙ୍କ ପାଇଁ ବେଷ୍ଟ ବୁଝାଇବାକୁ ଚେଷ୍ଟା କରନ୍ତୁ।

ସୌନ୍ଦର୍ଯ୍ୟ

ଘରୋଇ ହେୟାର ସେରମ୍...

କେଶକୁ ସଫ୍ଟ, ସିଲ୍କି ଏବଂ ସାଇନିଂ ରଖିବା ପାଇଁ ବର୍ତ୍ତମାନ ମାର୍କେଟରେ ବିଭିନ୍ନ କମ୍ପାନୀର ହେୟାର ସେରମ୍ ଉପଲବ୍ଧ। ଅଧିକାଂଶ ଯୁବତୀ ଏବଂ ମହିଳା ଏହାକୁ ବ୍ୟବହାର କରୁଥିବା ମଧ୍ୟ ଦେଖିବାକୁ ମିଳୁଛି। ହେଲେ ଆପଣ ଚାହିଁଲେ ଅଧିକ ଦାମ୍ ଦେଇ ଏଭଳି ସେରମ୍ କିଣିବା ବଦଳରେ ଘରେ ଅଳ୍ପ ଖର୍ଚ୍ଚରେ ଏହାକୁ ପ୍ରସ୍ତୁତକରି ନିଜ କେଶର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ...

– ୨ ବଡ଼ ଚାମଚ ନଡ଼ିଆତେଲ ସହ ସମାନ ପରିମାଣର ଜଡ଼ାତେଲ ନିଅନ୍ତୁ। ସେଥିରେ ୫–୬ ଟୋପା ରୋଜ୍‌ମେରି କିମ୍ବା ଲାଭେଣ୍ଡର ତେଲକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ରାତିରେ ଶୋଇବା ପୂର୍ବରୁ କେଶ ମୂଳରୁ ଅଗ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ଆଙ୍ଗୁଳି ଟିପ ସାହାଯ୍ୟରେ ଧୀରେ ଧୀରେ ମସାଜକରି ଛାଡ଼ିଦିଅନ୍ତୁ। ସକାଳେ ମାଇଲ୍ଡ ଶାମ୍ପୁ ବ୍ୟବହାରକରି କେଶ ଧୁଅନ୍ତୁ। ଏହା ଆପଣଙ୍କ କେଶକୁ ନାଚୁରାଲ କଣ୍ଡିଶନିଂ ଦେବାରେ ବେଶ୍ ସାହାଯ୍ୟ କରିବ।

– ଅଧାକପ୍ ପାଣିରେ ୧ ଚାମଚ ଗ୍ରୀନ୍ ଟି ନେଇ ଫୁଟାନ୍ତୁ। ଏହାକୁ ଛାଣି ଥଣ୍ଡା ହେବାକୁ ଦିଅନ୍ତୁ। ସେଥିରେ ୨ ଚାମଚ ଆର୍ଗନ ଅଏଲ୍ ଏବଂ ୫–୬ ବୁନ୍ଦା ପିପରମିଣ୍ଟ ଏସେନ୍ସିଆଲ୍ ଅଏଲ ମିଶାନ୍ତୁ। ଏହାକୁ କେଶରେ ଭଲ ଭାବେ ଲଗାଇ ଅଧଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ବ୍ୟବହାରକରି ଧୋଇଦିଅନ୍ତୁ। ଏହା କେଶକୁ ମଜଭୁତ ରଖିବା ସହ ସଫ୍ଟ ଏବଂ ସାଇନିଂ କରାଇଥାଏ।

– ଏକ ପାତ୍ରରେ ୨ଚାମଚ ଆଲୋଭେରା ଜେଲ୍ ସହିତ ୧ ଚାମଚ ଜୋଜୋବା ଅଏଲ ନେଇ ଭଲ ଭାବେ ମିଶାନ୍ତୁ। ସେଥିରେ ୬–୭ ଟୋପା ରୋଜ୍‌ମେରି ଅଏଲ୍ ମିଶାନ୍ତୁ। ଏହାକୁ କେଶରେ ଲଗାଇ ୧ ଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ବ୍ୟବହାରକରି ଧୋଇ ଦିଅନ୍ତୁ। ଏହା କେଶକୁ ଡିପ୍ କଣ୍ଡିଶନିଂ ପ୍ରଦାନ କରିଥାଏ।

ଖାଦ୍ୟରୁଚି

ଏଗ୍ ଟୋଷ୍ଟ୍

ଆବଶ୍ୟକ ସାମଗ୍ରୀ: ୪ଟି ବ୍ରେଡ୍ ସ୍ଲାଇସ୍, ୨ଟି ଅଣ୍ଡା, ଗୋଟିଏ ଲେଖାଏଁ ବଡ଼ ପିଆଜ ଏବଂ ଟମାଟୋ ଛୋଟ ଛୋଟ କଟା ହୋଇଥିବା, ୧ଚାମଚ କଟା ଧନିଆପତ୍ର, ଗୋଟିଏ କଞ୍ଚାଲଙ୍କା ଛୋଟ ଛୋଟ କଟା ହୋଇଥିବା, ଅଳ୍ପ ହଳଦୀଗୁଣ୍ଡ, ଅଳ୍ପ ଲଙ୍କା କିମ୍ବା ଗୋଲମରିଚ ଗୁଣ୍ଡ, ତେଲ, ଲୁଣ ସ୍ୱାଦାନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ଅଣ୍ଡାକୁ ଭାଙ୍ଗି ଏକ ପାତ୍ରରେ ରଖନ୍ତୁ। ଏହାକୁ ଏକ ଚାମଚ ସାହାଯ୍ୟରେ ଭଲଭାବେ ମିଶାନ୍ତୁ। ସେଥିରେ କଟା ପିଆଜ, ଟମାଟୋ, ଲଙ୍କା, ଧନିଆପତ୍ର ପକାନ୍ତୁ। ଛିମୁଟାଏ ହଳଦୀ, ସ୍ୱାଦାନୁସାରେ ଲୁଣ ଏବଂ ଗୋଲମରିଚ ଗୁଣ୍ଡ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ତାୱା ଗରମ କରନ୍ତୁ। ସେଥିରେ ଅଳ୍ପ ତେଲ ପକାଇ ସ୍ପ୍ରେଡ୍ କରନ୍ତୁ। ତେଲ ଗରମ ହେଲେ ଚୁଲାର ଫ୍ଲେମ୍‌କୁ ମିଡିୟମରେ ରଖି ବ୍ରେଡ୍‌କୁ ଗୋଳାଇ ରଖିଥିବା ଅଣ୍ଡାରେ ବୁଡ଼ାଇ ତାୱାରେ ରଖନ୍ତୁ। ହାଲ୍‌କା ବ୍ରାଉନ୍ ହୋଇଗଲେ ଓଲଟାଇ ପୁଣି ଥରେ ଭାଜନ୍ତୁ। ସେହିପରି ସବୁ ବ୍ରେଡ୍ ସ୍ଲାଇସ୍‌କୁ ଭାଜନ୍ତୁ। ପ୍ରସ୍ତୁତ ହୋଇଗଲା ଟେଷ୍ଟି ଏଗ୍ ଟୋଷ୍ଟ୍। ଏହାକୁ ଗରମ ଗରମ ପରଷନ୍ତୁ।

ଭାରତ-ଚାଇନା ଫାଇନାଲ ଆଜି

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ହୁଲୁନବୁଇର (ଚାଇନା), ୧୬।୯

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ସବୁଠାରୁ ସଫଳ ଦଳ ଭାରତ ଏଥର ମଧ୍ୟ ଫାଇନାଲରେ ପ୍ରବେଶ କରିଛି। ଚାରିଥର ଟାଇଟଲ ବିଜେତା ତଥା ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ସୋମବାର ଅନୁଷ୍ଠିତ ସେମିଫାଇନାଲରେ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରିଛି। ଅନ୍ୟ ଏକ ସେମିଫାଇନାଲରେ ୩ ଥର ଚାମ୍ପିୟନ ପାକିସ୍ତାନକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି ଚାଇନା। ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ବରାବର ରହିବାପରେ ଶୁଟ୍‌ଆଉଟରେ ପାକିସ୍ତାନକୁ ଚକ୍‌ମା ଦେଇଛି ଚାଇନା। ଭାରତ ଓ ଚାଇନା ମଧ୍ୟରେ ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହେବ। ଭାରତ ୨୦୧୧, ୨୦୧୬, ୨୦୧୮ ଓ ୨୦୨୩ରେ ଚାମ୍ପିୟନ ହୋଇ ସର୍ବାଧିକ ସଫଳ ଦଳର ରେକର୍ଡ ବହନ କରୁଛି। ଚଳିତ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ଭାରତ ୩-୦ରେ ଚାଇନାକୁ ହରାଇଥିବାରୁ ଫାଇନାଲ ପାଇଁ ଫେଭରାଇଟ ବିବେଚିତ ହେଉଛି। ଫାଇନାଲ ପୂର୍ବରୁ ତୃତୀୟ ସ୍ଥାନ ପାଇଁ ପାକିସ୍ତାନ ଓ ଦକ୍ଷିଣ କୋରିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

ହରମନପ୍ରୀତ୍‌ଙ୍କ ଡବଲ

ଦକ୍ଷିଣ କୋରିଆ ବିପକ୍ଷରେ ଭାରତ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଚମତ୍କାର ଫର୍ମରେ ଥିବା ଅଧିନାୟକ ହରମନପ୍ରୀତ୍ ସିଂ ୧୯ ଓ ୪୫ତମ ମିନିଟରେ ୨ଟି ଗୋଲ ଦେଇ ଭାରତ ବିଜୟ ମଞ୍ଚ ଧରିଥିଲେ। ଉତ୍ତମ ସିଂ ୧୩ଓ ହରମନପ୍ରୀତ ସିଂ ୩୨ତମ ମିନିଟରେ ଅନ୍ୟ ୨ଟି ଗୋଲ ଦେଇଥିଲେ। କୋରିଆ ପକ୍ଷରୁ ୟାଙ୍ଗ୍ ଜିହୁନ ୩୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

ଚାଇନାର ଶ୍ରେଷ୍ଠ ପ୍ରଦର୍ଶନ

ଟୁର୍ନାମେଣ୍ଟର ରେକର୍ଡ ଦୃଷ୍ଟିରୁ ଚାଇନା ୨୦୧୨ ଓ ୨୦୧୩ରେ ସର୍ବାଧିକ ୪ର୍ଥ ସ୍ଥାନ ହାସଲ କରିଥିଲା। ମାତ୍ର ଘରୋଇ ପରିବେଶରୁ ଫାଇଦା ଉଠାଇ ଆୟୋଜକ ଦଳ ଏଥର ଶ୍ରେଷ୍ଠ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମଥର ପାଇଁ ଚାଇନା ସେମିଫାଇନାଲ ହର୍ଡଲ୍ସ ଅତିକ୍ରମ କରିବାରେ ସଫଳ ହୋଇଛି। ଚାଇନା-ପାକିସ୍ତାନ ପ୍ରଥମ ସେମିଫାଇନାଲ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଶେଷ ହୋଇଥିଲା। ଚାଇନା ପକ୍ଷରୁ ଲୁ ୟୁଆନଲିନ ୧୮ଶ ଓ ପାକିସ୍ତାନର ନଦୀମ ଅହମଦ ୩୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ପାକିସ୍ତାନର ଲିଆକତ ଅର୍ଶଦ, ନଦୀମ ଅହମଦ, ଅହମଦ ଅଜାଜ ଓ ଅବଦୁଲ ରହମନ ଫେଲ୍ ମାରିଥିବାବେଳେ ଚାଇନାର ଚେନ୍ ବେନ୍‌ହାଇ ଓ ଲୁନ୍ ଚାଙ୍ଗଲିଆଙ୍ଗ ଗୋଲ ଦେଇଥିଲେ ଏବଂ ଲୁ ୟୁଆନଲିନ ଓ ଇ. ଓ୍ୱେନହୁଇ ବିଫଳ ହୋଇଥିଲେ।

ଫାଇନାଲ ସମୟ: ଅପରାହ୍ନ ୩ଟା ୩୦
ପ୍ରସାରଣ: ସୋନି ସ୍ପୋର୍ଟ୍ସ ଟେନ୍ ୧

ମାଲେସିଆକୁ ହରାଇ ଜାପାନ ୫ମ

୫ମ-୬ଷ୍ଠ ପାଇଁ ଅନୁଷ୍ଠିତ ପ୍ଲେସିଂ ମ୍ୟାଚରେ ଜାପାନ ଶୁଟ୍‌ଆଉଟ ୪-୨ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୪-୪ ଗୋଲରେ ବରାବର ରହିଥିଲା। ଅର୍ଥାତ୍ ୬ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଜାପାନ ୫ମ ଓ ମାଲେସିଆ ୬ଷ୍ଠ ସ୍ଥାନ ପାଇଛି।

ସେମିଫାଇନାଲରେ କୋରିଆ ଖେଳାଳିଙ୍କ ଚ୍ୟାଲେଞ୍ଜକୁ ଏଡ଼ାଇ ବଲ୍ ନେଇ ଆଗେଇ ଯାଉଛନ୍ତି ଓଡ଼ିଶାର ଅମିତ ରୋହିଦାସ।

ରେସ୍‌ଲିଂ ଚାମ୍ପିୟନ୍ସ ସୁପର ଲିଗ୍ ଘୋଷଣା

ନୂଆଦିଲ୍ଲୀ, ୧୬।୯ (ପି.ଟି.): ଅଲିମ୍ପିକ୍ସ ପଦକ ବିଜେତା ସାକ୍ଷୀ ମଲିକ, ପ୍ୟାରିସ୍ ବ୍ରୋଞ୍ଜ ବିଜେତା ଅମନ ଶେରାୱତ ଓ ବିଶ୍ୱ ଚାମ୍ପିୟନଶିପ ବ୍ରୋଞ୍ଜ ପଦକ ବିଜୟିନୀ ଗୀତା ଫୋଗଟ ମିଳିତ ଭାବରେ ରେସ୍‌ଲିଂ ଚାମ୍ପିୟନ୍ସ ସୁପର ଲିଗ୍ ଆରମ୍ଭ କରିବା ନେଇ ଘୋଷଣା କରିଛନ୍ତି। ଦେଶର ଯୁବ ରେସ୍‌ଲରମାନଙ୍କୁ ପ୍ଲାଟଫର୍ମ ପ୍ରଦାନ କରିବା ପାଇଁ ଏହା ଆରମ୍ଭ କରାଯାଇଥିବା କହିଛନ୍ତି ସାକ୍ଷୀ ମଲିକ। ପୂର୍ବରୁ ସାକ୍ଷୀ, ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆ ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ମାମଲାକୁ ନେଇ ଆନ୍ଦୋଳନରେ ବସିଥିଲେ। ଏହି ଲିଗ୍ ପାଇଁ ମଞ୍ଜୁରୀ ମିଳି ନ ଥିଲେ ମଧ୍ୟ ଡବ୍ଲ୍ୟୁଏଫ୍‌ଆଇ ଓ ସରକାରଙ୍କ ପକ୍ଷରୁ ସହଯୋଗ ମିଳିବା ନେଇ ଆଶା ଥିବା କହିଛନ୍ତି ସାକ୍ଷୀ ମଲିକ ଓ ଗୀତା ଫୋଗଟ।

୨୩ ବର୍ଷରୁ କମ୍ ଏସିଆନ ବିଟ୍ ସିପକ୍‌ଟାକ୍ର

ଭାରତୀୟ ଦଳରେ କିସ୍‌ର ଥବିର

ଭୁବନେଶ୍ୱର, ୧୬।୯ (ତପନ ସ୍ୱାଇଁ): ଚାଇନାର କ୍ୱିଙ୍ଗଡୋଠାରେ ୨୩ ବର୍ଷରୁ କମ୍ ଏସିଆନ ବିଟ୍ ସିପକ୍‌ଟାକ୍ର ଚାମ୍ପିୟନଶିପ୍ ଚଳିତ ମାସ ୧୮ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ପୁରୁଷ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ କିସ୍‌ର ଥବିର ନାଏକ ମନୋନୀତ ହୋଇଛନ୍ତି। ଭାରତୀୟ ଦଳ ମନୋନୟନ ପାଇଁ ନୂଆଦିଲ୍ଲୀର ଆଇଜିଆଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସସ୍ଥିତ କେ.ଡି. ଯାଦବ ହଲ୍‌ରେ ସିପକ୍‌ଟାକ୍ର ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଏକ ଓପନ ଟ୍ରାଏଲ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଥବିର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଥବିରଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ରାଜ୍ୟ ସିପକ୍ ଟାକ୍ର ଆସୋସିଏଶନ ସମ୍ପାଦକ ପୃଥ୍ୱୀରାଜ ସାହୁ ଅଭିନନ୍ଦନ ଜଣାଇଛନ୍ତି।

ଅର୍ଜୁନ ତେନ୍ଦୁଲକରଙ୍କୁ ୯ ଉଇକେଟ ସଫଳତା

ଅଲୁର (କର୍ନାଟକ), ୧୬।୯ (ପି.ଟି.): କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ଆମନ୍ତ୍ରଣୀୟ କ୍ରିକେଟ ମ୍ୟାଚରେ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ପୁତ୍ର ଅର୍ଜୁନଙ୍କ ୯ ଉଇକେଟ ସଫଳତା ବଳରେ ଗୋଆ କ୍ରିକେଟ ଆସୋସିଏଶନ ଏକ ଇନିଂସ ୧୮୯ ରନରେ ଆୟୋଜକ କର୍ନାଟକକୁ ହରାଇ ଦେଇଛି। ଘରୋଇ ଦଳ ୧୯ ବର୍ଷରୁ କମ୍ ଓ ୨୩ ବର୍ଷରୁ କମ୍ ଖେଳାଳିଙ୍କୁ ନେଇ ଗଠିତ। ଏଥିରେ ଥିବା ଦୁଇଜଣ ପ୍ରତିଷ୍ଠିତ କ୍ରିକେଟର ହେଲେ ନିକିନ ଜୋଶ ଓ ଉଇକେଟକିପର ଶରଥ ଶ୍ରୀନିବାସ। ଅର୍ଜୁନ ମ୍ୟାଚର ଦୁଇଟି ଇନିଂସରେ ମୋଟ ୨୬. ୩ ଓଭର ବୋଲିଂ କରି ୮୭ରନ ବିନିମୟରେ ୯ ଉଇକେଟ ଅକ୍ତିଆର କରିଥିଲେ। କର୍ନାଟକ ପ୍ରଥମ ଇନିଂସରେ ୩୬.୫ ଓଭରରେ ୧୦୩ ରନ କରି ଅଲଆଉଟ ହୋଇଯାଇଥିଲା। ଏଥିରେ ଅର୍ଜୁନ ୧୩ ଓଭର ବୋଲିଂ କରି ୪୧ ରନ ବିନିମୟରେ ୫ ଉଇକେଟ ନେଇଥିଲେ। ଜବାବରେ ଗୋଆ ଦୃଢ଼ ବ୍ୟାଟିଂ କରି ଅଭିନବ ତେଜରାନା (୧୦୯)ଙ୍କ ଶତକ ଓ ମଛନ ଖୁଟକରଙ୍କ ୬୯ ରନ ବଳରେ ୪୧୩ ରନ କରିଥିଲା। କର୍ନାଟକ ଦ୍ୱିତୀୟ ଇନିଂସରେ ୩୦.୪ ଓଭରରେ ମାତ୍ର ୧୨୧ ରନ କରିଥିଲା। ଅର୍ଜୁନ ୧୩.୩ ଓଭର ବୋଲିଂ କରି ୪ ଉଇକେଟରେ ୪୬ ରନ କରିଥିଲେ। ଆସନ୍ତା ସପ୍ତାହରେ ସେ ୨୫ ବର୍ଷ ବୟସରେ ପଦାର୍ପଣ କରିବେ। ସିନିୟର ସ୍ତରରେ ସେ ୪୬ଟି ପ୍ରତିଯୋଗିତାମୂଳକ ମ୍ୟାଚରେ ୬୮ଉଇକେଟ ନେଇଛନ୍ତି। ସେ ୧୩ ପ୍ରଥମ ଶ୍ରେଣୀ ଗେମ୍‌ରେ ୨୧ ଉଇକେଟ ଅକ୍ତିଆର କରିଛନ୍ତି।

ଆଇଓସି ସଭାପତି ଦୌଡ଼ରେ ୭ ଜଣ

ଜେନେଭା, ୧୬।୯ (ପି.ଟି.)

- ସେବାଷ୍ଟିଆନ୍, କ୍ରିଷ୍ଟି ସବୁଠୁ ଆଗରେ
- ୨୦୨୫ରେ ଶେଷ ହେବ ବାକ୍‌ଙ୍କ କାର୍ଯ୍ୟକାଳ

ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲ୍ (ଆଇଓସି) ସଭାପତି ଭାବରେ ଥୋମାସ୍ ବାକ୍‌ଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ୨୦୨୫ରେ ବାକ୍‌ଙ୍କ କାର୍ଯ୍ୟକାଳ ସରୁଥିବା ବେଳେ ଆଗାମୀ ସଭାପତି ଦୌଡରେ ୭ ଜଣ ବ୍ୟକ୍ତିଙ୍କ ନାମ ରହିଛି। ତେବେ ସେବାଷ୍ଟିଆନ୍ କୋ ଓ କ୍ରିଷ୍ଟି କଭେଣ୍ଟ୍ରିଙ୍କ ନାମ ସବୁଠାରୁ ଆଗରେ ରହିଛି। ସୋମବାର ଆଇଓସି ପକ୍ଷରୁ ଦୌଡରେ ଥିବା ୭ ଜଣଙ୍କ ନାମ ପ୍ରକାଶ ପାଇଛି। ମିଡିଲ ଇଷ୍ଟର ରାଜକୁମାର ଫୈସଲ ଅଲ ହୁସେନ, ଲର୍ଡ ସେବାଷ୍ଟିଆନ୍ କୋ, କ୍ରିଷ୍ଟି କଭେଣ୍ଟ୍ରି, ଜୋହାନ୍ ଏଲିଆସ, ଡେଭିଡ୍ ଲାପାର୍ଟେଣ୍ଟ, ଜୁଆନ୍ ଆଣ୍ଟୋନିଓ ସାମାରାଞ୍ଚ ଓ ମୋରିନାରି ୱାଟାନାବେ ଏହି ଦୌଡରେ ରହିଛନ୍ତି।

ଆଇଓସିର ୧୩୦ ବର୍ଷର ଇତିହାସରେ ସମୁଦାୟ ୯ ଜଣ ସଭାପତି ରହିଛନ୍ତି। ଏହା ମଧ୍ୟରେ ୮ ଜଣ ୟୁରୋପୀୟ ଓ ଜଣେ ଆମେରିକୀୟ ବ୍ୟକ୍ତି ରହିଛନ୍ତି। ବିଶ୍ୱର ଅନ୍ୟ କୌଣସି ସ୍ଥାନରୁ ଏହି ଦୌଡରେ କୌଣସି ବ୍ୟକ୍ତି ନ ଥିବା ବେଳେ ଜଣେ ବି ମହିଳା ଏଯାଏ ସଭାପତି ହୋଇ ନାହାନ୍ତି। ତେଣୁ ଜିମ୍ବାୱେର କ୍ରିଷ୍ଟିଙ୍କୁ ଅନ୍ୟତମ ଫେଭରିଟ୍ ବିବେଚନା କରାଯାଉଛି। ସେହିପରି ସେବାଷ୍ଟିଆନ୍ କୋ ସନ୍ତରଣରେ ଦୁଇଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ବର୍ତ୍ତମାନ ୱାର୍ଲ୍ଡ ଆଥଲେଟିକ୍ସର ସଭାପତି ରହିଛନ୍ତି। ଜୋର୍ଡାନର ରାଜକୁମାର ଫୈସଲ ଅଲ ହୁସେନ ଆଇଓସି ବୋର୍ଡର ସଦସ୍ୟ ରହିଥିବା ବେଳେ ଜୁଆନ୍ ଆଣ୍ଟୋନିଓ ସାମରାଞ୍ଚଙ୍କ ପିତା ୨୧ ବର୍ଷ ଧରି ଆଇଓସିର ସଭାପତି ରହିଥିଲେ। ଡେଭିଡ୍ ଲାପାର୍ଟେଣ୍ଟ ବିଶ୍ୱ ସାଇକ୍ଲିଂ ସଂଘର ସଭାପତି ରହିଥିବା ବେଳେ ମୋରିନାରି ୱାଟାନାବେ ବିଶ୍ୱ ଜିମ୍ନାଷ୍ଟିକ୍ସ ସଂଘର ସଭାପତି ରହିଛନ୍ତି। ଅନ୍ୟପକ୍ଷରେ ଜୋହାନ୍ ଏଲିଆସ ବର୍ତ୍ତମାନ ଅନ୍ତର୍ଜାତୀୟ ସ୍କି ଓ ସ୍ନୋ ବୋର୍ଡ ଫେଡେରେଶନର ସଭାପତି ରହିଛନ୍ତି।

ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ

ଜଳନ୍ଧର, ୧୬।୯ (ପି.ଟି.): ଏଠାରେ ଚାଲିଥିବା ହକି ଇଣ୍ଡିଆ ୧୪ତମ ଜାତୀୟ ଜୁନିୟର ହକି ଚାମ୍ପିୟନଶିପ୍‌ର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ବୁଧବାର ଗୋଟିଏ ସେମିଫାଇନାଲ କର୍ନାଟକ ଓ ଉତ୍ତର ପ୍ରଦେଶ ମଧ୍ୟରେ ଖେଳାଯିବାକୁଥିବା ବେଳେ ଅନ୍ୟଟିରେ ହରିୟାଣା ଓ ପଞ୍ଜାବ ମଧ୍ୟରେ ମୁକାବିଲା ହେବ। ଓଡ଼ିଶା କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ପଞ୍ଜାବ ୪-୩ ଶୁଟ୍‌ଆଉଟରେ ମ୍ୟାଚ ଜିତି ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲ ମ୍ୟାଚରେ କର୍ନାଟକ ୫-୪ ଶୁଟଆଉଟରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ଉତ୍ତର ପ୍ରଦେଶ ୩-୨ ଗୋଲରେ ମଣିପୁରକୁ ହରାଇ ଦେଇଥିବା ବେଳେ ଝାଡ଼ଖଣ୍ଡ ବିପକ୍ଷରେ ହରିୟାଣା ୩-୧ଶୁଟ୍‌ଆଉଟରେ ବିଜୟ ଲାଭ କରିଛି।

ରାଜ୍ୟସ୍ତରୀୟ ପାରା ସନ୍ତରଣ ଚୟନ ପ୍ରତିଯୋଗିତା

ଭୁବନେଶ୍ୱର, ୧୬।୯ (ତପନ ସ୍ୱାଇଁ)

ରାଜ୍ୟ ସ୍ତରୀୟ ପାରା ସନ୍ତରଣ ଚୟନ ପ୍ରତିଯୋଗିତା ୧୫ ଓ ୧୬ ତାରିଖ ଦୁଇଦିନଧରି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ସନ୍ତରଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଜୁନିୟର ଓ ସିନିୟର୍ ବାଳିକା ଓ ବାଳକ ବର୍ଗରେ ମୋଟ ୧୧୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭଲ ପ୍ରଦର୍ଶନ କରିଥିବା ସନ୍ତରଣକାରୀମାନେ ୨୪ତମ ଜାତୀୟ ପାରା ସନ୍ତରଣ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଜାତୀୟ ପ୍ରତିଯୋଗିତା ଗୋଆରେ ଆସନ୍ତା ଅକ୍ଟୋବର ୧୯ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ''ଖେଳାଳିମାନେ ଭଲ ପ୍ରଦର୍ଶନ କରିଛନ୍ତି। ଏଥର ନୂଆକରି ବହୁ ଖେଳାଳି ଭାଗ ନେଇଥିଲେ। ପୂର୍ବ ପ୍ରତିଯୋଗିତାରେ ଆମ ଓଡ଼ିଶା ଖେଳାଳିମାନେ ଗୋଟିଏ ମାସ କ୍ୟାମ୍ପରେ ଯୋଗଦେଇ ପ୍ରଥମଥର ପାଇଁ ୬ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏଥର ପ୍ରଦର୍ଶନରେ ଉନ୍ନତି ହେବା ଆଶା ରହିଛି'' ବୋଲି ପାରା ସୁଇମିଂ ଅଧ୍ୟକ୍ଷ ସୁଶାନ୍ତ କୁମାର ମଲିକ ପ୍ରକାଶ କରିଛନ୍ତି।

ଚୟନ ପ୍ରତିଯୋଗିତା ଶେଷରେ ଅତିଥିଙ୍କ ଗହଣରେ ସନ୍ତରଣକାରୀମାନେ।

ଏସିଆନ ୟୁନିଭର୍ସିଟି ଫୁଟବଲ କପ୍‌ରେ ଭାଗନେବ କିଟ୍

ମନୋନୀତ ଦଳର ଖେଳାଳିଙ୍କ ଗହଣରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

ଭୁବନେଶ୍ୱର, ୧୬।୯ (ତପନ ସ୍ୱାଇଁ)

ଚାଇନାର ୟାନବିୟାନଠାରେ ଏସିଆନ ୟୁନିଭର୍ସିଟି ଫୁଟବଲ କପ୍ ଚଳିତ ମାସ ୧୯ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ପ୍ରଥମଥର ପାଇଁ ଇଣ୍ଡିଆନ ୟୁନିଭର୍ସିଟିଜ୍ ମହିଳା ଫୁଟବଲ ଦଳ ଅଂଶଗ୍ରହଣ କରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ସମ୍ମାନଜନକ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ଇଣ୍ଡିଆନ ୟୁନିଭର୍ସିଟିଜ ପକ୍ଷରୁ ପ୍ରତିନିଧିତ୍ୱ କରିବ ଏବଂ ଏହି ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ହେଲେ କିସ୍ ବିଶ୍ୱବିଦ୍ୟାଳୟର। ବିଶ୍ୱବିଦ୍ୟାଳୟ ସ୍ତରରେ ଭାରତୀୟ ମହିଳା ଫୁଟବଲକୁ ପ୍ରୋତ୍ସାହନ ପାଇଁ ଏହା ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କିଟ୍ ବିଶ୍ୱବିଦ୍ୟାଳୟ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପାଖାପାଖି ୫୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିରେ ଜାପାନ, କୋରିଆ, ଚାଇନା, ମଙ୍ଗୋଲିଆ, ଥାଇଲାଣ୍ଡ, କାତାର, ସୌଦର ଆରବ ଓ ଭାରତୀୟ ଦଳ ଭାଗନେବ। କିଟ୍ ଦଳରେ ୧୫ ଖେଳାଳି ଓ ୨ ଅଫିସିଆଲ ସାମିଲ ରହିବେ। ଜିମା ସୟ, ଅଙ୍କିତା ନାଏକ, ଜ୍ୟୋତ୍ସ୍ନା ମୁଣ୍ଡାରି, ସାଲମା ମୁର୍ମୁ, ରିଲାନ ଏକ୍କା, ସାଲ୍‌ଗେ ସୋରେନ, ମାମା ସୋରେନ, ଆଶିକା ଓରାମ, ସୀତାମଣି ବାସ୍କେ, ଭାରତୀ ଓରାମ, ରଞ୍ଜିତା ନାଏକ, ମାଳତୀ ଟୁଡୁ, ବର୍ଷାରାଣୀ ମାଝି, ସୁଲେନ୍ଦ୍ରୀ ଚଲାନ ଓ ଆରତୀ ଦଳାଇ ଆଦି ଖେଳାଳି ଦଳରେ ସ୍ଥାନ ପାଇଛନ୍ତି। କୋଚ୍ ରେଶମା ବେଗମ ଓ ଅଫିସିଆଲ କନ୍ଦନ ମୁର୍ମୁ ଦଳସହ ଚାଇନା ଯିବେ। ଇଣ୍ଡିଆନ ୟୁନିଭର୍ସିଟିଜ ଦଳ ପ୍ରଥମଥର ପାଇଁ ଏଥିରେ ଭାଗ ନେବାକୁ ଯାଉଥିବାରୁ ଏହାର ଯୁଗ୍ମ ସମ୍ପାଦକ (ଓ୍ୱାଇଏ ଆଣ୍ଡ ସ୍ପୋର୍ଟ୍ସ) ବଳଜିତ ସିଂ ସେଖୋଁ ଖୁସି ଜାହିର କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ଆଶୀର୍ବାଦ ବେହେରା, ସର୍ବଭାରତୀୟ ଫୁଟବଲ ଫେଡେରେଶନର ପ୍ଲେୟର ଡେଭଲପ୍‌ମେଣ୍ଟ କମିଟି ଅଧ୍ୟକ୍ଷ ଅଭିଜିତ ପାଲ୍, ବୈଷୟିକ ନିର୍ଦ୍ଦେଶକ ସୟଦ ସବିର ପାସା ପ୍ରମୁଖ ଇଣ୍ଡିଆନ ୟୁନିଭର୍ସିଟିଜ ଦଳରେ ସାମିଲ ହୋଇଥିବା ଖେଳାଳି ଓ ଅଫିସିଆଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଭାରତୀୟ ଦଳର ଜୋରଦାର ଅଭ୍ୟାସ

ଚେନ୍ନାଇ, ୧୬।୯ (ପି.ଟି.)

ବାଂଲାଦେଶ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳର ପ୍ରସ୍ତୁତି ଶିଖରରେ ରହିଛି। ଚେନ୍ନାଇରେ ୧୯ ତାରିଖରେ ପ୍ରଥମ ଟେଷ୍ଟ ଖେଳା ଯିବାକୁ ଥିବା ବେଳେ ଭାରତୀୟ ଦଳ ଜୋରଦାର ଅଭ୍ୟାସ କରିଛି। ସୋମବାର ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ଭାରତୀୟ ଦଳର ସମସ୍ତ ଖେଳାଳି ଅଭ୍ୟାସ କରିଥିଲେ। ଦୁଇଟି ଅଭ୍ୟାସ ସେସନ ପରେ ରବିବାର ଭାରତୀୟ ଦଳର ଖେଳାଳିମାନଙ୍କୁ ଗୋଟିଏ ଦିନର ଛୁଟି ମିଳିଥିଲା। ତେବେ ସୋମବାର ସମସ୍ତ ଖେଳାଳିଙ୍କୁ ଅଭ୍ୟାସ ସେସନ୍‌ରେ ଦେଖିବାକୁ ମିଳିଥିଲା। ବାଂଲାଦେଶ ବିପକ୍ଷ ଦଳରେ ସ୍ଥାନ ପାଇଥିବା ସମସ୍ତ ୧୬ ଖେଳାଳି ନେଟ୍ ସେସନରେ ଅଭ୍ୟାସ କରିଥିଲେ। ତାରକା ଖେଳାଳି ବିରାଟ କୋହଲି ଓ ଓପନର ଯଶସ୍ୱୀ ଜୟସ୍ୱାଲ ପ୍ରଥମେ ନେଟ୍‌ସରେ ଅଭ୍ୟାସ କରିଥିଲେ। କୋହଲି ଦୀର୍ଘ ସମୟ ଧରି ବୁମ୍‌ରାଙ୍କ ବିପକ୍ଷରେ ବ୍ୟାଟିଂ କରିଥିଲେ। ଅନ୍ୟପକ୍ଷରେ ଜୟସ୍ୱାଲଙ୍କୁ ବୋଲିଂ କରିଥିଲେ ଲୋକାଲ ହିରୋ ରବିଚନ୍ଦ୍ରନ ଅଶ୍ୱିନ।

ପରବର୍ତ୍ତୀ ସମୟରେ ଅଧିନାୟକ ରୋହିତ ଶର୍ମା, ଓପନର ଶୁବମାନ ଗିଲ୍ ଓ ସର୍ଫରାଜ ଖାନ୍ ନେତୃତ୍ୱରେ ଅଭ୍ୟାସ କରିଥିଲେ। ସର୍ଫରାଜ

ଅତିଥିମାନଙ୍କ ଗହଣରେ ଫ୍ୟାଶନ ଶୋ'ରେ ଭାଗ ନେଇଥିବା ଯୁବତୀ ।

ର୍ୟାମ୍ପରେ ଚାଲିଲେ ୪୦ ମଡେଲ

ରାଉରକେଲା, ୧୬।୯(ଦିନେଶ ମିଶ୍ର)

ଫେଶନ କ୍ରେଜି ସିଜିନ-ଟୁ କାର୍ଯ୍ୟକ୍ରମ

ସିଭିଲଟାଉନଶିପସ୍ଥିତ ଏରିଆ-୫୧ ପରିସରରେ ସାଇନିଂ ରକର୍ସ ଏକାଡେମୀ ପକ୍ଷରୁ ଫେଶନ କ୍ରେଜି ସିଜିନ-ଟୁ ଅନୁଷ୍ଠିତ ହୋଇଯାଇଛି । ସଭାପତି ଲୀନା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସାଇନିଂ ରକର୍ସ ଏକାଡେମୀ ଆଜିର ଯୁବପିଢିଙ୍କୁ ରାଉରକେଲା ସହରରେ ଫେଶନ ଶୋ ମାଧ୍ୟମରେ ଏକ ଉତ୍ତମ କ୍ୟାରିୟର ପାଇଁ ପ୍ଲାଟଫର୍ମ ତିଆରି କରିବା ଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ବିଧାୟକ ତନ୍ତୀ ପ୍ରଶଂସା କରିଥିଲେ । ବିଶିଷ୍ଟ ଶିଳ୍ପପତି କମଲ ଅଗ୍ରୱାଲ, ସୁନୀଲ କୟାଲ, ଜିତେନ୍ଦ୍ର ପ୍ରସାଦ, ସୁନୀଲ କୁମାର ସୋନି, ଏକ୍ସ ଆର୍ମି ଅଫିସର ଜିତେନ୍ଦ୍ର କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଫେଶନ ଶୋ'ରେ ଓଡିଶାର ୩୦ଟିଜିଲାର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୪୦ ଜଣ ଚୟନ ହୋଇ ର୍ୟାମ୍ପ ଶୋ'ରେ ନିଜର କୌଶଳ ପ୍ରଦର୍ଶନ କରିବା ପାଇଁ ସୁଯୋଗ ପାଇଥିଲେ । କନିଷ୍ଠ ବର୍ଗ, ମହିଳା ବର୍ଗ ଏବଂ ଯୁବତୀଯୁବକ ବର୍ଗର ମଡେଲମାନେ ବିଭିନ୍ନ ଜିଲାରୁ ଆସିଥିବା ଡିଜାଇନରମାନଙ୍କ ପୋଷାକ ପିନ୍ଧି ର୍ୟାମ୍ପ ଶୋ କରିଥିଲେ । ଏଥିସହ ଉତ୍ସବରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ନୃତ୍ୟ ସମ୍ବଲପୁରୀ, ଓଡ଼ିଶୀ ଓ ମଡେଲ ଡ୍ୟାନ୍ସ ପରିବେଷଣ କରାଯାଇଥିଲା । ଏହି ଅବସରରେ ଖବରଦାତା ଓ ସମାଜସେବା କ୍ଷେତ୍ରରେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରୁଥିବା କିଛି ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ମେମୋଣ୍ଟମ୍ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସୁବୋଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଟି. ବିଶ୍ୱାଳ, ନିତ୍ୟାଞ୍ଜଳି ପରିଡା, ଚିନୁ ରାଉତ, ରଜତ ବେହେରା, ପ୍ରବୀଣ ଚାୱଡା, ଅନୁପମା ଆଚାର୍ଯ୍ୟ, ସୋନୁ ମୁଖାର୍ଜୀ ପ୍ରମୁଖ ସହଯୋଗ କରିଥିଲେ । ବର୍ଣ୍ଣାଳି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ପୁରୁଷବନ୍ଧୁ କୋର୍ଟଚାଲାଣ

ହୋଟେଲରେ ଜଳିଯାଇ ଯୁବତୀଙ୍କ ମୃତ୍ୟୁ ଘଟଣା

ରାଉରକେଲା, ୧୬।୯(ସଙ୍ଗୀତା କେନା) ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଏକ ଘରୋଇ ହୋଟେଲ ରୁମ୍‌ରେ ଜଳିଯାଇ ଜଣେ ଯୁବତୀଙ୍କ ମୃତ୍ୟୁ ଘଟଣାରେ ସୋମବାର ମୃତାଙ୍କ ପୁରୁଷବନ୍ଧୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ବନପୋଷ ଅଞ୍ଚଳର ଅଜୟ ସାହା । ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳର ଜଣେ ଯୁବତୀ ତାଙ୍କ ପୁରୁଷବନ୍ଧୁଙ୍କ ସହ ଉକ୍ତ ହୋଟେଲ ରୁମ୍ ବୁକ୍ କରି ରହିଥିଲେ । କିଛି ସମୟ ପରେ ପୁରୁଷବନ୍ଧୁ ବାହାରକୁ ଯାଇଥିବା ବେଳେ ଉକ୍ତ ରୁମ୍‌ରୁ ଧୂଆଁ ବାହାରୁଥିବା ଦେଖି ହୋଟେଲ କର୍ମଚାରୀ କବାଟ ଭାଙ୍ଗି ଯୁବତୀ ଜଣଙ୍କ ଜଳୁଥିବା ଦେଖିବାକୁ ପାଇଥିଲେ । ଯୁବତୀଙ୍କୁ ତୁରନ୍ତ ଆରଜିଏଚ୍‌ରେ ଭର୍ତ୍ତିକରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇଜିଏଚ୍ ବର୍ଣ୍ଣୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ଯୁବତୀଙ୍କ ମା' ଓ ପରିଜନ ଥାନାରେ ପୁରୁଷବନ୍ଧୁ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ । ଏ ନେଇ ପୋଲିସ ଏକ ମାମଲା (ନଂ.୭୨୧/୨୪) ରୁଜୁ କରିଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ପୋଲିସ ପୁରୁଷବନ୍ଧୁଙ୍କୁ ଅଟକ ରଖି ତଦନ୍ତ କରୁଥିଲା । ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଡିଏସ୍‌ପି ନିର୍ମଳ ମହାପାତ୍ର ସୂଚନା ଦେଇଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com

@ ବାଦଲ

@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଜାତୀୟ ସ୍ତରୀୟ କର୍ମଶାଳା ଉଦ୍‌ଯାପିତ

ରାଉରକେଲା, ୧୬।୯(ବିପ୍ଳବ ରନ ଦାଶ)

ରାଉରକେଲା ମ୍ୟୁନିସିପାଲ କଲେଜରେ ଚାଲିଥିବା 'ବିଜ୍ଞାନ ଓ ଆଧାତ୍ମିକତା: ଆଜିର ଆବଶ୍ୟକତା' ଶୀର୍ଷକ ଦ୍ୱିଦିବସୀୟ ଜାତୀୟସ୍ତରୀୟ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ କଲେଜ ଅଧ୍ୟକ୍ଷ ଡକ୍ଟର ସନାତନ ପଧାନ ସଭାପତିତ୍ୱ କରିଥିଲେ । ସମାରୋହରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଉପକୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ଓ ପାନପୋଷ ଉପ ଜିଲାପାଳ ବିଜୟ କୁମାର ନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଜାତୀୟ ସ୍ତରୀୟ କର୍ମଶାଳାରେ ୮ଟି କଳାଂଶରେ ଭାରତର ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନରୁ ୨୬ଜଣ ପତ୍ରବାଚକ ଏବଂ ୨୬୪ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ । ଦୁଇଦିନ ଧରି ଚାଲିଥିବା ପ୍ରାସଙ୍ଗିକ ତର୍କର ନିଷ୍କର୍ଷରେ ବିଜ୍ଞାନର ଆବଶ୍ୟକତା ରହିଛି କିନ୍ତୁ ଏହା ସମ୍ପୂର୍ଣ୍ଣ ନୁହେଁ । ବିଜ୍ଞାନ ସହିତ ଅଧ୍ୟାତ୍ମ ଅଧ୍ୟୟନ ଓ ଅଭ୍ୟାସ ପ୍ରତ୍ୟେକ ବ୍ୟକ୍ତି ପାଇଁ ଜରୁରୀ । ବିଜ୍ଞାନ ଭଳି ଅଧ୍ୟାତ୍ମ ପରାକାଷ୍ଠା ଲାଭ ପାଇଁ ସଂସ୍କୃତ ଭାଷା, ଆଧ୍ୟାତ୍ମିକତା, ଭାରତୀୟ ଦର୍ଶନ ଓ ସଂସ୍କୃତି ବିଶ୍ୱ କଲ୍ୟାଣକାରୀ ଓ ଏହାର ଅଧିକ ଅଧ୍ୟୟନ ଅତି ଜରୁରୀ ବୋଲି ନିଷ୍କର୍ଷକୁ ସାର୍ବଜନୀନ କରାଯାଇଥିଲା । ଦିପ୍ତି ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା, ବିଜୟଲକ୍ଷ୍ମୀ ଦେଓ ଅତିଥି ପରିଚୟ ଏବଂ ଡକ୍ଟର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଉଦଯାପନୀ ସମାରୋହରେ କଲେଜର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

ନୂଆଁଖାଇ ଜୁହାର
ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ସମସ୍ତ ଭାଇ-ଭଉଣୀ, ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଜୁହାର । ସମସ୍ତଙ୍କ ପାଇଁ ଏହି ବର୍ଷଟି ସୁଖମୟ ହେଉ, ଏହାହିଁ ମା' ସମଲେଇଙ୍କଠାରେ ପ୍ରାର୍ଥନା ।
କୁନ୍ତୀ ମହାରଣା — ସଭାପତି
ପୂର୍ଣ୍ଣିମା ପୋଢ଼ — ସମ୍ପାଦକ
ବିଶ୍ୱ ମଦର ଟେରେସା ଛତୁଆ ପ୍ରସ୍ତୁତି କେନ୍ଦ୍ର, ଦୈତୁପାଲି, ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ବଡ଼ଖା ତିହାର ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ତଥା ଡୁଙ୍ଗୁରିପାଲି ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣ, ବୁଦ୍ଧିଜୀବୀ, ଭାଇଭଉଣୀ, ଚାଷୀଭାଇ, ପ୍ରଶାସନ, ଜନପ୍ରତିନିଧିମାନଙ୍କୁ ନୂଆଁଖାଇ ଜୁହାର । ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ ନେଇ ଆସୁ ଏହାହିଁ ମା' ସମଲେଶ୍ୱରୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ମୋର ପ୍ରାର୍ଥନା ।
ବିପିନ ବିହାରୀ ଦୀପ
ବିଡିଓ, ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ଟାଙ୍ଗରପାଲ୍ଲୀ ଥାନାରେ ଆମ ପୋଲିସ ସଚେତନତା ଶିବିର

ଲାଠିକଟା, ୧୬।୯ (ରାମେଶ୍ୱର ଖାଡ଼ଙ୍ଗା)

ଟାଙ୍ଗରପଲ୍ଲୀ ଥାନା ତରଫରୁ ଆମ ପୋଲିସର ଏକ ସଚେତନତା ଶିବିର ସାରନଗରୀ ଗୋପବନ୍ଧୁ ପ୍ରଗତି ପରିଷଦଠାରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଜନସାଧାରଣ ଓ ବ୍ୟବସାୟୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଟାଙ୍ଗରପଲ୍ଲୀ ଥାନା ଅଧିକାରୀ ରାମେଶ୍ୱର ସିଂ ସଭାପତିତ୍ୱ କରିଥିବା ବେଳେ ଉପ ଆରକ୍ଷୀ ଅଧୀକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଅପରାଧ ଘଟାଉଥିବା ବ୍ୟକ୍ତିଙ୍କଠାରୁ କିପରି ଦୂରେଇରହିବେ ତାହା ଉପରେ ଆଲୋକପାତ କରି ସଚେତନତା କରାଇଥିଲେ । ଏଥିସହ ପୋଲିସକୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ସାଇବର କ୍ରାଇମ, ଛିନ୍‌ତାଇ, ଚୋରି ଓ ଠକମାନଙ୍କୁ କିପରି ଦୃଢ଼ହସ୍ତରେ ଦମନ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରି ସହଯୋଗ କାମନା କରିଥିଲେ । ବୈଠକରେ ଉପସ୍ଥିତ ଥିବା ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀମାନଙ୍କୁ ନିଜ ନିଜର ମତାମତ ରଖିବା ପାଇଁ ଅନୁରୋଧ କରାଯାଇଥିଲା । ବୁଦ୍ଧିଜୀବୀଙ୍କ ମଧ୍ୟରେ ଦକ୍ଷିଣ ରାଉରକେଲା ବରିଷ୍ଠ ନାଗରିକ ସେବା ମଞ୍ଚର ସଭାପତି କେଶବ ଚନ୍ଦ୍ର ରାଉତ, ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ସିହ୍ନା, ସାମାଜିକ କର୍ମୀ ଗୌରାଙ୍ଗ ନାୟକ, କେଶବ ଚନ୍ଦ୍ର ସାହୁ, ଗୋପୀନାଥ ଦାସ, ବିଜୟଲକ୍ଷ୍ମୀ ରଞ୍ଜିତ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିବା ସହ ପୋଲିସ ମାଧ୍ୟମରେ ସମସ୍ୟାର ସମାଧାନ କିପରି ହୋଇପାରିବ ତାହା ଉପ ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଥିଲେ । ଉପଆରକ୍ଷୀ ଅଧୀକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ର ଏହାକୁ ଗୁରୁତର ସହ ବିଚାରକରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ସଚେତନତା ଶିବିରରେ ଟାଙ୍ଗରପଲ୍ଲୀ ଥାନାର ଅଫିସର ସହଯୋଗ କରିଥିଲେ ।

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣ, ଗୁରୁଜନ, ଯୁବସମାଜ, ଚାଷୀଭାଇ ତଥା ଭାଇଭଉଣୀମାନଙ୍କୁ ମା' ସମଲେଶ୍ୱରୀ, ମା' ଚନ୍ଦଳି ପାଠ ସମସ୍ତଙ୍କଠାରେ ସୁଖ, ସମୃଦ୍ଧି, ଶାନ୍ତି ଏବଂ ବିକାଶ, ମୈତ୍ରୀ ଭାବନା ପହଁଚାନ୍ତୁ, ଏତିକି ମୋର ପ୍ରାର୍ଥନା ।
Maa Poultry,
Maa Flyash Bricks Industries,
S-Rampur, Subarnapur
ଉମେଶ ପୂଜାରୀ
ଡୁଙ୍ଗୁରିପାଲି ବ୍ଲକ, ଏସ୍-ରାମପୁର, ସୁବର୍ଣ୍ଣପୁର

See Career Appointment on every Wednesday & Saturday

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଏକ ସଂସ୍କୃତି ଐତିହ୍ୟ ସମ୍ପନ୍ନ, କୃଷିଭିତ୍ତିକ, ଏକତା ଓ ଭାଇଚାରାର ପର୍ବ ହୋଇଥିବା ବେଳେ ଏହା ସମସ୍ତଙ୍କୁ ଏକସୂତ୍ରରେ ବାନ୍ଧି ରଖିବାରେ ସଫଳ ହୋଇଛି । ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ତଥା ଦିଗଶିରା ଗ୍ରାମପଞ୍ଚାୟତର ଗୁରୁଜନମାନଙ୍କୁ, ମା' ମାଉସୀ, ଭଉଣୀ, ଯୁବଗୋଷ୍ଠୀଙ୍କୁ ଓ ସମସ୍ତ ପଞ୍ଚାୟତବାସୀଙ୍କୁ ମା' ସମଲେଶ୍ୱରୀ ସବୁବେଳେ ଆଶୀର୍ବାଦ ଦେଇଥାଉନ । ନୂଆଁଖାଇ ଜୁହାର ।
କୌଶଲ୍ୟା ମେହେର — ଦିଗଶିରା ଗ୍ରାମପଞ୍ଚାୟତ ସରପଞ୍ଚ, ବ୍ଲକ-ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁର
ରୁଚିକାନ୍ତ ଭୋଇ — କାର୍ଯ୍ୟନିର୍ବାହୀ ଅଧିକାରୀ, ଦିଗଶିରା ଗ୍ରାମପଞ୍ଚାୟତ, ବ୍ଲକ-ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ଓଡ଼ିଶାର ତଥା ସୁବର୍ଣ୍ଣପୁର ଜିଲ୍ଲା, ଡୁଙ୍ଗୁରିପାଲି ବ୍ଲକ ଓ ଚେରୁପାଲି ଗ୍ରାମପଞ୍ଚାୟତର ସମସ୍ତ ଚାଷୀ, ଗୁରୁଜନ, ମା' ମାଉସୀ, ଭାଇ ଭଉଣୀ, ବୁଦ୍ଧିଜୀବୀ, ଜନପ୍ରତିନିଧିମାନଙ୍କୁ ନୂଆଁଖାଇ ଜୁହାର । ପଞ୍ଚାୟତର ଉନ୍ନତି ଓ ବିକାଶ ଆପଣଙ୍କ ସହଯୋଗ । ମୁଁ ନିମିତ୍ତ ମାତ୍ର । ମା' ସମଲେଇ ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି, ଉତ୍ତମ ସ୍ୱାସ୍ଥ୍ୟ ଓ ସମୃଦ୍ଧି ପ୍ରଦାନ କରନ୍ତୁ, ଏହା ହିଁ ମୋର ପ୍ରାର୍ଥନା ।
ଦିଲୀପ କୁମାର ଶତପଥୀ
ସରପଞ୍ଚ, ଚେରୁପାଲି ଗ୍ରାମପଞ୍ଚାୟତ, ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ୍ ଗଣପର୍ବ ନୂଆଁଖାଇ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣ, ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ନୂଆଁଖାଇ ଜୁହାର ।
ହିମାଦ୍ରୀ ପଧାନ
ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଯନ୍ତ୍ରୀ ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ଓଡ଼ିଶା ତଥା ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଓ ନୂଆଁଖାଇ ଜୁହାର । ସମସ୍ତଙ୍କ ସୁଖ, ଶାନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମା ସମଲେଶ୍ୱରୀଙ୍କଠାରେ ମୋର ପ୍ରାର୍ଥନା ।
ଚିତ୍ତରଞ୍ଜନ ମିଶ୍ର
ସରପଞ୍ଚ, ଡୁଙ୍ଗୁରିପାଲି ଗ୍ରାମପଞ୍ଚାୟତ, ବ୍ଲକ ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

କଥା ଜୁଏଲାରୀ ପକ୍ଷରୁ ଲଟେରୀ ଉଠାଣ

(ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ ସାଇବିହାର ରୋଡ ସ୍ଥିତ କଥା ଜୁଏଲାରୀ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଲଟେରୀ ଉଠାଣ ହୋଇଯାଇଛି । ୫୦ହଜାରରୁ ଅଧିକ ସୁନାଗହଣା କିଣିଥିବା ଗ୍ରାହକଙ୍କ ମଧ୍ୟରେ ଏହି ଲଟେରୀ ଉଠିଣ ହୋଇଥିଲା । ଏଥିରେ ଲେଫ୍ରିପଡା ବ୍ଲକ ସୁରୁଗୁଡା ସିପିଜିପି ହାଇସ୍କୁଲର ହିନ୍ଦୀ ଶିକ୍ଷକ ଦଲୀପ ପଟେଲ ଲଟେରୀର ବିଜେତା ହୋଇଛନ୍ତି । କଥା ଜୁଏଲାରୀର ତତ୍ତ୍ୱାବଧାରକ ପ୍ରଦୀପ ଦତ୍ତ ଲଟେରୀ ବିଜେତାଙ୍କୁ ପୁରସ୍କୃତ କରିଥିଲେ ।

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ସୁନାପାଲି ଗ୍ରାମପଞ୍ଚାୟତର ସମସ୍ତ ଗୁରୁଜନ, ମା ଭଉଣୀ, ପଞ୍ଚାୟତବାସୀଙ୍କୁ ନୂଆଁଖାଇ ଜୁହାର । ପଞ୍ଚାୟତର ଉନ୍ନତି ଓ ବିକାଶ ପାଇଁ ଆପଣଙ୍କ ସହଯୋଗ କାମନା କରିବା ସହ ନୂଆଁଖାଇ ସମସ୍ତଙ୍କ ପାଇଁ ଆନନ୍ଦ ଓ ଖୁସିରେ ଅତିବାହିତ ହେଉ, ଏତିକି କାମନା ।
ପୁଷ୍ପାଞ୍ଜଳି ସେଠ୍ — ସରପଞ୍ଚ, ସୁନାପାଲି ଗ୍ରାମପଞ୍ଚାୟତ, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ବିଭୀଷଣ ମୁଦୁଲି — କାର୍ଯ୍ୟନିର୍ବାହୀ ଅଧିକାରୀ, ସୁନାପାଲି ଗ୍ରାମପଞ୍ଚାୟତ, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ତଥା ଡୁଙ୍ଗୁରିପାଲି ବ୍ଲକର ସମସ୍ତ ଗ୍ରାମପଞ୍ଚାୟତର ଗୁରୁଜନ, ଭାଇଭଉଣୀ, ଜନସାଧାରଣ, ବୁଦ୍ଧିଜୀବୀ, ଜନପ୍ରତିନିଧିମାନଙ୍କୁ ନୂଆଁଖାଇ ଜୁହାର । ମା' ସମଲେଶ୍ୱରୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ, ଏହାହିଁ ପ୍ରାର୍ଥନା ।
ଅହଲ୍ୟା ସାହୁ — ଅଧକ୍ଷା, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ମକରଧ୍ୱଜ ସାହୁ — ଉପାଧକ୍ଷ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ଡୁଙ୍ଗୁରିପାଲି ବ୍ଲକ ଓ ରାମପୁର ଅଞ୍ଚଳବାସୀ ତଥା ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣ, ଗୁରୁଜନ, ମା' ଭଉଣୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ମା' ସୁରେଶ୍ୱରୀ, ମା' ଚନ୍ଦଳିପାଠ, ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ମହାନ୍ ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ, ଏହା ମୋର ପ୍ରାର୍ଥନା ।
ରମେଶ ଚନ୍ଦ୍ର ପୂଜାରୀ
ବିଜୁ ଜନତା ଦଳ, ଉପସଭାପତି ସୁବର୍ଣ୍ଣପୁର, ଶ୍ରୀରାମ ମହାବିଦ୍ୟାଳୟ, ଏସ୍-ରାମପୁର, ପରିଚାଳନା ସମିତି ସଭାପତି, ଏସ୍-ରାମପୁର, ବ୍ଲକ-ଡୁଙ୍ଗୁରିପାଲି, ସୁବର୍

ନୂଆଁଖାଇ ସଦିଚ୍ଛା, ସଦ୍‌ଭାବନାର ପର୍ବ

ବଲାଙ୍ଗୀର,୧୬।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଚିତ୍ରାପଡା ସ୍ଥିତ ଗାନ୍ଧୀ ପାଠାଗାର ଠାରେ ରବିବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଠାଗାର ସଭାପତି ପ୍ରକାଶ କୁମାର ନେପାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦାନ କରି ସଦିଚ୍ଛା, ସଦ୍‌ଭାବନା ଓ ସମନ୍ୱୟର ପର୍ବ ନୂଆଁଖାଇ ବୋଲି କହିଥିଲେ। ପାଠାଗାର ଉପ-ସଭାପତି ସନ୍ତକ ବହିଦାର, ସମ୍ପାଦକ ପ୍ରଦୀପ ସାହୁ, ବରିଷ୍ଠ ସଭ୍ୟ ଭଗବାନ ବଗର୍ତ୍ତି, ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତୀ ବାଗ, ମହିଳା ଶାଖା ସଭାପତି ବନେଶ୍ୱରୀ ବେହେରା କାର୍ଯ୍ୟକ୍ରମରେ ମଞ୍ଚାସୀନ ହୋଇ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ କିଭଳି ମହତ୍ତ୍ୱ ରଖେ ତାହା ବର୍ଣ୍ଣନା କରିଥିଲେ।

ଚିତ୍ରାପଡା ଗାନ୍ଧୀ ପାଠାଗାରଠାରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଏହି କାର୍ଯ୍ୟକ୍ରମରେ ମହିଳା ସଭ୍ୟା ସବିତା ବେହେରା, କଲ୍ୟାଣୀ ସାହୁ, ମଞ୍ଜୁଳା ମିଶ୍ର, ସୀମା ପଣ୍ଡା, ପ୍ରତିମା ମଟାରୀ ଏବଂ ବରିଷ୍ଠ ସଭ୍ୟ ନୀଳମଣି ମିଶ୍ର, ନାଗରିକ କମିଟି ସମ୍ପାଦକ ମଧୁସୂଦନ ନାୟକ, ବୈଷ୍ଣବ ସାହୁ, ରାଜେନ୍ଦ୍ର ମିଶ୍ର, ରବି ବହିଦାର, ବାବୁଲା ରଥ, ହରିଶଙ୍କର ପଣ୍ଡା, ଅଜିତ ପଣ୍ଡା, ଦିଲୀପ ସାହୁ, ରାଜେନ୍ଦ୍ର ପାଣି, ମାନା ଖାନ, ଶାନ୍ତି ପ୍ରକାଶ ବଢିଆ, ରିଆଜ ଖାନ, ଦୁର୍ଗା ସାହୁ, ପ୍ରବୀଣ ଦର୍ଜୀ ସଙ୍ଗଠକ ବୁଲୁ ବେହେରା ନୂଆଁଖାଇ ଶୁଭେଚ୍ଛା ଜଣାଇ ଭାଇଚାରା ପ୍ରତିଷ୍ଠା ଦିଗରେ ନୂଆଁଖାଇ ଅନନ୍ୟ ତିହାର ବୋଲି କହିଥିଲେ। ଏହି ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜନ କରିବାରେ ଜିତେନ୍ଦ୍ର ନାଗ, ସୁରୁ ସାହୁ, ବାଦଲ ସାହୁ, ଦାଶରଥି ସାହୁ, ବାବୁ ଶ୍ରୀଚନ୍ଦନ ବିଶେଷ ସହଯୋଗ କରିଥିଲେ। ଆସନ୍ତା ନବରାତ୍ର ଦୁର୍ଗାପୂଜାରେ ସମସ୍ତ ସଭ୍ୟ ଏବଂ ସଭ୍ୟା ତଥା ଜନସାଧାରଣ ସହଯୋଗ କରିବା ପାଇଁ ପାଠାଗାର ସଭାପତି ପ୍ରକାଶ ନେପାକ ନିବେଦନ କରିଥିଲେ। ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ପାଠାଗାରର ଶତାଧିକ ସଭ୍ୟ ଅଂଶଗ୍ରହଣ କରିଥିଲେ।

ଗାନ୍ଧୀ ପାଠାଗାରରେ ନୂଆଁଖାଇ ଭେଟ୍‌ଘାଟ୍

୨୦ ଦାଦନ ଶ୍ରମିକ ଉଦ୍ଧାର

ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ।

ବେଲପଡ଼ା,୧୬।୯(ମନୋଜ କୁମାର ମିଶ୍ର)-ବଲାଙ୍ଗୀର ଜିଲା ବେଲପଡ଼ା ପୋଲିସ ଡୁଙ୍ଗୁରିଗୁଡା ରାସ୍ତାରୁ ସୋମବାର ୨୦ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହା ସହ ସର୍ଦ୍ଦାରଙ୍କୁ କୋର୍ଟଚାଲାଣ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାଅନୁଯାୟୀ ବେଲପଡ଼ାସ୍ଥିତ ଡୁଙ୍ଗୁରିଗୁଡା ଗାଁର ଦାଦନ ସର୍ଦ୍ଦାର ରତ୍ନା ବାଗ ନିଜ ଗ୍ରାମ ସହ ଅନ୍ୟ ଅଞ୍ଚଳରୁ ବେଙ୍ଗାଲୁରୁକୁ ୨୦ ଜଣ ଦାଦନ ଶ୍ରମିକ ଚାଲାଣ କରୁଥିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ ଶ୍ରମିକଙ୍କୁ ଉଦ୍ଧାର କରି ଥାନାକୁ ଆଣି ଅଟକ ରଖି ପଚରାଉଚରା ପରେ ଛାଡି ଦେଇଥିଲେ। ଦାଦନ ଶ୍ରମିକମାନେ ହେଲେ ବେଲପଡ଼ାସ୍ଥିତ ଭରୁଆମୁଣ୍ଡା ଗାଁର ୯ଜଣ, ଖପ୍ରାଖୋଲର ୪ଜଣ, ପାଟଣାଗଡ଼ ବ୍ଲକ କର୍ଲାମାଲ ଗାଁର ୨ଜଣ ଏବଂ ଛତିଶଗଡ଼ ଅଞ୍ଚଳର ୫ ଜଣ ବୋଲି ଜଣାପଡିଛି। ଏମାନଙ୍କ ମଧ୍ୟରୁ ୭ ମହିଳା ଓ ୭ ପୁରୁଷ ସମେତ ୬ ଜଣ ଶିଶୁ ରହିଛନ୍ତି। ସମ୍ପୃକ୍ତ ଶ୍ରମିକ ସର୍ଦ୍ଦାରଙ୍କୁ ପୋଲିସ ଗିରଫ କରି ପାଟଣାଗଡ଼ କୋର୍ଟ ଚାଲାଣ କରିଛି।

ଟ୍ରକ୍‌ରେ ପିଟିହେଲା ବୋଲେରୋ: ବର୍ତ୍ତିଲେ ଡ୍ରାଇଭର

ବଲାଙ୍ଗୀର, ୧୬।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର-ବରଗଡ଼ ୨୬ ନମ୍ବର ଜାତୀୟ ରାଜପଥ ଉପର ବକ୍ସିଉଡାର ଛକ ଠାରେ ବ୍ରେକ୍ ଡାଉନ୍ ହୋଇଥିବା ଏକ ଟ୍ରକ୍ ପଛପଟେ ସୋମବାର ଭୋର ୪ଟା ବେଳେ ଏକ ବୋଲେରୋ ପିଟି ହୋଇ ଦୁର୍ଘଟଣାଗସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଡ୍ରାଇଭର ଅଶ୍ୱିନୀ ସାହୁ (୪୦) ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ସେ ଆହତ ହୋଇଥିବାରୁ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ପ୍ରାରମ୍ଭିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ସମ୍ବଲପୁରରୁ ଖବରକାଗଜ ନେଇ ଗାଡି ବଲାଙ୍ଗୀର ଆସୁଥିଲା। ଜାତୀୟ ରାଜପଥ ଉପରେ ବ୍ରେକ୍ ଡାଉନ୍ ହୋଇ ଟ୍ରକ୍ ବା ଅନ୍ୟ ଗାଡି ଅଟକି ରହୁଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ, ଆଞ୍ଚଳିକ ପରିବହନ ବିଭାଗ କି ପୋଲିସ କୌଣସି ପ୍ରତିକାର ବ୍ୟବସ୍ଥା କରୁ ନ ଥିବାରୁ ଏହି ବ୍ୟସ୍ତବହୁଳ ରାସ୍ତାରେ ପ୍ରାୟତଃ ଦୁର୍ଘଟଣା ଘଟୁଛି। ଏହି ଟ୍ରକ୍‌ଟି ବ୍ରେକ୍ ଡାଉନ୍ ହୋଇ ପଡିରହିଥିଲେ ମଧ୍ୟ ଅନ୍ୟ ଯାନବାହନ ଓ ଯାତ୍ରୀଙ୍କ ଜାଣିବା ପାଇଁ କୌଣସି ସୂଚନା ବା ସତର୍କ ସୂଚନା ଦିଆଯିବା ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଏହି ଦୁର୍ଘଟଣା ଘଟିଥିବା ଡ୍ରାଇଭର କହିଛନ୍ତି।

କୀର୍ତ୍ତନ ଗାୟକ ଗୁରୁ ଇନ୍ଦ୍ରମଣିଙ୍କ ପରଲୋକ

ଖପ୍ରାଖୋଲ, ୧୬।୯(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଗାଁର ସୁନାମଧନ୍ୟ କୀର୍ତ୍ତନ ଗାୟକ ଗୁରୁଶ୍ରୀ ଇନ୍ଦ୍ରମଣୀ ପଧାନଙ୍କ ସୋମବାର ପରଲୋକ ହୋଇଯାଇଛି। ଜଣେ କୀର୍ତ୍ତନ ଗୁରୁ ଭାବରେ ଅଞ୍ଚଳରେ ବେଶ ପରିଚିତ ଥିବା ବେଳେ ସେ କିଛି ଦିନ ହେଲା କର୍କଟ ରୋଗରେ ପୀଡିତ ଥିଲେ। ତାଙ୍କର ମୃତ୍ୟୁରେ ସାରା ଅଞ୍ଚଳରେ ଶୋକର ଲହରୀ ଖେଳି ଯାଇଛି। ମୃତଦେହକୁ ଭଜନ କୀର୍ତ୍ତନ ସହ ଗାଁ ମସାଣିରେ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ଯଶୋବନ୍ତ ପଧାନ ମୁଖାଗ୍ନି ଦେଇଥିଲେ। ଜଣେ ଜଣାଶୁଣା କୀର୍ତ୍ତନ ଗାୟକ ତଥା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନରୁ ପୁରସ୍କାରପ୍ରାପ୍ତ ଇନ୍ଦ୍ରମଣୀ ଜଣେ ନିଷ୍ଠାବାନ ବ୍ୟକ୍ତି ଥିଲେ।

ନାବାଳିକା ବଳାତ୍କାର: ଅଭିଯୁକ୍ତ ଗିରଫ

ନୂଆପଡ଼ା,୧୬।୯ (ମକାରୁ ବେମାଲ): ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଡାଲେଶ୍ୱର ସାହୁ (୫୦)। ଏ ନେଇ ପୋଲିସ ଏକ ମାମଲା (ନଂ.୯୯/୨୪) ରୁଜୁକରି ସୋମବାର ଡାଲେଶ୍ୱରଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ରବିବାର ରାତ୍ରିରେ ଧରମବନ୍ଧା ଗାଁରେ ଯାତ୍ରା ପରିବେଷଣ ହେଉଥିଲା। ଏହା ଦେଖିବା ପାଇଁ ନାବାଳିକା ନିଜ ମା' ସହିତ ଯାଇଥିଲେ। ପରିସ୍ରା ଲାଗିବାରୁ ନାବାଳିକା ମା'ଙ୍କୁ ଜଣାଇ ନିକଟସ୍ଥ ଏକ ପରିତ୍ୟକ୍ତ ସ୍ଥାନକୁ ଯାଇଥିଲେ। ସେହି ସମୟରେ ଡାଲେଶ୍ୱର ଏକୁଟିଆ ଥିବା ଦେଖି ନାବାଳିକାଙ୍କୁ ଟେକି ନେଇ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ନାବାଳିକା ଘରକୁ ଯାଇ ସବୁ ଘଟଣା କହିବା ପରେ ପରିବାର ଲୋକେ ସୋମବାର ଧରମବନ୍ଧା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

ଖରିଆର ରୋଡ୍‌ଠାରେ ବନ୍ଦେ ଭାରତ ଏକ୍ସପ୍ରେସକୁ ସ୍ୱାଗତ

ନୂଆପଡ଼ା,୧୬।୯ (ମକାରୁ ବେମାଲ): ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ ସୋମବାର ଶୁଭ ଉଦ୍‌ଘାଟନ ହୋଇଛି। ନୂଆପଡା ଜିଲା ଦେଇ ଯିବାକୁ ଥିବା ଟ୍ରେନକୁ ଖରିଆର ରୋଡ ଷ୍ଟେଶନଠାରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ପୂର୍ବତନ କଳାହାଣ୍ଡି ଏମ୍‌ପି ଅର୍କ କେଶରୀ ଦେଓ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ, ଏସ୍‌ପି ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଆଭାଷୀ ମାଧ୍ୟମରେ ରେଳ ଶୁଭ ଉଦ୍‌ଘାଟନର ସିଧା ପ୍ରସାରଣ କରାଯାଇଥିଲା। ସନ୍ଧ୍ୟା ପ୍ରାୟ ୬ଟା ୧୦ରେ ଖରିଆର ରୋଡ ଷ୍ଟେଶନରେ ଟ୍ରେନ୍ ପହଞ୍ଚିବା ପରେ ଉପସ୍ଥିତ ଅତିଥିବୃନ୍ଦ ସବୁଜ ପତାକା ଦେଖାଇ ସ୍ୱାଗତ କରିଥିଲେ। ପରେ କଳାହାଣ୍ଡି ଏମ୍‌ପି ଓ ପୂର୍ବତନ ଏମ୍‌ପି ସେହି ଟ୍ରେନରେ କେସିଙ୍ଗା ପର୍ଯ୍ୟନ୍ତ ଯାତ୍ରା କରିଥିଲେ।

ପତାକା ଦେଖାଇ ବନ୍ଦେ ଭାରତ ଏକ୍ସପ୍ରେସକୁ ସ୍ୱାଗତ କରାଯାଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com

@ ବାଦଲ

@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ନୂଆଁଖାଇ ଜୁହାର
ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ସମସ୍ତ ଭାଇ-ଭଉଣୀ, ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଜୁହାର। ସମସ୍ତଙ୍କ ପାଇଁ ଏହି ବର୍ଷଟି ସୁଖମୟ ହେଉ, ଏହାହିଁ ମା' ସମଲେଇଙ୍କଠାରେ ପ୍ରାର୍ଥନା।
କୁନ୍ତୀ ମହାରଣା — ସଭାପତି
ପୂର୍ଣ୍ଣିମା ପୋଢ଼ — ସମ୍ପାଦକ
ବିଶ୍ୱ ମନ୍ଦର ଟେରେସା ଛତୁଆ ପ୍ରସ୍ତୁତି କେନ୍ଦ୍ର, ଦୈତୁପାଲି, ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ବଡ଼ଖା ତିହାର ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ତଥା ଡୁଙ୍ଗୁରିପାଲି ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣ, ବୁଦ୍ଧିଜୀବୀ, ଭାଇଭଉଣୀ, ଚାଷୀଭାଇ, ପ୍ରଶାସନ, ଜନପ୍ରତିନିଧିମାନଙ୍କୁ ନୂଆଁଖାଇ ଜୁହାର। ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ ନେଇ ଆସୁ ଏହାହିଁ ମା' ସମଲେଶ୍ୱରୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ମୋର ପ୍ରାର୍ଥନା।
ବିପିନ ବିହାରୀ ଦୀପ
ବିଡିଓ, ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣ, ଗୁରୁଜନ, ଯୁବସମାଜ, ଚାଷୀଭାଇ ତଥା ଭାଇଭଉଣୀମାନଙ୍କୁ ମା' ସମଲେଶ୍ୱରୀ, ମା' ଚନ୍ଦଳି ପାଠ ସମସ୍ତଙ୍କଠାରେ ସୁଖ, ସମୃଦ୍ଧି, ଶାନ୍ତି ଏବଂ ବିକାଶ, ମୈତ୍ରୀ ଭାବନା ପହଁଚାନ୍ତୁ, ଏତିକି ମୋର ପ୍ରାର୍ଥନା।
Maa Poultry,
Maa Flyash Bricks Industries,
S-Rampur, Subarnapur
ଉମେଶ ପୂଜାରୀ
ଡୁଙ୍ଗୁରିପାଲି ବ୍ଲକ, ଏସ୍-ରାମପୁର, ସୁବର୍ଣ୍ଣପୁର

See Career Appointment on every Wednesday & Saturday

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଏକ ସଂସ୍କୃତି ଐତିହ୍ୟ ସମ୍ପନ୍ନ, କୃଷିଭିତ୍ତିକ, ଏକତା ଓ ଭାଇଚାରାର ପର୍ବ ହୋଇଥିବା ବେଳେ ଏହା ସମସ୍ତଙ୍କୁ ଏକସୂତ୍ରରେ ବାନ୍ଧି ରଖିବାରେ ସଫଳ ହୋଇଛି। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ତଥା ଦିଗଶିରା ଗ୍ରାମପଞ୍ଚାୟତର ଗୁରୁଜନମାନଙ୍କୁ, ମା' ମାଉସୀ, ଭଉଣୀ, ଯୁବଗୋଷ୍ଠୀଙ୍କୁ ଓ ସମସ୍ତ ପଞ୍ଚାୟତବାସୀଙ୍କୁ ମା' ସମଲେଶ୍ୱରୀ ସବୁବେଳେ ଆଶୀର୍ବାଦ ଦେଇଥାଉନ। ନୂଆଁଖାଇ ଜୁହାର।
କୌଶଲ୍ୟା ମେହେର — ଦିଗଶିରା ଗ୍ରାମପଞ୍ଚାୟତ ସରପଞ୍ଚ, ବ୍ଲକ-ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁର
ରୁଚିକାନ୍ତ ଭୋଇ — କାର୍ଯ୍ୟନିର୍ବାହୀ ଅଧିକାରୀ, ଦିଗଶିରା ଗ୍ରାମପଞ୍ଚାୟତ, ବ୍ଲକ-ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ଓଡ଼ିଶାର ତଥା ସୁବର୍ଣ୍ଣପୁର ଜିଲ୍ଲା, ଡୁଙ୍ଗୁରିପାଲି ବ୍ଲକ ଓ ଚେରୁପାଲି ଗ୍ରାମପଞ୍ଚାୟତର ସମସ୍ତ ଚାଷୀ, ଗୁରୁଜନ, ମା' ମାଉସୀ, ଭାଇ ଭଉଣୀ, ବୁଦ୍ଧିଜୀବୀ, ଜନପ୍ରତିନିଧିମାନଙ୍କୁ ନୂଆଁଖାଇ ଜୁହାର। ପଞ୍ଚାୟତର ଉନ୍ନତି ଓ ବିକାଶ ଆପଣଙ୍କ ସହଯୋଗ। ମୁଁ ନିମିତ୍ତ ମାତ୍ର। ମା' ସମଲେଇ ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି, ଉତ୍ତମ ସ୍ୱାସ୍ଥ୍ୟ ଓ ସମୃଦ୍ଧି ପ୍ରଦାନ କରନ୍ତୁ, ଏହା ହିଁ ମୋର ପ୍ରାର୍ଥନା।
ଦିଲୀପ କୁମାର ଶତପଥୀ
ସରପଞ୍ଚ, ଚେରୁପାଲି ଗ୍ରାମପଞ୍ଚାୟତ, ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ୍ ଗଣପର୍ବ ନୂଆଁଖାଇ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣ, ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ନୂଆଁଖାଇ ଜୁହାର।
ହିମାଦ୍ରୀ ପଧାନ
ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଯନ୍ତ୍ରୀ ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ଓଡ଼ିଶା ତଥା ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଓ ନୂଆଁଖାଇ ଜୁହାର। ସମସ୍ତଙ୍କ ସୁଖ, ଶାନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମା ସମଲେଶ୍ୱରୀଙ୍କଠାରେ ମୋର ପ୍ରାର୍ଥନା।
ଚିତ୍ତରଞ୍ଜନ ମିଶ୍ର
ସରପଞ୍ଚ, ଡୁଙ୍ଗୁରିପାଲି ଗ୍ରାମପଞ୍ଚାୟତ, ବ୍ଲକ ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ସୁନାପାଲି ଗ୍ରାମପଞ୍ଚାୟତର ସମସ୍ତ ଗୁରୁଜନ, ମା ଭଉଣୀ, ପଞ୍ଚାୟତବାସୀଙ୍କୁ ନୂଆଁଖାଇ ଜୁହାର। ପଞ୍ଚାୟତର ଉନ୍ନତି ଓ ବିକାଶ ପାଇଁ ଆପଣଙ୍କ ସହଯୋଗ କାମନା କରିବା ସହ ନୂଆଁଖାଇ ସମସ୍ତଙ୍କ ପାଇଁ ଆନନ୍ଦ ଓ ଖୁସିରେ ଅତିବାହିତ ହେଉ, ଏତିକି କାମନା।
ପୁଷ୍ପାଞ୍ଜଳି ସେଠ୍ — ସରପଞ୍ଚ, ସୁନାପାଲି ଗ୍ରାମପଞ୍ଚାୟତ, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ବିଭୀଷଣ ମୁଦୁଲି — କାର୍ଯ୍ୟନିର୍ବାହୀ ଅଧିକାରୀ, ସୁନାପାଲି ଗ୍ରାମପଞ୍ଚାୟତ, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ତଥା ଡୁଙ୍ଗୁରିପାଲି ବ୍ଲକର ସମସ୍ତ ଗ୍ରାମପଞ୍ଚାୟତର ଗୁରୁଜନ, ଭାଇଭଉଣୀ, ଜନସାଧାରଣ, ବୁଦ୍ଧିଜୀବୀ, ଜନପ୍ରତିନିଧିମାନଙ୍କୁ ନୂଆଁଖାଇ ଜୁହାର। ମା' ସମଲେଶ୍ୱରୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ, ଏହାହିଁ ପ୍ରାର୍ଥନା।
ଅହଲ୍ୟା ସାହୁ — ଅଧକ୍ଷା, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ମକରଧ୍ୱଜ ସାହୁ — ଉପାଧକ୍ଷ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ଡୁଙ୍ଗୁରିପାଲି ବ୍ଲକ ଓ ରାମପୁର ଅଞ୍ଚଳବାସୀ ତଥା ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣ, ଗୁରୁଜନ, ମା' ଭଉଣୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। ମା' ସୁରେଶ୍ୱରୀ, ମା' ଚନ୍ଦଳିପାଠ, ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ମହାନ୍ ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ, ଏହା ମୋର ପ୍ରାର୍ଥନା।
ରମେଶ ଚନ୍ଦ୍ର ପୂଜାରୀ
ବିଜୁ ଜନତା ଦଳ, ଉପସଭାପତି ସୁବର୍ଣ୍ଣପୁର, ଶ୍ରୀରାମ ମହାବିଦ୍ୟାଳୟ, ଏସ୍-ରାମପୁର, ପରିଚାଳନା ସମିତି ସଭାପତି, ଏସ୍-ରାମପୁର, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ସମ୍ବଲପୁର ବରେଇପାଲିସ୍ଥିତ ଧରିତ୍ରୀ କାର୍ଯ୍ୟାଳୟରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରାଯାଉଛି ।

ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜାରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟମାନେ ।

ଗର୍ଭବତୀଙ୍କୁ ୩କିମି ଖଟିଆରେ ବୋହିଲେ

ନାକଟୀଦେଉଳ, ୧୬।୯(ବୈକୁଣ୍ଠନାଥ ସାହୁ)

ରାସ୍ତା ନ ଥିବାରୁ ଗର୍ଭବତୀ ମହିଳାଙ୍କୁ ୩କିମି ଖଟିଆରେ ବୋହିଲେ ୧୦۸ ଆମ୍ବୁଲାନ୍ସ କର୍ମଚାରୀ। ସୋମବାର ଏହିଭଳି ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତ ଅନ୍ତର୍ଗତ କାଙ୍କଦର ଗାଁରେ। ଭୋର ୫ଟା ୪୫ରେ ଗ୍ରାମର ସୁଜିତ ଲମଗା ତାଙ୍କ ସ୍ତ୍ରୀ ଗୀତା ଲମଗା(୨୪)ଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ୧୦۸ ଆମ୍ବୁଲାନକୁ ଡାକ୍ତରଖାନା ନେବା ପାଇଁ ଫୋନ କରିଥିଲେ। ତୁରନ୍ତ ତାଙ୍କ ପାଇଁ ନିକଟସ୍ଥ କିସିଣ୍ଡା ଥାନାରେ ରହୁଥିବା ୧୦۸ ଆମ୍ବୁଲାନ୍ସ ପଠାଯାଇଥିଲା। ହେଲେ ଗାଁକୁ ରାସ୍ତା ନଥିବାରୁ ସୁଜିତଙ୍କ ଘରଠାରୁ ୩ କିମି ଦୂର କାଙ୍କଦରଠାରେ ଆମ୍ବୁଲାନ୍ସ ଅଟକି ଯାଇଥିଲା। ମୋବାଇଲ ନେଟୱାର୍କ ନ ଥିବାରୁ ଆମ୍ବୁଲାନ୍ସ କର୍ମଚାରୀ ସୁଜିତଙ୍କ ସହିତ ଯୋଗାଯୋଗ କରି ପାରି ନ ଥିଲେ। କାଙ୍କଦର ଗ୍ରାମବାସୀଙ୍କ ସହାୟତାରେ ଆମ୍ବୁଲାନ୍ସ କର୍ମଚାରୀ ଲଣ୍ଡାକୋଟ ପହଞ୍ଚି ଏକ ଖଟିଆ ଯୋଗେ ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ସେଠାରୁ ତାଙ୍କୁ ନିକଟସ୍ଥ ନାକଟୀଦେଉଳ ଡାକ୍ତରଖାନା ଆଣିବା ସମୟରେ ରାସ୍ତାରେ ଆମ୍ବୁଲାନ୍ସରେ ଗୀତା ଏକ ଶିଶୁକନ୍ୟା ପ୍ରସବ କରିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ କର୍ମଚାରୀ ସ୍ୱାଗତ ସିଂ (ପାଇଲଟ), ଶ୍ରବଣ ସାହୁ(ଫାର୍ମାଶିଷ୍ଟ) ଓ ଅନୀଲ ପ୍ରଧାନ(ହେଲପର) ନିକଟସ୍ଥ ନାକଟୀଦେଉଳ ଡାକ୍ତରଖାନାରେ ସକାଳ ୮ଟା ୪୫ରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରେ ଉଭୟ ଶିଶୁକନ୍ୟା ଏବଂ ମା' ସୁସ୍ଥ ଅଛନ୍ତି ବୋଲି ନାକଟୀଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ ପ୍ରକାଶ କରିଛନ୍ତି ।



ଗର୍ଭବତୀଙ୍କୁ ଖଟିଆରେ ବୋହିକରି ନିଆଯାଉଛି ।

ନାକଟୀଦେଉଳ ଅଞ୍ଚଳରେ ଜନନୀ ଯନ୍ତ୍ରଣା

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com

@ ବାଦଲ

@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ହୀରାକୁଦ ଜଳ ଭଣ୍ଡାର: ସମସ୍ତ ଗେଟ୍ ବନ୍ଦ

ସମ୍ବଲପୁର,୧୬।୯(ପ୍ରମୋଦ ବହିଦାର): ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ହ୍ରାସ ପାଇବାରୁ ସମସ୍ତ ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରିଦିଆଯାଇଛି। ରବିବାର ଏକକାଳୀନ ୧୨ଟି ସ୍ଲୁଇସ୍ ଗେଟ୍ ବନ୍ଦ କରି ଦିଆଯାଇଥିବାବେଳେ ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିଲା। ସୋମବାର ସେହି ୨ ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ହସ୍ତଗତ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୮.୨୫ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୫ ହଜାର ୧୬୨ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ମୋଟ ୩୯ ହଜାର ୭୫୨ ଘନଫୁଟ ବନ୍ୟାଜଳ ନିଷ୍କାସନ ହେଉଛି। ସେଥିମଧ୍ୟରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୫ ହଜାର ୧୧୮ ଘନଫୁଟ, ବରଗଡ଼ କେନାଲରେ ୩ ହଜାର ୬୧୫ ଘନଫୁଟ ଜଳ ଯୋଗାଣ ହେଉଛି।

ଜିଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା

ଦେବଗଡ଼,୧୬।୯(ଶଶାଙ୍କ ଶେଖର ଝାଙ୍କର): ଦେବଗଡ ଜିଲା ଘରୋଇ ବସ ମାଲିକ ସଂଘ ପକ୍ଷରୁ ଦେବଗଡ ବସଷ୍ଟାଣ୍ଡ ନିକଟରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ପୂଜନୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଲା ଘରୋଇ ବସ ମାଲିକ ସଂଘ ସଭାପତି ଇଂ. ସୁଜିତ କୁମାର ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପୁରୋହିତ ଭାବେ ମୁନୁ ପଣ୍ଡା ଓ ମଦନ ଦାଶ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ସଂଘ ପୂର୍ବତନ ସଭାପତି ନବୀନ କୁମାର ମିଶ୍ର, ଉମାଶଙ୍କର ସାହୁ, ସତ୍ୟ ନାରାୟଣ ପାଣି, ରାଜକିଶୋର ଦାଶ, ପୂର୍ବତନ ସମ୍ପାଦକ ସିଦ୍ଧାର୍ଥ ଗୁରୁ, ପୂର୍ଣ୍ଣାନନ୍ଦ ପାଣି, ପୂର୍ବତନ କୋଷାଧକ୍ଷ ଦୀପକମ କୁମାର ମହାପାତ୍ର, ସଦସ୍ୟ ସୋମନାଥ ଦାଶ, ସତ୍ୟଶୀଳ ମିଶ୍ର, ଦେବଶଙ୍କର ବେହେରା, ସୁବାସ କୁମାର ପୃଷ୍ଟି, ପ୍ରଶାନ୍ତ ଜେନାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ନୂଆଁଖାଇ ଜୁହାର
ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ସମସ୍ତ ଭାଇ-ଭଉଣୀ, ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଜୁହାର । ସମସ୍ତଙ୍କ ପାଇଁ ଏହି ବର୍ଷଟି ସୁଖମୟ ହେଉ, ଏହାହିଁ ମା' ସମଲେଇଙ୍କଠାରେ ପ୍ରାର୍ଥନା ।
କୁନ୍ତୀ ମହାରଣା — ସଭାପତି
ପୂର୍ଣ୍ଣିମା ପୋଢ଼ — ସମ୍ପାଦକ
ବିଶ୍ୱ ମଦନ ଟେରେସା ଛତୁଆ ପ୍ରସ୍ତୁତି କେନ୍ଦ୍ର, ଦୈତୁପାଲି, ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ବଡ଼ଖା ତିହାର ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ତଥା ଡୁଙ୍ଗୁରିପାଲି ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣ, ବୁଦ୍ଧିଜୀବୀ, ଭାଇଭଉଣୀ, ଚାଷୀଭାଇ, ପ୍ରଶାସନ, ଜନପ୍ରତିନିଧିମାନଙ୍କୁ ନୂଆଁଖାଇ ଜୁହାର । ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ ନେଇ ଆସୁ ଏହାହିଁ ମା' ସମଲେଶ୍ୱରୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ମୋର ପ୍ରାର୍ଥନା ।
ବିପିନ ବିହାରୀ ଦୀପ
ବିଡିଓ, ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ଆଦିତ୍ୟ ବିର୍ଲା ସ୍କିଲ ସେଣ୍ଟର ଉଦ୍‌ଘାଟିତ

ସମ୍ବଲପୁର,୧୬।୯(ବି.ଶଙ୍କର): ହୀରାକୁଦସ୍ଥିତ ହିଣ୍ଡାଲକୋ ଦ୍ୱାରା ପ୍ରତିଷ୍ଠିତ ଆଦିତ୍ୟ ବିର୍ଲା ସ୍କିଲ ସେଣ୍ଟର ସମ୍ବଲପୁର ବରେଇପାଲି ଶିବା କମ୍ପ୍ଲେକ୍ସଠାରେ ସୋମବାର ଉଦ୍‌ଘାଟିତ ହୋଇଛି। ମୁମ୍ବାଇର ହିଣ୍ଡାଲକୋ ସମୂହର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ସମୀକ ବସୁ ଆନୁଷ୍ଠାନିକ ଭାବେ ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ଏହି ସମାରୋହରେ ହିଣ୍ଡାଲକୋ ମାଇନିଂ ଏବଂ ହିଣ୍ଡାଲକୋ ଓଡ଼ିଶାର କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ହିଣ୍ଡାଲକୋ ହୀରାକୁଦ କମ୍ପ୍ଲେକ୍ସ ୟୁନିଟ ମୁଖ୍ୟ ଦେବାଶିଷ ମଲ୍ଲିକ, ଏଫଆରପି ମୁଖ୍ୟ ସୌମିତ୍ର ରାୟ, ଆଦିତ୍ୟ ଆଲୁମିନା ଲପଙ୍ଗାର ୟୁନିଟ ମୁଖ୍ୟ ସମୀର ନାୟକ, ହୀରାକୁଦ କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ଆଦିତ୍ୟ ଆଲୁମିନା ଲପଙ୍ଗାର ମାନବ ସମ୍ବଳ ମୁଖ୍ୟ ବିନୋଦ ଠାକୁର, ଏଫଆରପି ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର, ଆଦିତ୍ୟ ବିର୍ଲା ସ୍କିଲ ସେଣ୍ଟରର ଉଦ୍ୟୋଗ ବିକାଶ ଉପସଭାପତି ସୁଖେନ୍ଦୁ ଘୋଷ ଉପସ୍ଥିତ ଥିଲେ। ସ୍କିଲ ସେଣ୍ଟରର ଶିକ୍ଷାନିବେଶୀ ଏବଂ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଅଧିକାରୀ ବସୁ ଏହି ସ୍କିଲ ସେଣ୍ଟର ଦ୍ୱାରା ସମ୍ବଳପୁର ଅଞ୍ଚଳର ଯୁବ ସମ୍ପଦର ଆବଶକ କୌଶଳ ବିକାଶ ଯଥା ଯୋଗ୍ୟ ହେବା ସହ ଉପଯୁକ୍ତ କର୍ମ ନିଯୁକ୍ତି ଏବଂ ରୋଜଗାର କ୍ଷମ ହୋଇପାରିବେ। ଏଣୁ ଏହି ସ୍କିଲ ସେଣ୍ଟରର ସୁବିଧା ନେବାପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ହିଣ୍ଡାଲକୋ ଓଡ଼ିଶାର କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ ପାଢ଼ୀ କହିଥିଲେ ଯେ, ଏହି ଅନୁଷ୍ଠାନରେ ଇଲେକଟ୍ରିସିଆନ, ଫେସନ ଟେକ୍ନିସିଆନ, ରିଟେଲ ଷ୍ଟୋର ଆସୋସିଏଟ, ଫାଇନାନସିଆଲ ସର୍ଭିସ ଏସୋସିଲିଏଏ, ଫିଲ୍ଡ ଟେକ୍ନିସିଆନ ବିଷୟରେ କୌଶଳ ବିକାଶ ତାଲିମ ପ୍ରଦାନ କରାଯିବ। ଏହାପରେ ଏହି କୌଶଳକୁ ନେଇ ଯୁବପିଢ଼ି ରୋଜଗାରକ୍ଷମ ହୋଇ ପାରିବେ । ହୀରାକୁଦ କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ସିନ୍ଧେ ଉପସ୍ଥିତ ଶିକ୍ଷାନିବେଶିମାନଙ୍କୁ ସ୍କିଲ୍ ସେଣ୍ଟରର ତାଲିମକୁ ପାଥେୟ କରି ଆଗକୁ ବଢିବାକୁ ଉପଦେଶ ଦେଇଥିଲେ । ହିଣ୍ଡାଲକୋ ହୀରାକୁଦ କମ୍ପ୍ଲେକ୍ସର ୟୁନିଟ ମୁଖ୍ୟ ମଲ୍ଲିକ, ଏଫଆରପି ମୁଖ୍ୟ ସୌମିତ୍ର ରାୟ, ଆଦିତ୍ୟ ଆଲୁମିନା ଲପଙ୍ଗାର ୟୁନିଟ ମୁଖ୍ୟ ନାୟକ ଯୁବସମାଜକୁ ଏହି ସ୍କିଲ୍ ସେଣ୍ଟରର ତାଲିମକୁ ଅନୁପ୍ରାଣିତ ହୋଇ ଆଗକୁ ବଢିବାକୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକମରେ ଆଦିତ୍ୟ ବିର୍ଲା ସହଯୋଗୀ ଅନୁଷ୍ଠାନର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଫ୍ୟାଶନ୍ ଟେକ୍ନିସିଆନ୍ ବିଭାଗର ଛାତ୍ରୀମାନେ ଫେଶନ ଶୋରେ ସାମିଲ ହୋଇଥିଲେ।

ବରେଇପାଲି ଶିବା କମ୍ପ୍ଲେକ୍ସଠାରେ ସୋମବାର ଆଦିତ୍ୟ ବିର୍ଲା ସ୍କିଲ ସେଣ୍ଟରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣ, ଗୁରୁଜନ, ଯୁବସମାଜ, ଚାଷୀଭାଇ ତଥା ଭାଇଭଉଣୀମାନଙ୍କୁ ମା' ସମଲେଶ୍ୱରୀ, ମା' ଚନ୍ଦଳି ପାଠ ସମସ୍ତଙ୍କଠାରେ ସୁଖ, ସମୃଦ୍ଧି, ଶାନ୍ତି ଏବଂ ବିକାଶ, ମୈତ୍ରୀ ଭାବନା ପହଁଚାନ୍ତୁ, ଏତିକି ମୋର ପ୍ରାର୍ଥନା ।
Maa Poultry,
Maa Flyash Bricks Industries,
S-Rampur, Subarnapur
ଉମେଶ ପୂଜାରୀ
ଡୁଙ୍ଗୁରିପାଲି ବ୍ଲକ, ଏସ୍-ରାମପୁର, ସୁବର୍ଣ୍ଣପୁର

See Career Appointment on every Wednesday & Saturday

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଏକ ସଂସ୍କୃତି ଐତିହ୍ୟ ସମ୍ପନ୍ନ, କୃଷିଭିତ୍ତିକ, ଏକତା ଓ ଭାଇଚାରାର ପର୍ବ ହୋଇଥିବା ବେଳେ ଏହା ସମସ୍ତଙ୍କୁ ଏକସୂତ୍ରରେ ବାନ୍ଧି ରଖିବାରେ ସଫଳ ହୋଇଛି । ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ତଥା ଦିଗଶିରା ଗ୍ରାମପଞ୍ଚାୟତର ଗୁରୁଜନମାନଙ୍କୁ, ମା' ମାଉସୀ, ଭଉଣୀ, ଯୁବଗୋଷ୍ଠୀଙ୍କୁ ଓ ସମସ୍ତ ପଞ୍ଚାୟତବାସୀଙ୍କୁ ମା' ସମଲେଶ୍ୱରୀ ସବୁବେଳେ ଆଶୀର୍ବାଦ ଦେଇଥାଉନ । ନୂଆଁଖାଇ ଜୁହାର ।
କୌଶଲ୍ୟା ମେହେର — ଦିଗଶିରା ଗ୍ରାମପଞ୍ଚାୟତ ସରପଞ୍ଚ, ବ୍ଲକ-ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁର
ରୁଚିକାନ୍ତ ଭୋଇ — କାର୍ଯ୍ୟନିର୍ବାହୀ ଅଧିକାରୀ, ଦିଗଶିରା ଗ୍ରାମପଞ୍ଚାୟତ, ବ୍ଲକ-ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ଓଡ଼ିଶାର ତଥା ସୁବର୍ଣ୍ଣପୁର ଜିଲ୍ଲା, ଡୁଙ୍ଗୁରିପାଲି ବ୍ଲକ ଓ ଚେରୁପାଲି ଗ୍ରାମପଞ୍ଚାୟତର ସମସ୍ତ ଚାଷୀ, ଗୁରୁଜନ, ମା' ମାଉସୀ, ଭାଇ ଭଉଣୀ, ବୁଦ୍ଧିଜୀବୀ, ଜନପ୍ରତିନିଧିମାନଙ୍କୁ ନୂଆଁଖାଇ ଜୁହାର । ପଞ୍ଚାୟତର ଉନ୍ନତି ଓ ବିକାଶ ଆପଣଙ୍କ ସହଯୋଗ । ମୁଁ ନିମିତ୍ତ ମାତ୍ର । ମା' ସମଲେଇ ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି, ଉତ୍ତମ ସ୍ୱାସ୍ଥ୍ୟ ଓ ସମୃଦ୍ଧି ପ୍ରଦାନ କରନ୍ତୁ, ଏହା ହିଁ ମୋର ପ୍ରାର୍ଥନା ।
ଦିଲୀପ କୁମାର ଶତପଥୀ
ସରପଞ୍ଚ, ଚେରୁପାଲି ଗ୍ରାମପଞ୍ଚାୟତ, ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ୍ ଗଣପର୍ବ ନୂଆଁଖାଇ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣ, ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ନୂଆଁଖାଇ ଜୁହାର ।
ହିମାଦ୍ରୀ ପଧାନ
ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଯନ୍ତ୍ରୀ ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ଓଡ଼ିଶା ତଥା ଡୁଙ୍ଗୁରିପାଲି ବ୍ଲକ, ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଓ ନୂଆଁଖାଇ ଜୁହାର । ସମସ୍ତଙ୍କ ସୁଖ, ଶାନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମା ସମଲେଶ୍ୱରୀଙ୍କଠାରେ ମୋର ପ୍ରାର୍ଥନା ।
ଚିତ୍ତରଞ୍ଜନ ମିଶ୍ର
ସରପଞ୍ଚ, ଡୁଙ୍ଗୁରିପାଲି ଗ୍ରାମପଞ୍ଚାୟତ, ବ୍ଲକ ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଜୁଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ସୁନାପାଲି ଗ୍ରାମପଞ୍ଚାୟତର ସମସ୍ତ ଗୁରୁଜନ, ମା ଭଉଣୀ, ପଞ୍ଚାୟତବାସୀଙ୍କୁ ନୂଆଁଖାଇ ଜୁହାର । ପଞ୍ଚାୟତର ଉନ୍ନତି ଓ ବିକାଶ ପାଇଁ ଆପଣଙ୍କ ସହଯୋଗ କାମନା କରିବା ସହ ନୂଆଁଖାଇ ସମସ୍ତଙ୍କ ପାଇଁ ଆନନ୍ଦ ଓ ଖୁସିରେ ଅତିବାହିତ ହେଉ, ଏତିକି କାମନା ।
ପୁଷ୍ପାଞ୍ଜଳି ସେଠ୍ — ସରପଞ୍ଚ, ସୁନାପାଲି ଗ୍ରାମପଞ୍ଚାୟତ, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ବିଭୀଷଣ ମୁଦୁଲି — କାର୍ଯ୍ୟନିର୍ବାହୀ ଅଧିକାରୀ, ସୁନାପାଲି ଗ୍ରାମପଞ୍ଚାୟତ, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ତଥା ଡୁଙ୍ଗୁରିପାଲି ବ୍ଲକର ସମସ୍ତ ଗ୍ରାମପଞ୍ଚାୟତର ଗୁରୁଜନ, ଭାଇଭଉଣୀ, ଜନସାଧାରଣ, ବୁଦ୍ଧିଜୀବୀ, ଜନପ୍ରତିନିଧିମାନଙ୍କୁ ନୂଆଁଖାଇ ଜୁହାର । ମା' ସମଲେଶ୍ୱରୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ, ଏହାହିଁ ପ୍ରାର୍ଥନା ।
ଅହଲ୍ୟା ସାହୁ — ଅଧକ୍ଷା, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ମକରଧ୍ୱଜ ସାହୁ — ଉପାଧକ୍ଷ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ଡୁଙ୍ଗୁରିପାଲି ବ୍ଲକ ଓ ରାମପୁର ଅଞ୍ଚଳବାସୀ ତଥା ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣ, ଗୁରୁଜନ, ମା' ଭଉଣୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ମା' ସୁରେଶ୍ୱରୀ, ମା' ଚନ୍ଦଳିପାଠ, ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ମହାନ୍ ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ, ଏହା ମୋର ପ୍ରାର୍ଥନା ।
ରମେଶ ଚନ୍ଦ୍ର ପୂଜାରୀ
ବିଜୁ ଜନତା ଦଳ, ଉପସଭାପତି ସୁବର୍ଣ୍ଣପୁର, ଶ୍ରୀରାମ ମହାବିଦ୍ୟାଳୟ, ଏସ୍-ରାମପୁର, ପରିଚାଳନା ସମିତି ସଭାପତି, ଏସ୍-ରାମପୁର, ବ୍ଲକ-ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୭/୨୦୨୪ Bhubaneswar, Tuesday, September 17/ 2024

କଳିଙ୍ଗରେ ରାଜ୍ୟ ସିନିୟର ଆଥ୍‌ଲେଟିକ୍ସ

୧୮ରୁ ୨୦ ପର୍ଯ୍ୟନ୍ତ ହେବ ପ୍ରତିଯୋଗିତା

ଭୁବନେଶ୍ୱର, ୧୬।୯ (ତପନ ସ୍ୱାଇଁ)

ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଓଡ଼ିଶା ଆଥ୍‌ଲେଟିକ୍ସ ଅସୋସିଏଶନର ମିଳିତ ଉଦ୍ୟମରେ ୭୦ତମ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଚଳିତମାସ ୧୮ରୁ ୨୦ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ୩ ଦିନିଆ ପ୍ରତିଯୋଗିତାରେ ୨୬୮ ମହିଳାଙ୍କ ସମେତ ୩୦ ଜିଲାର ୯୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା-ରିଲାଏନ୍ସ ଫାଉଣ୍ଡେଶନ୍ ଆଥ୍‌ଲେଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର ଓ ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ଅଭ୍ୟାସ କରୁଥିବା ଛାତ୍ରୀଛାତ୍ରଙ୍କ ସମେତ ଓଡ଼ିଶା ପୋଲିସ, ପୋଷ୍ଟାଲ୍, ବିଏସ୍‌ଏନ୍‌ଏଲ୍ ଓ କିଟ୍ ବିଶ୍ୱବିଦ୍ୟାଳୟରୁ ମଧ୍ୟ ପ୍ରତିଯୋଗୀମାନେ ଏଥିରେ ଭାଗନେବେ। କଟକ ଓ ସୁନ୍ଦରଗଡ଼ ଜିଲା ଦଳରେ ସର୍ବାଧିକ ୭୧ ଜଣ ଲେଖାଏ ପ୍ରତିଯୋଗୀ ରହିଛନ୍ତି। ଏଥିରେ ୨୭ ଜଣ ଲେଖାଏ ମହିଳା ପ୍ରତିଯୋଗୀ ସାମିଲ। ଏମାନେ ବିଭିନ୍ନ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଅଂଶଗ୍ରହଣ କରିବେ।

ଓଡ଼ିଶା ଆଥ୍‌ଲେଟିକ୍ସ ଅସୋସିଏଶନ ଅଧିକାରୀ ପ୍ରବୋଧ ମହାନ୍ତି କହିଛନ୍ତି ଯେ, ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭବିଷ୍ୟତରେ କ୍ରୀଡ଼ାବିତ୍‌ଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରିବାକୁ ସୁଯୋଗ ସୃଷ୍ଟି କରିବ। ଓପନ ନ୍ୟାଶନାଲ ପାଇଁ ଉଦ୍ଦିଷ୍ଟ ମାନଦଣ୍ଡକୁ ସ୍ପର୍ଶ କରିପାରୁଥିବା ଆଥଲେଟ୍‌ଙ୍କୁ ଆମେ ଏଥିରୁ ବାଛିବୁ। ଫଳରେ ଜାତୀୟ ଦୃଶ୍ୟପଟରେ ସେମାନେ ଅଭିଜ୍ଞତା ହାସଲ କରିପାରିବେ। ଯୋଗ୍ୟ କ୍ରୀଡ଼ାବିତ୍‌ମାନେ ଚଳିତ ମାସ ୨୮ରୁ ୩୦ ପର୍ଯ୍ୟନ୍ତ ପାଟନାରେ ହେବାକୁ ଥିବା ୪ର୍ଥ ଇଣ୍ଡିଆ ଓପନ ୨୩ ବର୍ଷରୁ କମ୍ ଆଥଲେଟିକ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ହେବାକୁ ଯାଉଥିବାରୁ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଖୁସି ବ୍ୟକ୍ତ କରିଛନ୍ତି। କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ସହ ସେମାନଙ୍କୁ ଭବିଷ୍ୟତର ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍‌ଭାବେ ଗଢ଼ି ତୋଳିବାରେ ସରକାରଙ୍କ ଆଭିମୁଖ୍ୟରେ ଏହି ଟୁର୍ନାମେଣ୍ଟ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି।

ଓ୍ୱିଲାଲେଗ୍, ସମରବିକ୍ରମା 'ପ୍ଲେୟର ଅଫ୍ ଦି ମଚ୍ଛ'

ଦୁବାଇ, ୧୬।୯ (ପି.ଟି.)

ଶ୍ରୀଲଙ୍କାର ଦୁଇ ଖେଳାଳି ଦୁନିଥ ଓ୍ୱିଲାଲେଗ୍ ଓ ହର୍ଶିତ ସମରବିକ୍ରମା ଯଥାକ୍ରମେ ୨୦୨୪ ଅଗଷ୍ଟ ପାଇଁ ପୁରୁଷ ଓ ମହିଳା ଆଇସିସି 'ପ୍ଲେୟର ଅଫ୍ ଦି ମଚ୍ଛ' ବିବେଚିତ ହୋଇଛନ୍ତି। ଓ୍ୱିଲାଲେଗ୍ ଭାରତ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ଏବଂ ସମରବିକ୍ରମା ଆୟର୍ଲାଣ୍ଡ ଟୁର୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ଗୋଟିଏ ଦେଶର ଦୁଇ ଜଣ ଖେଳାଳି ସମାନ ମାସରେ ପ୍ଲେୟର ଅଫ୍ ଦି ମଚ୍ଛ ବିବେଚିତ ହେବା ଏହା ଦ୍ୱିତୀୟ ଦୃଷ୍ଟାନ୍ତ। ପୂର୍ବରୁ ଗତ ଜୁନ୍‌ରେ ଭାରତର ଯଶପ୍ରୀତ ବୁମ୍‌ରା ଓ ସ୍ମୃତି ମନ୍ଧାନା ପ୍ଲେୟର ଅଫ୍ ଦି ମଚ୍ଛ ବିବେଚିତ ହୋଇଥିଲେ। ସଂକ୍ଷିପ୍ତ ତାଲିକାରେ ଥିବା ଦକ୍ଷିଣ ଆଫ୍ରିକା ସ୍ପିନର କେଶବ ମହାରାଜ ଓ ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲର ଜେଡେନ ସିଲ୍ସଙ୍କୁ ପଛରେ ପକାଇ ଓ୍ୱିଲାଲେଗ୍ ଏହି ପୁରସ୍କାର ଜିତିଛନ୍ତି। ଭାରତ ବିପକ୍ଷରେ ଓ୍ୱିଲାଲେଗ୍‌ଙ୍କ ପ୍ଲେୟର ଅଫ୍ ଦି ସିରିଜ ପ୍ରଦର୍ଶନକୁ ନେଇ ଶ୍ରୀଲଙ୍କା ୨-୦ରେ ସିରିଜ ବିଜୟୀ ହୋଇଥିଲା। ୩୧ ବର୍ଷୀୟ ଏହି ବାମହାତୀ ଖେଳାଳି ୬୭*, ୩୯ ଓ ୨ ରନ କରିଥିବା ବେଳେ ସିରିଜରେ ୭ଉଇକେଟ ଅକ୍ତିଆର କରିଥିଲେ। ତନ୍ମଧ୍ୟରେ ସେ ତୃତୀୟ ମ୍ୟାଚରେ ୨୭ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ଆଇସିସି ପ୍ଲେୟର ଅଫ୍ ଦି ମଚ୍ଛ ପୁରସ୍କାର ପ୍ରଚଳନ ହେବାପରଠାରୁ ଶ୍ରୀଲଙ୍କା ୫ମ ଥର ପୁରୁଷ ପୁରସ୍କାର ଜିତିବାରେ ସଫଳ ହୋଇଛି। ପୂର୍ବରୁ ଏହି ପୁରସ୍କାର ଜିତିଥିବା ଶ୍ରୀଲଙ୍କାର ଅନ୍ୟ ଖେଳାଳିମାନେ ହେଲେ ଆଞ୍ଜେଲୋ ମାଥ୍ୟୁସ (୨୦୨୨ ମେ), ପ୍ରଭାତ ଜୟସୁରିଆ (୨୦୨୨ ଜୁଲାଇ), ଓ୍ୱନିନ୍ଦୁ ହସରଙ୍ଗା (୨୦୨୩ ଜୁନ୍) ଓ କାମିନ୍ଦୁ ମେଣ୍ଡିସ (୨୦୨୪ ମାର୍ଚ୍ଚ)। ମହିଳା ବିଭାଗରେ ସମରବିକ୍ରମା ଆୟର୍ଲାଣ୍ଡର ଦୁଇ ଖେଳାଳି ଓର୍ଲା ପ୍ରିଣ୍ଡରଗାଷ୍ଟ ଓ ଗ୍ୟାବି ଲୁଇସ୍‌ଙ୍କୁ ପଛରେ ପକାଇ ଅଗଷ୍ଟ ମାସର ଶ୍ରେଷ୍ଠ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ଆୟର୍ଲାଣ୍ଡ ଟୁର୍‌ରେ ସେ ଶ୍ରୀଲଙ୍କାର ତୃତୀୟ ମହିଳା କ୍ରିକେଟର ଭାବେ ଅନ୍ତର୍ଜାତୀୟ ଦିନିକିଆରେ ଏକ ଶତକ ହାସଲ କରିଛନ୍ତି। ୨୬ ବର୍ଷୀୟ ଏହି ବାମହାତୀ ୧୬୯.୬୬ ଷ୍ଟ୍ରାଇକ୍‌ରେଟ୍‌ରେ ଡବଲିନରେ ଖେଳାଯାଇଥିବା ଦୁଇଟି ଅନ୍ତର୍ଜାତୀୟ ଟି୨୦ରେ ମୋଟ ୧୫୧ ରନ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ପ୍ରଥମ ମ୍ୟାଚରେ ତାଙ୍କର ୪୫ ବଲ୍‌ରେ ମ୍ୟାଚ୍ ବିଜୟୀ ଅପରାଜିତ ୮୬ ରନ ରହିଛି। ବ୍ଲେଫାଷ୍ଟରେ ଖେଳାଯାଇଥିବା ତିନୋଟି ଅନ୍ତର୍ଜାତୀୟ ଦିନିକିଆରେ ସେ ୮୨.୬୯ ଷ୍ଟ୍ରାଇକ୍ ରେଟ୍‌ରେ ୧୭୨ ରନ ସ୍କୋର କରିଥିଲେ। ସେ ଦ୍ୱିତୀୟ ମ୍ୟାଚରେ ଅପରାଜିତ ୧୦୫ ରନ ରହିଛି। ଆଇସିସି ମହିଳା ପ୍ଲେୟର ଅଫ୍ ଦି ମଚ୍ଛ ପୁରସ୍କାର ଜିତିବାରେ ସମରବିକ୍ରମା ହେଉଛନ୍ତି ଶ୍ରୀଲଙ୍କାର ଦ୍ୱିତୀୟ ଖେଳାଳି। ଚାମରୀ ଆଥାପାଥୁ ମେ ଓ ଜୁଲାଇରେ ଦୁଇଥର ଏହି ପୁରସ୍କାର ଜିତିଛନ୍ତି।

ବିରାଟ କୋହଲି ଓ ଆକାଶ ଦୀପ।

ଆକାଶ ଦୀପଙ୍କୁ ବ୍ୟାଟ୍ ଉପହାର ଦେଲେ କୋହଲି

ନୂଆଦିଲ୍ଲୀ,୧୬।୯: ଭାରତୀୟ କ୍ରିକେଟ ଦଳର ଯୁବ ବୋଲର ଆକାଶ ଦୀପ୍‌ଙ୍କୁ ଏକ ବ୍ୟାଟ ଉପହାର ଦେଇଛନ୍ତି ବିରାଟ କୋହଲି। ଫେବୃଆରୀ ମାସରେ ଇଂଲଣ୍ଡ ବିପକ୍ଷରେ ପଦାର୍ପଣ କରିଥିବା ଆକାଶ ଦୀପଙ୍କୁ କୋହଲି ବ୍ୟାଟ ଉପହାର କରିଥିବା ବେଳେ ସେ ନିଜ ଇନଷ୍ଟାଗ୍ରାମ ଷ୍ଟୋରିରେ କୋହଲିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବେଙ୍ଗଲ ପାଇଁ ୨୦୨୨-୨୩ ସିଜନରେ ୪୧ ଉଇକେଟ ନେଇ ଭାରତୀୟ ଦଳକୁ ମନୋନୀତ ହୋଇଥିଲେ ଆକାଶ ଦୀପ୍। ଏପରି କି ପଦାର୍ପଣ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଅଗ୍ନିବର୍ଷୀ ବୋଲିଂ ମଧ୍ୟ କରିଥିଲେ। ବର୍ତ୍ତମାନ ବାଂଲାଦେଶ ସିରିଜ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ବେଳେ କୋହଲିଙ୍କ ପକ୍ଷରୁ ସ୍ୱତନ୍ତ୍ର ଉପହାର ମିଳିଛି। ପୂର୍ବରୁ ଭାରତୀୟ ଦଳର କ୍ରିକେଟର ରିଙ୍କୁ ସିଂଙ୍କୁ ମଧ୍ୟ ବିରାଟ ବ୍ୟାଟ ପ୍ରଦାନ କରିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ